# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, July 25/2025 | Page 14 | ₹ 7.00
୫୧ଶ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 240 | ମୂଲ୍ୟ₹୭/-




**ସିନ୍ଧୁଙ୍କୁ ହରାଇଲେ ଉନ୍ନତି**

ଚାଇନା ଓପନ ସୁପର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି ସିନ୍ଧୁଙ୍କୁ ହରାଇଦେଇଛନ୍ତି ସ୍ୱଳ୍ପ ବୟସ୍କା ଉନ୍ନତି ହୁଡା।

୧୪

୦୨

**'ଡକାୟତ' ଫିଲ୍ମ ଶୁଟିଂ ବେଳେ ମୃଣାଳ, ଅଦିଭି ଆହତ**

'ଡକାୟତ: ଏ ଲଭ୍ ଷ୍ଟୋରି' ଫିଲ୍ମର ଶୁଟିଂ ସେଟ୍‌ରେ ଅଭିନେତ୍ରୀ ମୃଣାଳ ଠାକୁର ଓ ଅଭିନେତା ଅଦିଭି ସେଷ ଆହତ ହୋଇଥିବା ଜଣାପଡ଼ିଛି।





ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅନ୍ତର୍ଗତ ପେଣ୍ଡିଲି ଗ୍ରାମପଞ୍ଚାୟତର ପଞ୍ଚୁପାଣ୍ଡବ ଗ୍ରାମକୁ ସ୍ଥାୟୀ ରାସ୍ତା ନ ଥିବାରୁ ଗୁରୁବାର ଜଣେ ଗର୍ଭବତୀଙ୍କୁ ଗ୍ରାମବାସୀ ପାଣି ଭର୍ତ୍ତି ହୋଇଥିବା ନାଳ ପାରକରି ହସ୍ପିଟାଲକୁ ନେଉଛନ୍ତି। **(ଫଟୋ: ପ୍ରମୋଦ କୁମାର ପତି)**

# ସହମତି ବୟସ ୧୬ ହେଉ

## ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଆମିକସ୍ କ୍ୟୁରି

ନୂଆଦିଲ୍ଲୀ,୨୪।୭(ପି.ଟି.)

ଯୌନ ସମ୍ପର୍କ କ୍ଷେତ୍ରରେ ସହମତି ପାଇଁ ବୈଧାନିକ ବୟସସୀମା ୧୮ ବର୍ଷରୁ ୧୬ ବର୍ଷକୁ ହ୍ରାସ କରାଯାଉ ବୋଲି ଆମିକସ୍ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। 'ନିପୁନ୍ ସାକ୍ସେନା ବନାମ କେନ୍ଦ୍ର ସରକାର' ମାମଲାରେ ଜୟସିଂ ସର୍ବୋଚ୍ଚ ଅଦାଲତଙ୍କୁ ସହାୟତା କରୁଛନ୍ତି। ୧୬ରୁ ୧୮ ବର୍ଷ ବୟସ ବର୍ଗର କିଶୋର କିଶୋରୀ ଯୌନ ଅପରାଧରେ ସମ୍ପୃକ୍ତ ହେଉଥିବାବେଳେ ପୋକ୍‌ସୋ ଆଇନ, ୨୦୧୨ ଏବଂ ଆଇପିସିର ଦଫା ୩୭୫ ଅଧୀନରେ ଏହାର ଖୋଲାଖୋଲି ଅପରାଧୀକରଣକୁ ସେ ଚ୍ୟାଲେଞ୍ଜ କରିଛନ୍ତି। ବର୍ତ୍ତମାନର ପ୍ରଚଳିତ ଆଇନ କିଶୋର କିଶୋରୀଙ୍କ ସହମତି ଭିତ୍ତିରେ ରୋମାଣ୍ଟିକ୍ ସମ୍ପର୍କକୁ ଅପରାଧ ଶ୍ରେଣୀରେ ବର୍ଗୀକୃତ କରିବା ସହ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

ଜୟସିଂ ଆହୁରି କହିଛନ୍ତି, ଆଇନ ବ୍ୟବସ୍ଥାରେ କିଶୋର କିଶୋରୀଙ୍କ ମଧ୍ୟରେ ସହମତିରେ ସମ୍ପର୍କକୁ ଭୁଲ୍‌ବଶତଃ ଦୁର୍ବ୍ୟବହାର, ସେମାନଙ୍କ ସ୍ୱାୟତ୍ତତାକୁ ଅଣଦେଖା, ପରିପକ୍ୱତା ଏବଂ ସହମତି ଦେବାର କ୍ଷମତା ସହ ସମାନ ବିବେଚନା କରାଯାଇଛି। ୨୦୧୩ର ଆପରାଧିକ ଆଇନ (ସଂଶୋଧନ) ଅଧିନିୟମ ଅଣାଯିବା ପର୍ଯ୍ୟନ୍ତ ୭୦ ବର୍ଷ ଧରି ସହମତି ବୟସ ୧୬ ବର୍ଷ ରହିଥିଲା। ଏହାକୁ ୧୮ ବର୍ଷକୁ ବଢ଼ାଯିବା ପଛରେ ଯଥାର୍ଥ ଦର୍ଶାଇବାର କୌଣସି ବାସ୍ତବ କାରଣ କିମ୍ବା ପ୍ରୟୋଗାତ୍ମକ ତଥ୍ୟ ନାହିଁ। ଜଷ୍ଟିସ୍ ବର୍ମା କମିଟି ସହମତି ବୟସ ୧୬ ବର୍ଷ ରଖିବା ପାଇଁ ସୁପାରିସ୍ କରିଥିବାବେଳେ ବିନା ବିତର୍କରେ ଏହାକୁ ୧୮ ବର୍ଷକୁ ବଢ଼ାଯିବା ଦ୍ୱାରା ଏହା କମିଟି ସୁପାରିସ୍ ବିରୋଧରେ ଯାଇଛି। ଆମିକସ୍ କ୍ୟୁରି କହିଛନ୍ତି, ଆଜିକାଲି କିଶୋର କିଶୋରୀମାନେ ଶୀଘ୍ର ଯୌବନ ପ୍ରାପ୍ତ ହେଉଛନ୍ତି ଏବଂ ନିଜ ପସନ୍ଦରେ ପ୍ରେମ ଓ ଯୌନ ସମ୍ପର୍କ ରଖିବାକୁ ସମର୍ଥ। ଜାତୀୟ ପରିବାର ସ୍ୱାସ୍ଥ୍ୟ ☞ପୃଷ୍ଠା-୪

# ୧୨ ଜିଲାରେ ସ୍ଥାପନ ହେବ ୨୩ ଶିଳ୍ପ

ଭୁବନେଶ୍ୱର,୨୪।୭(ଅନୁରାଧା ମହାରଣା)

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଶିଳ୍ପ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯାଉଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଷ୍ଟେଟ୍ ଲେଭଲ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ୪,୯୮୨.୬୬ କୋଟି ଟଙ୍କାର ୨୩ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ୧୨ ଜିଲାରେ ହେବାକୁ ଥିବା ୨୩ଟି ଶିଳ୍ପ ଯୋଗୁ ୧୧,୯୩୩ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ଅନୁମୋଦନ ପୋଷାକ ଓ ଟେକ୍ସଟାଇଲ, ଷ୍ଟିଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ଖାଦ୍ୟ ଓ ପାନୀୟ, ରାସାୟନିକ, ଔଷଧ, ଶକ୍ତି ଓ ନବୀକରଣୀୟ ଶକ୍ତି, ଆଇଟି ଓ ଆଇଟିଇଏସ୍, ପର୍ଯ୍ୟଟନ ଏବଂ ଏରୋସ୍ପେସ ଓ ପ୍ରତିରକ୍ଷା ଭଳି କୌଶଳଗତ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଛି। ଓଡ଼ିଶାର ଟେକ୍ସଟାଇଲ ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ କେପିଆର୍ ମିଲ ଲିମିଟେଡ୍ ଖୋର୍ଦ୍ଧାରେ ୩୫୦ କୋଟି ଟଙ୍କା ନିବେଶ କରିବା ସହ ବାର୍ଷିକ ୪୬.୮ ନିୟୁତ ପୋଷାକ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ବୃହତ୍ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହା ୫ ହଜାର ନିଯୁକ୍ତି ସୃଷ୍ଟି କରିବ। ସେହିପରି ଷ୍ଟିଲ ଓ ଡାଉନ୍‌ଷ୍ଟ୍ରିମ ଶିଳ୍ପ କ୍ଷେତ୍ରରେ ବିଦ୍ୟା ମିନେରାଲ୍‌ସ ପ୍ରା.ଲି. ସୁନ୍ଦରଗଡ଼ରେ ୦.୨୧ ଏମ୍‌ଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବ। ଏଥିପାଇଁ ୬୨୦ କୋଟି ଟଙ୍କା ନିବେଶ ସହ ୫୨୫ ନିଯୁକ୍ତି ସୃଷ୍ଟି ହେବ। ଜାଟିଆ ଷ୍ଟିଲ ଲିମିଟେଡ୍ ୪୫୧.୯୦ କୋଟି ଟଙ୍କା ନିବେଶରେ ଯାଜପୁରରେ ଷ୍ଟିଲ୍ ଷ୍ଟ୍ରକ୍‌ଚର ୟୁନିଟ୍ ସ୍ଥାପନ କରିବ। ଏହାଦ୍ୱାରା ପ୍ରାୟ ୧୭୫ ଜଣ କର୍ମନିଯୁକ୍ତି ପାଇପାରିବେ। ଆମଷ୍ଟେଡ୍ ଷ୍ଟିଲ ଫାଉଣ୍ଡ୍ରିଜ, ମାଙ୍କାଶ ଏଣ୍ଟରପ୍ରାଇଜେସ୍ ଓ ☞ପୃଷ୍ଠା-୪

# ଏମ୍‌ଜିଏନ୍‌ଆର୍‌ଇଜିଏସ୍: ନକଲି ଜବ୍ କାର୍ଡରେ ଓଡ଼ିଶା ୨ୟ

**ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନ୍ତର୍ଗତ ଜବ୍ କାର୍ଡରେ ବ୍ୟାପକ ଜାଲିଆତି ହୋଇଆସୁଛି। ଏହା ମାଧ୍ୟମରେ ଶ୍ରମିକଙ୍କ ରୋଜଗାର ନିମନ୍ତେ ଉଦ୍ଦିଷ୍ଟ ବିପୁଳ ଅର୍ଥ ଆତ୍ମସାତ କରାଯାଉଛି। ୨୦୨୪-୨୫ ଆର୍ଥିକବର୍ଷରେ ନକଲି ଜବ୍ କାର୍ଡ ହାତେଇବାରେ ବିହାର ଦେଶରେ ଶୀର୍ଷ ସ୍ଥାନରେ ଥିବାବେଳେ ଓଡ଼ିଶା ଦ୍ୱିତୀୟରେ ରହିଥିବା ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏହି ବର୍ଷରେ ଓଡ଼ିଶାରେ ମୋଟ ୭,୫୬୬ ନକଲି ଜବ୍‌କାର୍ଡକୁ ରଦ୍ଦ କରାଯାଇଛି। ସୂଚନା ଦିଆଯାଇପାରେ ୨୦୦୬ ଫେବୃଆରୀ ୨ରୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କୁ ବର୍ଷକୁ ୧୦୦ ଦିନର କର୍ମ ଯୋଗାଣ ନିଶ୍ଚିତ କରିବା ପାଇଁ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ହେଲେ ଅନେକ ଅନିୟମିତତା ଓ ଦୁର୍ନୀତି ମଧ୍ୟରେ ଏହା ଛନ୍ଦି ହୋଇ ଚାଲିଛି। ବିଶେଷକରି ଜବ୍‌କାର୍ଡ ପାଇଁ ଆଧାର କାର୍ଡ ଦାଖଲ କରିବାକୁ କୁହାଯାଉଛି। କିନ୍ତୁ ଏହା ସତ୍ତ୍ୱେ ନକଲି ଜବ୍‌କାର୍ଡକୁ ରୋକାଯାଇପାରୁନାହିଁ। ଏଥିରୁ ବୁଝିହେଉଛି ଏ କ୍ଷେତ୍ରରେ ଜାଲିଆତି କାର୍ଯ୍ୟକୁ ରୋକିବାରେ ଆଧାର ବିଫଳ ହୋଇଛି।**

## ଜାଲିଆତି ରୋକିବାରେ 'ଆଧାର' ବିଫଳ

ଭୁବନେଶ୍ୱର,୨୪।୭(ରବିନାରାୟଣ ଜେନା)

ଓଡ଼ିଶାରେ ଦାଦନ ସମସ୍ୟାର ଅନ୍ତ ହେଉନାହିଁ। ଏଥିପାଇଁ କେବଳ ଯେ ଓଡ଼ିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଆନ୍ତରିକତା ନାହିଁ ତାହା ନୁହେଁ, ଅଧିକାଂଶ ସମୟରେ ସରକାରୀ କଳର ଅପବ୍ୟବହାର ଏଥିପାଇଁ ମୁଖ୍ୟତଃ ଦାୟୀ। ଏହାସହ ଆଧାରକାର୍ଡକୁ ମୂଳ ପରିଚୟପତ୍ର ଭାବେ ଗ୍ରହଣ କରାଯାଉଥିବାରୁ ଏଥିରେ ବ୍ୟତିକ୍ରମ ଦେଖାଦେଉଛି। ମେଶିନ କାମ କରୁଛି, ଶ୍ରମିକଙ୍କୁ କାମଧନ୍ଦା ମିଳୁ ନ ଥିବାରୁ ସେମାନେ ଜୀବନଜୀବିକା ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ଠିକାଦାରମାନେ ସରକାରୀ କର୍ମଚାରୀମାନଙ୍କ ସହିତ ସଲାସୁତୁରା କରି ସରକାରୀ କାର୍ଯ୍ୟକୁ କେତେବେଳେ ବିଭିନ୍ନ ଯନ୍ତ୍ରପାତି ଜରିଆରେ କରାଉଛନ୍ତି ତ ଆଉ କେତେବେଳେ ଫେକ୍ ଜବ୍‌କାର୍ଡଧାରୀ ସୃଷ୍ଟି କରି ରାଜକୋଷରୁ ବିପୁଳ ଅର୍ଥ ଲୁଟି ନେଉଛନ୍ତି। ଫଳରେ ଶ୍ରମିକ ପେଟ ଉପାସ ରହୁଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଉତ୍ତରପ୍ରଦେଶ ଭଳି ଜନବହୁଳ ରାଜ୍ୟରେ ଫେକ୍ ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ଅତି ନଗଣ୍ୟସ୍ତରରେ ରହିଥିବାବେଳେ ଓଡ଼ିଶାରେ ଏମାନଙ୍କ ହାର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଦ୍ୱିତୀୟ ସର୍ବାଧିକ ରହିଛି। ଫଳରେ ଓଡ଼ିଶା ଯେଉଁ ଦାଦନକୁ ସେହି ଦାଦନପ୍ରବଣ ରାଜ୍ୟ ରୂପେ ପରିଗଣିତ ହେଉଛି। ଏଭଳି ଏକ ନିଛକ ସତ୍ୟ ଆମେ କହୁନାହୁଁ, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଲୋକ ସଭାରେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାଯାଇଛି। ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇବା ଲକ୍ଷ୍ୟ ନେଇ ୨୦୦୬ ଫେବୃଆରୀରୁ ଚାଲିଥିବା ଏହି ଯୋଜନା ଆରମ୍ଭରୁ ଏପର୍ଯ୍ୟନ୍ତ ଫେକ୍ ଜବ୍‌କାର୍ଡଧାରୀଙ୍କ ରାଜୁତି ଚାଲି ଆସିଛି। ପ୍ରକୃତ ଶ୍ରମିକଙ୍କୁ କାମଧନ୍ଦା ମିଳୁ ନ ଥିବାରୁ ସେମାନେ ବାହାର ରାଜ୍ୟକୁ ପେଟପାଟଣା ପାଇଁ ଯିବାକୁ ବାଧ ହେଉଛନ୍ତି।

ଲୋକ ସଭାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶ୍ୱାନ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଫେକ୍ ଜବକାର୍ଡ ସମ୍ପର୍କିତ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ୭ଲକ୍ଷ ୫୯ହଜାର ୪୬୨ ଫେକ୍ ଜବ୍‌କାର୍ଡ ଧରା ପଡ଼ିଥିଲା। ଏଥିରେ ଉତ୍ତରପ୍ରଦେଶରେ ସର୍ବାଧିକ ୨ଲକ୍ଷ ୯୯ହଜାର ୩୫୪ ଫେକ୍ ଜବକାର୍ଡ ଧରାପଡ଼ିଥିବାବେଳେ ଏହା ତଳକୁ ଓଡ଼ିଶା ଦ୍ୱିତୀୟ ସର୍ବାଧିକ ରହିଥିଲା। ରାଜ୍ୟରେ ଉକ୍ତ ବର୍ଷ ୧ଲକ୍ଷ ୧୪ହଜାର ୪୫୪ ଫେକ୍ ଜବ୍‌କାର୍ଡଧାରୀଙ୍କୁ ଯାଞ୍ଚ ବେଳେ ଧରାଯାଇଥିଲା। ସେହିପରି ୨୦୨୩-୨୪ ଆର୍ଥିକବର୍ଷରେ ଦେଶର ମୋଟ ଫେକ୍ ଜବ୍‌କାର୍ଡଧାରୀଙ୍କ ସଂଖ୍ୟା ହ୍ରାସ ପାଇ ୨ଲକ୍ଷ ୮୯ହଜାର ୬୨୬ରେ ପହଞ୍ଚିଥିଲା। ଉକ୍ତ ବର୍ଷ ସର୍ବାଧିକ ଉତ୍ତରପ୍ରଦେଶରେ ୧ଲକ୍ଷ ୪୭ହଜାର ୩୯୭ଟି ଫେକ୍ ଜବ୍‌କାର୍ଡ ଧରାଯାଇଥିବାବେଳେ ଓଡ଼ିଶା ତୃତୀୟସ୍ଥାନରେ (୨୨,୨୬୪) ରହିଥିଲା। ଦ୍ୱିତୀୟରେ ମଧ୍ୟପ୍ରଦେଶ ରହିଥିଲାବେଳେ ସେଠାରେ ୨୩,୦୨୯ ଫେକ୍ ଜବ୍‌କାର୍ଡ ଧରାପଡ଼ିଥିଲା। ହସ୍ତଗତ ଶେଷ ରିପୋର୍ଟ ଅନୁଯାୟୀ ୨୦୨୪-୨୫ରେ ଦେଶରେ ସମୁଦାୟ ୫୮ହଜାର ୮୨୬ଟି ଫେକ୍ ଜବ୍‌କାର୍ଡ ଜବତ ହୋଇଥିବାବେଳେ ସେଥିମଧ୍ୟରେ ବିହାରର ୮,୧୧୧ ଏବଂ ଓଡ଼ିଶାରେ ୭୫୬୬ ଫେକ୍ ଜବ୍‌କାର୍ଡଧାରୀ ଥିବା ଜଣାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ☞ପୃଷ୍ଠା-୪

# ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ



ଲଣ୍ଡନ୍‌ର ଚେକର୍ସ ଇଷ୍ଟେଟ୍‌ରେ ଗୁରୁବାର ଏଫ୍‌ଟିଏ ସ୍ୱାକ୍ଷର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିଟେନ୍ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ସହ କରମର୍ଦ୍ଦନ କରୁଛନ୍ତି। ନିକଟରେ ଉପସ୍ଥିତ ବ୍ରିଟେନ୍‌ର ବ୍ୟବସାୟ ଓ ବାଣିଜ୍ୟ ସଚିବ ଜୋନାଥନ୍ ରେନଲ୍ଡସ ଏବଂ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ।

ଲଣ୍ଡନ୍/ନୂଆଦିଲ୍ଲୀ,୨୪।୭(ପି.ଟି./ରଏଟର୍ସ)

ଭାରତ ଓ ବ୍ରିଟେନ୍ ମଧ୍ୟରେ ବହୁ ପ୍ରତୀକ୍ଷିତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫ୍‌ଟିଏ) ଗୁରୁବାର ସ୍ୱାକ୍ଷର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବ୍ରିଟିଶ୍ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ଉପସ୍ଥିତିରେ ଦୁଇ ଦେଶର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ଜୋନାଥନ୍ ରେନଲ୍ଡସ ଏଥିରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ବାର୍ଷିକ ୩୪ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏତିକି ନୁହେଁ, ଭାରତରୁ ରପ୍ତାନି ହେଉଥିବା ୯୯% ଭାରତୀୟ ସାମଗ୍ରୀ ଉପରେ ବ୍ରିଟେନ୍ ଟାରିଫ୍ ହ୍ରାସ କରିବ ଏବଂ ୯୦% ଉତ୍ପାଦର ମୂଲ୍ୟକୁ ନିମ୍ନତର ସ୍ତରକୁ ଆଣିବ। ବ୍ରିଟିଶ୍ କମ୍ପାନୀଗୁଡ଼ିକୁ ମଧ୍ୟ ଭାରତକୁ ହ୍ୱିସ୍କି, କାର ଓ ଅନ୍ୟ ସାମଗ୍ରୀ ରପ୍ତାନି କରିବାରେ ଏଫ୍‌ଟିଏ ସହାୟକ ହେବ ବୋଲି ଆଶା କରାଯାଉଛି। ଆମେରିକା ରାଷ୍ଟ୍ରପତି ☞ପୃଷ୍ଠା-୪

# ଓଡ଼ିଆ ଭାଷାରେ +୨ ବିଜ୍ଞାନ ବହି

## ଲୋକାର୍ପଣ କଲେ ଗଣଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୨୪।୭(ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷାରେ ପାଠ ପଢ଼ିବେ ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ର। ଏଥିପାଇଁ ସ୍ୱତନ୍ତ୍ର ଭାବେ ବହି ପ୍ରସ୍ତୁତ କରାଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଗୁରୁବାର ଯୁକ୍ତ୨ ନବାଗତ ବିଦ୍ୟାର୍ଥୀଙ୍କ ପ୍ରବେଶ ଓ ସ୍ୱାଗତ ସମାରୋହରେ ଏହି ବହିର ଲୋକାର୍ପଣ ସହ ବଣ୍ଟନର ଶୁଭାରମ୍ଭ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ମନ୍ତ୍ରୀ କହିଲେ, ପିଲାମାନେ ଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହିତ ବିକଶିତ ଓଡ଼ିଶା ଗଠନ ପାଇଁ ଏବେଠାରୁ ଦୃଢ଼ ସଂକଳ୍ପ ନିଅନ୍ତୁ। ଆଗାମୀ ପଚାଶ ବର୍ଷ ପାଇଁ ଓଡ଼ିଶାର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଆ ମାଧ୍ୟମରେ ପାଠପଢ଼ା ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଓଡ଼ିଆ ମାଧ୍ୟମରେ ପଢୁଥିବା ୯୧ ଭାଗ ପିଲାଙ୍କୁ ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳର ସଦୁପଯୋଗ ପାଇଁ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଅଣାଯିବ। ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରିବାରେ ସମଗ୍ର ଦେଶରେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଫଳତା ପାଇଥିବା ବେଳେ ଓଡ଼ିଆ ଭାଷାରେ ଯୁକ୍ତ୨ ବିଜ୍ଞାନ ବହି ଲୋକାର୍ପଣ କରି ସଫଳତାର ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ନାରୀ ଶିକ୍ଷାର ଅଗ୍ରଦୂତ ଉତ୍କଳଶୀଳ ରମାଦେବୀ ମାଧ୍ୟମିକ ବିଦ୍ୟାଳୟ ପ୍ରତି ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ୫୦ଟି ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ଯୁକ୍ତ୨ ବିଜ୍ଞାନ ବହି ବିତରଣ କରାଯିବା ସହ ଓଡ଼ିଆରେ ଏହି ପୁସ୍ତକ ରଚନା କରିଥିବା ୧୨ଜଣ ଲେଖକଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାରେ ଥିବା ପ୍ରଚୁର ଖଣିଜ ସମ୍ପଦର ବିନିଯୋଗ ପାଇଁ ଶିକ୍ଷିତ ଓଡ଼ିଆଙ୍କ ଅଭାବ ଥିବାବେଳେ ଓଡ଼ିଆମାନେ ଚାକିରି ପାଇଁ ବାହାରକୁ ଯିବା ଦ୍ୱାରା ଓଡ଼ିଶାର ମୌଳିକ ବିକାଶରେ ବାଧା ସୃଷ୍ଟି ହେଉଛି। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଇଂଲିଶ୍‌କୁ ଗୁରୁତ୍ୱ ଦେଉଥିବାରୁ ଭାରତର ସାମ୍ବିଧାନିକ ଭାଷା ଅବହେଳା ହେଉଛି। ଏଭଳି ସ୍ଥିତିରେ ଅସମ୍ଭବ ମନେହେଉଥିବା ଯୁକ୍ତ୨ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ଓ ଉଦ୍ଭିଦ ବିଜ୍ଞାନ, ଗଣିତ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭଳି ଜଟିଳ ବିଷୟବସ୍ତୁକୁ ସରଳ ଓଡ଼ିଆ ଭାଷାରେ ଲେଖାଯାଇଛି। ଏଥିପାଇଁ ସେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ଜାତୀୟ ଶିକ୍ଷାନୀତି ଆଧାରରେ ଆଇଟିଆଇ, ଡିପ୍ଲୋମା ଆଦି ବୈଷୟିକ ଶିକ୍ଷା ଓଡ଼ିଆ ଭାଷାରେ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଥିଲେ।

ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜଲକ୍ଷ୍ମୀ ସିଂହଙ୍କ ସଭାପତିତ୍ୱରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ଉପସ୍ଥାପନ କରିଥିଲେ। ରାଉରକେଲା ଜାତୀୟ ପ୍ରଦ୍ୟୌଗିକୀ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଓଡ଼ିଆ ଅଧ୍ୟୟନ ଓ ☞ପୃଷ୍ଠା-୪

# ରୁଷିଆରେ ବିମାନ ଦୁର୍ଘଟଣା: ୪୯ ମୃତ



ମସ୍କୋ,୨୪।୭

ରୁଷିଆର ଏକ ଯାତ୍ରୀବାହୀ ବିମାନ ଚାଇନା ସୀମାବର୍ତ୍ତୀ ଟିଣ୍ଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ସମସ୍ତ ୪୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଜଣ ଛୋଟ ପିଲା ଅଛନ୍ତି। କମ୍ ଦୃଶ୍ୟମାନ ହେଉଥିବାରୁ ପାଇଲଟ୍ ବିମାନ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କଲାବେଳେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ପାଇଲଟଙ୍କ ତ୍ରୁଟି କିମ୍ବା ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଗତ ସୋମବାର ଏହି ଦୁର୍ଘଟଣା ଘଟିଥିବାବେଳେ ଗୁରୁବାର ଘଟଣା ସାମ୍ନାକୁ ଆସିଛି। ଉଦ୍ଧାରକାରୀ ଟିମ୍ ବିମାନର ଜଳିଯାଇଥିବା ଫ୍ୟୁଜ୍‌ଲେଜ୍‌ର ବିଭିନ୍ନ ଅଂଶକୁ ଠାବ କରିଛନ୍ତି।

ସ୍ଥାନୀୟ ଜରୁରୀ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସାଇବେରିଆର ଆଙ୍ଗାରା ଏୟାରଲାଇନ୍ସ ପରିଚାଳିତ ଆଣ୍ଟୋନୋଭ୍ ଏଏନ୍-୨୪ ବିମାନ ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କରୁଥିବାବେଳେ ରାଡାରରେ ଅଦୃଶ୍ୟ ହୋଇଯାଇଥିଲା। ବିମାନଟି ସୋଭିଏଟ୍ ଅମଳର ଏବଂ ପାଖାପାଖି ୫୦ ବର୍ଷର ପୁରୁଣା। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ନିମନ୍ତେ ଘୋଷଣା କରିଛନ୍ତି।

**ଆଜିର ସମ୍ପାଦକୀୟ** ଖାଦ୍ୟାଭାବ ଓ ଦେଶାନ୍ତର

**ଅଷ୍ଟ୍ରେଲିଆରେ ହିନ୍ଦୁ ମନ୍ଦିରର ବିକୃତୀକରଣ**

ଅଷ୍ଟ୍ରେଲିଆର ମେଲ୍‌ବର୍ନଠାରେ ଥିବା ଗୋଟିଏ ହିନ୍ଦୁ ମନ୍ଦିର ଏବଂ ଦୁଇଟି ଏସୀୟ ରେଷ୍ଟୁରାଣ୍ଟରେ ବର୍ଣ୍ଣବୈଷମ୍ୟ ଭିତ୍ତିଚିତ୍ର କରାଯାଇ ସେଗୁଡ଼ିକୁ ବିକୃତ କରାଯାଇଛି। ଏହାକୁ ନେଇ ଅଷ୍ଟ୍ରେଲିଆରେ ଥିବା ହିନ୍ଦୁମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ସୋମବାର ସକାଳେ ମେଲ୍‌ବର୍ନର ଓ୍ୱାର୍ଷ୍ଟ ଡ୍ରାଇଭ୍‌ରେ ଥିବା ଶ୍ରୀ ସ୍ୱାମୀନାରାୟଣନ ମନ୍ଦିର କାନ୍ଥରେ ବର୍ଣ୍ଣବୈଷମ୍ୟ ଆଧାରିତ ଗାଳିଗୁଲଜ ନାଲି ରଙ୍ଗରେ ଲେଖାଯାଇଛି।

# ଗଣତନ୍ତ୍ରକୁ 'ଏସ୍‌ଆଇଆର୍' ଆକ୍ରମଣ

**▪ ନିର୍ବାଚନ ବର୍ଜନ ଧମକ ଦେଲେ ତେଜସ୍ୱୀ ▪ ଚତୁର୍ଥ ଦିନରେ ସଂସଦ ଅଚଳାବସ୍ଥା ଜାରି**

**ନୂଆଦିଲ୍ଲୀ/ପାଟନା,୨୪।୭**

ବିହାର ବିଧାନସଭା ଭୋଟ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ଚଳାଇଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ ରିଭିଜନ୍ (ଏସ୍‌ଆଇଆର୍)କୁ ବିରୋଧୀ ଦଳଗୁଡ଼ିକ ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ୫ ଦିନିଆ ମୌସୁମୀ ଅଧିବେଶନ ଶୁକ୍ରବାର ଶେଷ ହେଉଥିବାବେଳେ ଗୃହରେ ଏହି ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ନିର୍ବାଚନ ବର୍ଜନ ପାଇଁ ବିକଳ୍ପ ଖୋଲା ଅଛି କହି ଇସିଙ୍କୁ ଧମକ ଦେଇଛନ୍ତି। ସମୟ ଆସିଲେ ଆର୍‌ଜେଡି ନିଜ ସହଯୋଗୀ ଦଳଗୁଡ଼ିକ ସହ ଆଲୋଚନା କରି ଏହା ଉପରେ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

ସଂସଦରେ ଏସ୍‌ଆଇଆର୍‌କୁ ବିରୋଧକରି ବିପକ୍ଷ ଦଳଗୁଡ଼ିକ ହଟ୍ଟଗୋଳ ଜାରି ରଖିଥିବାବେଳେ ଏହା ଉପରେ ଆଲୋଚନା ପାଇଁ ସେମାନଙ୍କ ଦାବି ଗ୍ରହଣ କରିବାକୁ ସରକାର ମନା କରିଦେଇଛନ୍ତି। ଭୋଟର ତାଲିକା ସଂଶୋଧନ ଇସିଆଇଙ୍କ କାର୍ଯ୍ୟ, ଏହା କେନ୍ଦ୍ରର ନୁହେଁ ବୋଲି ଏକ ସରକାରୀ ସୂତ୍ରରୁ କୁହାଯାଇଛି। ନିର୍ବାଚନ କମିଶନଙ୍କ ବୈଷୟିକ କାର୍ଯ୍ୟ ଉପରେ ହସ୍ତକ୍ଷେପ କରିବା କିମ୍ବା ବିଚାରବିମର୍ଶ କରିବା ପାର୍ଲାମେଣ୍ଟ ପରିସରଭୁକ୍ତ ନୁହେଁ ବୋଲି ସରକାର କହିଛନ୍ତି। ଏସ୍‌ଆଇଆର୍ ପ୍ରତ୍ୟାହାର ଦାବିରେ ଗୁରୁବାର ରାଜ୍ୟ ସଭାରେ ବିରୋଧୀ ଏମ୍‌ପିମାନେ ନାରାବାଜି ଜାରି ରଖିବା ସହ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବାରୁ ଗୃହକୁ ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏବଂ ପରେ ସମ୍ପୂର୍ଣ୍ଣ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ସେହିପରି ବିହାର ଭୋଟର ତାଲିକା ସଂଶୋଧନ ପ୍ରତ୍ୟାହାର ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ମଧ୍ୟ କ୍ରମାଗତ ଚତୁର୍ଥ ଦିନ ପାଇଁ ମୁଲତବୀ ରହିଛି।



ବିହାରରେ ଏସ୍‌ଆଇଆର୍ ପ୍ରତ୍ୟାହାର ଦାବିରେ ସଂସଦ ପରିସରରେ କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଗୌରବ ଗୋଗୋଇ ଓ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

## ଚିଠା ତାଲିକାରୁ ହଟିବେ ୬୧ ଲକ୍ଷ ବିହାରୀ ଭୋଟର

ବିହାର ବିଧାନସଭା ଭୋଟ ପୂର୍ବରୁ ଭୋଟର ତାଲିକାକୁ ଏସ୍‌ଆଇଆର୍ ସଙ୍କୁଚିତ କରିଦେଇଛି। ଅଗଷ୍ଟ ୧ରେ ପ୍ରକାଶ ପାଇବାକୁ ଥିବା ନୂଆ ଭୋଟର ତାଲିକା ଚିଠାରୁ ୬୧ ଲକ୍ଷ ବିହାରୀ ଭୋଟର ବାଦ୍ ପଡ଼ିପାରନ୍ତି ବୋଲି ଜଣାପଡ଼ିଛି। ଜୁଲାଇ ୨୫ ଡେଡ୍‌ଲାଇନ୍‌କୁ ଦିନେ ବାକିଥିବାବେଳେ ବିହାରର ୭,୮୯,୬୯,୮୪୪ ମତଦାତାଙ୍କ ମଧ୍ୟରୁ ୭ ଲକ୍ଷ ଲୋକ ଭୋଟର ତାଲିକାରେ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନାହାନ୍ତି ବୋଲି ଗୁରୁବାର ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ କହୁଛି। ଏହାବାଦ୍ ୨୧.୬ ଲକ୍ଷ ମୃତ ଭୋଟର, ରାଜ୍ୟ ବାହାରକୁ ଚାଲିଯାଇଥିବା ୩୧.୫ ଲକ୍ଷ, ଏକାଧିକ ସ୍ଥାନରେ ନାମ ପଞ୍ଜୀକରଣ କରାଇଥିବା ୭ ଲକ୍ଷ ଏବଂ ଠାବ ହୋଇପାରି ନ ଥିବା ୧ ଲକ୍ଷ ଲୋକ ଅଗଷ୍ଟ ପହିଲାରେ ଆସିବାକୁ ଥିବା ଚିଠା ତାଲିକାରେ ସ୍ଥାନ ପାଇବେ ନାହିଁ ବୋଲି ଇସିଆଇ ଏକ ବିବୃତିରେ କହିଛନ୍ତି। ଇତିମଧ୍ୟରେ ୭.୨୧ କୋଟି (୯୧.୩୨%) ଫର୍ମ ସଂଗୃହୀତ ଓ ଡିଜିଟାଇଜ୍‌ଡ ହୋଇଛି। ସେମାନେ ସମସ୍ତେ ଚିଠା ଭୋଟର ତାଲିକାରେ ରହିବେ। ଏହି ଚିଠା ଭୋଟର ତାଲିକାର ନକଲ ରାଜ୍ୟର ସମସ୍ତ ୧୨ ବଡ଼ ରାଜନୈତିକ ଦଳକୁ ପ୍ରଦାନ କରାଯିବ। ଇସିଆଇଙ୍କ ଓ୍ୱେବ୍‌ସାଇଟ୍‌ରେ ମଧ୍ୟ ଏହା ଉପଲବ୍ଧ ହେବ। ସେଥିରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲେ କିମ୍ବା କୌଣସି ବ୍ୟକ୍ତି ତାଲିକାରେ ସ୍ଥାନ ପାଇ ନ ଥିଲେ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଆପତ୍ତି ଜଣାଇପାରିବେ। ତେବେ ମୃତ ଓ ପଳାଳନକାରୀଙ୍କ ଭଳି ଅଯୋଗ୍ୟ ବ୍ୟକ୍ତିଙ୍କୁ ଏଥିରେ ସ୍ଥାନିତ କରାଯାଇପାରିବ ନାହିଁ ବୋଲି ସିଇସି ଜ୍ଞାନେଶ କୁମାର ସ୍ପଷ୍ଟ କରିଛନ୍ତି।

## ରାହୁଲ-ଇସି ମୁହାଁମୁହିଁ

କର୍ନାଟକର ଏକ ନିର୍ବାଚନମଣ୍ଡଳୀରେ ଇସି ଜାଲିଆତିକୁ ଅନୁମତି ଦେଇଥିବା ନେଇ ୧୦୦% ପ୍ରମାଣ ରହିଛି ବୋଲି ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣିଛନ୍ତି। ଆମେ ଇସିଙ୍କ ପଛରେ ପଡ଼ିଛୁ। ଇସି ପଳାୟନ କରିପାରିବେ ନାହିଁ। ଇସି ଭାରତର ନିର୍ବାଚନ କମିଶନ ଭଳି କାର୍ଯ୍ୟ କରୁନାହାନ୍ତି କି ନିଜ ଦାୟିତ୍ୱ ତୁଲାଉନାହାନ୍ତି ବୋଲି ରାହୁଲ କହିଛନ୍ତି। ବିହାର ଏସ୍‌ଆଇଆର୍ ଉପରେ ପ୍ରଶ୍ନ କରାଯିବାରୁ କଂଗ୍ରେସ ନେତା ରାହୁଲ ଏପରି ସମାଲୋଚନା କରିଛନ୍ତି। ଏହାର ଜବାବରେ ଇସି କହିଛନ୍ତି, ଯଦି ଏକ ନିର୍ବାଚନ ପିଟିଶନ ଦାଖଲ ହୋଇଛି, ତେବେ ହାଇକୋର୍ଟଙ୍କ ରାୟକୁ ଅପେକ୍ଷା କରିବା ଉଚିତ। ଯଦି ଦାଖଲ ହୋଇନାହିଁ, ଏଭଳି ଭିତ୍ତିହୀନ ଅଭିଯୋଗ କାହିଁକି ଆଣୁଛନ୍ତି ବୋଲି ଇସି ରାହୁଲଙ୍କୁ ଓଲଟା ପ୍ରଶ୍ନ କରିଛନ୍ତି।

## ଉପରାଷ୍ଟ୍ରପତି ନିର୍ବାଚନ: ମିଳିତ ପ୍ରାର୍ଥୀ ଦେବେ ବିରୋଧୀ

**ନୂଆଦିଲ୍ଲୀ,୨୪।୭**

ଜଗଦୀପ୍ ଧନ୍‌କରଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ପଦବୀ ପାଇଁ ହେବାକୁ ଥିବା ନିର୍ବାଚନରେ ବିରୋଧୀ ଇଣ୍ଡିଆ ବ୍ଲକ୍ ମିଳିତ ପ୍ରାର୍ଥୀ ଦେବାକୁ ଯୋଜନା କରିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପ୍ରାର୍ଥୀ ସ୍ପଷ୍ଟ କରିବା ପରେ ବିରୋଧୀ ମେଣ୍ଟ ପ୍ରାର୍ଥୀ ଘୋଷଣା କରିବ। ଏଥିପାଇଁ ସହମତି ହାସଲ ନିମନ୍ତେ ଖୁବ୍‌ଶୀଘ୍ର ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ବୈଠକ ବସିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ୨୦୨୨ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଧନ୍‌କରଙ୍କ ବିରୋଧରେ ବିରୋଧୀ ମେଣ୍ଟ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ମାର୍ଗାରେଟ୍ ଆଲ୍‌ଭା ଛିଡ଼ା ହୋଇଥିଲେ। ତେବେ ତୃଣମୂଳ କଂଗ୍ରେସ ତାଙ୍କୁ ସମର୍ଥନ ଦେବାକୁ ମନା କରିଦେଇଥିଲା ଏବଂ ଭୋଟ ବେଳେ ଏହାର ସଦସ୍ୟମାନେ ଅନୁପସ୍ଥିତ ରହିଥିଲେ। ଅତୀତର ଭୁଲ୍‌କୁ ଏଥର ନ ଦୋହରାଇବାକୁ ବିରୋଧୀ ମେଣ୍ଟ ନିଷ୍ପତ୍ତି ନେଇଛି। ସେଥିପାଇଁ ଇଣ୍ଡିଆ ବ୍ଲକ୍‌ର ସବୁ ସଦସ୍ୟଙ୍କ ସହ ଆଲୋଚନା କରାଯାଇ ସହମତିରେ ପ୍ରାର୍ଥୀ ଚୂଡ଼ାନ୍ତ କରାଯିବ ବୋଲି ଜଣେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି।

## ବୃଦ୍ଧ ମାତାପିତାଙ୍କ ଯତ୍ନ ପାଇଁ କେନ୍ଦ୍ରୀୟ କର୍ମଚାରୀଙ୍କୁ ୩୦ ଦିନିଆ ଛୁଟି

**ନୂଆଦିଲ୍ଲୀ, ୨୪।୭**

ବୃଦ୍ଧ ମାତାପିତାଙ୍କ ଯତ୍ନ ପାଇଁ କେନ୍ଦ୍ର ସରକାରୀ କର୍ମଚାରୀ ୩୦ ଦିନିଆ ଛୁଟି ନେଇପାରିବେ। କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଗୁରୁବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ବୃଦ୍ଧ ମାତାପିତାଙ୍କ ଯତ୍ନ ପାଇଁ କର୍ମଚାରୀ ଛୁଟି ପାଇବାର ବ୍ୟବସ୍ଥା ରହିଛି କି ବୋଲି ଏକ ପ୍ରଶ୍ନର ଉତ୍ତର ରଖି ସେ କହିଛନ୍ତି, କେନ୍ଦ୍ରୀୟ ସିଭିଲ ସର୍ଭିସେସ୍ (ଲିଭ୍) ରୁଲ୍, ୧୯୭୨ ଅନୁଯାୟୀ କେନ୍ଦ୍ର ସରକାରୀ କର୍ମଚାରୀ ୩୦ ଦିନିଆ ଅର୍ନଡ୍ ଲିଭ୍ ପାଇପାରିବେ, ଯେଉଁଥିରେ ସେମାନେ ବୃଦ୍ଧ ମାତାପିତାଙ୍କ ଯତ୍ନନେବା ପରି ଅନେକ ବ୍ୟକ୍ତିଗତ କାର୍ଯ୍ୟ କରିପାରିବେ। କର୍ମଚାରୀଙ୍କୁ ୨୦ ଦିନର ଅଧା ବେତନ ଛୁଟି ଏବଂ ୮ ଦିନର ଆକସ୍ମିକ ଛୁଟି ସୁବିଧା ମିଳୁଥିବା ସେ କହିଛନ୍ତି।

## ଇଣ୍ଡିଆନ ଏୟାରଲାଇନ୍ସ: ୭ ମାସରେ ୧୮୩ ବୈଷୟିକ ତ୍ରୁଟି

**ନୂଆଦିଲ୍ଲୀ, ୨୪।୭**

ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଭାରତର ୫ ଏୟାରଲାଇନ୍ସର ବିମାନରେ ୧୮୩ ଥର ବୈଷୟିକ ସମସ୍ୟା ଦେଖାଦେଇଥିବା ନେଇ ବୁଧବାର ପାର୍ଲାମେଣ୍ଟକୁ ସରକାର ଅବଗତ କରାଇଛନ୍ତି। ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ସୂଚନା ଦେଇ କହିଛନ୍ତି, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନରେ ୮୫ ଥର ବୈଷୟିକ ସମସ୍ୟା ଦେଖାଦେଇଥିବାବେଳେ ଇଣ୍ଡିଗୋ ବିମାନରେ ୬୨, ଅକସା ଏୟାର ବିମାନରେ ୨୮ ଥର ବୈଷୟିକ ତ୍ରୁଟି ସମସ୍ୟା ଦେଖାଦେଇଛି। ସ୍ପାଇସ୍‌ଜେଟ ବିମାନରେ ୭ ଥର ଯାନ୍ତ୍ରିକ ତ୍ରୁଟି ସମସ୍ୟା ଦେଖାଦେଇଛି। ତେବେ ଗତ ଜୁନ୍ ୧୨ରେ ଅହମଦାବାଦରେ ଭୟାବହ ବିମାନ ଦୁର୍ଘଟଣା ଘଟିଥିବାବେଳେ ଏହାର ଠିକ୍ ୪ ଦିନ ପରେ ଜୁନ୍ ୧୬ରେ ଏୟାର ଇଣ୍ଡିଆର ୧୧୨ ପାଇଲଟ ଜ୍ୱରଜନିତ ଛୁଟି ନେଇଥିଲେ। ସେମାନଙ୍କ ମଧ୍ୟରୁ ୫୧ ଜଣ କମାଣ୍ଡର (ପି୧) ଏବଂ ୬୧ ଜଣ ଫାଷ୍ଟ ଅଫିସର (ପି୨) ର୍‌ୟାଙ୍କର ହୋଇଥିବା ସେ ସୂଚନା ଦେଇଛନ୍ତି।

## ଏୟାର ଇଣ୍ଡିଆକୁ ଡିଜିସିଏର ୪ ନୋଟିସ

**ନୂଆଦିଲ୍ଲୀ, ୨୪।୭**

ସୁରକ୍ଷା ପାଳନ ସମ୍ବନ୍ଧୀୟ ବିଭିନ୍ନ ଉଲ୍ଲଂଘନ ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଗତ ବର୍ଷେ ମଧ୍ୟରେ ପାଇଲଟମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ନ ମିଳିବା, ସିମୁଲେଟର ତାଲିମ ଆବଶ୍ୟକତାର ଦୁର୍ବଳ ଅନୁପାଳନ, ବହୁ ଉଚ୍ଚତା ବିଶିଷ୍ଟ ବିମାନ ବନ୍ଦର ପାଇଁ ତାଲିମର ଅଭାବ ଏବଂ ପର୍ଯ୍ୟାପ୍ତ କ୍ୟାବିନ୍ କ୍ରୁ ବିନା ଅନ୍ତର୍ଜାତୀୟ ଉଡ଼ାଣ ଆଦି ଘଟଣା ପାଇଁ ଡିଜିସିଏ ଏୟାର ଇଣ୍ଡିଆକୁ ନୋଟିସ କରିବା ସହ ସମାଲୋଚନା କରିଛି। ଗତ ଜୁନ୍ ୨୦ ଏବଂ ୨୧ ତାରିଖରେ ଡିଜିସିଏ ନିକଟରେ ଏୟାର ଇଣ୍ଡିଆ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ଦାଖଲ କରାଯାଇଥିବା ସୂଚନା ଆଧାରରେ ବୁଧବାର ଡିଜିସିଏ ଏହି ନୋଟିସ ଜାରି କରିଛି।

## ଜେଲ ଗଲେ ପୂର୍ବ ପ୍ରଧାନ ବିଚାରପତି

**ଢାକା,୨୪।୭**

ଗତବର୍ଷ ଢାକାର ଯାତ୍ରାବାରି ଅଞ୍ଚଳରେ ଜୁଲାଇ ବିଦ୍ରୋହ ଦିବସ ପାଳନ ବେଳେ ଗୁଳିକାଣ୍ଡରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ଏହି ହତ୍ୟା ମାମଲାରେ ସମ୍ପୃକ୍ତି ନେଇ ବାଂଲାଦେଶର ପୂର୍ବତନ ପ୍ରଧାନ ବିଚାରପତି ଏ.ବି.ଏମ୍ ଖୈରୁଲ ହକ୍‌ଙ୍କୁ ଢାକାର ଏକ ଅଦାଲତ ଗୁରୁବାର ଜେଲ ପଠାଇଛନ୍ତି। ଗୁରୁବାର ରାତିରେ ଢାକା ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ମହମ୍ମଦ ସନାଉଲ୍ଲା ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ବାଂଲାଦେଶର ୧୯ତମ ପ୍ରଧାନ ବିଚାରପତି ଭାବେ ହକ୍ ୨୦୧୦ରୁ ୨୦୧୧ ପର୍ଯ୍ୟନ୍ତ କାର୍ଯ୍ୟ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଚର୍ଚ୍ଚାରେ ରହିଥିଲେ।

## ହାଇକୋର୍ଟରେ ନିର୍ଦ୍ଦୋଷ, ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲା**

**ନୂଆଦିଲ୍ଲୀ, ୨୪।୭**

୨୦୦୬ ଜୁଲାଇ ୧୧ରେ ହୋଇଥିବା ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାରେ ଗତ ସୋମବାର ମହାରାଷ୍ଟ୍ର ହାଇକୋର୍ଟ ୧୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ। ବମ୍ବେ ହାଇକୋର୍ଟଙ୍କ ଏହି ରାୟ ଉପରେ ଗୁରୁବାର ସର୍ବୋଚ୍ଚ ଅଦାଲତ ରୋକ୍ ଲଗାଇଛନ୍ତି। ଜଷ୍ଟିସ୍ ଏମ୍. ଏମ୍. ସୁନ୍ଦରେଶ ଏବଂ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାରେ ୧୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ନେଇ ଗତ ସୋମବାର ବମ୍ବେ ହାଇକୋର୍ଟ ଦେଇଥିବା ରାୟକୁ ଅନ୍ୟ ମାମଲାଗୁଡ଼ିକରେ ଉଦାହରଣ ଭାବେ ବିବେଚନା କରାଯିବ ନାହିଁ। ତେଣୁ ଉକ୍ତ ରାୟକୁ ସ୍ଥଗିତ ରଖାଯାଇଛି। ତେବେ ହାଇକୋର୍ଟଙ୍କ ଦ୍ୱାରା ଦୋଷମୁକ୍ତ ହୋଇଥିବା ୧୨ ଅଭିଯୁକ୍ତଙ୍କୁ ଜେଲ ମୁକୁଳିବା ଉପରେ ରୋକ ଲଗାଇବା ନେଇ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସମସ୍ତ ଅଭିଯୁକ୍ତ ଜେଲରୁ ମୁକୁଳି ସାରିଛନ୍ତି। ତେଣୁ ସେମାନଙ୍କୁ ପୁଣି ଜେଲ ପଠାଇବାର ପ୍ରଶ୍ନ ଉଠୁନାହିଁ। ତେବେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ ନେଇ ବମ୍ବେ ହାଇକୋର୍ଟଙ୍କ ରାୟ ବିବାଦୀୟ ଥିଲା। ଉକ୍ତ ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବିବେଚନା କରାଯିବ ନାହିଁ। ତେଣୁ ଏକ ସୀମିତ ସୀମା ପର୍ଯ୍ୟନ୍ତ ଉକ୍ତ ରାୟ ଉପରେ ରୋକ୍ ଲଗାଯାଇଛି। ପ୍ରକାଶ ଯେ, ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ଘଟଣାରେ ୧୮୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣାରେ ମୁମ୍ବାଇ ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍ ୧୩ ଜଣଙ୍କୁ ଅଭିଯୁକ୍ତ କରିଥିବାବେଳେ ୨୦୧୫ରେ ମହାରାଷ୍ଟ୍ର କଣ୍ଟ୍ରୋଲ ଅଫ୍ ଅର୍ଗାନାଇଜଡ୍ କ୍ରାଇମ୍ ଆକ୍ଟ (ଏମ୍‌ସିଓସିଏ) କୋର୍ଟ ସେଥିମଧ୍ୟରୁ ୧୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଏମ୍‌ସିଓସିଏ କୋର୍ଟ ୫ ଜଣଙ୍କୁ ଫାଶୀ ଏବଂ ୭ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ଦୁର୍ବଳ ସାକ୍ଷୀ ଏବଂ ପ୍ରମାଣ ଅଭାବରୁ ସୋମବାର ବମ୍ବେ ହାଇକୋର୍ଟ ସମସ୍ତ ୧୨ ଦୋଷୀଙ୍କୁ ଦୋଷ ମୁକ୍ତ କରିଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟ ବିରୋଧରେ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସେନା ସଂଘର୍ଷରେ ୧୧ ମୃତ

**ଥାଇଲାଣ୍ଡ, କାମ୍ବୋଡିଆ ସୀମା ବିବାଦ**

**ବ୍ୟାଙ୍କକ,୨୪।୭**

ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମାକୁ ନେଇ ରହିଆସିଥିବା ଦୀର୍ଘ ବିବାଦ ଗୁରୁବାର ନାଟକୀୟ ଭାବେ ପୁଣି ସଂଘର୍ଷର ରୂପ ନେଇଛି। କାମ୍ବୋଡିଆ ପ୍ରଥମେ ରକେଟ ମାଡ଼ କରିଥିବା ଅଭିଯୋଗ ଆଣି ଏହାର ସେନା ଶିବିରଗୁଡ଼ିକ ଉପରେ ଥାଇଲାଣ୍ଡ ସୈନ୍ୟ ଏୟାରଷ୍ଟ୍ରାଇକ୍ କରିଛନ୍ତି। ଫ୍ରାନ୍ସ ୧୯୫୩ ପର୍ଯ୍ୟନ୍ତ କାମ୍ବୋଡିଆକୁ ନିଜ ଦଖଲରେ ରଖିବା ପରେ ଏହାର ସୀମା ନିର୍ଦ୍ଧାରଣ କରିଥିଲା। ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ୮୧୭ କି.ମି. ବିସ୍ତୃତ ସୀମାକୁ ନେଇ ଜାତୀୟତାବାଦୀ ଭାବାବେଗ ଅନେକ ଥର ବିବାଦ ସୃଷ୍ଟି ହୋଇଛି। ଗତ ମେ'ରେ ସୀମାନ୍ତରେ ଜଣେ କାମ୍ବୋଡିଆ ସୈନ୍ୟ ନିହତ ହେବା ପରେ ଦୁଇଦେଶ ମୁହାଁମୁହିଁ ହୋଇଥିଲେ। ଏହା ପରଠୁ ଉଭୟ ଦେଶର ସରକାର ମଧ୍ୟ 'ଯେସାକୁ ତେସା' ନୀତି ଆପଣାଇବାରୁ ସ୍ଥିତି ସଙ୍ଗିନ ଆଡ଼କୁ ଗତି କରୁଛି। ଥାଇଲାଣ୍ଡ କାମ୍ବୋଡିଆ ଉପରେ ସୀମା କଟକଣା ଜାରି କରିଛି। ଅନ୍ୟପକ୍ଷେ କମ୍ବୋଡିଆ ପଡ଼ୋଶୀ ଥାଇଲାଣ୍ଡରୁ ଫଳ, ପରିବା ଆଦି ଆମଦାନୀ ଓ ସେଠାକାର ଫିଲ୍ମ ପ୍ରଦର୍ଶନ ଉପରେ ବ୍ୟାନ୍ ଲଗାଇଛି। ଏଭଳି ସ୍ଥିତିରେ ରାଜନୈତିକ ଓ କୂଟନୈତିକ ଉତ୍ତେଜନା ପ୍ରକାଶ ପାଇ ସୀମା ବିବାଦ ଉଗ୍ରରୂପ ଧାରଣ କରିଛି।

ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମା ବିବାଦ ବଢୁଥିବାବେଳେ ଗୁରୁବାର ୨ ଦେଶର ସୈନ୍ୟ ସୀମାବର୍ତ୍ତୀ ୬ଟି ସ୍ଥାନରେ ପରସ୍ପର ସହ ମୁହାଁମୁହିଁ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସଂଘର୍ଷ ବେଳେ ଅନ୍ୟୁନ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ନାଗରିକ ବୋଲି ଜଣାପଡ଼ିଛି। ୨ ଦେଶର ସେନା ପରସ୍ପରକୁ ଛୋଟ ଅସ୍ତ୍ରଶସ୍ତ୍ର, ତୋପ ଏବଂ ରକେଟରେ ଆକ୍ରମଣ କରିଥିବାବେଳେ ଥାଇଲାଣ୍ଡ ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଥିଲା।

ବୁଧବାର ସୀମାରେ ଏକ ମାଇନ୍ ବିସ୍ଫୋରଣରେ ଥାଇଲାଣ୍ଡର ୫ ସୈନ୍ୟ ଆହତ ହୋଇଥିଲେ। ଏହାପରେ ବ୍ୟାଙ୍କକ୍ କାମ୍ବୋଡିଆରୁ ଏହାର ରାଷ୍ଟ୍ରଦୂତଙ୍କୁ ପ୍ରତ୍ୟାହାର କରିନେବା ସହ କାମ୍ବୋଡିଆ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ବଢ଼ିବା ସହ ଗୁରୁବାର ସକାଳେ ସଂଘର୍ଷ ଆରମ୍ଭ ହୋଇଥିଲା। ଥାଇଲାଣ୍ଡ ସୀମାନ୍ତ ଅଞ୍ଚଳର ଲୋକମାନେ ଘରଦ୍ୱାର ଛାଡ଼ି ପଳାଇଯାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ଥାଇଲାଣ୍ଡ ଏହାର ସମସ୍ତ ସ୍ଥଳ ସୀମାକୁ ସିଲ୍ କରିଦେବା ସହ କାମ୍ବୋଡିଆ ନ ଯିବା ପାଇଁ ଏହାର ନାଗରିକମାନଙ୍କୁ ପରାମର୍ଶ ଦେଇଛି।

## ୩,୦୦୦ କୋଟିର ଜାଲିଆତି: ଅନିଲ ଅମ୍ବାନୀଙ୍କ ପଛରେ ଇଡି

**ମୁମ୍ବାଇ,୨୪।୭(ପି.ଟି.)**

୩,୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଜାଲିଆତି ସହ ମନିଲଣ୍ଡରିଂ ମାମଲାର ସମ୍ପୃକ୍ତି ନେଇ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ୍ କମ୍ପାନୀଗୁଡ଼ିକ ଉପରେ ଚଢ଼ାଉ କରିଛି। ଅଘୋଷିତ ବିଦେଶୀ ସମ୍ପତ୍ତି ଥିବା ଏହି କମ୍ପାନୀଗୁଡ଼ିକ ଅଧିକ ବ୍ୟାଙ୍କ ଋଣ ନେଇଥିବା ଇଡି ନଜରକୁ ଆସିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଇଡିର ନୂଆଦିଲ୍ଲୀ ଶାଖା ପକ୍ଷରୁ ୫୦ଟି କମ୍ପାନୀ ଏବଂ ୨୫ ଜଣ ସମ୍ପୃକ୍ତ ଥିବା ମୁମ୍ବାଇର ୩୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଛି।

୨୦୧୭ରୁ ୨୦୧୯ ମଧ୍ୟରେ ୟେସ୍ ବ୍ୟାଙ୍କ ଅନିଲ ଅମ୍ବାନୀଙ୍କ ଗ୍ରୁପ୍ ଅଫ୍ କମ୍ପାନୀକୁ ଦେଇଥିବା ଋଣରୁ ୩,୦୦୦ କୋଟି ଟଙ୍କା ବେଆଇନ ଭାବେ ଅନ୍ୟ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିବା ନେଇ ଇଡି ତଦନ୍ତ ଚଳାଇଛି। ତେବେ ଇଡି କାର୍ଯ୍ୟାନୁଷ୍ଠାନ ସେମାନଙ୍କ ବ୍ୟବସାୟିକ କାର୍ଯ୍ୟ, ଆର୍ଥିକ ପ୍ରଦର୍ଶନ, ଅଂଶୀଦାର, କର୍ମଚାରୀ କିମ୍ବା ଅନ୍ୟ ଷ୍ଟେକ୍‌ହୋଲ୍ଡରମାନଙ୍କ ଉପରେ ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ରିଲାଏନ୍ସ ପାୱାର ଏବଂ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ପକ୍ଷରୁ କୁହାଯାଇଛି।

## ସମ୍ବିଧାନ ପ୍ରସ୍ତାବନାରୁ ସମାଜବାଦ, ଧର୍ମନିରପେକ୍ଷ ଶବ୍ଦ ହଟିବା ଯୋଜନା ଏବେ ନାହିଁ: ଆଇନ ମନ୍ତ୍ରୀ

**ନୂଆଦିଲ୍ଲୀ,୨୪।୭**

ସମ୍ବିଧାନ ପ୍ରସ୍ତାବନାରୁ 'ସମାଜବାଦ' ଓ 'ଧର୍ମନିରପେକ୍ଷ' ଶବ୍ଦ ହଟାଇବା ପାଇଁ ସମ୍ପ୍ରତି କୌଣସି ଯୋଜନା କିମ୍ବା ଉଦ୍ଦେଶ୍ୟ ନାହିଁ ବୋଲି କେନ୍ଦ୍ର ସରକାର ଗୁରୁବାର ସ୍ପଷ୍ଟ କରିଛନ୍ତି। ରାଜ୍ୟ ସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନରେ କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି, ସାଧାରଣରେ କିମ୍ବା ରାଜନୈତିକ ମହଲରେ ଏହା ଉପରେ ବିତର୍କ ହୋଇପାରେ। ପ୍ରସ୍ତାବନା ବଦଳାଇବା ପାଇଁ ସରକାର କୌଣସି ଆନୁଷ୍ଠାନିକ ପ୍ରସ୍ତାବ ଘୋଷଣା କରିନାହାନ୍ତି କିମ୍ବା ସାମ୍ବିଧାନିକ ପ୍ରକ୍ରିୟା ଆପଣାଇ ନାହାନ୍ତି। ପ୍ରସ୍ତାବନାରେ କୌଣସି ସଂଶୋଧନ ପାଇଁ ବ୍ୟାପକ ବିଚାରବିମର୍ଶ ଏବଂ ସହମତିର ଆବଶ୍ୟକତା ରହିଛି। ଏବେ ତାହା ଉପରେ ବିଚାର କରାଯାଇ ନ ଥିବା ମେଘୱାଲ କହିଛନ୍ତି।

## ଫୁଲୁଛି ହିମ ହ୍ରଦ: ବିପଦରେ ୧୦୦ ଡ୍ୟାମ୍

**ନୂଆଦିଲ୍ଲୀ, ୨୪।୭**

ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ଲାସିୟର ତରଳୁଛି ଏବଂ ହିମ ହ୍ରଦ ଫୁଲିବାରେ ଲାଗିଛି। ଏହାର ପ୍ରଭାବରେ ହିମାଳୟର ପାଦଦେଶରେ ଥିବା ରାଜ୍ୟଗୁଡ଼ିକରେ ପ୍ରଳୟଙ୍କାରୀ ବନ୍ୟାର ସମ୍ଭାବନା ବଢ଼ିଛି। ଏହାଫଳରେ ଭାରତର ୫ ରାଜ୍ୟ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ସିକିମ ଏବଂ ଅରୁଣାଚଳ ପ୍ରଦେଶର ୧୦୦ ଡ୍ୟାମ୍ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାନେଇ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି) ପକ୍ଷରୁ ଗତ ସପ୍ତାହରେ ସତର୍କ ସୂଚନା ଜାରି କରାଯାଇଛି। ସମ୍ପ୍ରତି କରାଯାଇଥିବା ବିଭିନ୍ନ ଗବେଷଣା ଅନୁଯାୟୀ, ଭାରତୀୟ ହିମାଳୟରେ ଏବେ ୦.୦୫ ବର୍ଗ କି.ମି. କ୍ଷେତ୍ରଫଳରୁ ବଡ଼ ୩୧୨୯ଟି ହିମ ହ୍ରଦ ରହିଛି। ୧୯୯୦ ତୁଳନାରେ ଏହି ହିମ ହ୍ରଦଗୁଡ଼ିକର କ୍ଷେତ୍ରଫଳ ପ୍ରାୟ ୭୦% ବଢ଼ିଯାଇଛି।



ଭାରତରେ ୬ ହଜାର ବଡ଼ ଡ୍ୟାମ୍ ରହିଛି। ବଡ଼ ଡ୍ୟାମ୍ ଥିବା ଦେଶ ତାଲିକାରେ ବୈଶ୍ୱିକ ସ୍ତରରେ ଭାରତ ତୃତୀୟ ସ୍ଥାନରେ ରହିଛି। ହିମ ହ୍ରଦରେ ପ୍ରଳୟଙ୍କାରୀ ବନ୍ୟାର ବିନାଶକାରୀ ପରିଣାମ ଭାରତ ପୂର୍ବରୁ ମଧ୍ୟ ଅନୁଭବ କରି ସାରିଛି ବୋଲି ସିଡବ୍ଲୁସିଙ୍କ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି। ୨୦୨୧ରେ ଉତ୍ତରାଖଣ୍ଡର ଚାମୋଲି ବିପର୍ଯ୍ୟୟ ଏବଂ ୨୦୨୩ରେ ସିକିମର ତିସ୍ତା-୩ ଡ୍ୟାମ୍ ଭାଙ୍ଗିବା ଘଟଣା ଏହାର ପ୍ରମୁଖ ଉଦାହରଣ। ଜଳବାୟୁ ପରିବର୍ତ୍ତନ ଯୋଗୁ ହିମାଳୟ ପାଦଦେଶରେ ଥିବା ରାଜ୍ୟଗୁଡ଼ିକରେ ବାଦଲଫଟା ବର୍ଷା, ହିମ ସ୍ଖଳନ, ଭୂସ୍ଖଳନ ଏବଂ ଭୂକମ୍ପ ଆଦି ଘଟଣା ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ହିମ ହ୍ରଦ ଫୁଲିବା ସହ ପ୍ରଳୟଙ୍କାରୀ ବନ୍ୟାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ସିଡବ୍ଲୁସି ୧୦୦ ଡ୍ୟାମକୁ ସତର୍କ ସୂଚନା ଜାରି କରିଛନ୍ତି।

## ଶୁଟିଂବେଳେ ମୃଣାଳ ଆହତ



ମୃଣାଳ ଠାକୁର

**ଜୟପୁର:** ଅଭିନେତ୍ରୀ ମୃଣାଳ ଠାକୁର ଏବଂ ଅଭିନେତା ଅଦିଭି ସେଷ ସମ୍ପ୍ରତି 'ଡକାୟତ: ଏ ଲଭ୍ ଷ୍ଟୋରି' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ତେବେ ବିଭିନ୍ନ ମିଡିଆ ରିପୋର୍ଟ ଅନୁଯାୟୀ, ଫିଲ୍ମର ଏକ ଆକ୍ସନ ଦୃଶ୍ୟର ଶୁଟିଂ ବେଳେ ଉଭୟ ଆହତ ହୋଇଛନ୍ତି। ତେବେ ଏହାକୁ ନେଇ ମୃଣାଳ, ଅଦିଭି କିମ୍ବା ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ଦିଆଯାଇନାହିଁ।

ସମ୍ପ୍ରତି ହାଇଦ୍ରାବାଦରେ 'ଡକାୟତ: ଏ ଲଭ୍ ଷ୍ଟୋରି' ଫିଲ୍ମର ଶୁଟିଂ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ହାଇଦ୍ରାବାଦରେ ଫିଲ୍ମର ଏକ ଆକ୍ସନ ଦୃଶ୍ୟର ଶୁଟିଂ ହେଉଥିବା ବେଳେ ଉଭୟ ମୃଣାଳ ଏବଂ ଅଦିଭି ସାମାନ୍ୟ ଆହତ ହୋଇଛନ୍ତି। ଆହତ ହେବା ପରେ ଉଭୟଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଚିକିତ୍ସା ପରେ ଦୁହେଁ ଫିଲ୍ମର ଶୁଟିଂ ଜାରି ରଖିଥିବା ନେଇ ରିପୋର୍ଟରେ କୁହାଯାଇଛି। ଶାନିଲ ଦେଓଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ ଥ୍ରୀଲର ଫିଲ୍ମରେ ମୃଣାଳ ଏବଂ ଅଦିଭିଙ୍କ ବ୍ୟତୀତ ଫିଲ୍ମ ନିର୍ମାତା ତଥା ଅଭିନେତା ଅନୁରାଗ କଶ୍ୟପ ଏବଂ ଅଭିନେତା ପ୍ରକାଶ ରାଜ ମଧ୍ୟ ନଜରକୁ ଆସିବେ। ଆସନ୍ତା ଡିସେମ୍ବର ୨୫ରେ କ୍ରିସ୍‌ମସ୍ ଅବସରରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବ। ଗତ ମେ'ରେ ଏହି ଫିଲ୍ମର ଟିଜରକୁ ଜାରି କରାଯାଇଥିଲା। ଏଥିରେ ଅନେକ ଆକ୍ସନ ଦୃଶ୍ୟ ସହ ଅଦିଭିଙ୍କ ସହ ମୃଣାଳଙ୍କର ରୋମାନ୍ସକୁ ମଧ୍ୟ ଦେଖିବାକୁ ମିଳିଥିଲା।

DSPL - 185

ODISHA TEX 2025

Weaving Prosperity | Empowering People

25th July, 2025 - Bhubaneswar



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଟେକ୍ସଟାଇଲ୍ ଓ ଆପାରେଲ୍ ଉତ୍ପାଦନ କ୍ଷେତ୍ରରେ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହେବ ଓଡ଼ିଶା
ସମୃଦ୍ଧ ଓଡ଼ିଶା ୨୦୩୬ ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ

## ଶିଳ୍ପ ସମ୍ମିଳନୀର ଉଦ୍‌ଘାଟନ ସମାରୋହ

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ପ୍ରଦୀପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

### ୬ ଗୋଟି ପ୍ରକଳ୍ପର ଉଦ୍‌ଘାଟନ

- ଆପାରେଲ୍ ପାର୍କ, ସମ୍ବଲପୁର
- ଟେକ୍ସଟାଇଲ୍ ପାର୍କ, କେନ୍ଦୁଝର
- ଟେକ୍ସଟାଇଲ୍ ପାର୍କ, ବଲାଙ୍ଗୀର
- ଆପାରେଲ୍ ପାର୍କ, ଗଞ୍ଜାମ
- ଟେକ୍ସଟାଇଲ୍ ପାର୍କ, ଜଗତସିଂହପୁର
- ଫୁଟ୍‌ୱେର ପାର୍କ, କଟକ

### ମୁଖ୍ୟ ଆକର୍ଷଣ

- ଏକାଧିକ MoU ସ୍ୱାକ୍ଷର
- ୧୦,୦୦୦ କୋଟି ଟଙ୍କାର ପୁଞ୍ଜି ନିବେଶ
- ୩୦୦ ରୁ ଅଧିକ ଶିଳ୍ପପତି ଙ୍କ ସମାଗମ
- ୨୫,୦୦୦ ରୁ ଅଧିକ ନିଯୁକ୍ତି ସୁଯୋଗ

**୨୫ ଜୁଲାଇ ୨୦୨୫ | ଦିବା ୧୦ ଘଟିକା**
**କନ୍‌ଭେନସନ୍ ସେଣ୍ଟର୍, ଲୋକସେବା ଭବନ, ଭୁବନେଶ୍ୱର**

ଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-14005/13/0064/2526

**ଆଜିର ମନ୍ତବ୍ୟ**

"ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କର ଭରସା ତୁଟିଯାଇଛି। ଆଗାମୀ ୫ ବର୍ଷ ନୀତୀଶ ମୁଖ୍ୟମନ୍ତ୍ରୀ ରହିବେ ବୋଲି ଶାହା କେଉଁଠାରେ ବି କହୁନାହାଁନ୍ତି।
–ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତି ମେଳା, ସ୍ଥାନ: ଆର୍‌ସିଏମ୍ କଲେଜ୍, ସମୟ: ସକାଳ ୯ଟା।
- ଓଡ଼ିଶା ଟେକ୍ସ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ରାଜ୍ୟ ସମ୍ମିଳନୀ କେନ୍ଦ୍ର, ଲୋକସେବା ଭବନ, ସମୟ: ପୂର୍ବାହ୍ଣ ୧୦ଟା।
- ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବିଜୁଳି ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଏମ୍–୭୧, ମଧୁସୂଦନ ନଗର, ସମୟ: ପୂର୍ବାହ୍ଣ ୧୧ଟା।
- ପାଞ୍ଚଜନ୍ୟ ସାପ୍ତାହିକ ପକ୍ଷରୁ ସୁଶାସନ ସମ୍ବାଦ କାର୍ଯ୍ୟକ୍ରମ, ସ୍ଥାନ: ତାଜ୍ ଭିଭାନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ୮୫ ତମ ସଂସ୍କୃତି ଚର୍ଚ୍ଚା (ଓଡ଼ିଆ ଅସ୍ମିତାର ପ୍ରତୀକ: ବାରବାଟି), ସ୍ଥାନ:ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ଏବଂ କାବ୍ୟାଞ୍ଜଳି ମିଳିତ ଆନୁକୂଲ୍ୟରେ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାରର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ସରତୀର୍ଥ ପକ୍ଷରୁ ଚନ୍ଦନ ପ୍ରତିଭା ଉତ୍ସବ–୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।
- ସଂଭାବନା ପକ୍ଷରୁ ଚିତଉ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଚତୁର୍ଥ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ତିନିଦିନିଆ ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଦ୍ୱିତୀୟ ଦିବସ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।

## ପୁରୀ

- ଲାଇଫ୍‌ଗାର୍ଡଙ୍କ ଦ୍ୱାରା ବିଶ୍ୱ ବୁଡ଼ି ନିରୋଧ ସଚେତନତା ଦିବସ ଅବସରରେ ମାନବ ଶୃଙ୍ଖଳ, ସ୍ଥାନ: ପୁରୀ ବେଳାଭୂମି, ସମୟ: ସକାଳ ୮ଟା।
- ସିଓର ବାଏ ଷ୍ଟୋର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଦରଜି ପୋଖରୀ ଛକ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ସଚେତନତା ଶୋଭାଯାତ୍ରା, ସ୍ଥାନ: ଭିକ୍ଟୋରିଆ ହୋଟେଲ ବେଳାଭୂମିଠାରୁ ପୌରସଦନ ସମ୍ମୁଖ, ସମୟ: ଅପରାହ୍ଣ ୪ଟା।
- ସାଧାରଣ ସଭା, ସ୍ଥାନ: ପୌରସଦନ, ସମୟ: ଅପରାହ୍ଣ ୪ଟା।
- ଓଡ଼ିଶା ବାର୍ କାଉନସିଲ୍ ଫ୍ୟାକ୍ଟ ଫାଇଣ୍ଡିଂ ଦଳର ପ୍ରସ୍ତାବିତ କୋର୍ଟ କାର୍ଯ୍ୟାଳୟ ଓ ସତ୍ୟାଗ୍ରହ ସ୍ଥଳ ପରିଦର୍ଶନ, ସ୍ଥାନ: କଚେରି ଛକ, ସମୟ: ଅପରାହ୍ଣ ୪ଟା।
- ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ଟା ୩୦।

## ବାଲେଶ୍ୱର

- ଜାତୀୟ ସେବା ଯୋଜନା ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ଣ ୧୦ଟା।

## ଭଦ୍ରକ

- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ଣ ୪ଟା ।

## କେନ୍ଦୁଝର

- ଶାଳବଣି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଦ୍ମନାଭ ମିଶ୍ରଙ୍କ ଅବସରକାଳୀନ ସଭା, ସ୍ଥାନ: ଆନନ୍ଦପୁର, ସମୟ: ପୂର୍ବାହ୍ଣ ୧୧ଟା ୩୦ ।

## ମୟୂରଭଞ୍ଜ

- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ:ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାରିପଦା,ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ହାତିନା, ରାଜନଗର, ସମୟ: ସକାଳ ୯ଟା।

## ଯାଜପୁର

- ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ଚଣ୍ଡିଖୋଲ ନିକଟ ଧର୍ମଶାଳା ଭବନ, ସମୟ: ପୂର୍ବାହ୍ଣ ୧୦ଟା।

## ନବରଙ୍ଗପୁର

- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବିଭିନ୍ନ ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୧ଟା।

## କୋରାପୁଟ

- ଜିଲା ଘରୋଇ ବସ୍ ମାଲିକ ସଂଘର ସାଧାରଣ ବୈଠକ, ସ୍ଥାନ: ସନ୍ଧ୍ୟା ଫଙ୍କସନ୍ ହଲ, ଜୟପୁର, ସମୟ: ପୂର୍ବାହ୍ଣ ୧୧ଟା ୩୦।

## ମାଲକାନଗିରି

- ମାଲକାନଗିରି ବଳାତ୍କାର ପୀଡିତାଙ୍କୁ ନ୍ୟାୟ ଦାବିରେ ବିଜେଡିର ବିକ୍ଷୋଭ, ସ୍ଥାନ:ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ: ସକାଳ ୮ଟା ।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ବୁର୍ଲା ସମ୍ବଲପୁରୀ ଏକତା ମଞ୍ଚ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦ ।
- ସମ୍ବଲପୁରୀ ଦିନରେ ସକାଶେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସାଂସ୍କୃତିକ, ସାହିତ୍ୟ ସଭ୍ୟମାନଙ୍କ ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ଅପରାହ୍ଣ ୫ଟା ।

## ବଲାଙ୍ଗୀର

- ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା ।
- ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଉଦ୍‌ଘାଟନ, ସ୍ଥାନ: ବୁବେଲ, ପୁଇଁତଲା ବ୍ଲକ,ସମୟ: ପୂର୍ବାହ୍ଣ ୧୧ଟା ।
- ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧୋତ୍ସବ ଓ 'ଛୁଆକର୍ ଗୀତ' ପୁସ୍ତକ ଉନ୍ମୋଚନ, ସ୍ଥାନ: ମୀନା ଗେଷ୍ଟ ହାଉସ, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୧ଟା ।
- ସାମାଜିକ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ବୁରୋଭାଡି, ଆଗଲପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା ।
- ରାମଲୀଳା ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତଳିଉଡାର, ଲୋଇସିଂହା ବ୍ଲକ, ସମୟ: ଅପରାହ୍ଣ ସାଢେ ଗୋଟାଏ ।
- ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ମାହାରପାଲି ପ୍ରାଥମିକ ବିଦ୍ୟାଳୟ, ଲୋଇସିଂହା ବ୍ଲକ, ସମୟ ଅପରାହ୍ଣ ୩ଟା ।

## ରାଉରକେଲା

- କାଉଡିଆ ଯାତ୍ରା, ସ୍ଥାନ: ରାଉରକେଲା ରେଳ ଷ୍ଟେଶନ, ସମୟ: ସକାଳ ୬ଟା ।
- କଂଗ୍ରେସ ଅନୁସୂଚିତ ଜାତି ସେଲ୍ ପକ୍ଷରୁ ବୈଠକ, ସ୍ଥାନ: ସେକ୍ଟର–୨୧ ଡିସିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ।
- ଆରଡିଏ ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ଣ ୧୧ଟା ୩୦ ।
- ଆମ୍ ଆଦ୍‌ମୀ ପାର୍ଟିର ବୈଠକ, ସ୍ଥାନ: ବାସନ୍ତୀ କଲୋନି, ସମୟ: ଅପରାହ୍ଣ ୪ଟା ୩୦ ।

## ସୁନ୍ଦରଗଡ଼

- ନାରୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ଅପରାହ୍ଣ ୩ଟା୩୦ ।

## ବରଗଡ଼

- ବନ ମହୋତ୍ସବରେ ଚାରାରୋପଣ,ସ୍ଥାନ: ବାଞ୍ଜିଝୁଲୁରି ପ୍ରାଥମିକ ସ୍କୁଲ, ବିଜେପୁର, ସମୟ: ପୂର୍ବାହ୍ଣ ୧୦ଟା ।

## କଳାହାଣ୍ଡି

- ଜିଲା ସହରାଞ୍ଚଳ ଉନ୍ନୟନ ଏଜେନ୍ସି (ଡୁଡା) ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା ।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ କେଲିଆ, ସମୟ: ଅପରାହ୍ଣ ୪ଟା ।

## ବୌଦ୍ଧ

- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲର ନବମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ଣ ୪ଟା ।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି କପିଳେଶ୍ୱର ମନ୍ଦିରରେ ଜଳାଭିଷେକ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ଣ ୧୦ଟା ।
- ମାନସିକ ସ୍ୱାସ୍ଥ୍ୟକୁ ନେଇ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଏନ୍‌ଏଚ୍‌ଏମ୍ ଜିଲା ପ୍ରଶିକ୍ଷଣ କେନ୍ଦ୍ର, ସମୟ: ପୂର୍ବାହ୍ଣ ୧୧ଟା ।

## ନୂଆପଡ଼ା

- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ସନ୍ଧ୍ୟା ୬ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ନ ଥିଲେ ମଧ୍ୟ ବାଧବାଧକତାରେ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବାକୁ ପଡ଼ିବ। ଶୁକ୍ର ପ୍ରଭାବରେ ଋଣ ପରିଶୋଧର ଦୁଶ୍ଚିନ୍ତା ବୃଦ୍ଧି ପାଇବ। ବନ୍ଧୁ ଓ ସହକର୍ମୀଙ୍କ ସମାଲୋଚନା ଯୋଗୁ ଅସନ୍ତୁଷ୍ଟ ରହିବେ। ସାହିତ୍ୟ ସଂସ୍କୃତି ପ୍ରତି ଅନୁରାଗଜନିତ ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ** ଚନ୍ଦ୍ରଙ୍କ ପ୍ରଭାବରେ ସମ୍ପର୍କୀୟଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ସୂଚନା ରହିଛି। ବାଧ ବାଧକତାରେ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ସାମୟିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ବିଭିନ୍ନ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କର୍ମ ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ଆପଣଙ୍କ ପରୋପକାର ପ୍ରବୃତ୍ତି କାର୍ଯ୍ୟାବଳୀର ପଡୋଶୀ ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇଯିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଏବଂ ନିକଟସ୍ଥ ବନ୍ଧୁମାନେ ଏହି ଦିଗରେ ସାହାଯ୍ୟ କରିପାରନ୍ତି।

**କର୍କଟ** ପରିବାରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ସଭାସମିତି କିମ୍ବା ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେବା ସକାଶେ ଆଦେଶନାମା ମିଳିପାରେ। ବହୁଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହାନୁଭୂତି ହେତୁ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତାଜନିତ କାର୍ଯ୍ୟହାନି କାରଣରୁ ବିଚଳିତବୋଧ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି। ଆନୁଷ୍ଠାନିକ କାମରେ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସା ପାଇପାରନ୍ତି।

**କନ୍ୟା** ବିଭିନ୍ନ ସମସ୍ୟା ମଧ୍ୟରେ ମାନସିକ ଶାନ୍ତି ପାଇବା ଦୁରୂହ ହେବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଯାନବାହନ, ବିବାଦୀୟ ସ୍ଥାନ ଏବଂ ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ ହେବ। କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ତୁଳା** ଉପରିସ୍ଥ କର୍ମଚାରୀଙ୍କ ସହଯୋଗ ହେତୁ ସରକାରୀ ସାହାଯ୍ୟ ସହଜ ହୋଇପାରେ। କେତେକ କ୍ଷେତ୍ରରେ ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ବନ୍ଧୁ ଓ ପରିଜନଙ୍କ ସହିତ ଦୂରଯାତ୍ରାଜନିତ ଶାରୀରିକ କ୍ଳାନ୍ତି ଅନୁଭବ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନ ନେଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନ୍‌ସନ ବଢିପାରେ। ମାତ୍ରାଧିକ ଭ୍ରମଣ କିମ୍ବା କାମର ଚାପ ହେତୁକ କ୍ଳାନ୍ତି ଅନୁଭବ କରିପାରନ୍ତି। ମାଲିମକଦ୍ଦମା, ନିର୍ମାଣ, ମାଙ୍ଗଳିକ କାମ ପ୍ରଭୃତିରେ ସଫଳତା ପାଇବେ।

**ଧନୁ** ପୂର୍ବପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସାମାନ୍ୟ ବିଳମ୍ବରେ ସୁଫଳ ମିଳିବାର ସମ୍ଭାବନା ରହିଛି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର** ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଦୂରରେ ଥିବା ପ୍ରିୟଜନଙ୍କ ସ୍ମୃତିଚାରଣ କରି ମାନସିକ ସ୍ତରରେ ଅଶାନ୍ତ ଅନୁଭବ କରିପାରନ୍ତି। ରାଶିର ଗୁଣଧର୍ମାନୁସାରେ ଥଣ୍ଡାଜନିତ ରୋଗପୀଡା ପାଇବେ। ସଭାସମିତି, ନିର୍ମାଣ, ପରିବହନ, ପ୍ରକାଶନ କ୍ଷେତ୍ରରେ ସଫଳତା ହାସଲ କରିବେ।

**କୁମ୍ଭ** ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ମାନସିକ ଅସୁସ୍ଥତା ମନକୁ ବିକ୍ଷିପ୍ତକରି ରଖିବ। ପାରିବାରିକ କ୍ଷେତ୍ରରେ ମଧ୍ୟ ସହଜରେ କାମ ହାସଲ ହେବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବାର ଆଶା ରହିଛି।

**ମୀନ** ପାରିବାରିକ ସମସ୍ୟା ସମାଧାନର ଚିନ୍ତାକରି ଦୁର୍ଭାବନା ବଢିଚାଲିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ସହଜରେ ବିଶ୍ୱାସ କରି ପାରିବେନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। କ୍ରନିକ୍ ରୋଗପୀଡା ହେତୁ କର୍ମକ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟିହେବ। ଯାତ୍ରା, ଆନୁଷ୍ଠାନିକ କାମ, ସଭାସମିତି, କଚେରି ମାମଲାରେ ଆଶ୍ୱସ୍ତି ମିଳିବ।

ଆଜି ଜୁଲାଇ ୨୫ ତାରିଖ, ଶ୍ରାବଣ ଶୁକ୍ଳ ପ୍ରତିପଦା ଶୁକ୍ରବାର। ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୩ ଗତେ, ଘ.୦୬।୧୫ ମଧ୍ୟେ, ଘ.୦୭।୦୭ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧।୫୩ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଭାରତ-ବ୍ରିଟେନ୍ ମୁକ୍ତ...

ଡୋନାଲ୍ଡ ଟ୍ରମ୍ପଙ୍କ ଉଚ୍ଚ ଟାରିଫ୍ ଯୋଗୁ ବାଣିଜ୍ୟରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ଗୁରୁବାର ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ଭାରତ ଓ ଷଷ୍ଠ ବଡ଼ ଅର୍ଥନୀତି ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୁଇ ଦେଶ ମଧ୍ୟରେ ୩ ବର୍ଷ ଧରି ଆଲୋଚନା ଚାଲିବା ପରେ ୨୦୨୫ ମେ'ରେ ଏନେଇ ସହମତି ପ୍ରକାଶ ପାଇଥିଲା। ୨୦୨୦ରେ ବ୍ରିଟେନ୍ ୟୁରୋପୀୟ ସଂଘ (ଇୟୁ) ଛାଡ଼ିବା ପରେ ଅର୍ଥାତ୍ ବ୍ରେକ୍‌ଜିଟ୍ ପରବର୍ତ୍ତୀ ସମୟରେ ଏହା ହେଉଛି ବ୍ରିଟେନ୍‌ର ସବୁଠୁ ବଡ଼ ବାଣିଜ୍ୟ ଡିଲ୍। ଭାରତ ପାଇଁ ଏହା ଏକ ଅଗ୍ରଣୀ ଅର୍ଥନୀତି ସହ ସର୍ବବୃହତ୍ ରଣନୈତିକ ସହଭାଗିତା। ଏଫ୍‌ଟିଏରେ ଏକ ସଂଶୋଧନ ପ୍ରକ୍ରିୟା ପରେ ଏହା ବର୍ଷକ ଭିତରେ ଲାଗୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଟେନ୍ ଗସ୍ତ ଅବସରରେ ସ୍ୱାକ୍ଷରିତ ଏହି ଐତିହାସିକ ଚୁକ୍ତି ଉଭୟ ଦେଶ ପାଇଁ ବଡ଼ ଲାଭଦାୟକ ହେବ ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର କହିଛନ୍ତି। ବାଣିଜ୍ୟ ଶସ୍ତା, ତ୍ୱରିତ ଓ ସହଜ ହେବା ଦ୍ୱାରା ଉଭୟ ଦେଶର ଅର୍ଥନୀତି ମଜଭୁତ ହେବ। ଆମେ ଏକ ନୂତନ ବୈଶ୍ୱିକ ଯୁଗରେ ପ୍ରବେଶ କରିଛୁ, ଯଦ୍ୱାରା ସହଭାଗିତା ଓ ସହଯୋଗିତା ବୃଦ୍ଧି ପାଇବ ବୋଲି ଷ୍ଟାର୍ମର ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏହି ଗସ୍ତ ଭାରତ ଓ ବ୍ରିଟେନ୍‌ର ଅର୍ଥନୈତିକ ସହଭାଗିତାକୁ ଆହୁରି ଉନ୍ନତ ସ୍ତରକୁ ନେଇଯିବ। ପ୍ରତିରକ୍ଷା ଓ ଜଳବାୟୁ କ୍ଷେତ୍ରରେ ସମ୍ପର୍କ ଅଧିକ ସୁଦୃଢ଼ ହେବା ସହ ଅପରାଧ ମୁକାବିଲାରେ ମଧ୍ୟ ସହଯୋଗ ବୃଦ୍ଧି ପାଇଁ ସହମତି ପ୍ରକାଶ ପାଇଛି ବୋଲି ଏକ ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଛନ୍ତି।

ବ୍ରିଟେନ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏଫ୍‌ଟିଏ ଲାଗୁହେଲେ ଟାରିଫ୍ ୧୫%ରୁ ୩%କୁ ଖସିବାକୁ ଥିବାରୁ ଭାରତୀୟ ଉପଭୋକ୍ତାମାନେ ସଫ୍ଟ ଡ୍ରିଙ୍କ୍ସ ଓ କସ୍‌ମେଟିକ୍ସଠାରୁ କାର୍ ଓ ଡାକ୍ତରୀ ଉପକରଣ ପର୍ଯ୍ୟନ୍ତ ସର୍ବୋତ୍ତମ ବ୍ରିଟିଶ୍ ପ୍ରଡକ୍ଟର ସୁବିଧା ପାଇବେ। ବ୍ରିଟେନ୍ ବର୍ତ୍ତମାନ ୧୧ ବିଲିୟନ୍ ପାଉଣ୍ଡର ସାମଗ୍ରୀ ଭାରତରୁ ଆମଦାନୀ କରୁଛି। ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଟାରିଫ୍ ହ୍ରାସ କରାଗଲେ ସେଗୁଡ଼ିକୁ ବ୍ରିଟିଶ୍ ଉପଭୋକ୍ତା ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଶସ୍ତା ଓ ସହଜରେ କିଣିପାରିବେ।

ସେହିପରି ଭାରତ ପକ୍ଷରୁ ଏହାକୁ ଏକ ଐତିହାସିକ ଚୁକ୍ତି ରୂପେ ଅଭିହିତ କରାଯାଇଛି। ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ପ୍ରାୟ ୯୯% ସାମଗ୍ରୀ ଉପରେ ଟାରିଫ୍ ହ୍ରାସ ପାଇବ ଏବଂ ଏହା ପ୍ରାୟ ୧୦୦ ପ୍ରତିଶତ ବାଣିଜ୍ୟିକ ମୂଲ୍ୟକୁ କଭର୍ କରିବ। ଏଫ୍‌ଟିଏ ଭାରତ ପାଇଁ ଅଭିବୃଦ୍ଧିର ନୂଆ ପଥ ଉନ୍ମୁକ୍ତ କରିବା ସହ ଦକ୍ଷତା ବିକାଶ ଓ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏଥିଯୋଗୁ ସୂଚନା କାରିଗରି, ଆର୍ଥିକ ସେବା, ବୃତ୍ତିଗତ ସେବା, ମ୍ୟାନେଜ୍‌ମେଣ୍ଟ କନ୍‌ସଲ୍ଟାନ୍ସି, ଆର୍କିଟେକ୍ଚରାଲ ଓ ଇଞ୍ଜିନିୟରିଂ କ୍ଷେତ୍ରରେ କ୍ୟାରିୟର ଅନ୍ୱେଷଣରେ ଥିବା ଯୁବପିଢ଼ି ଲାଭାନ୍ୱିତ ହେବା ସଙ୍ଗେ ସଙ୍ଗେ ବ୍ରିଟେନ୍‌ରେ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଭାରତୀୟ ଗ୍ରାଜୁଏଟ୍ ଓ ଉଦ୍ୟୋକ୍ତାମାନେ ଅନେକ ସୁବିଧା ହାସଲ କରିପାରିବେ ବୋଲି କୁହାଯାଉଛି।

## କାହାକୁ କେତେ ଫାଇଦା

### ଭାରତ

- ଭାରତୀୟ ଶିଳ୍ପ ଓ ଏହା ସହ ଜଡ଼ିତ ବ୍ୟକ୍ତିମାନେ ଡାକ୍ତରୀ ସେବା ଶସ୍ତାରେ ପାଇବା ସହ ବ୍ରିଟେନ୍‌ରୁ ଆମଦାନୀ ହେବାକୁ ଥିବା ଏରୋସ୍ପେସ୍ ଉପକରଣ ଉଚିତ ମୂଲ୍ୟରେ ପାଇବେ।
- ଏଫ୍‌ଟିଏ ଲାଗୁ ହେବା ପରେ ହାରାହାରି ଟାରିଫ୍ ୧୫%ରୁ ୩%କୁ ଖସିବା ପରେ ସଫ୍ଟ ଡ୍ରିଙ୍କ୍, କସ୍‌ମେଟିକ୍ସ, ଚକୋଲେଟ୍, ସାଲମନ୍, କାର୍ ଆଦି ବ୍ରିଟିଶ୍ ସାମଗ୍ରୀଗୁଡ଼ିକୁ ଭାରତୀୟମାନେ ସୁବିଧା ଓ ଶସ୍ତାରେ ପାଇପାରିବେ। ସେହିପରି ଇଲେକ୍ଟ୍ରୋନିକ୍ ଭେହିକିଲ୍‌ରେ ମଧ୍ୟ ୧୧୦%ରୁ ୧୦% ଟାରିଫ୍ ହ୍ରାସ ହେବା ସମ୍ଭାବନା ରହିଛି।
- ଓଡ଼ିଶା, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ ଭଳି ଉପକୂଳ ରାଜ୍ୟଗୁଡ଼ିକ ମତ୍ସ୍ୟ ରପ୍ତାନି ଯୋଗୁ ଲାଭାନ୍ୱିତ ହେବେ।
- ଟ୍ରେଡ୍ ଡିଲ୍ କାର୍ଯ୍ୟକାରୀ ହେବା ପରେ ବ୍ରିଟିଶ୍ କମ୍ପାନୀଗୁଡ଼ିକ ଭାରତକୁ ହ୍ୱିସ୍କି ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ସହଜରେ ରପ୍ତାନି କରିପାରିବେ। ହ୍ୱିସ୍କି ଉପରେ ଆମଦାନୀ ଶୁଳ୍କ ୧୫୦%ରୁ ତତ୍କାଳ ୭୫%କୁ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ୪୦%କୁ ହ୍ରାସ ପାଇବ।
- ଟ୍ରେଡ୍ ଡିଲ୍ ଅନୁଯାୟୀ ଭାରତୀୟମାନେ ବ୍ରିଟେନ୍‌ରେ ବସବାସ କରିବା ସହଜ ହେବ। ସେଠାରେ ଭାରତୀୟ କମ୍ପାନୀ ଓ ଫ୍ରିଲାନ୍ସରଙ୍କୁ ୩୬ଟି କ୍ଷେତ୍ରରେ ବିନା କୌଣସି 'ଇକୋନୋମିକ୍ ନିଡ୍ସ ଟେଷ୍ଟ'ର ସୁବିଧା ମିଳିବ।
- ଭାରତୀୟ ପ୍ରୋଫେଶନାଲମାନେ ବ୍ରିଟେନ୍‌ରେ ବିନା କୌଣସି ଅଫିସରେ ମଧ୍ୟ ୨ ବର୍ଷ ପାଇଁ ୩୫ଟି କ୍ଷେତ୍ରରେ କାର୍ଯ୍ୟ କରିପାରିବେ। ଏଥିରୁ ଆଇଟି ସେକ୍ଟରରେ କାର୍ଯ୍ୟରତ ୬୦,୦୦୦ରୁ ଅଧିକ ପ୍ରଫେଶନାଲ ଲାଭାନ୍ୱିତ ହେବେ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତଦନୁସାରେ ଟିସିଏସ୍, ଇନ୍‌ଫୋସିସ୍, ଟେକ୍ ମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍ନୋଲୋଜି ଓ ମହିନ୍ଦ୍ରା କମ୍ପାନୀ ସବୁଠୁ ଅଧିକ ଲାଭ ପାଇବ।
- ଭାରତୀୟ ପ୍ରଫେଶନାଲମାନଙ୍କୁ ବ୍ରିଟେନ୍‌ରେ ୩ ବର୍ଷ ପର୍ଯ୍ୟନ୍ତ ସାମାଜିକ ନିରାପତ୍ତା ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ଏଫ୍‌ଟିଏରେ ଉଲ୍ଲେଖ କରାଯାଇଛି।
- ଶେଫ୍, ଯୋଗ ଶିକ୍ଷକ, ସଙ୍ଗୀତଜ୍ଞ ଓ ଅନ୍ୟ ଠିକାଭିତ୍ତିକ ଶ୍ରମିକମାନେ ବ୍ରିଟେନ୍‌ର ନିଯୁକ୍ତି ବଜାରରେ ପ୍ରବେଶ ସୁବିଧା ପାଇବେ।

### ବ୍ରିଟେନ୍

- ଏଫ୍‌ଟିଏ ଲାଗୁ ହେବା ପରେ ଭାରତୀୟ ଟାରିଫ୍‌ରେ ୯୦% ପର୍ଯ୍ୟନ୍ତ ହ୍ରାସ ଘଟିବ। ଏଥିରୁ ୮୫% ସାମଗ୍ରୀ ଉପରେ ୧୦ ବର୍ଷ ମଧ୍ୟରେ ଆମଦାନୀ ଶୁଳ୍କ ଛାଡ଼ କରାଯିବ।
- ବ୍ରିଟେନ୍‌ର ବ୍ୟବସାୟିକ ସଂସ୍ଥାଗୁଡ଼ିକ ଭାରତରେ ସାର୍ବଜନୀନ ଅଧିଗ୍ରହଣ ସୁବିଧା ହାସଲ କରିପାରିବେ।
- ବ୍ରିଟିଶ୍ କମ୍ପାନୀଗୁଡ଼ିକ ୨ ବିଲିୟନ୍ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ନନ୍-ସେନ୍ସିଟିଭ୍ ସରକାରୀ ଟେଣ୍ଡରରେ ବିଡିଂ କରିବା ସୁବିଧା ପାଇବେ। ଅର୍ଥାତ୍ ବ୍ରିଟେନ୍ ବର୍ଷକୁ ୪୦,୦୦୦ ଟେଣ୍ଡରରେ ଭାଗନେଇପାରିବ, ଯାହାର ମୂଲ୍ୟ ପ୍ରାୟ ୪.୦୯ ଲକ୍ଷ କୋଟି ଟଙ୍କା ହେବ।
- ବାଣିଜ୍ୟ ଚୁକ୍ତିର ପ୍ରତ୍ୟକ୍ଷ ଫଳସ୍ୱରୂପ ବ୍ରିଟେନ୍ ୨,୨୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି କରିପାରିବ।
- ବ୍ରିଟେନ୍‌ର ଶ୍ରମିକମାନେ ପ୍ରତିବର୍ଷ ୨.୨ ବିଲିୟନ୍ ପାଉଣ୍ଡର ମଜୁରି ବୃଦ୍ଧି ପାଇପାରିବେ।
- ବ୍ରିଟିଶ୍‌ମାନେ କପଡ଼ା, ଜୋତା ଓ ଖାଦ୍ୟ ଉତ୍ପାଦ ପୂର୍ବ ତୁଳନାରେ ଶସ୍ତାରେ ପାଇପାରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ ଲୋକକୁ ଉତ୍ତର ନାହିଁ ।**

ସ୍ୱର୍ଗ ବା ଆକାଶ କାହିଁ କେତେ ଦୂରରେ, ନିଶୁଣି ସାହାଯ୍ୟରେ ତା'ର ଦୂରତା ମାପିବା ସମ୍ଭବ ହୋଇ ନ ଥାଏ। ସେହିପରି ବଡ଼ ଲୋକମାନେ ନିଜ ଧନ, ମାନ ତଥା ପ୍ରତିଷ୍ଠା ବଳରେ ନିଜକୁ ବଡ଼ଲୋକ ବୋଲାଉଥିବାବେଳେ ତାଙ୍କ କଥା ବେଦବାକ୍ୟ ପରି ସତ୍ୟ ବୋଲି ପ୍ରତ୍ୟୟମାନ ହୋଇଥାଏ। ମିଥ୍ୟା ବା ଅବାନ୍ତର କଥା କହିଲେ ବି ତାଙ୍କୁ ଉତ୍ତର ଦିଆଯାଇ ପାରୁନଥିବାବେଳେ ତାଙ୍କ କଥା ଅସମ୍ଭବ ହେଲେ ବି ସହିଯିବାକୁ ପଡ଼ିଥାଏ। ବଡ଼ଲୋକଙ୍କ ବଡ଼ପଣିଆକୁ ଲକ୍ଷ୍ୟ କରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସୁଖର ଦିନ ଘୋଡାରେ ଯାଏ, ଦୁଃଖର ଦିନ ହାତୀରେ ଯାଏ।**

ସୁଖର ଦିନ ଜଣାପଡେ ନାହିଁ। ମଜା ମଜଲିସର ଦିନଗୁଡିକ ଅତି ଶୀଘ୍ର ସରିଯାଏ। କିନ୍ତୁ ଦୁଃଖର ଦିନ ଦୀର୍ଘ ଜଣାଯାଏ। ଏହାହିଁ ସୁଖ ତଥା ଦୁଃଖର ଗତି ଏବଂ ଧର୍ମ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସହମତି ବୟସ...

ସର୍ଭେ ତଥ୍ୟ ସମେତ ବିଜ୍ଞାନସମ୍ମତ ଏବଂ ସାମାଜିକ ତଥ୍ୟ ଅନୁଯାୟୀ, କିଶୋର କିଶୋରୀଙ୍କ ମଧ୍ୟରେ ଯୌନ କାର୍ଯ୍ୟକଳାପ ଅସାଧାରଣ ନୁହେଁ ବୋଲି ଜୟସିଂ କହିଛନ୍ତି। ୨୦୧୭ରୁ ୨୦୨୧ ମଧ୍ୟରେ ପୋକ୍ସୋ ଅଧୀନରେ ୧୬ରୁ ୧୮ ବର୍ଷର ପିଲା ମୋକଦ୍ଦମାର ସମ୍ମୁଖୀନ ହେବା ୧୮୦ ପ୍ରତିଶତ ବଢ଼ିଛି। ଭିନ୍ନ ଧର୍ମ ବା ଭିନ୍ନ ଜାତି ସହ ସମ୍ପୃକ୍ତ ମାମଲାରେ ଅଧିକାଂଶ ଅଭିଯୋଗ ଝିଅ ଇଚ୍ଛା ବିରୋଧରେ ମା'ବାପା ଦାଏର କରୁଛନ୍ତି। ସହମତିରେ ଯୌନ ସମ୍ପର୍କକୁ ଅପରାଧୀକରଣ କରାଯାଉଛି। ଫଳରେ କିଶୋରକିଶୋରୀ ଯୋଡ଼ି ଲୁଚିବାକୁ, ବିବାହ କରିବାକୁ କିମ୍ବା ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ବାଧ୍ୟ ହେଉଛନ୍ତି। ଏସବୁର ସମାଧାନ ପାଇଁ ସହମତି ବୟସ ୧୬ ବର୍ଷକୁ ହ୍ରାସ କରିବା ପାଇଁ ଜୟସିଂ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍:...

ଉତ୍ତରପ୍ରଦେଶ ଭଳି ଏକ ଜନବହୁଳ ରାଜ୍ୟରେ ଯେଉଁଠାରେ ଲକ୍ଷାଧିକ ସଂଖ୍ୟାରେ ଫେକ୍ ଜବ୍‌କାର୍ଡଧାରୀ ରହିଥିଲେ, ଉକ୍ତ ରାଜ୍ୟ ଏବେ ଏହି ଅପବାଦରୁ ମୁକ୍ତ ହେବାକୁ ବସିଛି। ସେଠାରେ ଏହି ବର୍ଷ ୩,୪୨୧ ଫେକ୍ ଜବ୍‌କାର୍ଡ ଧରାପଡ଼ିଛି। ମାତ୍ର ଓଡ଼ିଶା ୨୦୨୨ରେ ଯେଉଁଳି ଦ୍ୱିତୀୟ ସ୍ଥାନରେ ରହିଥିଲା ଏବେ ବି ସେହି ସ୍ଥାନ ବଜାୟ ରଖିଛି। ଏଥିରୁ ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କେତେ ସ୍ୱଚ୍ଛତାର ସହିତ ହେଉଛି ତାହା ପ୍ରମାଣିତ ହେଉଛି।

ସୂଚନା ଅନୁଯାୟୀ, ୨୦୨୪–୨୫ ଆର୍ଥିକବର୍ଷରେ ରାଜ୍ୟରେ ୬୫ଲକ୍ଷ ୨ହଜାର ୭୬୨ଜଣ ଜବ୍‌କାର୍ଡ ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୬୨ଲକ୍ଷ ୯୯ହଜାର ୨୯୨ଜଣଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିଲା। ହେଲେ ବାସ୍ତବରେ ୪୫ଲକ୍ଷ ୮୩ହଜାର ୫୬୪ଜଣ ଶ୍ରମିକ କାର୍ଯ୍ୟ କରୁଥିବା ସରକାରଙ୍କ ତଥ୍ୟରୁ ଜଣାଯାଇଛି। ଚଳିତ ୨୦୨୫–୨୬ ଆର୍ଥିକ ବର୍ଷସୁଦ୍ଧା ୬୪ ଲକ୍ଷ ୪ ହଜାର ୬୫୩ଜଣଙ୍କୁ ଜବ୍‌କାର୍ଡ ଦିଆଯାଇଥିବାବେଳେ ସେଥିରୁ ୪୩ ଲକ୍ଷ ୧୮ ହଜାର ୪୬୨ଜଣ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ୧୨ ଜିଲାରେ ସ୍ଥାପନ...

ଷ୍ଟିଲୋଗ୍ରାଫ ଆସେଣ୍ଡର୍ସଙ୍କ ଅତିରିକ୍ତ ପ୍ରସ୍ତାବ ରାଜ୍ୟର ଡାଉନ୍‌ଷ୍ଟ୍ରିମ କ୍ଷମତାକୁ ଆହୁରି ଗଭୀର କରିବ। ଅନ୍ୟପଟେ କୃଷି–ପ୍ରକ୍ରିୟାକରଣ କ୍ଷେତ୍ରରେ ହିନ୍ଦୁସ୍ତାନ ଆକ୍ୱା ପ୍ରା.ଲି. ୩୨୦ କୋଟି ଟଙ୍କା ନିବେଶରେ ସୁନ୍ଦରଗଡ଼ରେ ପାନୀୟ ୟୁନିଟ ସ୍ଥାପନ କରିବ ଓ ୨୫୦ଜଣଙ୍କୁ ରୋଜଗାର ଦେବ। ପ୍ରଗତି ମିଲ୍କ ପ୍ରଡକ୍ଟସ ପ୍ରା.ଲି. ୧୧୪.୩୪ କୋଟି ଟଙ୍କା ନିବେଶ କରି ୬୭୪ ନିଯୁକ୍ତି ସୁଯୋଗ ସହ ବାଲେଶ୍ୱରରେ ଡେଏରୀ ସୁବିଧା ବିକାଶ କରିବ। ପୁରୀ, ଗଜପତି, ନୟାଗଡ଼, କନ୍ଧମାଳ ଓ ଗଞ୍ଜାମରେ ୪୭୯ କୋଟି ଟଙ୍କାର ୬ଟି ପ୍ରିମିୟମ ଆତିଥ୍ୟ ପ୍ରକଳ୍ପ ଅନୁମୋଦିତ ହୋଇଥିବାବେଳେ ୧,୩୫୨ ନିଯୁକ୍ତି ସୃଷ୍ଟି ହେବ। ଏରୋସ୍ପେସ ଓ ପ୍ରତିରକ୍ଷା ଉଭୟମାନ ଟେକ୍ନୋଲୋଜି କ୍ଷେତ୍ରରେ ବନଭି ଟେକ୍ନୋଲୋଜି ପ୍ରା. ଲି. ଖୋର୍ଦ୍ଧାରେ ୩୦୦ କୋଟି ଟଙ୍କା ନିବେଶ ସହ ଏକ ଅତ୍ୟାଧୁନିକ ଡ୍ରୋନ୍ ପାର୍କ ସ୍ଥାପନ କରିବ। ଏହା ଗବେଷଣା, ଉତ୍ପାଦନ ଓ ତାଲିମ ପାଇଁ ଏକ ଇଣ୍ଟିଗ୍ରେଟେଡ ୟୁଏଭି ଇକୋସିଷ୍ଟମ ହେବ ଓ ୭୬୦ ନିଯୁକ୍ତି ସୃଷ୍ଟି କରି ଓଡ଼ିଶାକୁ ଭାରତରେ ଡ୍ରୋନ୍ ଟେକ୍ନୋଲୋଜିରେ ଅଗ୍ରଣୀ କରିବ। ଇକୋଡାଇନାମିକ୍ସ ଗ୍ରୀନ୍ ଏନର୍ଜୀ ପ୍ରା.ଲି. ବରଗଡ଼ରେ ୧୦୦ କୋଟି ଟଙ୍କା ନିବେଶ ସହ ୩୦ ମେଗାୱାଟ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରିବ। ଲୁମିନାସ ପାୱାର ଟେକ୍ନୋଲୋଜିସ୍ ପ୍ରା.ଲି. ଗୋପାଳପୁରରେ ୯୫୦ କୋଟି ଟଙ୍କାର ୧.୨ ଜିଗାୱାଟ ସୌର ସେଲ୍ ଓ ୧ ଜିଗାୱାଟ ସୌର ପିଭି ମଡ୍ୟୁଲ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ପ୍ରାୟ ୧,୦୦୦ ନିଯୁକ୍ତି ସୃଷ୍ଟି କରିବ। ଲିଣ୍ଡେ ଇଣ୍ଡିଆ ସୁନ୍ଦରଗଡ଼ରେ ଏୟାର ସେପାରେଶନ ୟୁନିଟ ସ୍ଥାପନ କରିବ। ଗ୍ରୋଇଂ ଟ୍ରି ଅଏଲ ରିଫାଇନେରି ପ୍ରା.ଲି. ବରଗଡ଼ରେ ସଲଭେଣ୍ଟ ଏକ୍ସଟ୍ରାକ୍ସନ ୟୁନିଟ ଓ ସିନ୍ନାଟ ଫାର୍ମା ପ୍ରା.ଲି. କଟକରେ ୧୦୦ କୋଟି ଟଙ୍କା ନିବେଶ ସହ ଏକ ଏପିଆଇ ଉତ୍ପାଦନ ୟୁନିଟ ସ୍ଥାପନ କରିବ। ସେହିପରି ଆପମୋସିସ୍ ଟେକ୍ନୋଲୋଜିସ ପ୍ରା.ଲି. ଖୋର୍ଦ୍ଧାରେ ୬୫ କୋଟି ଟଙ୍କା ନିବେଶରେ ଏକ ସଫ୍ଟୱେୟାର ଡେଭେଲପ୍‌ମେଣ୍ଟ ସେଣ୍ଟର ସ୍ଥାପନ କରିବ, ଯାହା ୧୫୫ ନିଯୁକ୍ତି ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି।

## ଓଡ଼ିଆ ଭାଷାରେ...

ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଡକ୍ଟର ନଟବର ଶତପଥୀ, ବୈଷୟିକ ପୁସ୍ତକ ଅନୁବାଦ କମିଟି ଅଧ୍ୟକ୍ଷ ପ୍ରଫେସର ଓଁକାର ନାଥ ମହାନ୍ତି, ସୋଆ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ଶତପଥୀ ଲେଖକୀୟ ଅନୁଭୂତି ପ୍ରକାଶ କରିଥିବାବେଳେ ନିର୍ଦ୍ଦେଶକ ପ୍ରଫେସର ବ୍ରଜେନ୍ଦ୍ର ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ପ୍ରଫେସର ନୀରଦ ବରଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାଇକୋର୍ଟରେ ପୋଲିସ ଏସ୍‌ଆଇ ନିଯୁକ୍ତି ମାମଲା | ନିଯୁକ୍ତି ବୟସସୀମା ୩ ବର୍ଷ କୋହଳ

**କଟକ,୨୪।୭(କାର୍ତ୍ତିକ ସାହୁ)**

ରାଜ୍ୟ ସରକାରଙ୍କ ଅଧୀନ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବୟସ ସୀମା ୩ ବର୍ଷ କୋହଳ କରାଯାଇଛି। ହାଇକୋର୍ଟରେ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବୟସସୀମା କୋହଳ କରିବା ସଂକ୍ରାନ୍ତରେ ରୁଜୁ ଏକାଧିକ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କୁ ଏହା ଅବଗତ କରାଇଛନ୍ତି। ଯେଉଁ ଆବେଦନକାରୀମାନେ ବୟସସୀମା କୋହଳ କରିବାକୁ ଆବେଦନ କରିଛନ୍ତି ସେମାନଙ୍କ ପାଇଁ ଏହା ଲାଗୁ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ୨୦୧୮ଠାରୁ ପୋଲିସ୍ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଥିବାରୁ ବୟସସୀମା କୋହଳ କରିବାକୁ ଏକାଧିକ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ନିକଟରେ ରାଜ୍ୟ ସରକାର ଗତ ଜାନୁଆରୀ ୧୭ରେ ପୋଲିସ ଏସ୍‌ଆଇ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାପରେ ପୋଲିସ୍ ଏସ୍‌ଆଇ ପଦବୀ ନିମନ୍ତେ ବୟସସୀମା କୋହଳ କରିବାକୁ ଆବେଦନ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ, ୨୦୧୮ ପରଠାରୁ ପୋଲିସ ଏସ୍‌ଆଇ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏଣୁ ବୟସସୀମା କୋହଳ କରା ନ ଗଲେ ବହୁ ପ୍ରାର୍ଥୀ ଆବେଦନରୁ ବଞ୍ଚିତ ହେବେ। ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଥିଲେ।

# ମହିମା ଗୋସାଇଁ ଏକ୍ସପ୍ରେସ୍ ଲାଇନଚ୍ୟୁତ

ସମ୍ବଲପୁର,୨୪।୭ (ପ୍ରମୋଦ ବହିଦାର)

ସାଲିମାର-ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ ଗୁରୁବାର ସକାଳେ ସମ୍ବଲପୁର ସିଟି ଷ୍ଟେଶନ ନିକଟ ସର୍ଙ୍କମା ଅଣ୍ଡରପାସ୍ ନିକଟରେ ଲାଇନଚ୍ୟୁତ ହୋଇଥିଲା। ଶେଷରେ ଥିବା ଟ୍ରଲି ବା ପାର୍ସଲ ବଗିର ପୂର୍ବ ଅଣସଂରକ୍ଷିତ ବଗି ଲାଇନଚ୍ୟୁତ ହୋଇଥିଲେ ହେଁ ସିଟି ଷ୍ଟେଶନ ଛାଡ଼ିବା ପରେ ଟ୍ରେନ ଗତି ମନ୍ଥର ଥିବାରୁ ଯାତ୍ରୀମାନେ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ପରେ ସମ୍ବଲପୁର ରେଳ ଷ୍ଟେଶନର ଏମର୍ଜେନ୍ସି ଟ୍ରେନ୍ ଓ ମରାମତି ବଗି ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଦୁର୍ଘଟଣାଗ୍ରସ୍ତ ବଗି ଓ ରେଳ ଧାରଣାର ମରାମିତ କାର୍ଯ୍ୟ ଆରମ୍ଭ କରିଥିଲା। କିଛି ସମୟ ଭିତରେ ଦୁର୍ଘଟଣାଗ୍ରସ୍ତ ଶେଷ ୨ଟି ବଗିକୁ ଛାଡ଼ି ଯାତ୍ରୀମାନଙ୍କୁ ନେଇ ଅବଶିଷ୍ଟ ବଗି ସହ ଟ୍ରେନ ସମ୍ବଲପୁର ଜଙ୍କସନ ଷ୍ଟେଶନକୁ ଚାଲିଯାଇଥିଲା। ସେହିପରି ଟ୍ରେନ ଲାଇନଚ୍ୟୁତ ହୋଇଥିବାରୁ ଗୋଟିଏ ଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଅନ୍ୟ ଲାଇନରେ ସ୍ୱାଭାବିକ ଭାବେ ଚଳାଚଳ କରୁଥିଲା। ପୂର୍ବାହ୍ନ ପ୍ରାୟ ୧୨ଟା ୪୮ରେ ଦୁର୍ଘଟଣାଗ୍ରସ୍ତ ବଗି ରେଳ ଧାରଣାକୁ ଫେରିବା ପରେ ଅନ୍ୟ ଏକ ସ୍ୱତନ୍ତ୍ର ଇଞ୍ଜିନ୍ ଦ୍ୱାରା ଷ୍ଟେଶନକୁ ଫେରିଥିଲା। ଏହାପରେ ଏହି ସେକ୍ସନରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା ବୋଲି ରେଳବାଇ ଜନ ସମ୍ପର୍କ ଅଧିକାରୀ ତ୍ରିବିକ୍ରମ ସେଠ୍ ସୂଚନା ଦେଇଛନ୍ତି। ଅପରପକ୍ଷରେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ରେଳ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ସହ ବରିଷ୍ଠ ରେଳବାଇ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହିତ ମରାମତି କାର୍ଯ୍ୟର ତଦାରଖ କରିଥିଲେ।


ମହିମା ଗୋସାଇଁ ଏକ୍ସପ୍ରେସ୍‌ର ଲାଇନଚ୍ୟୁତ ବଗି।

# କର୍ପୋରେଟର ଅମରେଶଙ୍କ ନାଁରେ ବଳାତ୍କାର ମାମଲା

## ନ୍ୟାୟ ନ ପାଇଲେ ଆତ୍ମାହୁତି ଚେତାବନୀ ଦେଲେ ପୀଡ଼ିତା

ଭୁବନେଶ୍ୱର,୨୪।୭ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆସିଛି। ଅମରେଶ ଜଣେ ଯୁବତୀ(୧୯)ଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ପୋଲିସ ନିକଟରେ ଏତଲା ହୋଇଛି। ଏହାକୁ ଆଧାର କରି ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ପୋଲିସ ଅମରେଶଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୬୪(୨)(ଏମ୍), ୮୯, ୨୯୬, ୩୫୧(୨) ଓ ପୋକ୍ସୋ ଆକ୍ଟର ସେକ୍ସନ ୬ରେ ଏକ ମାମଲା (ନଂ.୩୯୪/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୀଡ଼ିତା ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହ ପ୍ରତାରଣା କରି ଅମାନୁଷିକ କାଣ୍ଡ ଘଟାଇଥିବା ଏତଲାରେ ଦର୍ଶାଇଛନ୍ତି। ଗୁରୁବାର ପୋଲିସ ଟିମ୍ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ମାଇନା କରାଇଛି। ଅପରପକ୍ଷରେ ଅମରେଶଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ହେଲେ ପୋଲିସ ଏ ନେଇ ମୁହଁ ଖୋଲିନାହିଁ।

ଅଭିଯୋଗ ଅନୁଯାୟୀ, ପୀଡ଼ିତା ପୁରୀ ନିମାପଡ଼ା ଅଞ୍ଚଳର ହୋଇଥିବାବେଳେ ସେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିଲେ। ୨୦୨୩ ଜୁନରେ ଏକ ରଜ ମହୋତ୍ସବ କାର୍ଯ୍ୟକ୍ରମରେ ସେ ଅମରେଶଙ୍କ ସହ ଦେଖାହେବା ପରେ ପରିଚୟ ହୋଇଥିଲା। ଏହାପରେ ଅମରେଶ ତାଙ୍କୁ ଏକ ମୋବାଇଲ ଫୋନ୍ ଦେଇଥିଲେ। ଏଥିରେ ଉଭୟ କଥାବାର୍ତ୍ତା ହୋଇଥିଲେ। ପରେ ଅମରେଶ ତାଙ୍କୁ ପ୍ରେମ କରୁଥିବା କହି ସବୁ ପ୍ରକାର ସହଯୋଗ କରିବା ସହ ବିବାହର ପ୍ରତିଶ୍ରୁତି ଦେଇଥିଲେ। ପୀଡ଼ିତା ତାଙ୍କ କଥାରେ ପ୍ରଲୋଭିତ ହୋଇ ସବୁ କଥା ମାନି ଯାଇଥିଲେ। ପ୍ରଥମେ ୨୦୨୩ ସେପ୍ଟେମ୍ବରରେ ପୁରୁଣ୍ଡିତ ଜଣେ ସାଙ୍ଗଙ୍କ ଘରେ ଅମରେଶ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେତେବେଳେ ପୀଡ଼ିତାଙ୍କ ବୟସ ୧୭ବର୍ଷ ହୋଇଥିଲା। ପରେ ବିଭିନ୍ନ ସ୍ଥାନକୁ ନେଇ ଅମରେଶ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେ ତାଙ୍କୁ ଡ୍ରେସ୍, ଜୋତା, ଟଙ୍କା ଆଦି ଉପହାର ଦେଉଥିଲେ। ଏପରି କି ବୈବାହିକ ଜୀବନରେ ସେ ଶାନ୍ତି ନ ଥିବା ପୀଡ଼ିତାଙ୍କୁ କହୁଥିଲେ। ୨୦୨୪ ଫେବୃଆରୀରେ ଅମରେଶଙ୍କ ଯୋଗୁ ପୀଡ଼ିତା ୨ମାସର ଗର୍ଭବତୀ ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ସ୍ତ୍ରୀଙ୍କ ସହ ଛାଡ଼ପତ୍ର ପରେ ତାଙ୍କୁ ବିବାହ କରିବେ ବୋଲି ଅମରେଶ ବୁଝାଇବା ସହ ଗର୍ଭପାତ କରାଇଥିଲେ। ପରେ ୨୦୨୫ ଏପ୍ରିଲରେ ସେ କାରରେ ପୁରୀ ରୋଡକୁ ପୀଡ଼ିତାଙ୍କୁ ବୁଲାଇ ନେଇଥିଲେ। ସେଠାରେ ଅମରେଶ ଯୁବତୀଙ୍କୁ ଧମକ ଦେଇ ମୋବାଇଲ ଛଡ଼ାଇନେଇ ବର୍ଷିଚିପି ହତ୍ୟା ଉଦ୍ୟମ କରିବା ସହ ନିଶୁକ ମାଡ଼ ମାରିଥିଲେ। ଏପରିକି ଭୁବନେଶ୍ୱର ଛାଡ଼ି ଚାଲିଯିବାକୁ ତାଙ୍କୁ ଧମକ ଦେଇଥିଲେ। ଉଭୟଙ୍କ ଭିତରେ ଘଟିଥିବା ଘଟଣାକୁ ପ୍ରଘଟ ନ କରିବାକୁ ଚେତାବନୀ ଦେଇଥିଲେ। ଉକ୍ତ ବିଚାରୁ ଅମରେଶ ତାଙ୍କୁ ନଜର ଅନ୍ଦାଜ କରି ଆସୁଛନ୍ତି। ଏଥିପାଇଁ ପୀଡ଼ିତା ଜଣକ ମାନସିକସ୍ତରରେ ଭାଙ୍ଗି ପଡ଼ିଥିବା ଏତଲାରେ ଦର୍ଶାଇଛନ୍ତି। ଏପରି କି ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବେ ବୋଲି ପୀଡ଼ିତା ଚେତାବନୀ ଦେଇଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ବୁଧବାର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏନେଇ ପ୍ରତିକ୍ରିୟା ପାଇଁ ଅମରେଶଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।


ଅମରେଶ ଜେନା

# ୧୩ ଆଇଏଏସ୍ ଅଧିକାରୀଙ୍କ ବଦଳି

## ବଦଳିଲେ ୯ ଉପଜିଲାପାଳ

### ରାଜେଶଙ୍କୁ ସମବାୟ, ବିଜୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଭୁବନେଶ୍ୱର,୨୪।୭ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଥିବାବେଳେ ଗୁରୁବାର ପୁଣି ୧୩ଜଣ ଆଇଏଏସ୍ ଅଫିସରଙ୍କ ମଧ୍ୟରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ତଥା ସମବାୟ ବିଭାଗ ସଚିବ, ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ, ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ରାଜେଶ ପ୍ରଭାକର ପାଟିଲଙ୍କୁ ସମବାୟ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ରାଜେଶଙ୍କୁ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ସହିତ ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି।

ସେହିପରି ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଲଘୁ ଶିଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ସେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ପୂର୍ବଭଳି ନିର୍ବାହ କରିବେ। ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ତଥା ହକି ପ୍ରମୋଶନ କାଉନ୍‌ସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଦୀପଙ୍କର ମହାପାତ୍ରଙ୍କୁ କେବଳ ହକି ପ୍ରମୋଶନ କାଉନ୍‌ସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ଼ ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଣୀତା ଦାଶଙ୍କୁ ବାଲିଗୁଡ଼ା ଉପଜିଲାପାଳ, କସ୍ତୁରୀ ପଣ୍ଡା କରଞ୍ଜିଆ-ପଞ୍ଚପୀଡ଼ ଉପଜିଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣପୁର ଉପଜିଲାପାଳ, ଅସରୀ ଏସ୍.ଏଲ୍.ଙ୍କୁ ନବରଙ୍ଗପୁର ଉପଜିଲାପାଳ, ସି. ଶରଭଣନଙ୍କୁ କୁଚିଣ୍ଡା ଉପଜିଲାପାଳ, ତେଜସ୍ୱିନୀ ବେହେରା ସୁନ୍ଦରଗଡ଼ ଉପଜିଲାପାଳ, ଶିବ ମାଲଭିୟା ଆନନ୍ଦପୁର ଉପଜିଲାପାଳ ଏବଂ ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଛି।

# ବନ ଅଧିକାରୀସ୍ତରରେ ବଡ଼ ଅଦଳବଦଳ

ଭୁବନେଶ୍ୱର,୨୪।୭ (ରବିନାରାୟଣ ଜେନା)

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗୁରୁବାର ଓଡ଼ିଶା ବନ ସେବା (ଓଏଫ୍‌ଏସ୍) ଅଧିକାରୀସ୍ତରରେ ବଡ଼ ଅଦଳବଦଳ କରାଯାଇଛି। ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କୁ ପିସିସିଏଫ୍ ହଫ୍ କାର୍ଯ୍ୟାଳୟର ଡେପୁଟି ସିଏଫ୍ ଏବଂ ଓଡ଼ିଶା ସ୍ୱତନ୍ତ୍ର ସଚିବ ବେଦାଙ୍ଗିନ ବେହେରାଙ୍କୁ ନୟାଗଡ଼ ଡିଏଫ୍‌ଓ ଭାବେ ବଦଳି କରାଯାଇଛି। ସେହିପରି କିରଣବାଳା ସାମନ୍ତରାୟଙ୍କୁ ନବରଙ୍ଗପୁର ଡିଏଫ୍‌ଓ(କେନ୍ଦୁପତ୍ର) ଭାବେ ବଦଳି କରାଯାଇଥିବାବେଳେ ରାଜେନ୍ଦ୍ର ଗୋଚ୍ଛାୟତଙ୍କୁ ବୌଦ୍ଧ(ଟି) ଡିଏଫ୍‌ଓ, ଦେବପ୍ରିୟ କାମ୍ପା ପିସିସିଏଫ୍ ହଫ୍ କାର୍ଯ୍ୟାଳୟର ଡେପୁଟି ସିଏଫ୍, ଘନଶ୍ୟାମ ମହାନ୍ତ ବାଲିଗୁଡ଼ା(ଟି) ଡିଏଫ୍‌ଓ, ବିଶ୍ୱରାଜ ପଣ୍ଡା ସିମିଲିପାଳ ଡିଭିଜନ ଡିଏଫ୍‌ଓ, ଫୁଲଗୁରୀ ସାରଥି ମଲ୍ଲିକ ପିସିସିଏଫ୍ (ବନ୍ୟପ୍ରାଣୀ)କାର୍ଯ୍ୟାଳୟର ଡେପୁଟି ସିଏଫ୍, ଆଲୀ ମାଧବୀ ଲତା ଡିଏଫ୍‌ଓ-ଖରିଆର(କେବଳ), ଗଦାଧର ପାତ୍ର ଡିଏଫ୍‌ଓ ସାତକୋଶିଆ(ବନ୍ୟପ୍ରାଣୀ), ସରୋଜ ପଣ୍ଡା ଡିଏଫ୍‌ଓ ବରଗଡ଼ (ବନ୍ୟପ୍ରାଣୀ), ସମୀର ସାହୁ ଡିଏଫ୍‌ଓ-ସୁନାବେଡ଼ା(ବନ୍ୟପ୍ରାଣୀ), ବିକ୍ରମ ଦେବ ପଟ୍ଟନାୟକ ଡିଏଫ୍‌ଓ ବାମରା(ବନ୍ୟପ୍ରାଣୀ), ତେଜରାଜ ନାୟକଙ୍କୁ କୁଚିଣ୍ଡା ଡିଏଫ୍‌ଓ ଭାବେ ବଦଳି କରାଯାଇଛି। ସେହିପରି ଦିବାକର ବେହେରାଙ୍କୁ ଯାଜପୁର ରୋଡ(ସି) ଓଏଫ୍‌ଡିସିର ଡିଏମ୍ ଭାବେ ନିଯୁକ୍ତ କରାଯାଇଥିବାବେଳେ ଆଶିଷ ବେହେରାଙ୍କୁ କି. ଉଦୟଗିରି ବନ, ତାଲିମ ବିଦ୍ୟାଳୟର ଡେପୁଟି ସିଏଫ୍ ବିନୋଦ ଆଚାର୍ଯ୍ୟଙ୍କୁ ଡିଏଫ୍‌ଓ ଚନ୍ଦକା(ବନ୍ୟପ୍ରାଣୀ) ସହିତ ଆର୍ଡିଆର୍‌ସି ବିଷୟ ଦେଖିବାକୁ କୁହାଯାଇଛି। ରଜନୀ କାନ୍ତ ରାଉତଙ୍କୁ ଡେପୁଟି ସିଏଫ୍-ପିଡି(ଡବ୍ଲ୍ୟୁଏଫ୍‌ପି) ସହିତ ଏସ୍‌ଏଫ୍‌ଡି(ଓଡିବି)କୁ ବଦଳି କରାଯାଇଥିବାବେଳେ ସୁଜାତା ରାୟ ପିସିସିଏଫ୍(କେଏଲ) କାର୍ଯ୍ୟାଳୟର ଡେପୁଟି ସିଏଫ୍, ଆମ୍ରପଲ୍ଲୀ ରାୟ ପିସିସିଏଫ୍ (କେଏଲ) କାର୍ଯ୍ୟାଳୟର ଡେପୁଟି ସିଏଫ୍, ଅମରେଶ ନାଥ ପ୍ରଧାନ ମହାନଦୀ ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ, ଶରତ କୁମାର ସାହୁ ପିସିସିଏଫ୍ (କେଏଲ)କାର୍ଯ୍ୟାଳୟର ଡେପୁଟି ସିଏଫ୍, ଏ. ଉମା ମହେଶ ଡିଏଫ୍‌ଓ ଜୟପୁର(ବନ୍ୟପ୍ରାଣୀ), ପ୍ରଶାନ୍ତ କୁମାର ପଣ୍ଡା କେନ୍ଦୁଝର (ବନ୍ୟପ୍ରାଣୀ) ଡିଏଫ୍‌ଓ, ଅଭୟ କୁମାର ଦଳାଇ ପିସିସିଏଫ୍ (ବନ୍ୟପ୍ରାଣୀ) କାର୍ଯ୍ୟାଳୟର ଡେପୁଟି ସିଏଫ୍, ତପନ ପରିଡ଼ା ସିଏଫ୍ ସହିତ ଡବ୍ଲ୍ୟୁପିଓ ବାଲେଶ୍ୱର, କନ୍ଦନ ସିଂ ଅନୁଗୋଳ ଆରସିସିଏଫ୍ କାର୍ଯ୍ୟାଳୟର ଡେପୁଟି ସିଏଫ୍, ବୈଦ୍ୟନାଥ ମାଝୀ କରଞ୍ଜିଆ(ଟି) ଡିଏଫ୍‌ଓ, ସୁବ୍ରତ କୁମାର ପାତ୍ର ରାଇରଙ୍ଗପୁର(ଟି)ର ଡିଏଫ୍‌ଓ, ଶିବପ୍ରସାଦ ରଥ ଭବାନୀପାଟଣା(କେବଳ) ଡିଏଫ୍‌ଓ, କ୍ଷୀରୋଦ ବେହେରା ରେଢ଼ାଖୋଲ(କେବଳ) ଡିଏଫ୍‌ଓ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ବାରିପଦା(ଟି) ଡିଏଫ୍‌ଓ, ପ୍ରଫୁଲ୍ଲ ମଲ୍ଲିକ ବାଲେଶ୍ୱର (ବନ୍ୟପ୍ରାଣୀ) ଡିଏଫ୍‌ଓ ଏବଂ ରୂପ ଚାନ୍ଦ ସୋରେନଙ୍କୁ ଟିଟିଲାଗଡ଼(କେବଳ) ଡିଏଫ୍‌ଓ ଭାବେ ବଦଳି କରାଯାଇଛି।

# ଘନୀଭୂତ ହେଉଛି ଲଘୁଚାପ

## ୨ଦିନ ବର୍ଷା ପାଇଁ ରେଡ୍ ୱାର୍ନିଂ

ଭୁବନେଶ୍ୱର,୨୪।୭ (ଅନୁରାଧା ମହାରଣା)

ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଥିବାବେଳେ ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି। ଶୁକ୍ରବାର ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରର ରୂପ ନେବାର ସମ୍ଭାବନା ରହିଛି। ପରେ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଏହା ଗତି କରିବା ସହ ଆସନ୍ତା ୪୮ଘଣ୍ଟା ମଧ୍ୟରେ ଉତ୍ତରଓଡ଼ିଶା- ପଶ୍ଚିମବଙ୍ଗ ଉପକୂଳରେ ପହଞ୍ଚି ଦେଇପାରେ। ଏହାର ପ୍ରଭାବରେ ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨ଦିନ ବିଭିନ୍ନ ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝରରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ରେଡ୍ ୱାର୍ନିଂ ରହିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, କଟକ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ଦେବଗଡ଼, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ, ନବରଙ୍ଗପୁର, ଅନୁଗୋଳ ଓ ପୁରୀ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ବଜ୍ରପାତପାଇଁ ଝାରସୁଗୁଡ଼ା, ବରଗଡ଼, ସୋନପୁର, ନୂଆପଡ଼ା, କଳାହାଣ୍ଡି, ସମ୍ବଲପୁର, କୋରାପୁଟ, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଆଦି ଜିଲାକୁ ସତର୍କ ସୂଚନା ଦିଆଯାଇଛି।

# ବଜ୍ରପାତରେ ମା, ପୁଅ ମୃତ

ଝାରସୁଗୁଡ଼ା,୨୪।୭ (ଆଶିଷ ରଞ୍ଜନ ଦାଶ)

ବଜ୍ରପାତରେ ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ା ସହରସ୍ଥିତ ଶ୍ରୀୟା ବଗିଚା ଅଞ୍ଚଳର ପୁନମ୍ ଦେବୀ (୩୫) ଓ ତାଙ୍କ ପୁଅ ଶିବରାଜ ସା (୧୨)। ଗୁରୁବାର ସନ୍ଧ୍ୟାରେ ପୁନମ୍, ତାଙ୍କ ସ୍ୱାମୀ ଓ ପୁଅ ଶିବରାଜ ଝାରସୁଗୁଡ଼ା ସହରରୁ ଘରକୁ ଫେରୁଥିବାବେଳେ ପ୍ରବଳ ବର୍ଷା ହେଉଥିଲା। ଶ୍ରୀୟା ବଗିଚାର ରେଳୱେ କ୍ରସିଂରେ ଅଟକି ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ପୁନମ୍ ଓ ଶିବରାଜ ଚଳି ପଡ଼ିଥିଲେ।

# ଗୋଟିଏ ବିଦ୍ୟାଳୟର ୨ ଛାତ୍ରୀ ଗର୍ଭବତୀ

ବାଲିଗୁଡ଼ା,୨୪।୭ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଗୁଡ଼ିକିଆବନ୍ଧର ଏକ ଆଶ୍ରମ ବିଦ୍ୟାଳୟର ୨ ଛାତ୍ରୀ ଗର୍ଭବତୀ ଥିବା ଜଣାପଡ଼ିଛି। ଏହାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ କୋଟଗଡ଼ ଥାନା ଏବଂ କେଇଗଡ଼ ଥାନାରେ ଏତଲା ଦେଇଛନ୍ତି। ଦୁଇ ଥାନା ପୋଲିସ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ବୁଧବାର ବିଦ୍ୟାଳୟରେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ବେଳେ ଛାତ୍ରୀଦ୍ୱୟ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଉଭୟଙ୍କୁ ଗୁରୁବାର ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପୁଣି ପରୀକ୍ଷା କରାଯିବାରୁ ପଜିଟିଭ ରିପୋର୍ଟ ଆସିଥିଲା। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମେ କେଇଗଡ଼ ଓ ପରେ କୋଟଗଡ଼ ଥାନାରେ ଏତଲା ଦେଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।




ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ



୰ ଭଗବାନ ରଥ
ଆବିର୍ଭାବ: ୨୦.୦୪.୧୯୩୩ ♦ ତିରୋଧାନ: ୧୭.୦୮.୨୦୨୩
ଶୋକାକୁଳ
ପୀଏ କମ୍ପ୍ୟୁନିକେସନ୍, ମହାକାଳୀ ଫିଲିଂ ଷ୍ଟେସନ୍, ସିଷ୍ଟୋନିକ୍ ଟେକ୍ନୋଲୋଜି ଆଣ୍ଡ ଆଲୁମିନିୟମ ଇଣ୍ଡର୍, ବନ୍ଧୁ ଓ ପରିବାର ବର୍ଗ







TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। **–ଶ୍ରୀଅରବିନ୍ଦ**



# ଖାଦ୍ୟାଭାବ ଓ ଦେଶାନ୍ତର



ହରମିଓ୍ୱାନ ଡାସେ

୨୦୨୫ ମସିହା ପ୍ରଥମାର୍ଦ୍ଧରେ ପାଖାପାଖି ୨୦,୦୦୦ ଲୋକ ଛୋଟ ଡଙ୍ଗାରେ ଇଂଲିଶ୍ ଚ୍ୟାନେଲ ପାର ହୋଇ ଇଂଲଣ୍ଡକୁ ଆସିଛନ୍ତି ଏବଂ ଗତବର୍ଷ ଏହି ଅବଧିରେ ଯେତିକି ଲୋକ ଆସିଥିଲେ, ତାହା ତୁଳନାରେ ୪୮% ବୃଦ୍ଧି ଘଟିଛି। ଏହାସହ ୨୦୨୪ ପ୍ରାରମ୍ଭରୁ ଏଯାବତ୍ ଲିବ୍ୟାରୁ ଗ୍ରୀସ୍‌କୁ ଦେଶାନ୍ତର ହୋଇଥିବା ଲୋକଙ୍କ ସଂଖ୍ୟା ୧୭୩% ବୃଦ୍ଧିପାଇଛି। ଦେଶାନ୍ତର ଗମନ ବନ୍ଦ କରିବା ପାଇଁ ପାଶ୍ଚାତ୍ୟ ନେତାମାନେ ସୀମାରେ ନିୟମ ଦୃଢ଼ କରିବା ସହ ସୀମାନ୍ତ ଦେଶଗୁଡ଼ିକ ସହ ଚୁକ୍ତି କରୁଛନ୍ତି। ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷ ଉର୍ସୁଲା ଭୋଣ୍ଡର ଲିୟେନ ଉପମହାଦେଶର ସବୁଆଡ଼େ ସୀମାକୁ ନିୟନ୍ତ୍ରଣ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଏହାସହ ଇଂଲଣ୍ଡ ପ୍ରଧାନମନ୍ତ୍ରୀ କେଏର ଷ୍ଟାର୍ମର ବେଆଇନ ସୀମାପାରକୁ ଉତ୍ସାହିତ କରୁଥିବା ଗୋଷ୍ଠୀଙ୍କ ସମ୍ପୂର୍ଣ୍ଣ ଦମନ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି।

୧୯୯୦ ପରଠାରୁ ଅନ୍ତର୍ଜାତୀୟ ସ୍ତରରେ ଦେଶାନ୍ତର ହେଉଥିବା ଲୋକଙ୍କ ସଂଖ୍ୟା ବଢ଼ି ପାଖାପାଖି ଦୁଇଗୁଣ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ବିପଦ ଯୋଗୁ ଏହି ସଂଖ୍ୟା ଦ୍ରୁତ ଗତିରେ ବଢ଼ୁଛି। ଏବକାର ଦେଶାନ୍ତର ଧାରା ନେତାଙ୍କ ପ୍ରତି ଏକ ସତର୍କଘଣ୍ଟି ଏବଂ ସେମାନେ ସ୍ୱୀକାର କରିବା ଉଚିତ ଯେ, ଏହା କେବଳ ଏକ ପ୍ରାରମ୍ଭିକ ଝଟକା। ପଦକ୍ଷେପ ସ୍ୱରୂପ, ଜଳବାୟୁଜନିତ ସଂଘର୍ଷ ଓ ବିପର୍ଯ୍ୟୟ ଦ୍ୱାରା ଦେଶାନ୍ତର ଲୋକଙ୍କ ସଂଖ୍ୟାବୃଦ୍ଧିକୁ ରୋକିବା ଲାଗି କୌଣସି ସ୍ୱଳ୍ପକାଳୀନ କଟକଣା ପର୍ଯ୍ୟାପ୍ତ ହେବ ନାହିଁ। ଏହା ବଦଳରେ ସରକାରଗୁଡ଼ିକ ଦେଶାନ୍ତରର ମୂଳ କାରଣ ଉପରେ ବିଚାର କରିବା ଉଚିତ। ସେହିସବୁ ମଧ୍ୟରେ ପ୍ରମୁଖ କାରଣ ହେଉଛି ଖାଦ୍ୟ ଅସୁରକ୍ଷା। ଜଳବାୟୁ ପରିବର୍ତ୍ତନ କୃଷି ଉତ୍ପାଦନକୁ ଭୀଷଣ କ୍ଷତି କରୁଥିବାରୁ ଖାଦ୍ୟ ଅସୁରକ୍ଷା ବୃଦ୍ଧି ପାଉଛି। ଆଫ୍ରିକାରେ ଏହି ସ୍ଥିତି ସବୁଠୁ ଗମ୍ଭୀର ଏବଂ ନିକଟରେ ଏହା ସବୁଠୁ ଉତ୍ତପ୍ତ ଦଶନ୍ଧିକୁ ସାମ୍ନା କରିଛି। ୨୦୨୩ରେ, ୪୦ ବର୍ଷ ମଧ୍ୟରେ କେନିଆ ଭୟଙ୍କର ମରୁଡ଼ି କବଳରେ ପଡ଼ିଥିଲା। ତା' ପରବର୍ଷ ଆଫ୍ରିକା ମହାଦେଶର ଦକ୍ଷିଣାଞ୍ଚଳ ଶତାବ୍ଦୀର ଭୟଙ୍କର ମରୁଡ଼ିକୁ ସାମ୍ନା କରିଥିଲା। ଏହା ଯୋଗୁ ଜାମ୍ବିଆ ଓ ଜିମ୍ବାୱେରେ ମକା ଉତ୍ପାଦନ ଅଧାରୁ ଅଧିକ ହ୍ରାସ ପାଇଥିଲା। ୨୦୨୪ରେ ଦକ୍ଷିଣ ସୁଦାନରେ ପ୍ରଳୟଙ୍କରୀ ବନ୍ୟାରେ ୩ କୋଟିରୁ ଅଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିଲା। ଲଗାତର ଏବଂ ଗମ୍ଭୀର ପରିବେଶଗତ ବିପଦ ଯୋଗୁ ଭବିଷ୍ୟତରେ ଅଧିକ ଅସ୍ଥିରତା ସୃଷ୍ଟି ହୋଇପାରେ ଏବଂ ଯାହାର ସଙ୍କେତ ଏବକାର ବିପର୍ଯ୍ୟୟରୁ ମିଳୁଛି। ଆକଳନ କରାଯାଉଛି ମହାଦେଶର ଜନସଂଖ୍ୟା ୨୦୭୦ ସୁଦ୍ଧା ଦୁଇଗୁଣ ହେବ। ଯଦି ବିପର୍ଯ୍ୟୟ ଧାରା ଲାଗି ରହେ, ତେବେ ୨୦୫୦ ସୁଦ୍ଧା ଆଫ୍ରିକାର ଶସ୍ୟ ଉତ୍ପାଦନ ୧୮% ହ୍ରାସ ପାଇପାରେ। ଏଭଳି ସ୍ଥିତିରେ କୃଷି ଉତ୍ପାଦନ ଶୀଘ୍ର ବୃଦ୍ଧି କରିବାର ଆବଶ୍ୟକତା ରହିଛି।



ଜଳବାୟୁ ପରିବର୍ତ୍ତନ ପ୍ରଭାବର ଦେଶାନ୍ତର ଲହରକୁ ଜାତୀୟ ସୀମାରେ କଡ଼ା ନିୟମ ଲାଗୁ କରି ରୋକି ହେବ ନାହିଁ। ଗ୍ରାମାଞ୍ଚଳରୁ ଅତ୍ୟଧିକ ଲୋକ ସହରାଞ୍ଚଳକୁ ସ୍ଥାନାନ୍ତର ହେବାରେ ଜଳବାୟୁଜନିତ ଖାଦ୍ୟାଭାବ ଏକ ପ୍ରମୁଖ କାରଣ ପାଲଟିଗଲାଣି। ଉତ୍ପାଦନ ହ୍ରାସ ପାଇବା ସହ ପାଣିପାଗର ନକାରାତ୍ମକ ପ୍ରଭାବ ଯୋଗୁ ଜୀବନଜୀବିକା କ୍ଷତି ହେଉଛି। ଫଳରେ ଅଧିକରୁ ଅଧିକ ଲୋକ ସୁରକ୍ଷା, ସ୍ଥାୟିତ୍ୱ ଏବଂ ଜୀବିକା ଅନ୍ୱେଷଣରେ ସେମାନଙ୍କ ଘର ଛାଡ଼ିବାକୁ ବାଧ୍ୟ ହେବେ। ସଂସାଧନ ଶେଷ କରିବାକୁ ଚାଲିଥିବା ପ୍ରତିଯୋଗିତା ରାଜନୈତିକ ଅସ୍ଥିରତା ଏବଂ ହିଂସାତ୍ମକ ସଂଘର୍ଷ ସୃଷ୍ଟି କରିବ, ଯାହା ଅଧିକରୁ ଅଧିକ ଲୋକଙ୍କୁ ଦେଶାନ୍ତର ହେବା ସକାଶେ ବାଧ୍ୟ କରିବ। ଏବେ ଖାଦ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡୁଥିବାରୁ ପଦକ୍ଷେପ ନେବା ଲାଗି ସରକାରଗୁଡ଼ିକ ଉପରେ ଚାପ ପଡ଼ିଲାଣି। ଆହ୍ୱାନପୂର୍ଣ୍ଣ ପରିସ୍ଥିତିରୁ ମୁକୁଳିବା ପାଇଁ ଅନ୍ତର୍ଜାତୀୟ ସହଯୋଗ ଏବଂ ଜଳବାୟୁ ସହନୀୟ କୃଷି ଲୋଡ଼ା ଏବଂ ଏସବୁ ବୈଶ୍ୱିକ ସ୍ଥାୟିତ୍ୱ ନିଶ୍ଚିତ କରିବାର ସବୁଠୁ ପ୍ରଭାବୀ ଉପାୟ। ପାଶ୍ଚାତ୍ୟ ନେତାମାନେ ସବୁଆଡ଼େ ଜଳବାୟୁ ସହନୀୟ କୃଷିକୁ ବ୍ୟାପକ କରିବା ନିମନ୍ତେ ପଦକ୍ଷେପ ନେବା ଦରକାର। ବିପର୍ଯ୍ୟୟ ପୂର୍ବରୁ ସତର୍କ କରିବାର ବ୍ୟବସ୍ଥା, ଅଧିକ ମରୁଡ଼ି ପ୍ରତିରୋଧୀ ଶସ୍ୟ ଚାଷ ଏବଂ ପରିବେଶ ଉପଯୋଗୀ କୃଷିକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ସବୁ ସମାଧାନର ଉପାୟ ବ୍ୟାପକ ଭାବେ ଉପଲବ୍ଧ କରାଇବା ପାଇଁ ବିତ୍ତୀୟ ଓ ପ୍ରଯୁକ୍ତିଗତ ବାଧାଗୁଡ଼ିକୁ ହଟାଇବାକୁ ପଡ଼ିବ; କାରଣ କୃଷକମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି, ଜ୍ଞାନ ଏବଂ ପୁଞ୍ଜିର ଘୋର ଅଭାବ ରହିଛି।

ନୀତିନିର୍ଦ୍ଧାରକ ଓ ଅନ୍ତର୍ଜାତୀୟ ବିତ୍ତୀୟ ସଂସ୍ଥାଗୁଡ଼ିକ ଏହିସବୁ ପଦକ୍ଷେପର ଅଗ୍ରଗତି ଉପରେ ଗୁରୁତ୍ୱ ଦେବା ଦରକାର। ଉଦାହରଣ ସ୍ୱରୂପ, ସାଟେଲାଇଟ୍ ଓ ପାଣିପାଗ ତଥ୍ୟ ସମସ୍ତଙ୍କ ପାଖରେ ପହଞ୍ଚାଇଲେ ପୂର୍ବ ସତର୍କ ବ୍ୟବସ୍ଥା ମଜଭୁତ ହେବ। ଏହା କୃଷି ଉତ୍ପାଦନର ସୁରକ୍ଷା ପାଇଁ କୃଷକ ଓ ସରକାରକୁ ଠିକ୍ ସମୟରେ ପ୍ରତିଷେଧାତ୍ମକ ପଦକ୍ଷେପ ନେବାକୁ ସକ୍ଷମ କରାଇବ। କିନ୍ତୁ ଏବେ ସୁଦ୍ଧା ଆଫ୍ରିକାର ପାଖାପାଖି ୬୦ ପ୍ରତିଶତ ଲୋକଙ୍କ ନିକଟରେ ଏହିସବୁ ବ୍ୟବସ୍ଥା ପହଞ୍ଚି ନାହିଁ। ଏହି ପ୍ରତିଶତକୁ କମାଇବାକୁ ହେଲେ ଅନ୍ତର୍ଜାତୀୟ ସମୁଦାୟ ପରିବେଶ ଉପଯୋଗୀ କୃଷି ଉପରେ ଗୁରୁତ୍ୱ ଦେଉଥିବା ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ଏବଂ ମଡେଲ ଫାର୍ମଗୁଡ଼ିକୁ ସହଯୋଗ କରିବା ଉଚିତ। କୃଷକଙ୍କୁ ଏ ସମ୍ପର୍କିତ ଜ୍ଞାନ ଯୋଗାଇଦେବା ଦରକାର।

ଦୀର୍ଘ ଦଶନ୍ଧି ହେଲା କୃଷି ଗବେଷଣା ଓ ବିକାଶ କ୍ଷେତ୍ରରେ ସରକାରୀ ପାଣ୍ଠି ହ୍ରାସ ପାଇଚାଲିଛି। ଜଳବାୟୁ ବିପଦ ତୀବ୍ର ହେଉଥିବାବେଳେ ଏହା ବୈଶ୍ୱିକ ନୂତନତ୍ୱ ପ୍ରବାହକୁ ଦୁର୍ବଳ କରିଦେଇଛି। ଏଣୁ ଏହି ସମୟରେ ପାଶ୍ଚାତ୍ୟ ସରକାରଗୁଡ଼ିକ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ ପାଣ୍ଠି ଯୋଗାଣ ଉପରେ ପଦକ୍ଷେପ ନେବା ଦରକାର। ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍‌ର ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି ଯେ, ଉଚ୍ଚ ଆୟ ବର୍ଗର ଦେଶଗୁଡ଼ିକରେ ଜଳବାୟୁ ସହନୀୟ ଶସ୍ୟ ଉପରେ ଗବେଷଣା ଚାଲିଥିବାବେଳେ ତାହା ବିକାଶଶୀଳ ଦେଶଗୁଡ଼ିକରେ ହୋଇପାରୁନାହିଁ, ଯେଉଁଠି ସେମାନେ ପାଣ୍ଠି ଓ ଗବେଷଣା ଲବ୍ଧ ଜ୍ଞାନରୁ ବଞ୍ଚିତ ହେଉଛନ୍ତି। ଏକ ଉଲ୍ଲେଖନୀୟ ସମାଧାନର ବାଟ ହେଉଛି ଏକ ବିକଶିତ ମାର୍କେଟର ପ୍ରତିବଦ୍ଧତା। ଏହି ବ୍ୟବସ୍ଥାରେ ସବୁ ସରକାର ଏବଂ ବିଶ୍ୱ ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ନିର୍ଦ୍ଦିଷ୍ଟ ଉତ୍ପାଦ ପାଇଁ ଏକ ମାର୍କେଟ ସୃଷ୍ଟି କରିବାକୁ ସକ୍ଷମ ହେବେ। ଉତ୍ପାଦ କିଣିବା ଓ ସବ୍‌ସିଡିର ପ୍ରତିଶ୍ରୁତି ଦେଇ ଏହା କରାଯାଇପାରିବ। ଜଳବାୟୁ ସହନୀୟ ଶସ୍ୟ ପାଇଁ ଏହି ମଡେଲ ଲାଗୁ କଲେ ତାହା ଉତ୍ପାଦନ ବୃଦ୍ଧି ପାଇଁ ନିବେଶର ପଥ ଖୋଲି ଦେଇପାରେ ଏବଂ ଆଫ୍ରିକା ଓ ଅନ୍ୟ ଦେଶଗୁଡ଼ିକରେ କୃଷକଙ୍କ ପାଇଁ ଲାଭଦାୟକ ହେବ। ଜନସଂଖ୍ୟା ବୃଦ୍ଧି ଯୋଗୁ ଅଧିକ କୃଷି ଜମିର ଆବଶ୍ୟକତା ପଡୁଛି। ନୂତନତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ନ ରହିଲେ ଏବକାର ଖାଦ୍ୟ ବ୍ୟବସ୍ଥା ଭବିଷ୍ୟତର ଆବଶ୍ୟକତା ପୂରଣ କରିପାରିବ ନାହିଁ। ଏଣୁ ପର ପିଢ଼ିର ପ୍ରଯୁକ୍ତିକୁ ଗ୍ରହଣ କରି ତ୍ୱରିତ ସ୍ୱୀକୃତି ଦେବା ସକାଶେ ନିୟାମକ ଢାଞ୍ଚାଗୁଡ଼ିକ ଅଧିକ ସକ୍ରିୟ କରାଯିବା ଦରକାର।

ଜଳବାୟୁ ପରିବର୍ତ୍ତନ ଯୋଗୁ କୃଷି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଦୂର କରି ପୁନର୍ବାର ଉତ୍ପାଦନ ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବା କେବଳ ଏକ ବିକାଶର ବିଷୟ ନୁହେଁ, ବରଂ ଜଳବାୟୁଜନିତ ବିପର୍ଯ୍ୟୟ ବୃଦ୍ଧି ପାଉଥିବା ସମୟରେ ଏହା ଏକ ଭୂରାଜନୈତିକ ଆବଶ୍ୟକତା। ପ୍ରବାସନ ଓ ଶରଣାର୍ଥୀ ବଢୁଥିବା ପରିପ୍ରେକ୍ଷୀରେ ଦେଶାନ୍ତରର ମୂଳ କାରଣକୁ, ଅସ୍ଥିରତା ଓ ଖାଦ୍ୟ ଅସୁରକ୍ଷାକୁ ନିୟନ୍ତ୍ରଣ କରିବା ପାଇଁ ସୀମାଗୁଡ଼ିକୁ ମଜଭୁତ କରିବା ଏକ ବ୍ୟୟବହୁଳ ଏବଂ ଅପ୍ରଭାବୀ ପଦକ୍ଷେପ ହେବ। ଏକ ମୌଳିକ ତଥା ଭିନ୍ନ ପଦକ୍ଷେପ ବିନା ଏବେ ବଢୁଥିବା ଦେଶାନ୍ତର ସଙ୍କଟ ପୂର୍ବ ଭଳି ଲାଗି ରହିବ, ଯାହାକୁ କୌଣସି ସରକାର ରୋକିପାରିବେ ନାହିଁ।

**ନୀତି ପରାମର୍ଶଦାତା, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ଚେଞ୍ଜ୍**

## ମାନବ-ମାନବିକତା



ଚିତ୍ତରଞ୍ଜନ ବେହେରା

ମଣିଷ ଏବେ ଆଧୁନିକ ସଭ୍ୟତାରେ ପଦାର୍ପଣ କରିଛି। ସମୟ ସହିତ ସମାଜର ସଂସ୍କୃତି ଏବଂ ପରମ୍ପରାରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି। ମଣିଷ ଆଧୁନିକତାର ସ୍ପର୍ଶରେ ବହୁ ଆନନ୍ଦ ଲାଭ କରୁଥିବାର ମଧ୍ୟ ଦେଖାଯାଉଛି। ହେଲେ ଏମିତି ପରିବର୍ତ୍ତନ ଆସୁ ଆସୁ ଏ ଶିକ୍ଷିତ ସମାଜରେ ଅନେକ ଅସାମାଜିକ କାର୍ଯ୍ୟ ଦୃଷ୍ଟିଗୋଚର ହେଉଛି।

ବହୁ ବର୍ଷ ପୂର୍ବରୁ ମଣିଷ ନିଜ ଇଚ୍ଛାରେ ଖାଇବା, ବଞ୍ଚିବା ଓ କାମ କରିବା ପାଇଁ ନିଷ୍ପତ୍ତି ନେଉଥିଲା। ଏମିତି ବଞ୍ଚିବାର କିଛିଦିନ ପରେ ମଣିଷ ଏକ ସ୍ୱତନ୍ତ୍ର ନିୟମରେ ବନ୍ଧା ହେଲା ଓ ଜୀବନ ଶୈଳୀ ପାଇଁ ନିର୍ଦ୍ଦିଷ୍ଟ ନିୟମ ରଖିଲା। ଖାଇବା, ସ୍ନାନ କରିବା ଭଳି ଦୈନନ୍ଦିନ କାର୍ଯ୍ୟକ୍ରମକୁ ଏକ ସ୍ୱତନ୍ତ୍ର ନିୟମ ଦ୍ୱାରା ପରିଚାଳିତ କରାଗଲା। ଧୀରେ ଧୀରେ ସଭ୍ୟ ସମାଜରେ ପରିବର୍ତ୍ତନ ଆସିଲା। ସାମାଜିକ ଚଳଣି ବଦଳି ଗଲା। ମଣିଷ ଲାଜ କରିବା, ଅନ୍ୟକୁ ସମ୍ମାନ ଦେବା, ସଂଯମରେ ରହିବା ଭଳି ସଂସ୍କାର ଗ୍ରହଣ କଲା।

ଆଜିକାଲି ଦେଖୁଥିବେ ଶିକ୍ଷା ପାଇଁ ବିଦ୍ୟାଳୟ ସ୍ଥାପନ ହେବା, ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟ ବୃଦ୍ଧି ପାଇ ସାରିଲାଣି। ମଣିଷ ମଧ୍ୟ ପୂର୍ବ ଅପେକ୍ଷା ଶିକ୍ଷିତ ହେଲେଣି। ବର୍ତ୍ତମାନ ବିଭିନ୍ନ ଧର୍ମଗୁରୁଙ୍କ ଦ୍ୱାରା ବିଭିନ୍ନ ଧର୍ମର ସ୍ଥାପନ ହୋଇସାରିଲାଣି। ପୂର୍ବରୁ କେତେ ଜଣ ଧର୍ମଗୁରୁ ଥିଲେ କିନ୍ତୁ ସୋସିଆଲ ମିଡିଆ ନ ଥିଲା ବିଭିନ୍ନ ଧର୍ମବାଣୀ ତଥା ତଥ୍ୟ ପ୍ରଚାର କରିବା ପାଇଁ। ମଣିଷ ସମାଜରେ ବଞ୍ଚିବା ଶୈଳୀ ଆଜିଭଳିଆ ନ ଥିଲା। ଆଜିକାଲି ଆମ ସମାଜର ସମସ୍ତ ଲୋକ ବିଭିନ୍ନ ଧର୍ମରେ ଦୀକ୍ଷିତ ହୋଇ ଧର୍ମଗ୍ରନ୍ଥ ପଢ଼ି, ବହୁ ବଡ଼ ଶିକ୍ଷା ଅନୁଷ୍ଠାନରେ ଅଧ୍ୟୟନ କରିଛନ୍ତି। ତଥାପି ମଧ୍ୟ ଭାଇ ଭାଇ ମଧ୍ୟରେ ସମ୍ପତ୍ତି ପାଇଁ ଝଗଡ଼ା, ସାହି ପଡ଼ିଶାରେ ଝଗଡ଼ା, ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା, ପରିବାରରେ ଅଶାନ୍ତି ଭଳି ଅନେକ ଅସାମାଜିକ ସମସ୍ୟା ଦେଖାଯାଉଛି। ବୃଦ୍ଧାଶ୍ରମ ଅଧିକରୁ ଅଧିକ ବୃଦ୍ଧି ପାଉଛି। ସତରେ ଯଦି ଆମେ ଶିକ୍ଷିତ, ଧାର୍ମିକ, ସଂସ୍କାରିତ ଓ ନିଜ ଧର୍ମବାଣୀ ଦ୍ୱାରା ଆମେ ପରିଚାଳିତ ଓ ଶିକ୍ଷାଗୁରୁ, ଦୀକ୍ଷାଗୁରୁଙ୍କ ଅନୁସରଣକାରୀ, ତା'ହେଲେ ନିଜ ପାଖରେ ନିଜ ନିଜ ଘରେ ବାପା ମା'ଙ୍କୁ କାହିଁକି ରଖି ପାରୁନାହୁଁ। ଯଦି ବି ନାରୀ ସମ୍ମାନ କଥା କହୁଛୁ ତଥାପି ନାରୀଙ୍କୁ ସମ୍ମାନ ଦେଉ ନାହିଁ।। ଏଇଟା କ'ଣ ଶିକ୍ଷିତ, ସଂସ୍କାରିତ ଓ ଧାର୍ମିକ ଚିନ୍ତା କି ? ଆମେ ସଭ୍ୟ ସମାଜର ମଣିଷ। ଧର୍ମ ଅଧର୍ମ, ପାପ ପୁଣ୍ୟ କଥା କହି ପରଧନ ଲୁଟି ଖାଇବା, ସୁଯୋଗ ପାଇଲେ ଫାଇଦା ଉଠେଇବା, ନିଜର ଲାଭ ପାଇଁ ଅନ୍ୟର କ୍ଷତି କରିବା ଏଇଟା କ'ଣ ଆମର ଶିକ୍ଷା, ଧର୍ମବାଣୀ ନା ଆମ ଧର୍ମଗ୍ରନ୍ଥରେ ଲେଖାହୋଇଛି। ଭାବିଲେ ମନରେ ପ୍ରଶ୍ନ ଆସେ। ଭାରତର କୌଣସି ଧର୍ମଗ୍ରନ୍ଥରେ ବି ଏମିତି ଅସାମାଜିକ ବାର୍ତ୍ତା ଲେଖା ଯାଇନାହିଁ କି କୌଣସି ଧର୍ମ ଗୁରୁ ଓ ମହାପୁରୁଷମାନେ ମଧ୍ୟ ଅସାମାଜିକ କାର୍ଯ୍ୟ କରିବା ପାଇଁ ବାଣୀ ପ୍ରଦାନ କରିନାହାନ୍ତି। ସବୁବେଳେ ସତ୍ୟ, ଶାନ୍ତି, ଦୟା, କ୍ଷମା, ପ୍ରେମ, କରୁଣାକୁ ଆଧାର କରି ଧର୍ମଗ୍ରନ୍ଥରେ ଧର୍ମବାଣୀ ଲିଖିତ ଓ ଧର୍ମ ଗୁରୁମାନଙ୍କ ଦ୍ୱାରା ପ୍ରଚାରିତ। କିନ୍ତୁ ମଣିଷର କାର୍ଯ୍ୟକ୍ରମ ଠିକ୍ ଓଲଟା। ଆମେ ଯଦି ସତରେ ଶିକ୍ଷିତ, ସଂସ୍କାରିତ ଓ ଧର୍ମପରାୟଣ ବ୍ୟକ୍ତି ଏମିତି ଅସାମାଜିକ କାର୍ଯ୍ୟ କାହିଁକି ? ଆମ ମନରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ପ୍ରେମ କରୁଣା କାହିଁକି ଉଙ୍କିମାରୁ ନାହିଁ। ଆମେ କ'ଣ ? ସମସ୍ତେ ନିଜକୁ ନିଜେ ପ୍ରଶ୍ନ କରିବା ଉଚିତ। ସମାଜରେ କାହା ପେଟକୁ ଦାନା ମୁଠେ ନ ଦେଇ ପେଟକୁ ଲାତ ମାରନ୍ତି , କାହାକୁ କେବେ ଖାଇଛୁ , କେମିତି ଅଛୁ ନ ପଚାରି ତା' ବିରୋଧରେ ତା' ପଛରେ ତା' ବିଷୟରେ ଆଲୋଚନା କରନ୍ତି। ଗରିବକୁ ହୀନ ଦୃଷ୍ଟିରେ ଦେଖନ୍ତି, ଧନୀ ହୋଇଗଲେ ବେଶି ଧନ ଗର୍ବ କରୁଛି ବୋଲି କୁହନ୍ତି। ଯଦି କିଏ କିଛି କରୁ ନାହିଁ ଅକର୍ମା ବୋଲି ତାଚ୍ଛଲ୍ୟ କରନ୍ତି ଓ କିଛି କରିବା ପାଇଁ ଚେଷ୍ଟା କଲେ ପଛରୁ ଗୋଡ଼ଟାଣନ୍ତି ବା ପଛରେ ରହି କ୍ଷତି କରନ୍ତି। ଏମିତି କାହିଁକି ? ଏଇଟା କ'ଣ ଆମ ଭିତରେ ଥିବା ମାନବିକତା ? ଏଇଟା କ'ଣ ସଭ୍ୟ ଓ ଶିକ୍ଷିତ ସମାଜର ଚିନ୍ତା।

ଭାରତ ଏକ ଧର୍ମନିରପେକ୍ଷ ଦେଶ। ଏହି କାରଣରୁ ମଣିଷ ଯେଉଁ ଧର୍ମରେ ରହିଲେ କି ଯେଉଁ ଧର୍ମର ଠାକୁରଙ୍କୁ ପୂଜା ବା ଭକ୍ତି କଲେ, ନିଜ ଧର୍ମରବାଣୀ ପ୍ରଚାର କଲେ କାହାର କିଛି ଅସୁବିଧା ନାହିଁ। ଜଣେ ଭାରତୀୟ ନାଗରିକ ହିସାବରେ ସେ ନିଜ ଇଚ୍ଛାରେ ଧର୍ମଗ୍ରହଣ ଓ ଧର୍ମ ପ୍ରଚାର କରିପାରିବ, କିନ୍ତୁ ଧର୍ମକୁ ନେଇ ଦେଶରେ ବିବାଦ ଧେଖାଯାଉଛି। ସମସ୍ତଙ୍କ ଭିତରେ ପ୍ରଥମେ ମଣିଷ ହିସାବରେ ମାନବିକତା ରହିବା ନିତାନ୍ତ ଆବଶ୍ୟକ। ମାନବିକତା ହିଁ ମାନବର ଶ୍ରେଷ୍ଠ ଧର୍ମ।

**ବୌଦ୍ଧ, ମୋ: ୯୪୩୮୭୧୦୩୮୭**

## ଏଇ ଭାରତରେ

କାଗଜ ଉତ୍ପାଦନ ପାଇଁ ଗଛ କାଟି ପରିବେଶକୁ ନଷ୍ଟ କରାଯାଉଛି। ଏଣୁ ଗଛ କଟା ହ୍ରାସ କରିବାକୁ କାଗଜ ତିଆରିର ନୂଆ ପଦ୍ଧତି ଆପଣାଇଛନ୍ତି ତାମିଲନାଡୁର ସୁସ୍ମିତା କ୍ରିଷ୍ଣନ। ୨୫ ବର୍ଷୀୟା ସୁସ୍ମିତା ପାଣିରେ ବଢୁଥିବା କଲିକତି ଦଳରୁ କାଗଜ ତିଆରି କରୁଛନ୍ତି। ଏଥିପାଇଁ ୧୫୦-ମହିଳାଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇଛନ୍ତି। ସୁସ୍ମିତା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସରୁ ଶିକ୍ଷା ଲାଭ କରି ଜର୍ମାନୀର ହମବର୍ଗ ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଥିବା ସମୟରେ କଲିକତି ଦଳରୁ କାଗଜ ତିଆରି କରିବାର ସିଦ୍ଧାନ୍ତରେ ପହଞ୍ଚିଥିଲେ। ସେଠାରୁ ଭାରତ ଫେରିବା ପରେ ସେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। କଲିକତି ଦଳ ପାଣିକୁ ପରିଷ୍କାର କରିବାର କ୍ଷମତା ଥିବାବେଳେ ଏହା ଦ୍ରୁତ ଗତିରେ ବଢି ପାଣିକୁ ଆଚ୍ଛାଦିତ କରିଦିଏ। ଫଳରେ ପାଣିରେ ସୂର୍ଯ୍ୟାଲୋକ ପଡ଼ିପାରେ ନାହିଁ ଓ ଅମ୍ଳଜାନ ସ୍ତର କମିଯାଏ। ଫଳରେ ଜଳ ଜୀବଙ୍କ ମୃତ୍ୟୁ ଘଟେ। ତେବେ ଏହି ସମସ୍ୟାକୁ ଉପଲବ୍ଧି କରି ସୁସ୍ମିତା ଗବେଷଣା କରି କାଗଜ ତିଆରି ସୂତ୍ର ପାଇପାରିଥିଲେ। ୧କେଜି ଦଳରୁ ୩୦ଟି ଏ୪ ସାଇଜ କାଗଜ ତିଆରି ହୋଇପାରୁଛି। ଦଳରୁ ପ୍ରଥମେ ରସ ପ୍ରସ୍ତୁତ କରାଯାଇ ପରେ ସେଥିରୁ କାଗଜ ତିଆରି ହେଉଛି। ସୁସ୍ମିତା ତାମିଲନାଡୁର ତ୍ରିଚି ଅଞ୍ଚଳରୁ ଏହି ଦଳ ସଂଗ୍ରହ କରୁଛନ୍ତି। ଏପରିକି ଅନେକ ଜଳାଶୟରେ ଏହି ଦଳ ବଢ଼ାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ଜୁଲାଇ ୧୯୭୬**

- ନିଖିଳ ଭାରତ କଂଗ୍ରେସ କମିଟିର ସଭାପତି ଦେବକାନ୍ତ ବରୁଆ ଓଡ଼ିଶା କଂଗ୍ରେସ ବିଧାୟକ ଦଳରେ ମିଶିବା ପାଇଁ ୬ ଜଣ ସ୍ୱାଧୀନ ସଦସ୍ୟଙ୍କୁ ଅନୁମତି ଦେଇଛନ୍ତି।
- ମୌଳିକ ବିଜ୍ଞାନ କ୍ଷେତ୍ରରେ ପାରସ୍ପରିକ ସହଯୋଗିତାକୁ ଦ୍ୱିଗୁଣିତ କରିବା ନିମନ୍ତେ ଭାରତ ଓ ସୋଭିଏଟ୍ ରୁଷିଆ ମଧ୍ୟରେ ଏକ ରାଜିନାମା ସଂକ୍ରାନ୍ତ ପ୍ରୋଟୋକଲ ସ୍ୱାକ୍ଷରିତ।
- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳରେ ବସବାସ କରୁଥିବା ତାମିଲ ସଂଖ୍ୟାଲଘୁ ଲୋକଙ୍କ ସୁବିଧା ପାଇଁ ତାମିଲ ଭାଷାରେ ସରକାରୀ ଚେକ୍ ଲାଗୁ କରିବା ନିମନ୍ତେ ନିଷ୍ପତ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | 1 | | | | |
| | 3 | | 5 | | 9 | | | |
| | | | | | 3 | | | |
| 3 | | | 1 | 7 | | | | |
| | | | | 8 | 4 | | | 6 |
| 1 | | 2 | | | | | | 5 |
| | | 8 | | | | | | |
| | 7 | | | 9 | | | 1 | |
| 5 | 9 | 3 | 7 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 6 | 5 | 8 | 2 | 3 | 7 | 1 |
| 2 | 1 | 5 | 9 | 7 | 3 | 4 | 6 | 8 |
| 7 | 8 | 3 | 1 | 6 | 4 | 2 | 9 | 5 |
| 1 | 5 | 4 | 6 | 9 | 7 | 8 | 3 | 2 |
| 8 | 7 | 2 | 3 | 4 | 1 | 9 | 5 | 6 |
| 3 | 6 | 9 | 8 | 2 | 5 | 7 | 1 | 4 |
| 9 | 3 | 8 | 4 | 5 | 6 | 1 | 2 | 7 |
| 5 | 2 | 1 | 7 | 3 | 8 | 6 | 4 | 9 |
| 6 | 4 | 7 | 2 | 1 | 9 | 5 | 8 | 3 |

ଗତକାଲିର ଉତ୍ତର

# ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଅସ୍ମିତା



ଡ.ପ୍ରମୋଦ କୁମାର ପଣ୍ଡା

ଆଜିକାଲି ଓଡ଼ିଶାରେ ଅନେକ ଲୋକ ଅସ୍ମିତା କଥା କହୁଛନ୍ତି। ଏହି ଅସ୍ମିତାରେ ଓଡ଼ିଆ ଶବ୍ଦ ଯୋଡ଼ି ଓଡ଼ିଆଙ୍କ ପ୍ରିୟଭାଜନ ହେବା ପାଇଁ ପ୍ରୟାସ କରୁଛନ୍ତି। କିଏ କିଏ ଭାବନ୍ତି ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଓଡ଼ିଆଙ୍କୁ ନିଯୁକ୍ତି ଦେଇଦେଲେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇଯାଏ। ଆଉ କିଏ ଭାବନ୍ତି ସରକାରୀ ଚିଠି ବା ଫାଇଲ ଟିପ୍ପଣୀ ଓଡ଼ିଆ ଭାଷାରେ ଲେଖିଦେଲେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୁଏ। ଆଉ କିଛି ବିଦ୍ୱାନ୍ ଭାବନ୍ତି ଓଡ଼ିଆ ଭାଷାରେ କେବଳ ଶିକ୍ଷାଦାନ କଲେ (ବୈଷୟିକ ବିଷୟ ସହିତ ଅନ୍ୟାନ୍ୟ ବିଷୟରେ) ଓଡ଼ିଆ ଅସ୍ମିତା ବୃଦ୍ଧି ହୁଏ। ଏହିପରି ବିଭିନ୍ନ ଲୋକ ନିଜ ନିଜ ଢଙ୍ଗରେ ଅସ୍ମିତାକୁ ଦର୍ଶାଇବାରେ ଲାଗିଛନ୍ତି। ମୋ ମତରେ ଅସ୍ମିତାର ପ୍ରକୃତ ଅର୍ଥ ହେଉଛି, ଯାହା ସବୁ ଆମ ପାଖରେ ଅଛି ଓ ଅନ୍ୟମାନଙ୍କଠୁ ସ୍ୱତନ୍ତ୍ର। ଅନ୍ୟ ଅର୍ଥରେ କହିଲେ, ଯାହା ଦ୍ୱାରା ଆମେ ଅନ୍ୟମାନ ସାମ୍ନାରେ ସ୍ୱତନ୍ତ୍ର ବୋଲି ବୁଝାପଡ଼ନ୍ତି। ଅର୍ଥାତ୍ ସେଇସବୁ ସ୍ୱତନ୍ତ୍ରତା ପାଇଁ ଆମେ ଅନ୍ୟଠୁ ବାରିହୋଇ ପଡ଼ନ୍ତି ଓ ଯାହା ପାଇଁ ଆମକୁ ଅନ୍ୟମାନେ ସମ୍ମାନ ପ୍ରଦର୍ଶନ କରନ୍ତି ;ଅନ୍ୟମାନଙ୍କ ପାଖରେ ଆମର ଆତ୍ମସମ୍ମାନ କିମ୍ବା ସ୍ୱାଭିମାନ ବୃଦ୍ଧି ହୁଏ। ଏହି ଓଡ଼ିଆ ଅସ୍ମିତା ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶିତ ହୋଇପାରେ ; ଯଥା ଭାଷା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ, କଳା, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ଶିକ୍ଷା, ଅର୍ଥନୀତି ଇତ୍ୟାଦି ଇତ୍ୟାଦି। ଆସନ୍ତୁ ଜାଣିବା ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ କେଉଁ କେଉଁ ପଦକ୍ଷେପ ନେବା ଆବଶ୍ୟକ।

ପ୍ରଥମରେ ଓଡ଼ିଶାର ଇତିହାସକୁ ଭାରତବାସୀଙ୍କୁ ଜଣାଇବା: ଭାରତ ଇତିହାସରେ ଓଡ଼ିଶାର ଇତିହାସ କଥା କହିବାର ଅର୍ଥ ହେଉଛି ଅଧା ପୃଷ୍ଠା କଳିଙ୍ଗ ଯୁଦ୍ଧ। ନା ସେଥିରେ ମହାମେଘବାହନ ଐର ଖାରବେଳଙ୍କ ବିଶାଳ ସାମ୍ରାଜ୍ୟର କଥା ଅଛି ନା ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟର କଥା ଅଛି ନା ଓଡ଼ିଆ ପୁଅ କୌଣ୍ଡିନ୍ୟର କାମ୍ବୋଡିଆରେ ସାମ୍ରାଜ୍ୟ ପ୍ରତିଷ୍ଠା କଥା ଅଛି ନା ଭାରତର ପ୍ରଥମ ମୁକ୍ତି ସଗ୍ରାମ ପାଇକ ବିଦ୍ରୋହ ଗାଥା ଅଛି ନା ଦ୍ୱିତୀୟ ବୁଦ୍ଧ ରୂପେ ପରିଚିତ ଓଡ଼ିଆ ପୁଅ ପଦ୍ମସମ୍ଭବଙ୍କ କଥା ଅଛି ନା ଦେଶର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ କଥା ଅଛି ନା ଦେଶର ମୁକ୍ତି ସଂଗ୍ରାମର ଦୀର୍ଘତମ ବନ୍ଦୀ ବୀର ସୁରେନ୍ଦ୍ର ସାଏଙ୍କ କଥା ଅଛି ନା ଶ୍ରୀଜଗନ୍ନାଥଙ୍କ ମନ୍ଦିର ଉପରେ ୨୨ ଥର ହୋଇଥିବା ଆକ୍ରମଣର ଇତିହାସ ଅଛି ? ଅଣଓଡ଼ିଆ କ'ଣ ପାଇଁ ଓଡ଼ିଆଙ୍କୁ ଏତେ ସମ୍ମାନ ପ୍ରଦର୍ଶନ କରିବେ ?

ଦ୍ୱିତୀୟରେ ଓଡ଼ିଶାର ମହାପୁରୁଷଙ୍କ ବିଷୟରେ ଭାରତବାସୀଙ୍କୁ ପଢ଼ାଇବା: ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ସ୍ୱଭାବ କବି ଗଙ୍ଗାଧର ମେହେର, ଗୀତ ଗୋବିନ୍ଦର ରଚୟିତା ଜୟଦେବ, ସନ୍ଥକବି ଭୀମ ଭୋଇ, ରାମାନନ୍ଦ ରାୟ, ଜଗନ୍ନାଥ ଦାସ, ବଳରାମ ଦାସ ଏବଂ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ଭଳି ସଂଗ୍ରାମୀଙ୍କୁ ମଧ୍ୟ ଏ ଜାତି କୋଳରେ ଧରିଥିଲା। ପରିତାପର ବିଷୟ, ଆଜି ପର୍ଯ୍ୟନ୍ତ ସର୍ବଭାରତୀୟ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଜଣଙ୍କୁ ସ୍ଥାନ ନ ମିଳିବା ଓଡ଼ିଆ ଅସ୍ମିତାକୁ ଅନେକାଂଶରେ କ୍ଷୁଣ୍ଣ କରିଛି।



ତୃତୀୟରେ ରାଷ୍ଟ୍ରୀୟ ସ୍ତରରେ ସାମରିକ ପରିଚୟ ବୃଦ୍ଧି: ଓଡ଼ିଶାର ପାଇକଙ୍କ ରଣକୌଶଳ ପ୍ରାଚୀନ କାଳରୁ ଅତ୍ୟନ୍ତ ସମୃଦ୍ଧ ଥିଲା। ସ୍ୱାଧୀନ ଭାରତରେ ବିଭିନ୍ନ ରାଜ୍ୟ ବା ଜାତିକୁ ନେଇ ଏକାଧିକ ରେଜିମେଣ୍ଟ ଗଠିତ ହୋଇଥିବା ବେଳେ (ଶିଖ୍ ରେଜିମେଣ୍ଟ, ପଞ୍ଜାବ ରେଜିମେଣ୍ଟ, ମାଡ୍ରାସ ରେଜିମେଣ୍ଟ, ବେଙ୍ଗଲ ରେଜିମେଣ୍ଟ, ମରାଠା ରେଜିମେଣ୍ଟ, ରାଜପୁତନା ରାଇଫଲ, ଗୋର୍ଖା ରେଜିମେଣ୍ଟ, ବିହାର ରେଜିମେଣ୍ଟ ଇତ୍ୟାଦି ଇତ୍ୟାଦି) ଓଡ଼ିଶାର ବା କଳିଙ୍ଗର ନାମ ବହନ କରୁଥିବା କଳିଙ୍ଗ ରେଜିମେଣ୍ଟର ଅନୁପସ୍ଥିତି ଓଡ଼ିଆ ଅସ୍ମିତା ପ୍ରତିଷ୍ଠାରେ ପ୍ରତିବନ୍ଧକ ସୃଷ୍ଟି କରୁ ନାହିଁ କି ?

ଚତୁର୍ଥରେ ଓଡ଼ିଆ ଖାଦ୍ୟ ପେୟର ବ୍ୟାପକ ପ୍ରଚାର ପ୍ରସାର: ଓଡ଼ିଶା ବିଶ୍ୱବାସୀଙ୍କୁ ରସଗୋଲା, ଛେନା ପୋଡ଼, ଏଣ୍ଡୁରିପିଠା, ଆରିସାପିଠା, ଡାଲମା, ପଖାଳ, ଖିରି ଇତ୍ୟାଦି ଉପହାର ଦେଇଛି। ଓଡ଼ିଆ ଥାଳିରେ ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଧାତବ ଲବଣ, ଭିଟାମିନ, ତନ୍ତୁ ଇତ୍ୟାଦିର ସମାହାର ଥିବା ସତ୍ତ୍ୱେ ଏହା ଓଡ଼ିଶା ବାହାରେ ବ୍ୟାପକ ପ୍ରଚାର ପ୍ରସାର ଲାଭ କରିପାରି ନାହିଁ। ବରଂ ପଞ୍ଜାବୀ ତଡ଼କା, ତନ୍ଦୁରୀ ରୋଟି, ଦକ୍ଷିଣ ଭାରତ ଥାଳି କିମ୍ବା ଦୋସା ଆଦୃତି ଲାଭ କରିଛି। ଓଡ଼ିଆ ଖାଦ୍ୟର ଚାହିଦା ଅନ୍ୟ ରାଜ୍ୟ ଓ ବିଦେଶରେ ବଢ଼ାଇ ପାରିଲେ ନିଶ୍ଚୟ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

ପଞ୍ଚମରେ ଆମ ବୟନ ଓ ହସ୍ତ ଶିଳ୍ପର ବ୍ୟାପକ ପ୍ରସାର ପ୍ରଚାର: ମହାତ୍ମା ଗାନ୍ଧୀ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ପାଟକୁ ଦେଖି ହାତର ସୂକ୍ଷ୍ମତାକୁ କିଛି କ୍ଷଣ ପାଇଁ ମିଲ୍ ତିଆରି ଭ୍ରମରେ ପଡ଼ିଯାଇଥିଲେ। ସମ୍ବଲପୁରୀ ବସ୍ତ୍ର, ପିପିଲି ଚାନ୍ଦୁଆ, ପାରଳାଖେମୁଣ୍ଡି ଶିଙ୍ଗ କାମ ବିଶ୍ୱସ୍ତରୀୟ। ମାତ୍ର ଭାରତର ପ୍ରତି ସହରରେ ବନାରସୀ ଶାଢ଼ି ଦୋକାନ ଥିବା ବେଳେ ଆମ ସମ୍ବଲପୁରୀ ଶାଢ଼ି ଦୋକାନର ଅନୁପସ୍ଥିତି ନିଶ୍ଚିତ ରୂପେ ଓଡ଼ିଆ ଅସ୍ମିତାକୁ ନ୍ୟୂନ କରୁଛି। ଓଡ଼ିଶା ବାହାରେ ଏହାର ବ୍ୟାପକ ପ୍ରଚାର ପ୍ରସାର, ଓଡ଼ିଆ ଅସ୍ମିତାକୁ ବୃଦ୍ଧି କରିବ।

ଷଷ୍ଠରେ କୃଷିଜାତ ଦ୍ରବ୍ୟା ଆମଦାନୀକାରୀ ନ ହୋଇ ରପ୍ତାନିକାରୀ ହେବା: ପ୍ରଚୁର ଜଳ, ସବୁ ପ୍ରକାର ମୃତ୍ତିକା, ଅନୁକୂଳ ଜଳବାୟୁ ଥାଇ ମଧ୍ୟ ଓଡ଼ିଶା ରାଷ୍ଟ୍ରୀୟ ସ୍ତରରେ କୃଷିଜାତ ପଦାର୍ଥର ଏକ ବଡ଼ ଆମଦାନୀକାରୀ ରାଜ୍ୟ। ଏତିକି କୁହାଯାଇପାରେ, ଆମେ ମଧ୍ୟ ସରୁ ଓ ବାସ୍‌ମତୀ ଚାଉଳକୁ ମିଶାଇ ମୋଟ ବାର୍ଷିକ ୧୦ ଲକ୍ଷ ଟନ୍ ଚାଉଳ ଆମଦାନୀ କରୁଛୁ। ଏଣୁ ଆମ ରାଜ୍ୟକୁ କୃଷିଜାତ ପଦାର୍ଥରେ ରପ୍ତାନିକାରୀ ରାଜ୍ୟ କରିପାରିଲେ ଓଡ଼ିଆ ଅସ୍ମିତା ବଢ଼ିବ।

ସପ୍ତମରେ, ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ପ୍ରାଚୀନ କାଳରୁ ବଶ୍ୱରେ ଓଡ଼ିଶା ଶିକ୍ଷାର ଉତ୍କର୍ଷଲାଭ କରିଥିଲା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା। ଆଜି ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ଉନ୍ନତି ହୋଇଛି ମାତ୍ର ରାଷ୍ଟ୍ରୀୟ ସ୍ତରରେ ବିଦ୍ୟାର୍ଥୀ ବାହାରିପାରୁ ନାହାନ୍ତି। ଆମ ଶିକ୍ଷାନୁଷ୍ଠାନରୁ ବିଶ୍ୱସ୍ତରର ବିଦ୍ୟାର୍ଥୀ ବାହାରିପାରିଲେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

ଅଷ୍ଟମରେ, ଓଡ଼ିଆ ଭାବୀପିଢ଼ିକୁ ଆମ ଐତିହ୍ୟ, ସଂସ୍କୃତି ଓ ଇତିହାସ ଉପରେ ସଚେତନ କରିବା। ନବମରେ, ଉପଯୁକ୍ତ ଭିତ୍ତିଭୂମି ସହିତ ପର୍ଯ୍ୟଟନସ୍ଥଳୀର ବିକାଶ କଲେ ଆମ ଅସ୍ମିତା ପ୍ରକାଶ ପାଇବ। ଦଶମରେ, ଦାଦନ ଶ୍ରମିକ ବୃଦ୍ଧି ଓଡ଼ିଆ ଅସ୍ମିତାକୁ ନ୍ୟୂନ କରୁଛି। ଏଣୁ ଓଡ଼ିଶାର ଅର୍ଥନୈତିକ ପ୍ରଗତି ହେଲେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ।

**ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର), ଭୁବନେଶ୍ୱର
ମୋ-୮୯୧୭୪୨୬୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀକ୍ଷେତ୍ର ଧର୍ମ ସମନ୍ୱୟର କ୍ଷେତ୍ର

ମହାଶୟ,

ଆମ ସାହିତ୍ୟ, ସଂସ୍କୃତି, ଇତିହାସ, କିମ୍ବଦନ୍ତୀ, ନୃତ୍ୟ, ସଙ୍ଗୀତ ଓ ଆଧ୍ୟାତ୍ମିକ ଚେତନାରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁସ୍ପଷ୍ଟ। ଯେଉଁ ମହାପୁରୁଷଙ୍କ ଆଗମନରେ ଶ୍ରୀକ୍ଷେତ୍ର ଅଧିକ ମହିମାମଣ୍ଡିତ ହୋଇଛି, ସେମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ହେଉଛନ୍ତି ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜ, ନିମ୍ବାକାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ମାଧବାଚାର୍ଯ୍ୟ, ତୁଳସୀ ଦାସ, କବିର, ରାମାନନ୍ଦ, ଶ୍ରୀଚୈତନ୍ୟ ଏବଂ ଗୁରୁନାନକ ପ୍ରମୁଖ। ମହାପ୍ରଭୁ ସର୍ବମଙ୍ଗଳ ଶ୍ରୀଜଗନ୍ନାଥ ବିଶ୍ୱକର୍ତ୍ତା। ସେ ଆମ ଗର୍ବ, ଗୌରବ ଓ ସ୍ୱାଭିମାନର ପ୍ରତୀକ। ମହାପ୍ରଭୁ ଶ୍ରୀଜଗନ୍ନାଥ ସବୁବେଳେ ଭକ୍ତବତ୍ସଳ। ମନୋବାଞ୍ଛା ସେ ସଦାସର୍ବଦା ପୂରଣ କରିଥାନ୍ତି। ସେ ଭକ୍ତଙ୍କ ଦ୍ୱାରା ବନ୍ଧାପଡ଼ନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଗୁଣାଶ୍ରୟ ସୃଷ୍ଟିର କୌଣସି ପ୍ରାଣୀଠାରୁ ସେ ବିଚ୍ଛିନ୍ନ ନୁହନ୍ତି। ଏଣୁ ଶ୍ରୀଜଗନ୍ନାଥ ଧାମ ପୁରୀର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉ। ଏହା ସହ ନୀତିକାନ୍ତିରେ ହେଉଥିବା ବ୍ୟତିକ୍ରମ ଦୂର କରାଯାଉ। ଯେଉଁ ପୂଜକମାନେ ଭକ୍ତମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ଉପରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ।

**–ଦେବଭକ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିସ୍ୱନ ନିଶୀଥ କୋଳେ
ଏକାକୀ ଏ ତରୁତଳେ
ଆସ ପ୍ରିୟେ, ଭୁଲିଯିବା ଆଜି ଏ ସଂସାର,
ସଂଶୟ ତରକ ଆଦି
କୁଟିଳ ଭ୍ରୂକୁଟୀ ବ୍ୟାଧି
ନାହିଁ ଗତି ଯହିଁକି ଗୋ ମାନବ ଭାଷାର ।

–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ରାଷ୍ଟ୍ରପତି ଭବନରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ସଭାପତି ମନମୋହନ ସାମଲ ଓ ସଂଗଠନ ସମ୍ପାଦକ ମାନସ ମହାନ୍ତି।

## ଏମ୍‌କେସିଜି ଡିଏମ୍‌ଏଚ୍‌ଟି ଛାତ୍ରଗୋଷ୍ଠୀ ମଧ୍ୟରେ ମାରପିଟ

ବ୍ରହ୍ମପୁର,୨୪।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ଡିଏମ୍‌ଏଚ୍‌ଟି ଛାତ୍ରଗୋଷ୍ଠୀ ମଧ୍ୟରେ ଗୁରୁବାର ମାରପିଟ ହୋଇଛି। ଏଥିରେ ଉଭୟ ଗୋଷ୍ଠୀର ଏକାଧିକ ଛାତ୍ର ଆହତ ହୋଇଛନ୍ତି ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଆପୋସ ବୁଝାମଣା ପାଇଁ ଉଦ୍ୟମ ଜାରି ରହିଛି। ସୂଚନା ଅନୁଯାୟୀ, ଡିଏମ୍‌ଏଚ୍‌ଟି ପଢ଼ୁଥିବା ଜଣେ ଛାତ୍ର ଇନ୍‌ଷ୍ଟାଗ୍ରାମରେ ଏକ ନକଲି ଆକାଉଣ୍ଟ ଖୋଲି ବିଭିନ୍ନ ଛାତ୍ରଙ୍କୁ ମେସେଜ ପଠାଉଥିଲେ। ଗୁରୁବାର ସେ ଏପରି କରୁଥିବା ଅନ୍ୟ ଜଣେ ଛାତ୍ର ଦେଖିଥିଲେ। ଏହାକୁ ନେଇ ଗୋଟିଏ ଗୋଷ୍ଠୀର ଛାତ୍ରମାନେ ମେସେଜ କରୁଥିବା ଉକ୍ତ ଛାତ୍ରଙ୍କୁ ମାରପିଟ କରିଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ଛାତ୍ର ପ୍ରତିବାଦ କରିଥିଲେ। ଉଭୟ ଛାତ୍ର ଗୋଷ୍ଠୀ ମାରପିଟ ହେବାରୁ ଏକାଧିକଙ୍କ ମୁହଁରେ ଆଘାତ ଲାଗିଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ

## ୧୦ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

ନୂଆପଡ଼ା,୨୪।୭(ମକାରୁ ବେମାଲ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ନୂଆପଡ଼ା ଜିଲା କୋମନା ବ୍ଲକର ଏକ ନାଳ ଉପରେ ଥିବା ପୋଲ ଭାଙ୍ଗିଯାଇଛି। ଫଳରେ ଆଖପାଖର ୧୦ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସୂଚନା ଅନୁଯାୟୀ କୋମନା ବ୍ଲକର ସୁନାବେଡ଼ାରୁ ଗାତବେଡ଼ାକୁ ସଂଯୋଗ କରୁଥିବା ରାସ୍ତାରେ କପ୍ତାପିପଲ (ତେଲେଙ୍ଗ୍ୱଣ୍ଡି) ନାଳ ବହିଯାଇଛି। ବୁଧବାର ରାତିରେ ଲଗାଣ ବର୍ଷା ଯୋଗୁ ପାହାଡ଼ରୁ ପାଣି ଖସି ନାଳ ଉଛୁଳି ଉଠିଥିଲା। ଏପରି କି ନାଳ ଉପରେ ଥିବା ପୋଲରେ ୩ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଜଳ ସ୍ରୋତରେ ଉଭୟ ପାର୍ଶ୍ୱ ଧୋଇଯାଇ ବହୁ ପୁରାତନ ପୋଲ ଭାଙ୍ଗିଯାଇଥିଲା। ଫଳରେ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ଗାତିବେଡ଼ା, ଢେଙ୍ଗୁନପାଣି, ସାଲେପଡ଼ା, କୋଦୋମୁଣ୍ଡା, କୋଟରାବେଡ଼ା,



କପ୍ତାପିପଲ ନାଳ ଉପରେ ଥିବା ପୋଲ ଭାଙ୍ଗିଯାଇଛି।

ଦେଓଖିଲ, ଗୁରୁପାଣି, ଛିନମୁଣ୍ଡି, ବୋହେନଗୁଡ଼ା ଆଦି ଗାଁଗୁଡ଼ିକ ବିଚ୍ଛିନ୍ନ ହୋଇଯାଇଛି। ଏଥିଯୋଗୁ ନାଳ ପାରି ହୋଇ ନ ପାରି ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ସ୍କୁଲ, କଲେଜ ଯାଇ ନ ପାରିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବନ୍ଦ ହୋଇଯାଇଛି। ସେହିପରି ଦେଓଲେଢ଼ୁଆଁ-ଜାମଗାଁ ରାସ୍ତାରେ ବଡ଼ ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡ଼ି ଯାଇଥିବାରୁ ସୁନାବେଡ଼ାକୁ ଯାତାୟାତ ଠପ ହୋଇଯାଇଛି। ଅତ୍ୟଧିକ ବର୍ଷା ଯୋଗୁ ଗୋଡ଼ା ପାହାଡ଼ରୁ ବଡ଼ ବଡ଼ ପଥର ଖଣ୍ଡ ଖସି ଆସିଥିବା ବେଳେ ପାଣିରେ ଧୋଇ ହୋଇ ରାସ୍ତା ଖାଲଖମା ହୋଇଯାଇଛି। ଫଳରେ ବସ ଓ ଅନ୍ୟ ଗାଡ଼ିମୋଟର ଯିବା ସମ୍ଭବ ହେଉନାହିଁ। ଏଥିଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପୋଲ ମରାମତି ସହ ରାସ୍ତାରେ ପଡ଼ିଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ସୁନାବେଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ମଶାନରୁ ୪ ଶବ ଗାଏବ

ଭଣ୍ଡାରିପୋଖରୀ,୨୪।୭ (ରାଜେନ୍ଦ୍ର ଶତପଥୀ)

ଶ୍ମଶାନରୁ ୪ ଶବ ଗାଏବ। ଗାତ ଖୋଳି କେହି ମୃତଦେହ ନେଇଯାଇଛନ୍ତି। ଗୁରୁବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଣିନାଥପୁର ବୈରଗଣୀ ନଦୀକୂଳ ଗ୍ରାମ ଶ୍ମଶାନରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଶ୍ମଶାନରୁ ୪ ଶବ ଚୋରି ହୋଇଥିବା କୁହାଯାଉଛି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସକାଳେ ସେମାନେ ଏହି ଶ୍ମଶାନରେ ଗାତ ଖୋଳାଯାଇଥିବା ଓ ମୃତଦେହକୁ ଘୋଷାରି ନିଆଯାଇଥିବା ଦେଖିବାକୁ ପାଇଥିଲେ। ଗତ କିଛି ମାସ ମଧ୍ୟରେ ସେଗୁଡ଼ିକୁ ଶ୍ମଶାନରେ ପୋତାଯାଇଥିଲା। ସେହି ମୃତକମାନେ ହେଲେ ଲକ୍ଷ୍ମୀପ୍ରିୟା ବେହେରା, ସତ୍ୟଭାମା ପରିଡ଼ା, ଶତ୍ରୁଘ୍ନ ଦାସ ଓ ପ୍ରମିଳା ଦାସ। ରିପୋର୍ଟ ଲେଖାହେବା ଯାଏ ଏନେଇ ଥାନାରେ ଅଭିଯୋଗ କରାଯାଇ ନାହିଁ ବୋଲି ସୂଚନା ମିଳିଛି। ପୂର୍ବରୁ ୨୦୧୭ରେ ଶବ ଚୋରି ହେବା ପରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ମୃତଦେହ ସେହିବର୍ଷ ଚୋରି ହୋଇଥିଲା। ଏନେଇ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା। ପରେ ୨୦୨୩ ଓ ଚଳିତବର୍ଷ ଏପ୍ରିଲରେ ଶବ ଚୋରି ହୋଇଥିବା ଦେଖିବାକୁ ମିଳିଥିଲା। ଏହା ପଛରେ ଅନ୍ତର୍ଜାତୀୟ ଚକ୍ରର ହାତ ଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ସ୍ଥାନୀୟ କେତେକ ସୂଚନାଦାତାଙ୍କ ସହଯୋଗରେ ଶବ ଚୋରି ହୋଇ କୋଲକାତା ବାଟେ ଜଳପଥରେ ବାଂଲାଦେଶ ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି। ଅନ୍ତର୍ଜାତୀୟ ସ୍ତର, ଦେଶ ଭିତରେ ଓ ରାଜ୍ୟର ଘରୋଇ ମେଡିକାଲଗୁଡ଼ିକ ବହୁଳ ଭାବେ ଶିକ୍ଷାଦାନ ପାଇଁ ନରକଙ୍କାଳ ଆବଶ୍ୟକ କରୁଥିବାରୁ ଏହାର ମୂଲ୍ୟ ବହୁଗୁଣିତ ହୋଇଛି। ସେହି ଉଦ୍ଦେଶ୍ୟରେ ହୁଏତ ଶବ ଚୋରି ହୋଇଥାଇପାରେ ବୋଲି ଆଲୋଚନା ହେଉଛି।

## ଜିଲାସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)

**ଶିଶୁ ସୁରକ୍ଷା**

ରାଜ୍ୟସ୍ତରୀୟ ଶିଶୁ ସୁରକ୍ଷା ଓ କଲ୍ୟାଣ ତଦାରଖ ତଥା ସମୀକ୍ଷା କମିଟି ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାରେ ରହିଥିବା ବିଭିନ୍ନ ସରକାରୀ ବ୍ୟବସ୍ଥା, କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା, ଅନୁଷ୍ଠାନ, ସୁରକ୍ଷା ଶିକ୍ଷା ଓ ଯୋଗାଯୋଗ ବ୍ୟବସ୍ଥା ଏବଂ ସମର୍ଥନ ଉପରେ ବିଶେଷ ଆଲୋଚନା ହୋଇଛି। ମୁଖ୍ୟ ଶାସନ ସଚିବ ସବୁ ବିଭାଗର ମିଳିତ ପ୍ରୟାସରେ ଶିଶୁ ସୁରକ୍ଷା ଓ ଯତ୍ନର ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଜିଲାସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା, ଶିଶୁ ସୁରକ୍ଷା ଭଳି ପ୍ରସଙ୍ଗରେ ଜିଲାସ୍ତରରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ଅନୁଷ୍ଠାନଗୁଡ଼ିକ ଅଧିକ ତତ୍ପରତା ଓ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସେ କହିଛନ୍ତି। ରାଜ୍ୟର ୩୦ଟି ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ), ୩୧ଟି ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି), ୩୪ଟି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ, ୩୭ଟି ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ୍ ୟୁନିଟ୍, ୨୨୦ଟି ଶିଶୁ ଯତ୍ନ ଅନୁଷ୍ଠାନ(ସିସିଆଇ) କାର୍ଯ୍ୟ କରୁଛି। ପ୍ରତ୍ୟେକ ବର୍ଷ ପୂର୍ବ ଅପେକ୍ଷା ଝିଅ ପୋଷ୍ୟ ସନ୍ତାନ ସଂଖ୍ୟା ବଢୁଛି। ୧୭୦ଟି ଶିଶୁ ଗୃହ, ୩୩ଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ୧୨ଟି ମୁକ୍ତ ଆଶ୍ରୟ ଗୃହ, ୭ଟି ପର୍ଯ୍ୟବେକ୍ଷଣ ଗୃହ ଓ ୭ଟି ସ୍ୱତନ୍ତ୍ର ଗୃହ ବ୍ୟବସ୍ଥା ରହିଛି।

## ୪ ନାବାଳକ, ଜଣେ ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡ ହେଲ୍ପଲାଇନ

ଔପଦା,୨୪।୭(ଧରିତ୍ରୀ ପ୍ରତିନିଧି)

ଭିକାବୃତ୍ତି ତଥା ଅନ୍ୟ କାମରେ ନିୟୋଜିତ ୪ ନାବାଳକ ଓ ଜଣେ ନାବାଳିକାଙ୍କୁ ବାଲେଶ୍ୱର ଚାଇଲ୍ଡ ହେଲ୍ପଲାଇନ ପକ୍ଷରୁ ଗୁରୁବାର ଉଦ୍ଧାର କରାଯାଇଛି। ଚାଇଲ୍ଡ ହେଲ୍ପଲାଇନର କର୍ମଚାରୀମାନେ ଅପରାହ୍ନ ୫ଟାରେ ଔପଦାରେ ପହଞ୍ଚି ଗଡ଼ସାହି ପଞ୍ଚାୟତ ମାଣ୍ଡିସାହି ଗ୍ରାମ ନିକଟ ରାସ୍ତାରେ ବୁଲୁଥିବା ୩ ନାବାଳକ ଓ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ସେମାନେ ସମସ୍ତେ ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ସେହିପରି ଔପଦା ବଜାରରେ ଥିବା ଏକ ଜଳଖିଆ ଦୋକାନରେ କାମ କରୁଥିବା ଜଣେ ନାବାଳକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି।

## ଗନ୍ଧମାର୍ଦ୍ଦନ ପର୍ବତରେ ଫସିଥିବା ୧୭ ତୀର୍ଥଯାତ୍ରୀ ଉଦ୍ଧାର

ପାଇକମାଲ,୨୪।୭(ବଟୁ ଶତପଥୀ)

ବରଗଡ଼ ଜିଲା ପାଇକମାଲ ନୃସିଂହନାଥ ପୀଠକୁ ଛତିଶଗଡ଼ରୁ ଆସିଥିବା ୧୭ ତୀର୍ଥଯାତ୍ରୀ ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ଥିବା ଭୀମ ମଣ୍ଡୁଆରେ ବୁଧବାର ଫସି ଯାଇଥିଲେ। ଗୁରୁବାର ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେମାନେ ହେଲେ ମହିଦା ଗ୍ରାମର ୧୧ ଜଣ ମନିରାମ ସିଦାର, ଗାନ୍ଧାରୀ ବେହେରା, ଛତ୍ରପତି ସିଦାର, ନଳିନୀ ପ୍ରଧାନ, ସାରଦା ପ୍ରଧାନ, ସୁରେଶ ପ୍ରଧାନ, ଶ୍ରୀୟା ସିଦାର, କୈକେୟୀ ଭୋଇ,



ପୁନମ ପ୍ରଧାନ, ପୁଷ୍ପିଲା ଯାଦବ, ମହେଶ ପ୍ରଧାନ ଓ ବାଦିମାଲର ୩ ଜଣ ଜେମା ଭୋଇ, ଶାନ୍ତି ଭୋଇ, ପରିତା ଭୋଇ, ବାଞ୍ଜିପାଲିର ୨ ଜଣ ସୌଦାମିନୀ ସାହୁ, ଶ୍ରୁତି ସାହୁ, ଘରବାର ସୁକୁମାରୀ ସିଦାର। ବରଗଡ଼ ଜିଲା ପାଇକମାଲ ନୃସିଂହନାଥ ମନ୍ଦିରକୁ ଛତିଶଗଡ଼ରୁ ୨୧ ତୀର୍ଥଯାତ୍ରୀ ଆସିଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ସମସ୍ତେ ନୃସିଂହନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହା ପରେ ୧୭ଜଣ ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ି ହରିଶଙ୍କର ମନ୍ଦିରକୁ ବାହାରିଥିଲେ। ଅପରାହ୍ନ ୩ଟାରେ ଭୀମ ମଣ୍ଡୁଆ ଦେଇ ବାଲକେ ଖାଦାନ ପର୍ଯ୍ୟନ୍ତ ଯାଇ ଫସି ଯାଇଥିଲେ। ସେଠାରୁ ଆଉ ରାସ୍ତା ପାଇ ନ ଥିଲେ। ସନ୍ଧ୍ୟାରେ ତାଙ୍କର ଜଣେ ସମ୍ପର୍କୀୟ ଟିଙ୍କୁ ସାହୁଙ୍କୁ ଖବର ଦେଇଥିଲେ। ତାଙ୍କଠାରୁ ଖବର ପାଇ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ରାତିରେ ପ୍ରବଳ ବର୍ଷା ହେବାରୁ ସେମାନେ ଅଧାବାଟରେ ଅଟକି ଯାଇଥିଲେ। ଗୁରୁବାର ଭୋର ୩ଟାରୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ସକାଳ ୮ଟା ୧୫ରେ ଫସି ରହିଥିବା ୧୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

## ସୌମ୍ୟାଶ୍ରୀଙ୍କୁ କଂଗ୍ରେସର ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨୪।୭ (ରବିନାରାୟଣ ଜେନା)

ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ରାଜ୍ୟ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଗୁରୁବାର କଂଗ୍ରେସଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟମାନେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ୨ ମିନିଟ ନୀରବ ପ୍ରାର୍ଥନା କରିବା ସହିତ ବଳାତ୍ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ସରକାରଙ୍କ ସମାଜ ଆଜି ଲଜ୍ଜିତ। ସରକାରଙ୍କ ନିଷ୍କ୍ରିୟତା ଯୋଗୁ ଅପରାଧୀମାନେ ଖୋଲା ଆକାଶ ତଳେ ବୁଲୁଛନ୍ତି। ପୀଡ଼ିତାମାନେ ଛଟପଟ ହୋଇ ମୃତ୍ୟୁ ମୁଖରେ ପଡ଼ୁଛନ୍ତି। ସୌମ୍ୟାଶ୍ରୀ ପେଟ୍ରୋଲ ଢାଳି ନିଆଁ ଲଗାଇ ବଳିଦାନ ଦେଇ ଯାଇଛନ୍ତି ତାହା ସମଗ୍ର ନାରୀ ସମାଜ ପାଇଁ ସ୍ମରଣୀୟ ହୋଇ ରହିବ। ନାରୀ ସମାଜ ସୁରକ୍ଷିତ ରହିଲେ ହିଁ ସୌମ୍ୟାଶ୍ରୀଙ୍କୁ ପ୍ରକୃତ ନ୍ୟାୟ ମିଳିପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ପ୍ରମୁଖ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବଳାତ୍ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

**GOVERNMENT OF ODISHA** No.L-43

**OFFICE OF THE EXECUTIVE ENGINEER OF HORTICULTURE (NORTHERN ZONE)**

AT/PO - FARM ROAD, SAMBALPUR-768002 (email : eenzsbp@gmail.com)

Notice No. : 747 / EE / Hort / NZ / Dated : 22.07.2025

Bid Identification No. 05 / Hort / NZ / 2025-26 Date : 22.07.2025

| | | |
|---|---|---|
| 01 | Total Nos. of works | One |
| 02 | Estimated cost | Rs.1051530.18/- |
| 03 | Period of completion | 60 days |
| 04 | Date & Time of availability of bid document in the portal | From 10.00 Hrs. of 29.07.2025 to 17.00 Hrs. of 08.08.2025 |
| 05 | Last date & time of dropping of copies of uploaded documents, draft. affidavits, Schedules etc. in the tender box at the office of the undersigned at Farm Road, Sambalpur-768002 | From 11:00 A.M. of 08.08.2025 to Before 17.00 Hrs. of 14.08.2025 |
| 06 | Date & Time of Opening of bids | 10.30 A.M. of 18.08.2025 onwards |
| 07 | Name and Address of the officer inviting bid | Executive Engineer (Agril.), Northern Zone, Horticulture, At/Po-Farm Road, Sambalpur, Pin-768002 |

Further details can be seen from the website www.tendersodisha.gov.in

Sd/- Executive Engineer, (Agril.) Northern Zone, Horticulture, Sambalpur

OIPR-01465/11/0013/2526

**OFFICE OF THE CDM & PHO-CUM-DISTRICT MISSION DIRECTOR, NHM, NABARANGPUR**

**ADVERTISEMENT**

No. : 7289 NHM/Nabarangpur Date : 23.07.2025

No.E-256 : The following contractual positions under Zilla Swasthya Samiti, Nabarangpur are filled up through walk-in-interview or inviting applications as mentioned against each. All the positions are purely temporary in nature, subject to renewal and co-terminus with the scheme as per the terms & conditions of OSH & FW Society. Lower age limit is 21 years as on dt- 01.07.2025

| Sl. No. | Category | Vacancy | Category | Base Remuneration | Remarks |
|---|---|---|---|---|---|
| 1 | Psychiatric Nurse | 01 | - | Rs.22,569/- + PI | Application requries to be submitted through regd. Post/Speed post only in the prescribed format on or before 18.08.2025 by 5.00 P.M. |
| 2 | DPMU Accountant/BAM | 01 | - | Rs.22,569/- + PI | |
| 3 | MO Ayush MHU | 01 | UR-1 | Rs.30,538/- + PI | |
| 4 | MO Ayush RBSK | 06 | BHMS:(M-ST-01, F-ST-04) BAMS (F-ST-01) | Rs.30,538/- + PI | |
| 5 | MO Ayush Co-located (Ayurvedic) | 11 | UR-08(F-01) ST-03(F-01) | Rs.30,538/- + PI | |
| 6 | MO Ayush Co-located (Homeopathic) | 07 | UR-01(F-01) ST-04(F-01) SC-02(F-01) | Rs.30,538/- + PI | |
| 7 | Consultant Medicine (NPHCE) | 01 | - | Rs.88,648/- + PI | WALK-IN-INTERVIEW ON Dt.05.08.2025 Office of CDM & PHO Nabarangpur Registration time 10.30 A.M. to 11.00 A.M. |
| 8 | Ophthalmic Surgeon (NPCB & VI) | 01 | - | Rs.88,648/- + PI | |
| 9 | Paediatrician DEIC | 01 | - | Rs.88,648/- + PI | |
| 10 | Medical Officer MBBS-DEIC | 03 | - | Rs.70,917/- + PI | |
| 11 | Medical Officer SNCU | 02 | - | Rs.70,917/- + PI | |

For the posts, as mentioned at Serial No. 01 to 06, the interested eligible candidates are required to submit application in the prescribed format along with copy of self- attested photocopies of required testimonials to the CDM & PHO, Nabarangpur AT /PO-Mirganguda District:-Nabarangpur, PIN-764059 on or before dtd. 18.08.2025 up to 05.00 P.M through registered post/speed post only and the envelope of the application must be superscribed with the name of the post applied for. Incomplete application in any form shall be rejected.

The interested candidates for the posts as at Serial No.07 to 11 may attend the WALK-IN-INTERVIEW on dt- 05.08.2025 at the office chamber of CDM& PHO, Nabarangpur as per the scheduled date & time as mentioned against each. Candidates attending beyond the scheduled date & time shall not be entertained. The candidates must bring their original certificates along with their bio-data in specified format (same as application form) and a set of self- attested photocopies of required testimonials for verification.

The details eligibility criteria, remuneration & application form can be downloaded from the official website of Nabarangpur District i.e www.nabarangpur.odisha.gov.in. Incomplete application in any form and application received after the due date shall summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.

Sd/- Chief District Medical & PHO cum-District Mission Director, NHM, Nabarangpur

OIPR-10164/11/0005/2526

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ: ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୨-୨୫-୨୬, ତାରିଖ: ୨୩।୦୭।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇ‌ଏଲ୍‌ଇକ୍ସିଡି)/ଖୋର୍ଦ୍ଧା ରୋଡ୍, ଦ.ପୂ. ରେଳପଥ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: କ୍ର.ସଂ. ଓ ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ: (୧) ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୨-୨୫-୨୬, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ଖୋର୍ଦ୍ଧା ରୋଡ୍ ଏବଂ ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ପୁରୀ/ଆଡ଼ାକ କ୍ଷେତ୍ରାଧିକାର ଅଧୀନରେ ... କାର୍ଯ୍ୟର ନିର୍ବାହ; ₹୨,୦୨,୫୬,୯୧୭.୧୧ । (୨) ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୩-୨୫-୨୬, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/ପୁରୀ/ଆଡ଼ାକ ... ₹୨,୧୭,୯୦,୩୩୨.୬୧ । (୩) ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୪-୨୫-୨୬, ତାରିଖ: ୨୩।୦୭।୨୦୨୫; ବରିଷ୍ଠ ସେକ୍ସନ ଇଞ୍ଜିନିୟର/ପି.ୱେ/କାଣ୍ଟାବାଞ୍ଜି/ଆଡ଼ାକ କ୍ଷେତ୍ରାଧିକାର ଅଧୀନରେ ... ₹୩,୯୫,୦୦,୭୭୨.୩୩ । (୪) ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୫-୨୫-୨୬, ତାରିଖ: ୨୩।୦୭।୨୦୨୫; ... ₹୨,୨୨,୧୨,୬୭୨.୬୮ । (୫) ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୬-୨୫-୨୬, ତାରିଖ: ୨୩।୦୭।୨୦୨୫; ... ₹୪୦,୪୦,୬୩୮.୪୬ । (୬) ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୭-୨୫-୨୬, ତାରିଖ: ୨୩।୦୭।୨୦୨୫; ... ₹୭୬,୨୭,୫୫୪.୭୭ । (୭) ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୮-୨୫-୨୬, ତାରିଖ: ୨୩।୦୭।୨୦୨୫; ... ₹୩୮,୦୫,୫୧୫.୬୫ । (୮) ଇ-ଟିଆରଏମ୍-ଇ‌ଏଲ୍‌ଇକ୍ସିଡି-ଏଷ୍ଟିଆରେ-୪୯-୨୫-୨୬, ତାରିଖ: ୨୩।୦୭।୨୦୨୫; ... ₹୧୫୨,୦୯,୬୧୩.୬୩ । ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ: ୧୪।୦୮।୨୦୨୫ ର ୧୫.୦୦ ଘଣ୍ଟା ... ଇ-ଟେଣ୍ଡରଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ। (PR-438)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ: (୦୬୭୪) ୨୩୯୩୫୫୪, ୨୩୯୩୫୨୫, ୨୩୯୦୧୪୧ ଫ୍ୟାକ୍ସ: (୦୬୭୪) ୨୩୯୩୭୩୫, ୱେବସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୪୪ ତା:୧୫।୦୭।୨୫

**ବିଜ୍ଞାପନ**

No. CAD-1239: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ... ଏସି.ଆଇ-୫୪, ବାଣିଜ୍ୟିକ ପ୍ରକଳ୍ପ ସହିତ ବାସଗୃହ, ସହିଦନଗର, ଭୁବନେଶ୍ୱରସ୍ଥ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ପୁନମ ଦେବୀ ଲାଖୋଟିଆ ... ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ... ଆପତ୍ତି ଦାଖଲ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0751/2526

**झारखण्ड सरकार**
**पथ निर्माण विभाग**
**कार्यपालक अभियन्ता का कार्यालय**
**पथ निर्माण विभाग, पथ प्रमण्डल, लातेहार**

**(1st Call)**

ई-प्रोक्योरमेंट सूचना

ई-टेन्डर रिफरेंस संख्या– RCD/LATEHAR /501/2025-26 दिनांक–19.07.2025

| | | |
|---|---|---|
| 1. | कार्य का नाम | बरवाडीह–मंडल–मंडरिया पथ (पार्ट–1, चैनेज 0.00 किमी0 से चैनेज 25.00 किमी0) (कुल लम्बाई–25.00 किमी0) के चौड़ीकरण एवं मजबूतीकरण / पुनर्निर्माण कार्य। |
| 2क. | प्राक्कलित राशि (रू0 में) | रू0 :– 92,79,60,147.00 (बानबे करोड़ उनासी लाख साठ हजार एक सौ सैंतालीस रूपये) मात्र |
| 2ख. | बिड सिक्यूरिटी – (रू0 में) | रू0–92,80,000.00 (बानबे लाख अस्सी हजार) मात्र |
| 3. | कार्य पूर्ण करने की अवधि | 24 (चौबीस) माह |
| 4. | वेबसाईट पर निविदा प्रकाशन की तिथि | 01.08.2025 को पूर्वाह्न 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 28.08.2025 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमण्डल लातेहार, पिन कोड– 829206 |
| 7. | ई-प्रोक्योरमेंट पदाधिकारी का संपर्क संख्या | 06565–247907 |
| 8. | ई-प्रोक्योरमेंट सेल का हेल्पलाईन संख्या | 0651–2403007 |

नोट : निविदा की प्राक्कलित राशि घट–बढ़ सकती है।
निविदा की अन्य जानकारी http://jharkhandtenders.gov.in पर देखी जा सकती है।

कार्यपालक अभियन्ता
पथ निर्माण विभाग, पथ प्रमण्डल
लातेहार

PR 358036 (Road)25-26*D

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**

**ବିଜ୍ଞପ୍ତି**

No. ୭-୬୮: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା୮।୦୩।୨୦୨୫ରିଖ ସନ୍ଧ୍ୟା ସମୟରେ ୪ବର୍ଷ ବୟସର ଏକ ଶିଶୁ ପୁତ୍ର ନନ୍ଦନକାନନ ବଜାର ଅଞ୍ଚଳରେ ଏକୁଟିଆ ବୁଲୁଥିବା ଅବସ୍ଥାରେ ଜଣେ ଭଦ୍ର ମହିଳା ଶିଶୁଟିକୁ ଉଦ୍ଧାର କରି ବାରଙ୍ଗ ଥାନା, କଟକ ଅନ୍ତର୍ଗତ ଗୋଡ଼ିସାହି ପୋଲିସ ଫାଣ୍ଡିକୁ ଜିମା ଦେଇଥିଲେ। ପରବର୍ତ୍ତୀ ସମୟରେ ଗୋଡ଼ିସାହି ଫାଣ୍ଡି ପୋଲିସ ପୁଷ୍ପାକୁ ମୁକ୍ତାଶ୍ରୟ କେନ୍ଦ୍ର, ବସୁନ୍ଧରା, କଟକରେ ଛାଡ଼ିଥିଲେ। ଶିଶୁ ମଙ୍ଗଳ କମିଟି, କଟକଙ୍କ ନିର୍ଦ୍ଦେଶନାମା ନଂ.



୦୭୮/୨୦୨୫, ତା୧୦।୦୩।୨୦୨୫ ଅନୁଯାୟୀ ମୁକ୍ତାଶ୍ରୟ କେନ୍ଦ୍ର, ବସୁନ୍ଧରାରେ କିଛିଦିନ ରହିଲା ପରେ ଶିଶୁ ମଙ୍ଗଳ କମିଟି, କଟକଙ୍କ ଚିଠି ନଂ. ୩୫୧/୨୦୨୫ ତା୨୩।୦୫।୨୦୨୫ ଅନୁଯାୟୀ ଶିଶୁଟି ବର୍ତ୍ତମାନ ଚୌଦ୍ୱାରସ୍ଥିତ ସର୍ଭାଇଭ୍ସ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହିଅଛି। ଶିଶୁଟି ତା'ର ନାମ ପୁଷ୍ପା @ ମଧୁ ବୋଲି କହୁଅଛି। ଯଦି ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୨୦୦୯ କିମ୍ବା ସର୍ଭାଇଭ୍ସ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ – ୭୫୪୦୭୧, ଫୋନ୍ ନଂ. ୯୭୭୬୫୪୪୦୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁ ପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ପରନ୍ତୁ ଶିଶୁ ପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ – ୨୦୧୫ (ସଂଶୋଧିତ – ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।

ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

OIPR-33038/11/0033/2526

**S.V. GOVT. SCHOOL OF ART & CRAFTS**
**(+2 VOCATIONAL JUNIOR COLLEGE)**
MAIN ROAD, PO : JEYPORE, PH : (06854) 230041, PIN NO. : 764001, ODISHA
(Affiliated to Council of Higher Secondary Education, Odisha, Bhubaneswar)

Letter No. : 159/2025 (i) Date : 16.07.2025

**ADVERTISEMENT**

No.RR-10 : Applications are invited from eligible candidates with self-attested photocopy of the certificates and marksheet of all examinations starting from HSC onwards along with latest Character Certificate from any Gazetted officer for the post of Guest faculties in S.V. Govt. School of Art & Crafts, Jeypore for the session 2025-26 as following subjects.

1. Guest Instructor, Graphic Art (01)
2. Guest Instructor, Painting (01)
3. Guest Instructor in Applied Art/Commercial Art (01)
4. Guest Craft Teacher (01) in Traditional Art and Crafts

**Qualification** : A candidate must have Bachelor's Degree in Fine Art - Graphic Art, Painting, Applied Art/Commercial Art, Traditional Art & Crafts in the concerned subject from any recognised Govt. Art Colleges.

Applications in the following proforma complete in all respect documents should reach the office of the **Instructor, S.V. Govt. School of Art & Crafts, Main Road, Jeypore, Koraput-764001 by Regd. post / speed post within 20days of publishing of this advertisement.**

The Applicant will have superscribe **"Application for the post of Instructor in Graphic Art/ Painting/ Applied Art/Crafts Teacher"** on the top of the envelope. No application will be received after the last date is mentioned.

**Terms & Conditions :** The engagement of the Guest faculties is purely temporary and may be terminated at any time without giving any notice or assigning any reason thereof. Selection of the candidate by the selection committee is final and binding. The engagement will not confirm any right for regular appointment in future.

The date and time of interview will be notified later in the Notice board of Art School, Jeypore and communicated in their mobile Nos. /e-mail ids. According the applicants will have to attend the interview in the scheduled venue with their original certificates. No TA/DA will be paid to the candidate for attending the interview.

For further details, the candidates may contact the Instructor, S.V. Govt. School of Art & Crafts, Jeypore, Koraput Mobile No- 9078994830/9438221159.

Sd/- Instructor, S.V. Govt. School of Art & Crafts, Jeypore (K), Odisha-764001

OIPR-03032/11/0002/2526

See Career Appointment on every Wednesday & Saturday

## ଜଙ୍କିଆରେ ବାର୍ଡ ଫ୍ଲୁ ଘୋଷଣା



ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ): ପୁରୀ ଜିଲା ପିପିଲି ପରେ ପ୍ରାଣୀ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲା ଜଙ୍କିଆ ମୁଣ୍ଡାଆମ୍ବ ଅଞ୍ଚଳକୁ ବାର୍ଡ ଫ୍ଲୁ ଘୋଷଣା କରାଯାଇଛି। ଭୋପାଳରୁ ନମୁନା ପଜିଟିଭ୍ ଆସିବା ପରେ ଏହି ପଦକ୍ଷେପ ନିଆଯାଇଛି। ଜିଲା ପ୍ରାଣୀଧନ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ରବି ନାରାୟଣ ପଟ୍ଟନାୟକ ଏ ନେଇ ସୂଚନା ଦେଇଛନ୍ତି।

# ଦିନକରେ ୪୦୦ ଡିସିମିଲ ଜବରଦଖଲ ମୁକ୍ତ

## ପାଣ୍ଡରା ମୌଜାରେ ବିଡିଏର ଉଚ୍ଛେଦ ଜାରି

## ମାଟିରେ ମିଶିଲା ଗୋପବନ୍ଧୁ ବୃଦ୍ଧାଶ୍ରମ



ଭୁବନେଶ୍ୱର, ୨୪।୭ (ବନ୍ଦନା ସେଠୀ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ମୌଜାରେ ହୋଇଥିବା ବେଆଇନ ଜବରଦଖଲ ଉଚ୍ଛେଦ ଜାରି ରହିଛି। ପୋକ୍ଲିନ ମେଶିନ ନ ମିଳିବାରୁ ବୁଧବାର ସ୍ଥଗିତ ରହିଥିବା ଉଚ୍ଛେଦ ଗୁରୁବାର ଆରମ୍ଭ ହୋଇଥିଲା। ଦିନକରେ ୪୦୦ ଡେସିମିଲ ଅଞ୍ଚଳକୁ ଜବରଦଖଲ ମୁକ୍ତ କରାଯାଇଛି। ଏଥିସହ ଚର୍ଚ୍ଚାରେ ଥିବା ଗୋପବନ୍ଧୁ ବୃଦ୍ଧାଶ୍ରମ ଭାଙ୍ଗି ମାଟିରେ ମିଶିଛି। ଗୁରୁବାର ହୋଇଥିବା ଉଚ୍ଛେଦରେ ୨୨ଟି ଚିଣଘର ଭାଙ୍ଗିଦିଆଯାଇଛି। ଦୀର୍ଘଦିନ ଧରି ୨ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲକରି ଘର, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଛିଡ଼ା କରିଥିଲେ। ସୋମବାର ବିଡିଏର ମିଳିତକାରୀ ଟିମ୍ ପକ୍ଷରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ଆହୁରି ୩ଦିନ ଉଚ୍ଛେଦ କାର୍ଯ୍ୟ ଚାଲିବ ଓ ସମ୍ପୂର୍ଣ୍ଣ ୨.୬ ଏକର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସୂଚନା ଦିଆଯାଇଛି।

ପାଣ୍ଡରା ମୌଜା ଅନ୍ତର୍ଗତ ପ୍ଲଟ ନଂ. ୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଓ ୩୯୯୯ରେ ୨ଏକର ୬୦୦ ଡିସିମିଲ ଜମି ସାଧାରଣ ପ୍ରାଶସନ ବିଭାଗ ଅଧୀନରେ ରହିଛି। ଏହି ସରକାରୀ ପ୍ଲଟ୍ ଉପରେ କେତେଜଣ ବ୍ୟକ୍ତି ଜୋରଜବରଦସ୍ତ ବେଆଇନ ଭାବେ ଘର ତିଆରି କରି ଭଡ଼ା ସୂତ୍ରରେ ଦେଉଥିଲେ। ତେବେ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ମିଳିବା ପରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩, ୪, ୫ ଓ ୬ ଏହି ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବିନା ପୋଲିସ ଫୋର୍ସରେ ଉଚ୍ଛେଦ କରାଯାଉଛି। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ମଞ୍ଚେଶ୍ୱର ଥାନା ପୋଲିସ ଏଏସ୍‌ଆଇ ଓ ଟିମ୍, ଜିଏ ଓ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗଡ଼ବଡ଼ପୁଟରୁ ମିଳିଲା ପ୍ରାଚୀନ ମୁଦ୍ରା, ପ୍ରସ୍ତର କୁରାଢ଼ି

କଣାସ,୨୪।୭(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକର ଗଡ଼ବଡ଼ପୁଟ ଗ୍ରାମରୁ ପ୍ରାଚୀନ ମୁଦ୍ରା ସମେତ ପ୍ରସ୍ତର କୁରାଢ଼ି ମିଳିଛି। ଗବେଷକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଇତିହାସ ଓ ସଂସ୍କୃତି ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଅନାମ ଚରଣ ବେହେରାଙ୍କ ପକ୍ଷରୁ ଏ ନେଇ ଗୁରୁବାର ସୂଚନା ଦିଆଯାଇଛି। ଡ. ବେହେରା ଏବଂ ତାଙ୍କ ସହକର୍ମୀମାନେ ଗତ ରବିବାର ଗଡ଼ବଡ଼ପୁଟ ଗ୍ରାମକୁ ଆସି ଗବେଷଣା ଓ ଅନୁସନ୍ଧାନ କରିଥିଲେ। ଏହି ଗ୍ରାମରୁ ଏକ ପ୍ରାଚୀନ ବିରଳ ମୁଦ୍ରା ମିଳିଥିଲା, ଯାହା କୁଶାଣ ଶାସନ ସମୟର ବୋଲି ସେମାନେ ପ୍ରକାଶ କରିଛନ୍ତି। ସେହିପରି ସେମାନେ ଏହି ଗ୍ରାମରୁ ପୁରାତନ ପ୍ରସ୍ତର ଯୁଗର ପଥର ନିର୍ମିତ କୁରାଢ଼ି ଏବଂ କେତେକ ଧାତୁଆ ପ୍ରସ୍ତରଖଣ୍ଡ ସଂଗ୍ରହ କରିଛନ୍ତି। ସେ ସମୟରେ ପ୍ରସ୍ତର ନିର୍ମିତ ହାତହତିଆର ଦ୍ୱାରା ଲୋକେ ବିଭିନ୍ନ କାର୍ଯ୍ୟ କରୁଥିଲେ। ଏହି ଗ୍ରାମର ଶୈବପୀଠ ମଲ୍ଲିକେଶ୍ୱର ମନ୍ଦିର ଗଙ୍ଗବଂଶର ରାଜା ଭାନୁଦେବଙ୍କ ସମୟରେ ନିର୍ମାଣ ହୋଇଥିବା ଡ. ବେହେରା ପ୍ରକାଶ କରିଥିଲେ। ଗବେଷଣା ରେ ଡେଲାଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବୃନ୍ଦାବନ ପାହାଡ଼ସିଂ ଏବଂ ସ୍ଥାନୀୟ ବାସିନ୍ଦା ବୀରବର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଗାଇଡ୍‌ଲାଇନ୍ ଜାରିରେ ସରକାରଙ୍କ ବିଳମ୍ବ

### ସମୂହ ପରେଡ୍‌ରେ ଛାତ୍ରୀଛାତ୍ର ଯୋଗଦାନ ପ୍ରସଙ୍ଗ

କଟକ ସଦର,୨୪।୭(ସୁଶାନ୍ତ କୁମାର ଜେନା)

ପ୍ରତିବର୍ଷ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସ ଅବସରରେ ପଞ୍ଚାୟତ, ବ୍ଲକ, ତହସିଲ ଓ ନିର୍ବାଚନମଣ୍ଡଳୀସ୍ତରରେ ପତାକା ଉତ୍ତୋଳନ ସହ ପରେଡ଼ ଆୟୋଜନ କରାଯିବାର ବ୍ୟବସ୍ଥା ରହିଛି। ଏହି ପରେଡ଼ରେ ଯୋଗଦେବା ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଚିତ୍ତାକର୍ଷକ ସାମରିକ, ବେସାମରିକ କଳାକୌଶଳ ପ୍ରଦର୍ଶନ କରିଥାନ୍ତି। କିଛିଦିନ ପରେ ସ୍ୱାଧୀନତା ଦିବସ ପାଳନ କରାଯିବ। ପିଲାମାନଙ୍କୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ନିଜ ଅଞ୍ଚଳରେ ହେଉଥିବା ସାମୂହିକ ପରେଡରେ ଯୋଗଦେବା ହେଲେ ବାହାରକୁ ପିଲାମାନଙ୍କୁ ନେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ଗାଇଡ୍‌ଲାଇନ୍ ଜାରି କରାଯାଇନାହିଁ। ଆଗରୁ ମଧ୍ୟ କୌଣସି ଗାଇଡ୍‌ଲାଇନ୍ ମଧ୍ୟ ନାହିଁ। ସୂଚନା ଅଧିକାର ଆଇନରେ ତଥ୍ୟ ମଗାଯାଇଥିଲା। ସରକାରଙ୍କ ଏ ନେଇ କୌଣସି ଗାଇଡ୍‌ଲାଇନ୍ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୬୮୦୯/୫।୩।୨୦୨୫ରେ ଅବଗତ କରାଯାଇଥିଲା। ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଏହା ପରେ ଗାଇଡ୍‌ଲାଇନ୍ ଜାରି କରିବାରେ ବିଳମ୍ବ ଘଟୁଛି। ଗତ ଜାନୁଆରୀ ୨୬ରେ ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ବେହେରା ପରେଡ ସ୍ଥଳରୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଦାୟିତ୍ୱହୀନତା ପାଇଁ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଗିରଫ କରାଯାଇଥିଲା। ଅଦ୍ୟାବଧି କୌଣସି ନିୟମ ଲୋକସେବା ଭବନରୁ ଆସି ନ ଥିବା କଟକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରୁ ସରକାରଙ୍କ ନିଷ୍ପତ୍ତି ନେବାର ଥିବାରୁ ଏହା ଉପରେ ସେ କିଛି କହିପାରିବେ ନାହିଁ ବୋଲି କହିଥିଲେ। ତେଣୁ ରାଜ୍ୟ ସରକାର ପରେଡରେ ଅଂଶ ଗ୍ରହଣ କରିବାକୁ ଯାଉଥିବା ପିଲା ଓ ଶିକ୍ଷକମାନଙ୍କ ପାଇଁ ଗାଇଡ୍‌ଲାଇନ୍ ଶୀଘ୍ର ଜାରି କରିବା ପାଇଁ ଦାବି ହେଉଛି।

## ଅର୍ଥନୀତି ସୁଦୃଢ଼ କରିବାରେ କରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



### ଆୟକର ବିଭାଗ ପାଳିଲା ୧୬୬ତମ ଆୟକର ଦିବସ

ଭୁବନେଶ୍ୱର, ୨୪।୭(ଅନୁରାଧା ମହାରଣା)

ଆୟକର ବିଭାଗ ଓଡ଼ିଶା ପକ୍ଷରୁ ସୂଚନା ଭବନଠାରେ ୧୬୬ତମ ଆୟକର ଦିବସ ପାଳନ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଞ୍ଚଳର ପ୍ରିନ୍ସିପାଲ ଚିଫ୍ କମିଶନର ଅଫ୍ ଇନ୍‌କମ ଟ୍ୟାକ୍ସ ପରମିତା ଶତପଥୀ ତ୍ରିପାଠୀ ଯୋଗଦେଇ ବିଭାଗର ସେବାମୁଖୀ ଦୃଷ୍ଟିକୋଣ ଓ ଆଗାମୀ ଲକ୍ଷ୍ୟଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରିନ୍ସିପାଲ ଡାଇରେକ୍ଟର ଅଫ୍ ଇନ୍‌କମ ଟ୍ୟାକ୍ସ (ଇନ୍‌ଭେଷ୍ଟିଗେଶନ) ଡ. ସନ୍ଦୀପ ଗୋଏଲ, ପ୍ରିନ୍ସିପାଲ ଚିଫ୍ କମିଶନର ଅଫ୍ ଆଇଟି ସରୋଜ କୁମାର ମହାପାତ୍ର ଏବଂ ସିଆଇଟି (ଆଡ୍‌ମିନ ଓ ଟିପିଏସ୍) ଶୋଭନ କୃଷ୍ଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି) ଅଧ୍ୟକ୍ଷ ରବି ଅଗ୍ରୱାଲ ତାଙ୍କ ଭିଡିଓ ବାର୍ତ୍ତାରେ ଆୟକର ବିଭାଗର ସ୍ୱଚ୍ଛତା, ଦକ୍ଷତା, ସରଳୀକରଣ ଓ ଡିଜିଟାଲାଇଜେଶନ ଆଡ଼କୁ ରୂପାନ୍ତରଣ ଯାତ୍ରାକୁ ଗୁରୁତ୍ୱ ଦେଇଥିଲେ। ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ କରଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିବା ସହ ପ୍ରକ୍ରିୟାକୁ ଆହୁରି ସରଳ କରି କରଦାତା ସେବାକୁ ଉନ୍ନତ କରିବାରେ ବିଭାଗର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ଅଫିସର ଓ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଶିଷ୍ଟ ଡାକ୍ତରମାନଙ୍କୁ ଦଶନ୍ଧି ଧରି ସମାଜ ପ୍ରତି ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଉତ୍ସବର ଅଂଶ ଭାବେ ସ୍ୱତନ୍ତ୍ର ଜନସଚେତନତା କାର୍ଯ୍ୟକ୍ରମ, ୱାକାଥନ, ସ୍ୱାସ୍ଥ୍ୟ ଶିବିର ଏବଂ ବିଭାଗୀୟ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ମୟୂର ଆର୍ଟ ଗ୍ରୁପ୍ ଦ୍ୱାରା ଛଉ ନୃତ୍ୟ ପରିବେଷଣ କରାଯାଇଥିଲା।

## କାର୍ ଚାଳକଙ୍କଠାରୁ ମୋବାଇଲ ଫୋନ, ମନିପର୍ସ ଲୁଟ୍: ୨ ଗିରଫ

ବାଲିଅନ୍ତା ୨୪।୭ (ନୀଳମାଧବ ସାହୁ)

ପାହାଳସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିବା ଜଣେ କାର୍ ଚାଳକଙ୍କଠାରୁ ଏକ ମୋବାଇଲ ଫୋନ ଓ ମନିପର୍ସ ଲୁଟ୍ ହୋଇଥିଲା। ଏନେଇ ପାହାଳ ଥାନା ପୋଲିସ ଗୁରୁବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଞ୍ଚଳର ରିତେଶ ରାଜ ନାୟକ (୨୩) ଓ ବାଲିପାଟଣା ଥାନା ଅଞ୍ଚଳର ବାଦଲ ଭୋଇ (୨୩)। ପୋଲିସ ସେମାନଙ୍କ ପାଖରୁ ଏକ ବାଇକ ଓ ଚୋରି ମୋବାଇଲ ଫୋନକୁ ଜବତ କରିଛି। ସୂଚନା ଅନୁଯାୟୀ, କଟକରେ ରହୁଥିବା ଢେଙ୍କାନାଳର ପର୍ଶୁରାମ ମାଝି ଗତ ମଙ୍ଗଳବାର ରାତି ୯ଟା ୪୦ରେ କାର୍‌ରେ ଜଣେ ବ୍ୟକ୍ତିଙ୍କୁ ନେଇ ପାହାଳସ୍ଥିତ ଏକ ରେଷ୍ଟୁରାଣ୍ଟକୁ ଆସିଥିଲେ। ସେ କାର୍‌ଟିକୁ ରେଷ୍ଟୁରାଣ୍ଟ ସମ୍ମୁଖରେ ପାର୍କିଂ କରି ଫୋନରେ କଥା ହେଉଥିଲେ। ଏହି ସମୟରେ ଏକ ବାଇକରେ ୩ଯୁବକ ସେଠାକୁ ଆସି ଜୋରଜବରଦସ୍ତ ପର୍ଶୁରାମଙ୍କଠାରୁ ମୋବାଇଲ ଫୋନ ଓ ମନିପର୍ସ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ଆଜି ଆର୍‌ସିଏମ୍‌ରେ ନିଯୁକ୍ତି ମେଳା

ଭୁବନେଶ୍ୱର,୨୪।୭(ସୁଚିସ୍ମିତା ସାହୁ)

ଶିକ୍ଷା ମନ୍ତ୍ରାଳୟର ଅଧୀନ ବୋର୍ଡ ଅଫ୍ ପ୍ରାକ୍ଟିକାଲ ଟ୍ରେନିଂ(ଇଷ୍ଟର୍ଣ୍ଣ ରିଜନ), ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ(ଆରସିଏମ) ଏବଂ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ହ୍ୟୁମାନ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ ପକ୍ଷରୁ ଶୁକ୍ରବାର ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ସକାଳ ୯ରୁ ମେଳା ଆରମ୍ଭ ହେବ। ଏଥିପାଇଁ ୧୫ଶହରୁ ଅଧିକ ଆଶାୟୀ ପଞ୍ଜିକରଣ କରିସାରିଛନ୍ତି। ମେଳାରେ କଳା, ବିଜ୍ଞାନ, ବାଣିଜ୍ୟ, ମ୍ୟାନେଜମେଣ୍ଟ, ନର୍ସିଂ, ଇଞ୍ଜିନିୟରିଂ ଭଳି ବିଭିନ୍ନ ସାଧାରଣ ପାଠକ୍ରମର ବିଦ୍ୟାର୍ଥୀମାନେ ସାମିଲ ହୋଇପାରିବେ। ଯୁବପିଢ଼ିଙ୍କୁ ନିଯୁକ୍ତି ଦେଇ ସାମାଜିକ ଓ ଅର୍ଥନୈତିକ ଭାବେ ଉନ୍ନତି କରିବା। ପାଠପଢ଼ି ଘରେ ବସିଥିବା ପିଲାଙ୍କୁ ନିଯୁକ୍ତି ଦେବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି।

## ସ୍ୱତନ୍ତ୍ର ମେଡିକାଲ ବୋର୍ଡ କରି ସୁଯୋଗ ଦେବାକୁ ନିର୍ଦ୍ଦେଶ

### ଉଚ୍ଚରକ୍ତଚାପ ଦର୍ଶାଇ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା ମାମଲା

କଟକ,୨୪।୭(କାର୍ତ୍ତିକ ସାହୁ)

ଓପିଏସ୍ ଦ୍ୱାରା ପରିଚାଳିତ ଏକ ନିଯୁକ୍ତି ପରୀକ୍ଷା ପାଇଁ ଶାରୀରିକ ମାନଦଣ୍ଡରେ ବେଆଇନ ଭାବେ ଉଚ୍ଚ ରକ୍ତଚାପ ଦର୍ଶାଇ ୯ଜଣଙ୍କୁ ଅଯୋଗ୍ୟ ଘୋଷଣା ମାମଲାରେ ହାଇକୋର୍ଟ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରି ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରି ଏହାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓପିଏସ୍‌ସି ପକ୍ଷରୁ ଓଡ଼ିଶା ବନ ସେବାର ସହାୟକ ବନ ସଂରକ୍ଷକ (ଗ୍ରୁପ–ଏ) ଏବଂ ବନ ରେଞ୍ଜର (ଗ୍ରୁପ–ବି) ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ପଦ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ୫୩୩ଜଣ ପ୍ରାର୍ଥୀଙ୍କୁ ଶାରିରୀକ ପରୀକ୍ଷା ପାଇଁ ୨୦୨୫ ଜୁଲାଇ ୧୫ରେ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଉଚ୍ଚରକ୍ତଚାପ ଥିବା ଦର୍ଶାଇ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ରକ୍ତଚାପ ରେକର୍ଡିଂ ଏକ ଡିଜିଟାଲ ଉପକରଣ ଆଧାରରେ କରାଯାଇଥିଲା। ସାଧାରଣ ମରକ୍ୟୁରି ମିଟରରେ ରକ୍ତଚାପ ମାପ କରିବା ବଦଳରେ ଡିଜିଟାଲ ମିଟରରେ ମାପ କରାଯାଇଥିଲା। ଓପିଏସିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଆବେଦନକାରୀମାନେ ଶାରୀରିକ ସହନଶୀଳତା ପରୀକ୍ଷାରୁ ବଞ୍ଚିତ ହୋଇଥିବା ହାଇକୋର୍ଟରେ ଅଭିଯୋଗ କରିଥିଲେ। ତେଣୁ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷା ପାଇଁ ତୁରନ୍ତ ଅନୁମତି ଦେବା ଏବଂ ଉପଯୁକ୍ତ ରକ୍ତଚାପ ମାପ ଉପକରଣ ଦ୍ୱାରା ପୁନଃରକ୍ତଚାପ ପରୀକ୍ଷା କରାଇବା ପାଇଁ ଦେବାଶିଷ ଦାସ ଓ ଅନ୍ୟ ୮ଜଣଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା।

## ହାରିଗଲେ ସତ, ସାଲିସ କରିନାହାନ୍ତି ସୌମ୍ୟାଶ୍ରୀ



### ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, ୨୪।୭ (ସୌମ୍ୟରଞ୍ଜନ ରାଉତ)

ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଗାଡ଼କଣସ୍ଥିତ ଗୁରୁ କେଲୁଚରଣ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତିସଭାରେ ବହୁ ସଂଖ୍ୟକ ମହିଳା, ଛାତ୍ରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ସାମିଲହୋଇ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ନ୍ୟାୟ ପାଇଁ ଦୀର୍ଘଦିନ ଧରି ଲଢ଼ିବା ପରେ ସୌମ୍ୟାଶ୍ରୀ ହାରିଗଲେ ସତ, କିନ୍ତୁ କେବେ ସାଲିସ କଲେ ନାହିଁ। ଅନେକଙ୍କ ପାଇଁ ସେ ଉଦାହରଣ ହୋଇ ରହିବେ ବୋଲି ସେମାନେ ମତପ୍ରକାଶ କରିଥିଲେ। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନକ୍ରମେ କଂଗ୍ରେସ ମୁଖପାତ୍ର କୃଷ୍ଣଚନ୍ଦ୍ର ପତିଙ୍କ ନେତୃତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗାଡ଼କଣ ବରିଷ୍ଠ କମିଟି ସଭାପତି ସୁର ପାତ୍ର, ସମ୍ପାଦକ କିଶୋର ସାହୁ, ଆଞ୍ଚଳିକ ସୁରକ୍ଷା କମିଟି ଉପଦେଷ୍ଟା ରଶାନ୍ତ ସାହୁ, ନାରୀ ନେତ୍ରୀ ମିତୁ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କୃଷ୍ଣଚନ୍ଦ୍ରଙ୍କ ସମେତ ଅସିତ୍ ନାୟକ, ଆଲୋକ ଦିଗଲ, ଧରିତ୍ରୀ ଜେନାଙ୍କ ସମେତ ବହୁ ଛାତ୍ରୀ ଯୋଗଦେଇଥିଲେ।

## ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟିତ

କଟକ,୨୪।୭(କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଦି ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଟିମ୍‌ର ମିଳିତ ଆନୁକୂଲ୍ୟରେ ୩ଦିନିଆ ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଗୁରୁବାରଠାରୁ ଆରମ୍ଭ ହୋଇଛି। ମହିଳା ସଶକ୍ତୀକରଣ, ଆଇନ ଓ ନ୍ୟାୟ ଶୀର୍ଷକ ଫେଷ୍ଟିଭାଲର ଥିମ୍ ଭାବେ ଉପସ୍ଥାପନା କରାଯାଇଛି। ମୁଖ୍ୟଅତିଥି ଭାବେ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଫେଷ୍ଟିଭାଲକୁ ଉଦ୍‌ଘାଟନ କରି କହିଲେ, ରାଜ୍ୟ ସରକାର ମହିଳା ବିରୋଧୀ ହିଂସାକୁ ପ୍ରତିହତ କରିବା ପାଇଁ ଫାଷ୍ଟଟ୍ରାକ କୋର୍ଟମାନ ସ୍ଥାପନ କରୁଛନ୍ତି। ଫେଷ୍ଟିଭାଲ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଲେ, ଐତିହ୍ୟସମ୍ପନ୍ନ କଟକ ସହରରେ ଏଭଳି ସିନେମା ଫେଷ୍ଟିଭାଲ ସ୍ୱାଗତଯୋଗ୍ୟ ପଦକ୍ଷେପ। ମହିଳାମାନେ ପ୍ରତିଦିନ ସାମ୍ନା କରୁଥିବା ସଂଘର୍ଷ ଓ ସେଗୁଡ଼ିକର ସମାଧାନ ମଧ୍ୟ ସିନେମା ଜରିଆରେ ଛାତ୍ରୀଛାତ୍ରମାନେ ଅବଗତ ହୋଇପାରିବେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ କହିଲେ, ଫେଷ୍ଟିଭାଲ କେବଳ ସିନେମା ଦେଖାଇବା ପାଇଁ ନୁହେଁ, ବରଂ ମହିଳା ସଶକ୍ତୀକରଣ ଉପରେ ପର୍ଯ୍ୟବସିତ ସିନେମାଗୁଡ଼ିକ ସମ୍ପର୍କରେ ଜ୍ଞାନ ଆହରଣ ନିମନ୍ତେ ଉଦ୍ଦିଷ୍ଟ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ସେଣ୍ଟର ଫର ଫିଲ୍ମ ଷ୍ଟଡିଜ୍ ନୂତନ ଭାବେ ସ୍ଥାପନ ହୋଇଛି। ଏହା ମାଧ୍ୟମରେ ସିନେମା, ଆଇନ ଓ ସାହିତ୍ୟର ସମନ୍ୱୟ ହୋଇପାରିଛି ବୋଲି କୁଳପତି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ରଙ୍ଗିନ ପଲ୍ଲବ ତ୍ରିପାଠୀ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ଫେଷ୍ଟିଭାଲର ସଫଳତା କାମନା କରିଛନ୍ତି। ବାଇସ୍କୋପ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଆଲୋକ ଭରଦ୍ୱାଜ, ଫେଷ୍ଟିଭାଲ ନିର୍ଦ୍ଦେଶିକା ଜ୍ୟୋତି ଆରୋରା, ମୁଖ୍ୟ ଉପଦେଷ୍ଟା ପ୍ରସେନଜିତ୍ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଜୁରି ମେମ୍ବର ଭାବେ ବିଜୟ ଜେନା, ଗଦାଧର ପୁଞ୍ଜୀ, ଲଳିତ ରାଓ ସିନେମାଗୁଡ଼ିକର ମୂଲ୍ୟାୟନ କରୁଛନ୍ତି।

ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ୫ଟି ପ୍ରେକ୍ଷାଳୟରେ ୩୦ଟି ସିନେମା ପ୍ରଦର୍ଶିତ ହୋଇଥିଲା। ଓଡ଼ିଆ, ହିନ୍ଦୀ, ପଞ୍ଜାବୀ, ମାଲାୟଲମ, ସ୍ପେନିସ ଓ ଇଂଲିଶ ସମେତ ପ୍ରାୟ ୧୪ ଭାଷାର ଫିଲ୍ମଗୁଡ଼ିକ ଅଂଶଗ୍ରହଣ କରିଛି। ଆଗାମୀ ୨ ଦିନରେ ୨୨ଟି ଭାଷାରେ ପ୍ରାୟ ୧୦୨ଟି ସିନେମା ପ୍ରଦର୍ଶନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାଯାଇଛି।

## ମହମ୍ମଦ କ୍ୟୁ ଆଇ ଅଲ୍ଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଓଡ଼ିଶାର ଅଧ୍ୟକ୍ଷ

ଭୁବନେଶ୍ୱର, ୨୪।୭ (ବନ୍ଦନା ସେଠୀ)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଓଡ଼ିଶା ଆଞ୍ଚଳିକ ଚାପ୍ଟରର ସାଧାରଣ ବାର୍ଷିକ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୨ବର୍ଷ ପାଇଁ ବିଡିଏ ପ୍ଲାନିଂ ମେମ୍ବର ମହମ୍ମଦ କ୍ୟୁ ଆଇ ଅଲ୍ଲୀଙ୍କୁ ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ବୈଠକରେ ପରିଷଦର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିସହ ଟାଉନ୍ ପ୍ଲାନରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଗୁରୁବାର ନବାଗତ ବିଦ୍ୟାର୍ଥୀଙ୍କ ପ୍ରବେଶ ଓ ସ୍ୱାଗତ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁଙ୍କ ସହ ଅନ୍ୟମାନେ ଓଡ଼ିଆ ଭାଷାରେ ଯୁକ୍ତ୨ ବିଜ୍ଞାନ ବହି ଲୋକାର୍ପଣ କରୁଛନ୍ତି।

## ଦୁଦୁରାବସ୍ତ ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ଦାବି

ବାଲିଅନ୍ତା,୨୪।୭(ନୀଳମାଧବ ସାହୁ)



ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକର ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଦୁଦୁରାବସ୍ତ ପ୍ରାଥମିକ ବିଦ୍ୟାଳୟକୁ ଖୋଲିବାକୁ ସାଧାରଣରେ ଦାବି ହୋଇଛି। ବିଦ୍ୟାଳୟରେ କମ୍ ଉପସ୍ଥାନ ଥିବା ଯୋଗୁଁ ପୂର୍ବ ସରକାରଙ୍କ ସମୟରେ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା। କିଛିଦିନ ତଳେ ବର୍ତ୍ତମାନର ରାଜ୍ୟ ସରକାର ମିଶ୍ରଣ ପରେ ବନ୍ଦ ହୋଇଥିବା ୪୬ଟି ବିଦ୍ୟାଳୟର ତାଲା ଖୋଲିଛନ୍ତି। ହେଲେ ଏହି ତାଲିକାରେ ଦୁଦୁରାବସ୍ତ ପ୍ରାଥମିକ ବିଦ୍ୟାଳୟ ନାହିଁ। ଦୀର୍ଘ ବର୍ଷ ଧରି ବିଦ୍ୟାଳୟର ଶ୍ରେଣୀ ଗୃହ ବନ୍ଦ ରହି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏପରି କି ଛାତ୍ରୀଛାତ୍ରମାନେ ୨କିଲୋମିଟର ଦୂର ରାମଚନ୍ଦ୍ରପୁର ବିଦ୍ୟାଳୟକୁ ଯିବା ଆସିବା କରିବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଦୁଦୁରାବସ୍ତ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ ସ୍କୁଲଠାରୁ ଅଲଗା କରି ପୁଣି ଥରେ ଖୋଲିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସୂଚନାଯୋଗ୍ୟ ୧୯୫୯ ମସିହାରେ ସ୍ଥାପିତ ହୋଇଥିବା ଏହି ପ୍ରାଥମିକ ବିଦ୍ୟାଳୟରେ ଦୁଦୁରାବସ୍ତ ଗ୍ରାମ ସମେତ ପାଖ ନଛିପୁର ଗ୍ରାମର ପିଲାମାନେ ପାଠ ପଢୁଥିଲେ। ତେବେ ବିଦ୍ୟାଳୟରେ ପିଲା ସଂଖ୍ୟା କମିଯିବାରୁ ଗତ ୭ ବର୍ଷ ତଳେ ଏହି ବିଦ୍ୟାଳୟକୁ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା। ସେବେଠୁ ଏହି ବିଦ୍ୟାଳୟଟି ବନ୍ଦ ହୋଇରହିଛି। ଗ୍ରାମର ପିଲାମାନେ ବାଧ୍ୟ ହୋଇ କିଛି ଘରୋଇ ବିଦ୍ୟାଳୟ ଓ କିଛି ସରକାରୀ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢୁଛନ୍ତି। ନିଛାଟିଆ ରାସ୍ତା ଦେଇ ବିଦ୍ୟାଳୟକୁ ଯିବାକୁ ପଡୁଥିବାରୁ ଓ ଦୂର ହେଉଥିବାରୁ ବହୁ ପିଲା ପାଠପଢାରେ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତି। ତେଣୁ ତୁରନ୍ତ ମିଶ୍ରଣ ବିଦ୍ୟାଳୟଠାରୁ ଅଲଗା କରି ଏହି ଦୁଦୁରାବସ୍ତ ପ୍ରାଥମିକ ବିଦ୍ୟାଳୟକୁ ଖୋଲିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏହି ବିଦ୍ୟାଳୟଟି ଦୀର୍ଘ ବର୍ଷ ଧରି ବନ୍ଦ ରହିବା ଯୋଗୁଁ ଶ୍ରେଣୀଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିଶେଷ କରି ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଗୃହଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହାର ମରାମତି ଆବଶ୍ୟକ ରହିଛି ବୋଲି ସାମାଜିକ କର୍ମୀ ରମାକାନ୍ତ ରାଉତରାୟ କହିଛନ୍ତି। ବିଦ୍ୟାଳୟ ଖୋଲିବା ଓ ବାସ୍ତବ ଏବଂ ଭୌଗୋଳିକ ସ୍ଥିତିକୁ ଜିଲା ପ୍ରଶାସନ ଅନୁଧ୍ୟାନ କରି ନିଷ୍ପତ୍ତି ନେବାକୁ ଦାବି ହୋଇଛି। ଗ୍ରାମର ବାସିନ୍ଦା ସୁଶାନ୍ତ ବେହେରା, ଚଞ୍ଚଳା ରାଉତ, ତିଳୋତ୍ତମା ବେହେରା ଓ କୈଳାଶ ମଲିକ ପ୍ରମୁଖ କହିଛନ୍ତି ବିଦ୍ୟାଳୟଟି ବନ୍ଦ ହେବା ଯୋଗୁଁ ଗରିବ ପରିବାରର ପିଲାମାନେ ବିଶେଷ ହଇରାଣ ହେଉଛନ୍ତି। ଏହାର ଗୁରୁତ୍ୱ ଓ ବିଚାରକୁ ନେଇ ଗ୍ରାମରେ ବନ୍ଦ ହୋଇଥିବା ବିଦ୍ୟାଳୟକୁ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଭିଙ୍ଗାରପୁର ସରପଞ୍ଚ ହୃଷୀକେଶ ବେହେରା ଗ୍ରାମବାସୀଙ୍କ ଦାବି ଯଥାର୍ଥ ବୋଲି କହିବା ସହ ଗ୍ରାମଠାରୁ ମିଶ୍ରଣ ସ୍କୁଲ ଦୂର ହେଉଥିବାରୁ ବନ୍ଦ ଥିବା ବିଦ୍ୟାଳୟ ଖୋଲିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ମା’ ପାଇଁ ଗଛଟିଏ

ସାଲେପୁର,୨୪।୭(ଅରବିନ୍ଦ ଭୂୟାଁ)- ସାଲେପୁର ବ୍ଲକ ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ଦୁଗାପୁର ଗ୍ରାମରେ ପ୍ରତିଷ୍ଠିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ପକ୍ଷରୁ ଗୁରୁବାର ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଉଲ୍ଲାସ ଚନ୍ଦ୍ର ଜେନା ଯୋଗଦେଇ ମା’ଙ୍କ ଉଦ୍ଦେଶ୍ୟରେ ଚାରା ରୋପଣ କରିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାରର ଫୁଲ ଓ ଔଷଧୀୟ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନିର୍ମଳା କାଣ୍ତି ପରିଚାଳନା କରିଥିଲାବେଳେ ଛାତ୍ରୀଛାତ୍ର ଓ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।

### ନୃତ୍ୟ, ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ କବିଚନ୍ଦ୍ର କାଳିଚରଣଙ୍କ ଅବଦାନ ଅତୁଳନୀୟ

ବାଙ୍କୀ,୨୪।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): କବିଚନ୍ଦ୍ର ଡ. କାଳିଚରଣ ପଟ୍ଟନାୟକଙ୍କ ୪୮ତମ ଶ୍ରାଦ୍ଧ ଦିବସ ଜନ୍ମମାଟି ବାଙ୍କୀରେ ପାଳିତ ହୋଇଯାଇଛି। ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦ ପରିସରରେ ଥିବା କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରିଷଦର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ସେ କହିଥିଲେ, ବାଙ୍କୀର ନୃତ୍ୟ ଓ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ କବିଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ। କବିଚନ୍ଦ୍ର କାଳିଚରଣ ୧୨୦ଖଣ୍ଡରୁ ଅଧିକ ନାଟକ, ଗୀତିନାଟ୍ୟ, କବିତା, ଗଳ୍ପ ଓ ନିଜ ଜୀବନୀ ରଚନା କରିଛନ୍ତି ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେସକ୍ଲବର ସଭାପତି ବଳଭଦ୍ର ପଣ୍ଡା, ପରିଷଦର ସମ୍ପାଦକ ବେଣୁଧର କର, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦିକ୍ଷୀତ, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କବି ଲଲାଟେନ୍ଦୁ ପଣ୍ଡା, ସୁବାସ ପ୍ରହରାଜ ପ୍ରମୁଖ ଯୋଗଦେଇ କବିଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ନୃତ୍ୟ ଶିକ୍ଷକ ମହେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଣୀ ଚିକିତ୍ସାରେ ଉପୁଜିଥିବା ସମସ୍ୟା ସମାଧାନ କର

### ସୁଭାଷ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

କଟକ,୨୪।୭(ଶିଳ୍ପା ପ୍ରିୟଦର୍ଶିନୀ):


ସୁଭାଷ ସଙ୍ଗଠନ ପକ୍ଷରୁ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେବାକୁ ଆସିଥିବା ସଦସ୍ୟମାନେ।

ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଅଧ୍ୟକ୍ଷଙ୍କୁ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ କୌଣସି ଭେଟେନାରୀରେ ସର୍ଜରି ଡାକ୍ତର ଏବଂ ଅନ୍ୟ ନର୍ସିଂ ଷ୍ଟାଫ ପର୍ଯ୍ୟାପ୍ତ ପରିମାଣରେ ନାହାନ୍ତି, ଯାହାଦ୍ୱାରା ଭେଟେନାରୀ ମେଡିକାଲ୍‌ରେ ନୀରିହ ପଶୁପକ୍ଷୀର ଚିକିତ୍ସାରେ ଅବହେଳା ପରିଲକ୍ଷିତ ହେଉଛି। ଭେଟେନାରୀ ମେଡିକାଲକୁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ଔଷଧ ଯୋଗାଇ ଦିଆଯାଉଥିବା ବେଳେ ସେଠାରେ ସାଧାରଣତଃ ପଶୁପକ୍ଷୀ ସେବାରେ ଔଷଧ ବିନିଯୋଗ କରାଯାଉ ନାହିଁ। ଭେଟେନାରୀ ମେଡିକାଲରେ ଯେଉଁ ଔଷଧଗୁଡିକ ରହୁଛି ତାହା ନିମ୍ନମାନର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଭେଟେନାରୀରେ ରହିଥିବା ଇନ୍ସିନେରେଟର, ଜେନେରେଟର ଓ ଏକ୍ସ-ରେ ମେଶିନ୍ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସତ୍ତ୍ୱେ ଏହା କୌଣସି ବ୍ୟବହାରରେ ଆସୁନାହିଁ। କଟକ ସହରରେ ପଶୁପକ୍ଷୀଙ୍କର ଦୁର୍ଘଟଣା ଜନୀତ ଅବ୍ୟବସ୍ଥାକୁ ସୁଧାରିବା ପାଇଁ ଗୋଟିଏ ମାତ୍ର ଆମ୍ବୁଲାନ୍ସ ଥିବାବେଳେ ଏହାର ଅବସ୍ଥା ଶୋଚନୀୟ ରହିଛି। ଯୁଗ୍ମ ନିର୍ଦ୍ଦେଶକ ହିମିକୃତ ଶୁକ୍ର ଭଣ୍ଡାର କଟକ କାର୍ଯ୍ୟାଳୟ ପରିସରରେ ୨୦୧୨-୧୩ ଆର୍ଥିକ ବର୍ଷରେ ଷଣ୍ଢର ଉନ୍ନତ ଶୁକ୍ର ନିମନ୍ତେ ଯାହାର ଆନୁମାନିକ ମୂଲ୍ୟ ୧କୋଟି ୧୦ଲକ୍ଷ ଟଙ୍କା, ମାତ୍ର ତାହା ଏକମାସ ଚାଲିବା ପରେ ତାହା ଏବେ ଯାଏ ବନ୍ଦ ହୋଇ ରହିଛି। ଏଭଳି ଅନେକ ସମସ୍ୟା ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ସମସ୍ୟାଗୁଡିକର ଏକ ମାସ ମଧ୍ୟରେ ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସଂଯୋଜକ ହାଡିବନ୍ଧୁ ସାହୁ, ଜ୍ଞାନ ରଞ୍ଜନ ଦାସ, ସୁରେଶ ମହାନ୍ତି, ବାପୁଜୀ କର, ସନ୍ତୋଷ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସାହୁ, ଲୋପାମୁଦ୍ରା ଷଡ଼ଙ୍ଗୀ, ଅନ୍ନଦା ପ୍ରସାଦ ଦାସ, ଏନ୍ ଫଗୁଆ, ଉମେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଶାରୀରିକ, ମାନସିକ ଭାବେ ସୁସ୍ଥ ଅଛନ୍ତି ଜ୍ୟୋତିପ୍ରକାଶ

**ଏଫ୍‌ଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା**

- ଆରମ୍ଭ ହୋଇଛି ଡିସ୍‌ଚାର୍ଜ ପ୍ରକ୍ରିୟା

କଟକ,୨୪।୭(ଶିଳ୍ପା ପ୍ରିୟଦର୍ଶିନୀ):

ଏସ୍‌ସିବିରେ ଚିକିତ୍ସାଧୀନ ଥିବା ଜ୍ୟୋତିପ୍ରକାଶଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଛି। ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗକୁ ଏନେଇ ଅବଗତ କରାଯାଇଛି ଏବଂ ଡିସ୍‌ଚାର୍ଜ ପକ୍ରିୟା ଆରମ୍ଭ ହୋଇଛି। ଏପରିକି ଆଉ ଦିନ କେଇଟାରେ ଜ୍ୟୋତିପ୍ରକାଶ ମେଡିକାଲରୁ ଡିସ୍‌ଚାଜ ହୋଇପାରନ୍ତି ବୋଲି ସୂଚନା ମିଳିଛି। ଏ ନେଇ ପ୍ଲାଷ୍ଟିକ ସର୍ଜରି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ କହିଛନ୍ତି, ଜ୍ୟୋତିପ୍ରକାଶ ଏବେ ସୁସ୍ଥ ଅଛନ୍ତି। ତାଙ୍କର ସ୍ୱାସ୍ଥ୍ୟ ପ୍ରତି ଏବେ କୌଣସି ବିପଦ ନାହିଁ। ମାନସିକ ସ୍ଥିତି ବିଗିଡି ନାହିଁ ବରଂ ପ୍ରଥମେ ପୋଡି ହେବା କାରଣରୁ ସାମାନ୍ୟ ବିଚଳିତ ହୋଇ ଯାଇଥିଲେ। ଏବେ ଉଭୟ ମାନସିକ ଓ ଶରୀରିକ ଭାବେ ସେ ସୁସ୍ଥ ଅଛନ୍ତି। ତାଙ୍କର ଡିସ୍‌ଚାର୍ଜ ନେଇ ଅଧୀକ୍ଷକଙ୍କୁ ଜଣାଯାଇଛି। ସେ ଯାହା ନିଷ୍ପତ୍ତି ନେବେ ସେ ଅନୁଯାୟୀ ଡିସ୍‌ଚାଜ କରାଯିବ ବୋଲି ସେ କହିଛନ୍ତି। ଜ୍ୟୋତିପ୍ରକାଶଙ୍କ ବାପା ସନାତନ ବିଶ୍ୱାଳ କହିଛନ୍ତି, ପୁଅର ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ସୁସ୍ଥ ଅଛି, ଏବେ ମେଡିକାଲରେ ବହି ପଢୁଛି ଏବଂ ଘରକୁ ଯିବାକୁ ଜିଦି କରୁଥିବା କହିଥିବାବେଳେ ଜ୍ୟୋତିପ୍ରକାଶଙ୍କ ସମ୍ପର୍କରେ କୌଣସି ଭୁଲ ଖବର ପ୍ରକାଶ ନ କରିବାକୁ ସେ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି।

ସୂଚନାଥାଉକି, ଏସ୍‌ସିବିର ପ୍ଲାଷ୍ଟିକ ସର୍ଜରି ବର୍ନ ଆଇସିୟୁରେ ଏଫ୍‌ଏମ୍ କଲେଜ ଛାତ୍ର ଜ୍ୟୋତିପ୍ରକାଶଙ୍କ ଚିକିତ୍ସା କରାଯାଉଛି। ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନିଆଁରୁ ବଞ୍ଚାଇବାକୁ ଉଦ୍ୟମ କରିଥିବାବେଳେ ଜ୍ୟୋତିପ୍ରକାଶ ପୋଡିଯାଇଥିଲେ। ଅନ୍ୟପଟେ ରାଜ୍ୟ ସରକାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଏସ୍‌ସିବିକୁ ପ୍ରାୟ ୨ରୁ ୩ଥର ଟିମ୍ ଆସି ଜ୍ୟୋତିପ୍ରକାଶଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଛି।

# ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

### ପ୍ରଧାନ ଶିକ୍ଷକଙ୍କ ବଦଳିକୁ ବିରୋଧ


ବିଦ୍ୟାଳୟ ଆଗରେ ଧାରଣା ଦେଇଥିବା ଛାତ୍ରୀଛାତ୍ର, ଅଭିଭାବକ ଓ ଅନ୍ୟମାନେ।

ବାଙ୍କୀ, ୨୪।୭(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ବାଉଁଶପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ବଦଳିକୁ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିରୋଧ କରିଛନ୍ତି। ପ୍ରତିବାଦରେ ସେମାନେ ଗୁରୁବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇ ସ୍ୱାଇଁଙ୍କୁ ଫେରାଇ ଆଣିବାକୁ ଦାବି କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ କହିବାନୁଯାୟୀ, ଶିକ୍ଷକ ସ୍ୱାଇଁ ଏହି ବିଦ୍ୟାଳୟରେ ୧୩ ବର୍ଷ ଧରି ଶିକ୍ଷକତା କରୁଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଶିକ୍ଷାଦାନ କରିଆସୁଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷାଦାନ ଦେବା ସହ ଭଲ ବ୍ୟବହାର କରୁଥିଲେ। ସ୍ୱାଇଁ ଛାତ୍ରୀଛାତ୍ରମାନଙ୍କୁ ନିଜ ପିଲାଭଳି ଦେଖୁଥିଲେ। ସେ ସବୁ ପିଲାଙ୍କ ପାଇଁ ପ୍ରେରଣା ପାଲଟିଥିଲେ। ଏଣୁ ସ୍ୱାଇଁଙ୍କୁ ବିଦ୍ୟାଳୟକୁ ପୁନର୍ବାର ଫେରାଇ ଆଣିବା ପାଇ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ଧାରଣାରେ ଛାତ୍ରୀଛାତ୍ରଙ୍କ ବ୍ୟତୀତ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବିରଞ୍ଚି ଦଳେଇ, ପତିତପାବନ ପଣ୍ଡା, ମାନସ ସେଠୀ, ରଞ୍ଜନ ପଣ୍ଡା, ବିକ୍ରମ ପଣ୍ଡା, ମନୋଜ ବେହେରା ବିଦ୍ୟାଧର ମନ୍ତ୍ରୀ, ଅଖିଳ ମହାରଣା, ଶାନ୍ତିଲତା ପ୍ରଧାନ, ନିବାସିନୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି, ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

ବଡ଼ମ୍ବା, ୨୪।୭(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର ବାଲେଶ୍ୱର ଫକୀର ମୋହନ ମହା ବିଦ୍ୟାଳୟର ଦିବଙ୍ଗତ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବଡମ୍ବାର ବୁଢା ହନୁମାନ ମନ୍ଦିରଠାରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କରଣ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ନେତୃମଣ୍ଡଳୀ ଅଖିଳ କୁମାର ପଣ୍ଡା, ଯୁବ କଂଗ୍ରେସ ସଭାପତି ବଳଭଦ୍ର ପ୍ରହରାଜ, ଆଲୋକ ସାହୁ, ନିରଞ୍ଜନ ପତି, ଦିବାକର ସ୍ୱାଇଁ, ଆଲୋକ ସେଠୀ, ଗୁଣନିଧି ରାଉତ, ସୁଜିତ ସେଠୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ଉପସ୍ଥିତ କର୍ମୀମାନେ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ନୀରବ ପ୍ରାର୍ଥନା କରିବା ସହ ଏମ୍ସରେ ଚିକିତ୍ସାଧୀନ ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ହାଇକୋର୍ଟରେ ସରକାରଙ୍କ ଜବାବ ଦାଖଲ

### ଚଣ୍ଡୀ ମନ୍ଦିର ଉନ୍ନତୀକରଣ ମାମଲା

କଟକ,୨୪।୭(କାର୍ତ୍ତିକ ସାହୁ):

କଟକ ଚଣ୍ଡୀ ମନ୍ଦିର ଉନ୍ନତୀକରଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରି ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାର ଗୁରୁବାର ଜବାବ ଦାଖଲ କରିଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଛାଡ଼ି ଅନ୍ୟ ପ୍ରତିପକ୍ଷଙ୍କୁ ରିଟ ପିଟିସନ୍‌ର କପି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଅଗଷ୍ଟ ୭ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଚଣ୍ଡୀ ମନ୍ଦିର ଉନ୍ନତୀକରଣ ପ୍ରକଳ୍ପ ପାଇଁ ୭୦ କୋଟି ଟଙ୍କା ସରକାରଙ୍କ ତରଫରୁ ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପ ପାଇଁ ଓବିସିସିକୁ ଦାୟିତ୍ୱ ଦିଆଯାଇଥିଲା। ତେବେ ବାସ୍ତୁଶାସ୍ତ୍ର ଅନୁସାରେ ଏହି କାର୍ଯ୍ୟ କରାଯାଉ ନାହିଁ। ତିନି ବର୍ଷରୁ ଅଧିକ ହେବ ଉନ୍ନତୀକରଣ କାମ ବିଳମ୍ବ ହୋଇଚାଲିଛି। ପ୍ରକଳ୍ପର ବିସ୍ତୃତ ରିପୋର୍ଟ ମଧ୍ୟ ପ୍ରକାଶ କରାଯାଉ ନାହିଁ। ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ସାମଗ୍ରୀ ନିମ୍ନମାନର। ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାର୍ଯ୍ୟର ତଦନ୍ତ କରାଯାଉ ଓ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଆବେଦନକାରୀ ସୁକାନ୍ତ ମହାନ୍ତି ଓ ଦେବାଶିଷ ରାଉତ ଆବେଦନରେ ଦର୍ଶାଇଛନ୍ତି। ଗତ ୧୪ ତାରିଖ ଶୁଣାଣି ସମୟରେ ଜବାବ ରଖିବା ପାଇଁ ସରକାରଙ୍କ ପକ୍ଷରୁ ଅଧିକ ସମୟ ଲୋଡ଼ା ଯାଇଥିଲା। ମାତ୍ର ସରକାରଙ୍କ ପକ୍ଷରୁ ଜବାବ ରଖାଯାଇ ଓବିସିସି ଏହାର ନିର୍ମାଣ କାର୍ଯ୍ୟ କରୁଥିବା ନେଇ ଦର୍ଶାଯାଇଥିଲା। ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ମୁଖ୍ୟ ସଚିବ, ଆଇନ ସଚିବ, ଦେବୋତ୍ତର କମିଶନର, ସିଡିଏ, ପିଡବ୍ଲୁଡି, ସିଏମ୍‌ସି, କଟକ ଜିଲାପାଳ, ଓବିସିସି, କଟକ ଚଣ୍ଡୀମନ୍ଦିର ଟ୍ରଷ୍ଟି ବୋର୍ଡକୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ସ୍ୱତନ୍ତ୍ର ମେଡିକାଲ ବୋର୍ଡ କରି ସୁଯୋଗ ଦେବାକୁ ନିର୍ଦ୍ଦେଶ

**ଉଚ୍ଚରକ୍ତଚାପ ଦର୍ଶାଇ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା ମାମଲା**

କଟକ,୨୪।୭(କାର୍ତ୍ତିକ ସାହୁ)

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ଶାରୀରିକ ମାନଦଣ୍ଡରେ ବେଆଇନ ଭାବେ ଉଚ୍ଚ ରକ୍ତଚାପ ଦର୍ଶାଇ ୯ଜଣଙ୍କୁ ଅଯୋଗ୍ୟ ଘୋଷଣା ମାମଲାରେ ହାଇକୋର୍ଟ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରି ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓପିଏସ୍‌ସି ପକ୍ଷରୁ ଓଡ଼ିଶା ବନ ସେବାର ସହାୟକ ବନ ସଂରକ୍ଷକ (ଗ୍ରୁପ-ଏ) ଏବଂ ବନ ରେଞ୍ଜର (ଗ୍ରୁପ-ବି) ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ପଦ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ୫୩୩ଜଣ ପ୍ରାର୍ଥୀଙ୍କୁ ଶାରିରୀକ ପରୀକ୍ଷା ପାଇଁ ୨୦୨୫ ଜୁଲାଇ ୧୫ରେ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଉଚ୍ଚରକ୍ତଚାପ ଥିବା ଦର୍ଶାଇ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ରକ୍ତଚାପ ରେକର୍ଡିଂ ଏକ ଡିଜିଟାଲ ଉପକରଣ ଆଧାରରେ କରାଯାଇଥିଲା। ସାଧାରଣ ମରକ୍ୟୁରି ମିଟରରେ ରକ୍ତଚାପ ମାପ କରିବା ବଦଳରେ ଡିଜିଟାଲ ମିଟରରେ ମାପ କରାଯାଇଥିଲା। ଓପିଏସିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଆବେଦନକାରୀମାନେ ଶାରୀରିକ ସହନଶୀଳତା ପରୀକ୍ଷାରୁ ବଞ୍ଚିତ ହୋଇଥିବା ହାଇକୋର୍ଟରେ ଅଭିଯୋଗ କରିଥିଲେ। ତେଣୁ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷା ପାଇଁ ତୁରନ୍ତ ଅନୁମତି ଦେବା ଏବଂ ଉପଯୁକ୍ତ ରକ୍ତଚାପ ମାପ ଉପକରଣ ଦ୍ୱାରା ପୁନଃରକ୍ତଚାପ ପରୀକ୍ଷା କରାଇବା ପାଇଁ ଦେବାଶିଷ ଦାସ ଓ ଅନ୍ୟ ୮ଜଣଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ଏଥିରେ ଭୁବନେଶ୍ୱର ମୁଖ୍ୟ ବନସଂରକ୍ଷକ, ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ, ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ଓ ଆଇନଜୀବୀ ସୋମ ଶେଖର ରଥ ମାମଲା ପରିଚାଳନା କରୁଥିଲେ।

### ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ

ଟିଗିରିଆ,୨୪।୭(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ନିଶ୍ଚିଗଡ଼ ପଞ୍ଚାୟତସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର ନୂତନ ଛାତ୍ରୀଛାତ୍ରମାନଙ୍କର ଗୁରୁବାର ପ୍ରବେଶୀକରଣ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବେହେରା ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଶିକ୍ଷକ, କର୍ମଚାରୀଙ୍କ ସହ ପରିଚିତ ହୋଇଥିଲେ। ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସୁଧୀର ଚନ୍ଦ୍ର ନାଥ ପରିଚୟ ଓ ପ୍ରବେଶୀକରଣ କରାଇଥିଲେ। ଏଥିରେ ଅଧ୍ୟାପକ ଡ. ପତିତପାବନ ପଣ୍ଡା, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ବେହେରା, ବିଜୟ କୁମାରଦାସ, ଅଧ୍ୟାପିକା ଇନ୍ଦିରା ସାମନ୍ତରାୟ, ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ଶିକ୍ଷାର୍ଥୀମାନଙ୍କୁ ଶୃଙ୍ଖଳା ଜ୍ଞାନ ପ୍ରଦାନ କରିଥିଲେ।

# ନ୍ୟାୟ ନ ମିଳିଲେ ଲଢ଼େଇ ଜାରି ରହିବ

### ସୌମ୍ୟାଶ୍ରୀଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

ସାଲେପୁର,୨୪।୭( ଅରବିନ୍ଦ ଭୂୟାଁ):


ସୌମ୍ୟାଶ୍ରୀ ବିଶିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା କଂଗ୍ରେସ କର୍ମୀ ଓ ଅନ୍ୟମାନେ।

ବାଲେଶର ଫକୀର ମୋହନ ମହାବିଦ୍ୟାଳୟର ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶ ଉପଲକ୍ଷେ ସାଲେପୁର କଂଗ୍ରେସ ପକ୍ଷରୁ ଗୁରୁବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ଭାତପଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଏହାର ନେତୃତ୍ୱ ନେଇଥିଲେ। ଶତାଧିକ କଂଗ୍ରେସ କର୍ମୀ ଏଥିରେ ଯୋଗଦେଇ ସୌମ୍ୟାଶ୍ରୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯେ ପର୍ଯ୍ୟନ୍ତ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଶତପଥୀ ଏହି ଅବସରରେ କହିଛନ୍ତି। ବାରିଗୋଳ ସରପଞ୍ଚ ଶିବୁ ବେହେରାଙ୍କ ସଂଯୋଜନା କାର୍ଯ୍ୟକ୍ରମରେ ମନୋଜ ଖିଲାର, ସଲିମ ଖାଁ, ଚତୁର୍ଭୁଜ ସାହୁ, ଭୁବନାନନ୍ଦ ନାୟକ, ନିରୋଜ କୁମାର ସ୍ୱାଇଁ, ସତ୍ୟଜିତ ରାଉତ ପ୍ରମୁଖ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜଗୁ ବେହେରା, ବିଜ୍ଞାନ ଭୂୟାଁ, କୃଷ୍ଣ ଚନ୍ଦ୍ର ଜେନା, ପ୍ରତାପ ଚନ୍ଦ୍ର ଭୂୟାଁ, ମିନତି ବିଶ୍ୱାଳ, ଇସ୍ରାଇଲ ଖାଁ, ମାନସ ନାୟକ, ରବୀନ୍ଦ୍ର ଜେନା, ଗତିକୃଷ୍ଣ ନନ୍ଦୀ, ଆଶିଷ ନବାସ, ପ୍ରସନ୍ନ ବେହେରା, ବିଶ୍ୱଜିତ୍ ଭୂୟାଁ, ଦୀପକ ଜେନା, ଅବଦୁଲ ବାରିକ ଖାଁ, ରଙ୍ଗିତ୍ ଖାଁ, ସୁରେଶ ନାଥ ପରିଡ଼ା, ରବୀନ୍ଦ୍ର ସ୍ୱାଇଁ, ଅନ୍ତର୍ଯ୍ୟାମୀ ବେହେରା, ପ୍ରଶାନ୍ତ ପରିଡ଼ା, ଅଗଣି ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଥାନା ଆଗରେ ବିଜେଡି କର୍ମୀଙ୍କ ଧାରଣା ପରେ ରାଜନୀତି ସରଗରମ

**ପଞ୍ଚାୟତ ସମିତି ବୈଠକରେ ଗଣ୍ଡଗୋଳ ଘଟଣା**

- ଯୁବ ବିଜେଡି ନେତାଙ୍କ ଗିରଫକୁ ବିରୋଧ

ଆଠଗଡ଼,୨୪।୭(ସତ୍ୟ ପ୍ରସାଦ ରଥ)


ଧାରଣାରେ ବସିଥିବା ବିଜେଡି କର୍ମୀମାନେ।

ଆଠଗଡ଼ରେ ଗତ ପଞ୍ଚାୟତ ବୈଠକରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ଯୁବ ବିଜେଡି ନେତାଙ୍କୁ ଗିରଫ କରିବା ପରେ ରାଜନୀତି ସରଗରମ ହୋଇଛି। ଏତଲାରେ ନାଁ ନ ଥାଇ ଯୁବ ବିଜେଡି ନେତା ଦିପୁ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଥିବା ଅଭିଯୋଗ କରି ବୁଧବାର ଶତାଧିକ ବିଜେଡି ନେତା ଥାନା ଘେରାଉ କରି ଧାରଣା ଦେଇଥିଲେ। ଉପରୋକ୍ତ ଘଟଣାରେ ଗିରଫ ହୋଇଥିବା ସରୋଜ ସ୍ୱାଇଁ ଓ ଦିପୁଙ୍କୁ ଆଠଗଡ଼ ପୋଲିସ କେଉଁଠି ରଖିଛି ତା’ର ସୂଚନା ଦେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ଦିପୁଙ୍କୁ ପୋଲିସ ଗିରଫ କରିବାର କାରଣ ନ ଦର୍ଶାଇବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା। ଖବରପାଇ କଟକ କ୍ରାଇମବ୍ରାଞ୍ଚ ଡିଏସ୍‌ପି ସୁଜିତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏନେଇ ଉଭୟ ବିଜେଡି ଓ ଭାଜପା ପକ୍ଷରୁ ପରସ୍ପର ବିରୋଧରେ ଗୁରୁବାର ରାଜନୈତିକ ବୟାନ ଜାରି ରହିଛି। ପଞ୍ଚାୟତ ସମିତି ବୈଠକ ଦିନ ପୋଲିସକୁ ଢେଲାମାଡ଼ କରି ମୁଣ୍ଡ ଫଟାଇଥିବା ଭାଜପା ସମର୍ଥକମାନଙ୍କୁ ପୋଲିସ ଗିରଫ ନ କରି ସୁରକ୍ଷା ଦେଉଥିବାବେଳେ ଏତଲାରେ ନାଁ ନ ଥିବା ଦଳୀୟ କର୍ମୀଙ୍କୁ ପୋଲିସ ଗିରଫ କରୁଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିବାବେଳେ ଭାଜପା ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି। ଏହି ଧାରଣାରେ ୨ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ବଳଭଦ୍ର ବାଘ, ନଗର ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ଅଜୟ ମହାନ୍ତି, ଦୀପକ ମହାନ୍ତି, ପ୍ରକାଶ ଚନ୍ଦ୍ର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ତଦନ୍ତ ଦାବିରେ କଂଗ୍ରେସ କର୍ମୀଙ୍କ ଧାରଣା

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

ବାଙ୍କୀ,୨୪।୭(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):


ଧାରଣାରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

ବାଙ୍କୀ ବ୍ଲକ ବାଉଁଶପୁଟ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବିରେ ଗୁରୁବାର ଜାତୀୟ କଂଗ୍ରେସ ଦଳ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତର ଜଣେ ଲୋକଙ୍କ ପ୍ରତିନିଧିଙ୍କ ଦିଅର, ଓ ପଞ୍ଚାୟତ କାର୍ଯ୍ୟାଳୟର ଜଣେ ପିଅନଙ୍କୁ ଆବାସ ଯୋଜନାରେ ଗୃହ ଦିଆଯାଇଛି। ସେମାନେ ପରବର୍ତ୍ତୀ ସମୟରେ ଆଦୌ ଘର ନିର୍ମାଣ କରି ନ ଥିଲେ ମଧ୍ୟ ସେମାନଙ୍କୁ ତତ୍କାଳୀନ ଜିଆରଏସ୍ ସମସ୍ତ କିସ୍ତି ପାଇଁ ଅର୍ଥ ପୈଠ କରିଛନ୍ତି। କେବଳ ସେତିକି ନୁହେଁ ସମ୍ପୃକ୍ତ ଜିଆରଏସ୍ ନିଜ ମା’ଙ୍କ ନାଁରେ ଏହି ଯୋଜନାରେ ଗୋଟିଏ ଘର କରିଛନ୍ତି। ତାଙ୍କ ସମେତ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କ ଛାତଘର ଥିଲେ ମଧ୍ୟ ଗରିବମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ଉଭୟେ ସାମିଲ ହେଲେ କିପରି ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗଣଧାରଣାରେ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ନରେଶ ସାହୁ, ମନୋଜ ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡା, କାଶୀନାଥ ମହାପାତ୍ର, ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସିତ୍ ପଟ୍ଟନାୟକ, ଡମପଡା ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଭବାନୀ ପ୍ରସାଦ ଧଳ, ନକୁଳ ପ୍ରଧାନ , ବାବୁଲି ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।

# ସହରରେ ଅଣାୟତ୍ତ ଟ୍ରାଫିକ୍ ସମସ୍ୟା


ସହର ଭିତରେ ଭାରିଯାନ ଚଳାଚଳ ଯୋଗୁ ସୃଷ୍ଟ ଟ୍ରାଫିକ୍ ସମସ୍ୟା।

**ଖୋର୍ଦ୍ଧା,୨୪।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରରେ ଟ୍ରାଫିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୂଆ ବସ୍‌ଷ୍ଟାଣ୍ଡଠାରୁ ଟ୍ରାଫିକ୍ ଛକ, ନୂଆ ବସ୍‌ଷ୍ଟାଣ୍ଡଠାରୁ ପଲ୍ଲା ଛକ, ଖୋର୍ଦ୍ଧା- ନୟାଗଡ଼ ରାସ୍ତା ମୁକୁନ୍ଦପ୍ରସାଦ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ମୁଣ୍ଡବ୍ୟଥା ବଢ଼ାଇଲାଣି। ସକାଳ ୮ ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ଦୈନିକ ୧୨ ଘଣ୍ଟା ଟ୍ରାଫିକ ସମସ୍ୟା ରହୁଛି। ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହେଉଛି। ମୁକୁନ୍ଦପ୍ରସାଦଠାରୁ ମାରୱାଡି ପଟି, ଟ୍ରାଫିକ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ ଛକ, ଟ୍ରାଫିକ ଛକରେ ଭିଡ଼ ଅନିୟନ୍ତ୍ରିତ ହୋଇପଡୁଛି। ପେଟ୍ରୋଲ ପମ୍ପଠାରୁ ମାରୱାଡି ପଟି ରାସ୍ତା ସମ୍ପୂର୍ଣ୍ଣ ସଙ୍କୁଚିତ ହୋଇ ରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ ପାର୍କିଂ ଏବଂ ଚାରିପଟେ ଦୋକାନ ବଜାର ଏବଂ କ୍ୟାବିନ ଖୁନ୍ଦି ହୋଇ ରାସ୍ତାକୁ ସଙ୍କୁଚିତ କରୁଛି। ରାସ୍ତା ଅବରୋଧ, ଡ୍ରେନ୍ ଉପରେ ଦୋକାନ ବଜାର, ସହରାସାରା ଉଠାଦୋକାନ ଯୋଗୁ ଦିନକୁ ଦିନ ସହର ସଙ୍କୁଚିତ ହେବାକୁ ଲାଗିଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହର ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି। ଏନେଇ ଏସ୍‌ପି ସାଗରିକା ନାଥ କୁହନ୍ତି, ସହରରେ ଟ୍ରାଫିକ ସମସ୍ୟା ସୁଧାର ଆଣିବା ଲାଗି ପ୍ରଚେଷ୍ଟା ଜାରି ରହିଛି। ସବୁ ଛକ ସ୍ଥାନରେ ଟ୍ରାଫିକ୍ କନ୍‌ଷ୍ଟେବଲ, ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ଏଥିରେ ସୁଧାର ଆଣିବା ଲାଗି ଜନତାଙ୍କ ସହଯୋଗ ମଧ୍ୟ ଆବଶ୍ୟକ। ରାସ୍ତା ଉପରେ ଅଯଥା ବାଇକ୍ ପାର୍କିଂ କରନ୍ତୁ ନାହିଁ। ଟ୍ରାଫିକ୍ ନିୟମ ମାନିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

### ପ୍ରତି ୧୫ମିନିଟ୍‌ରେ ଯାନବାହନ ଅଟକୁଛି

ପୁରୁଣା ବସଷ୍ଟାଣ୍ଡଠାରେ ନୟାଗଡ଼ ପଟୁ ଆସୁଥିବା ବସ୍ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଛି। ପ୍ରତି ୧୫ରୁ ୨୦ ମିନିଟ୍ ବ୍ୟବଧାନରେ ବସ୍ ଯାତାୟତ କରୁଛି। ବସ୍‌ଷ୍ଟାଣ୍ଡରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଯାତ୍ରୀ ଉଠାଇବା ଲାଗି ବସ୍‌ଗୁଡ଼ିକ ଠିଆ ହୋଇରହୁଛି। ଫଳରେ ନୟାଗଡ଼ ରୋଡ୍‌ରେ ଟ୍ରାଫିକ ସମସ୍ୟା ଲାଗିରହୁଛି। ଅନ୍ୟପଟେ ସହରର ଏହା ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ସବୁ ସମୟରେ ଏହି ରାସ୍ତା ଭିଡ଼ ରହୁଛି। ଏପରି କି ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ଫସି ରହୁଥିବା ଦେଖିବାକୁ ମିଳିଛି।

### ଟ୍ରାଫିକ୍, ପଲ୍ଲା ଛକ ଅଣାୟତ୍ତ

ଟ୍ରାଫିକ ଛକ ନିକଟରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଟାଉନ ଥାନା, ଉପଜିଲାପାଳ ଏବଂ ତହସିଲଦାରଙ୍କ କାର୍ଯ୍ୟାଳୟ ସମେତ ସମବାୟ ବ୍ୟାଙ୍କ ନିକଟରେ ପୌର ପରିଷଦର କାର୍ଯ୍ୟାଳୟ ରହିଛି। ଟ୍ରାଫିକ୍ ଛକଠାରୁ ସମବାୟ ଛକ ଏବଂ ସମବାୟ ଛକଠାରୁ ପୁରୁଣା ମେଡିକାଲ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନୀ, ପରିବା ଏବଂ ଗ୍ରୋସେରି ଦୋକାନ ସମେତ ଅନ୍ୟାନ୍ୟ ଦୋକାନ ରହିଛି। ଫଳରେ ସବୁ ସମୟରେ ଗ୍ରାହକଙ୍କ ଭିଡ଼ ରହୁଛି। ସନ୍ଧ୍ୟା ହେଲେ ଟ୍ରାଫିକ୍ ସମସ୍ୟା ବଢ଼ିଯାଉଛି। ବିଶେଷ କରି କୋର୍ଟ ଛକ ହାବେଳି ପଡ଼ିଆ ଏବଂ ନୂଆବସ୍‌ଷ୍ଟାଣ୍ଡରେ ରାସ୍ତା ଉପରେ ସକାଳଠାରୁ ରାତି ପର୍ଯ୍ୟନ୍ତ ବାଇକ ପାର୍କିଂ ହୋଇ ରହୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବ୍ୟାଙ୍କ ଛକ ଠାରୁ ନୂଆବସ୍‌ଷ୍ଟାଣ୍ଡ ମଧ୍ୟରେ ଗୋଟିଏ ପାର୍ଶ୍ୱରେ ବହୁତଳ ଶପିଂ ମଲ୍, ଘରୋଇ ବ୍ୟାଙ୍କ, ବିଭିନ୍ନ ଦୋକାନ ରହିଥିବାରୁ ଟ୍ରାଫିକ୍ ନିୟନ୍ତ୍ରଣ କରିବା ସମ୍ଭବ ହୋଇପାରୁ ନାହିଁ।

## ଡ୍ରେନ୍ ଜାମ, ରାସ୍ତାରେ ବୋହୁଛି ବର୍ଷାଜଳ



**ବୋଲଗଡ଼,୨୪।୭(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସଦର ମହକୁମା ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥ ଉପରେ ବୋହୁଛି ବର୍ଷାଜଳ। ରାସ୍ତାପାର୍ଶ୍ୱରେ ଥିବା ଡ୍ରେନ ଜାମ ହୋଇଯାଇଥିବାରୁ ବସଷ୍ଟାଣ୍ଡ ବଜାର ଅଞ୍ଚଳରୁ ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଅପରିଷ୍କାର ବର୍ଷାଜଳ ବର୍ଷା ଛାଡ଼ିବା ୨ଘଣ୍ଟା ଯାଏ ସହର ଉପକଣ୍ଠ ଧାନଗହୀର ପର୍ଯ୍ୟନ୍ତ ପଶ୍ଚିମରୁ ପୂର୍ବଦିଗରେ ବୋହି ଚାଲିଛି। ଏହି ସମୟରେ ରାସ୍ତା ଦେଇ ଯାତାୟାତ କରୁଥିବା ଛାତ୍ରୀଛାତ୍ର, କର୍ମଚାରୀ ଓ ଅନ୍ୟମାନେ ଅସୁବିଧା ଭୋଗୁଛନ୍ତି। ଦୀର୍ଘ ଏକ ମାସ ହେବ ମୌସୁମୀର ସକ୍ରିୟ ତଥା ଲଘୁଚାପଜନିତ ବର୍ଷା ଲାଗି ରହିଥିବା ବେଳେ ଏହି ବାଟ ଦେଇ ଯାଉଥିବା ବୋଲବମ ଭକ୍ତମାନେ ମଧ୍ୟ ହଇରାଣ ହେଉଛନ୍ତି। ବର୍ଷବର୍ଷ ଧରି ଡ୍ରେନ ଜାମ, ସଫେଇ କିମ୍ବା ମରାମତି ହେଉ ନ ଥିବାବେଳେ ବଜାର ଅଞ୍ଚଳର କେତେଜଣ ବ୍ୟବସାୟୀ ଏହାକୁ ଡଷ୍ଟବିନ ପରି ବ୍ୟବହାର କରୁଛନ୍ତି। ଡ୍ରେନ୍ ମଧ୍ୟରେ ବର୍ଜ୍ୟ ଚାକପ, ଜରି, କାର୍ଟୁନ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଗଦାଇ ନିଆଁ ଲଗାଇ ପୋଡୁଥିବା ଦେଖାଯାଉଛି। ଡ୍ରେନର ଅନେକ ସ୍ଥାନ ମୁକୁଳା ଥିବାବେଳେ ଏହା ମଧ୍ୟରେ ପଙ୍କକାଦୁଅ ଓ ଗୁଳ୍ମଲତା ଭରିରହିଛି। ଏହା ସଫେଇ କରାଯାଉ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟବସାୟୀଙ୍କୁ ସଚେତନ ଓ ପଙ୍କୋଦ୍ଧାର ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।

## ସମିପ ଦୃଷ୍ଟି ଦୋଷ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ସହାୟ ହେବ ଚଷମା

**ବେଗୁନିଆ,୨୪।୭(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ୪୦ଜଣ ସମିପ ଦୃଷ୍ଟି ଦୋଷ ବିଦ୍ୟାର୍ଥୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୩୮୫ଜଣ ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷଣ କରାଯାଇଥିଲା। ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ବିଦ୍ୟାଳୟରେ ପଢୁଥିବା ଷଷ୍ଠରୁ ଦଶମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କ ଚକ୍ଷୁ ପରୀକ୍ଷଣ କରାଯାଇଥିଲା। ୧୩ଜଣ ଛାତ୍ରୀ ଏବଂ ୨୭ ଛାତ୍ରଙ୍କ ଚକ୍ଷୁ ଦୋଷ ଥିବା ପରିଲକ୍ଷିତ ହୋଇଥିଲା। ଡାକ୍ତର ସନାତନ ସାହୁ ଏବଂ ତାଙ୍କ ସହକର୍ମୀମାନେ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ପାଠ ପଢ଼ା ସମୟରେ ବ୍ୟବହାର ଉପଯୋଗୀ ଚଷମା ଦ୍ୱାରା ଚକ୍ଷୁ ଦୋଷ ଥିବା ବିଦ୍ୟାର୍ଥୀମାନଙ୍କୁ ଚଷମା ସହାୟ ହେବ ବୋଲି ପ୍ରଧାନ ଶିକ୍ଷକ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ମୋହିନୀ କାନ୍ତି ଦାସ, ସସ୍ମିତା ସାହୁ, ସୁନିତା ପୃଷ୍ଟି, ଚିନ୍ମୟରଶ୍ମି ପାଇକରାୟ, ସ୍ମୃତିସ୍ମିତା ବେହେରା, ଆଶା ମୁର୍ମୁ, ସୁରଜିତା ଦଳେଇ ଏବଂ ଶିକ୍ଷକ ଅଜିତ କୁମାର ପୁରୀ, ସୂର୍ଯ୍ୟକାନ୍ତ ମହାପାତ୍ର, ହିମାଂଶୁ ଭୂଷଣ ସାଇଁ, ପ୍ରଭାତ କୁମାର ନିଶଙ୍କ, ଶ୍ରୀକାନ୍ତ ପଣ୍ଡା, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟାର୍ଥୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ



ବ୍ଲକ୍ କ୍ରୀଡ଼ା ଶିକ୍ଷକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ।

**ବୋଲଗଡ଼,୨୪।୭(ଦେବବ୍ରତ ହୋତା)**

### ବ୍ଲକ୍ କ୍ରୀଡ଼ା ଶିକ୍ଷକ ସଂଘ ସମ୍ମିଳନୀରେ ନୂତନ ପରିଚାଳନା କମିଟି ଗଠିତ

ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବ୍ଲକ କ୍ରୀଡା ଶିକ୍ଷକ ସଂଘ ସଭାପତି ଗୋକୁଳ ବଳାନ୍ତରାୟଙ୍କ ଅଧ୍ୟକ୍ଷତାରେ ବୋଲଗଡ଼ ବ୍ଲକସ୍ତରୀୟ କ୍ରୀଡା ଶିକ୍ଷକ ସମ୍ମିଳନୀ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ ହାଇସ୍କୁଲର ୨୨ଜଣ କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ସଭାପତି ବଳବନ୍ତରାୟ ବିଦ୍ୟାଳୟଗୁଡ଼ିକ ପରିଷ୍କାର ରଖିବା, ତମାଖୁମୁକ୍ତ ରଖିବା, ଶାରୀରିକ ଶିକ୍ଷା ଯଥା ବିଭିନ୍ନ ଖେଳ, ଯୋଗ ଓ ପ୍ରାଣାୟାମର ବିକାଶ ପାଇଁ ଗୁରୁତ୍ୱ ଦେବାକୁ କ୍ରୀଡା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସନାଥ ସ୍ୱାଇଁ ଯୋଗଦେଇ ବିଦ୍ୟାର୍ଥୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ କ୍ରୀଡା ଅପରିହାର୍ଯ୍ୟ ବୋଲି କହିଥିଲେ। ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରଦତ୍ତ ଆର୍ଥିକ ଅନୁଦାନ ସଦବିନିଯୋଗ କରି ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ କ୍ରୀଡାର ଉନ୍ନତି ପାଇଁ ଶିକ୍ଷକମାନେ ପ୍ରଯତ୍ନ କରିବାକୁ ସେ ଅନୁରୋଧ କରିଥିଲେ। କ୍ରୀଡା ଶିକ୍ଷକ ସଂଘ ସମ୍ପାଦକ ମାନସ କୁମାର ବେହେରା ବାର୍ଷିକ ବିବରଣୀ ପାଠ ଓ ଗତବର୍ଷର ଆୟବ୍ୟୟ ହିସାବ ପ୍ରଦାନ କରିଥିବାବେଳେ ତାଙ୍କର ଶାରୀରିକ ଅସୁସ୍ଥତା କାରଣରୁ ସମ୍ପାଦକ ପଦବୀରୁ ଇସ୍ତଫା ଦେଇଥିଲେ। ପରେ ବ୍ଲକ କ୍ରୀଡା ଶିକ୍ଷକ ସଂଘ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ବିଇଓ ବଳବନ୍ତରାୟ ସଭାପତି ପଦ ବଜାୟ ରଖିଥିବା ବେଳେ ସମ୍ପାଦକ ଭାବେ ଅଭିଷେକ ମହାନ୍ତି, ସହସମ୍ପାଦକ ଭାବେ ପଦ୍ମଚରଣ ବିଶୋଇ ଓ ପ୍ରିୟ ଦେବାଶିଷ ସାମଲ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବେ ଭାଗବତ ପ୍ରସାଦ ପାଣ୍ଡେ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ମାନସ କୁମାର ବେହେରା, ରମେଶ କୁମାର ପ୍ରଧାନ, ପ୍ରିତମ ଦାସ ଓ ସୌଦାମିନୀ ବେହେରା ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ପରିଚାଳନା କରିବା ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ। କ୍ରୀଡାଶିକ୍ଷକ ଅକ୍ଷୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

**ଟାଙ୍ଗୀ, ୨୪।୭ (ରଘୁନାଥ ସାହୁ)**

ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଅଧ୍ୟାପକ ଭବାନୀ ଶଙ୍କର ମିଶ୍ର, ଏସ୍‌ଏସ୍ କଳାପାହାଡ଼, ଓମ୍ ପ୍ରକାଶ ପରିଡା, ରଞ୍ଜନ କୁମାର ମହାପାତ୍ର, ପଞ୍ଚାନନ କୋଦମାସିଂ, ଚଣ୍ଡୀ ପ୍ରସାଦ ପଟ୍ଟନାୟକ, ଅଧ୍ୟାପିକା ସୁଚିତ୍ରାମୟୀ ଜଗଦ୍ଦେବ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିୟମିତ ନିର୍ଦ୍ଧାରିତ ସମୟରେ ଶ୍ରେଣୀଗୃହରେ ଉପସ୍ଥିତ ରହିବା, କ୍ୟାମ୍ପସରେ ଶୃଙ୍ଖଳା ରକ୍ଷା କରିବା, ବିଦ୍ୟାଳୟର ସମସ୍ତ ନିୟମ ମାନିବା, ଶିକ୍ଷା କ୍ଷେତ୍ରରେ ନିଜର ପାରଦର୍ଶିତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଅଧ୍ୟାପିକା ସଂଘମିତ୍ରା ଦତ୍ତ ସଂଯୋଜନା କରିଥିଲେ। ହରିହର ରଣା, ଦିଲୀପ କୁମାର ମହାନ୍ତି, ବିଶ୍ୱରଞ୍ଜନ ଦାସ, ଲକ୍ଷ୍ମୀ ନାରାୟଣ ପୃଷ୍ଟି, ଅଧ୍ୟାପିକା ରେବତୀ ପାତ୍ର, ରୁବିନା ସାହୁ, ପୁନମ ସାଗରିକା ରାଉତରାୟ, ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ କାର୍ଯ୍ୟାଳୟ ପ୍ରମୁଖ ଦେବ ପ୍ରସାଦ ପଲାଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜି ସୁଦ୍ଧା କଳାରେ ୩୧୧ଜଣ ଓ ବିଜ୍ଞାନରେ ୧୬୫ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ସୂଚନା ଦେଇଥିଲେ। ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିୟମିତ ଶ୍ରେଣୀକୁ ଆସି ପ୍ରତ୍ୟେକ କ୍ଲାସରେ ଉପସ୍ଥିତ ରହି ଶିକ୍ଷାଦାନରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା କୁମାରୀ ସୌଭାଗ୍ୟଲକ୍ଷ୍ମୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ପ୍ରବେଶ ଉତ୍ସବ।

# ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ବାଲୁଗାଁ,୨୪।୭( ସଂଗ୍ରାମ ପାଇକରାୟ)**



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

ବାଲୁଗାଁ ମହାବିଦ୍ୟାଳୟ ଅଧୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ଛାତ୍ରୀଛାତ୍ରମାନେ ପ୍ରଥମେ ଚନ୍ଦନ ପୁଷ୍ପ ଓ ଅରୁଆ ଚାଉଳ ମାଧ୍ୟମରେ ନବାଗତମାନଙ୍କୁ ସଭାଗୃହକୁ ପାଛୋଟି ନେଇଥିଲେ। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ସେମାନଙ୍କୁ ସ୍ୱାଗତ ଜଣାଇବା ସହିତ ଅନୁଷ୍ଠାନର ଇତିହାସ, ଶୈକ୍ଷିକ ପରମ୍ପରା ଓ ଶୃଙ୍ଖଳା ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା, ପରୀକ୍ଷା ପରିଚାଳକ ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠୀ, ଶୈକ୍ଷିକ ସଂଯୋଜକ ଡ. ସନ୍ତୋଷ କୁମାର ରଥ, ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ଇଂଲିଶ ବିଭାଗ ମୁଖ୍ୟ ଡ. ମୋନାଲିସା ମାନସିଂହ, ଓଡ଼ିଆ ବିଭାଗ ମୁଖ୍ୟ ଝରଣା ନାଥ, ମନୋବିଜ୍ଞାନ ମୁଖ୍ୟ କ୍ରିଷ୍ଣା ସେଠୀ, ଅର୍ଥନୀତି ବିଭାଗ ମୁଖ୍ୟ ବାଳକୃଷ୍ଣ ପାଢ଼ୀ, ରାଜନୀତି ବିଜ୍ଞାନ ଅଧ୍ୟାପକ ହିମାଂଶୁ କୁମାର ଦାଶ, ପ୍ରାଣୀବିଜ୍ଞାନ ମୁଖ୍ୟ ବିଦ୍ୟାଧର ଜୁଝାରସିଂହ, ଗଣିତ ବିଭାଗ ମୁଖ୍ୟ ଶିବରାମ ସିଂ, ଗ୍ରନ୍ଥାଗାରିକ କଳ୍ପନା ଗୁମାନସିଂ, କାର୍ଯ୍ୟାଳୟ ମୁଖ୍ୟ ସୁଧାକର ନାୟକ ଓ କ୍ଷୀରୋଦ ନାଥ ନାୟକ ପ୍ରମୁଖ ଶିକ୍ଷାର୍ଥୀମାନଙ୍କୁ ମହାବିଦ୍ୟାଳୟର କୀର୍ତ୍ତି, ସମସ୍ତ ସୁବିଧା ଓ ଶୃଙ୍ଖଳାଜ୍ଞାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ବିଶ୍ୱାଳ ଓ ପୂଜା ପ୍ରଧାନ ଅନୁଷ୍ଠାନରେ ପ୍ରଥମ ଦିନର ଅନୁଭୂତି ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିମଳ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଡ଼ବଡ଼ପୁଟରୁ ମିଳିଲା ପ୍ରାଚୀନ ମୁଦ୍ରା

**କଣାସ,୨୪।୭(ବିଭୂତି ଭୂଷଣ ତ୍ରିପାଠୀ)**

ପୁରୀ ଜିଲା କଣାସ ବ୍ଲକର ଗଡ଼ବଡ଼ପୁଟ ଗ୍ରାମରୁ ପ୍ରାଚୀନ ମୁଦ୍ରା ସମେତ ପ୍ରସ୍ତର କୁରାଢ଼ି ମିଳିଛି। ଗବେଷକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଇତିହାସ ଓ ସଂସ୍କୃତି ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଅନାମ ଚରଣ ବେହେରାଙ୍କ ପକ୍ଷରୁ ଏ ନେଇ ଗୁରୁବାର ସୂଚନା ଦିଆଯାଇଛି। ଡ. ବେହେରା ଏବଂ ତାଙ୍କ ସହକର୍ମୀମାନେ ଗତ ରବିବାର ଗଡ଼ବଡ଼ପୁଟ ଗ୍ରାମକୁ ଆସି ଗବେଷଣା ଓ ଅନୁସନ୍ଧାନ କରିଥିଲେ।



ଏହି ଗ୍ରାମରୁ ଏକ ପ୍ରାଚୀନ ବିରଳ ମୁଦ୍ରା ମିଳିଥିଲା, ଯାହା କୁଶାଣ ଶାସନ ସମୟର ବୋଲି ସେମାନେ ପ୍ରକାଶ କରିଛନ୍ତି। ସେହିପରି ସେମାନେ ଏହି ଗ୍ରାମରୁ ପୁରାତନ ପ୍ରସ୍ତର ଯୁଗର ପଥର ନିର୍ମିତ କୁରାଢ଼ି ଏବଂ କେତେକ ଧାରୁଆ ପ୍ରସ୍ତରଖଣ୍ଡ ସଂଗ୍ରହ କରିଛନ୍ତି। ଏହି ଗ୍ରାମର ଶୈବପୀଠ ମଲ୍ଲିକେଶ୍ୱର ମନ୍ଦିର ଗଙ୍ଗବଂଶର ରାଜା ଭାନୁଦେବଙ୍କ ସମୟରେ ନିର୍ମାଣ ହୋଇଥିବା ଡ. ବେହେରା ପ୍ରକାଶ କରିଥିଲେ।

## ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି, ବଳାଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

**ଜଟଣୀ,୨୪।୭(ରବିନ୍ଦ୍ରନାଥ ମହାକୁଡ଼)**

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ଏବଂ ବଳଙ୍ଗା ପୀଡିତାଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା ଓ ସମୂହ ଦୀପଦାନ କାର୍ଯ୍ୟକ୍ରମ ଜଟଣୀ ପୌରାଞ୍ଚଳରେ ଆୟୋଜିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ କୁମର ମଙ୍ଗରାଜଙ୍କ ନେତୃତ୍ୱରେ ସ୍ଥାନୀୟ ୭ ନଂ. ୱାର୍ଡରୁ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶୋଭାଯାତ୍ରା ସ୍ଥାନୀୟ ଭୂତନାଥ ମନ୍ଦିରଠାରେ ପହଞ୍ଚିବା ପରେ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହିତ ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରାଯାଇଥିଲା। ପରେ ସ୍ୱର୍ଗତା ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ବାବା ଭୂତନାଥ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଥିଲା। ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପରାମର୍ଶକ୍ରମେ ଉକ୍ତ କାର୍ଯ୍ୟକ୍ରମରେ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଶରତ ଚନ୍ଦ୍ର ତ୍ରିପାଠୀ, ଦିଲୀପ କୁମାର ପ୍ରଧାନ, ବୃନ୍ଦାବନ ସାହୁ, ଦଳିତ ସଂଘର ସଭାପତି ସୁରେଶ ଚନ୍ଦ୍ର ନାୟକ, ଗିରିଜା ଜେନା, ଦୁଃଶାସନ ସ୍ୱାଇଁ, ବିଷ୍ଣୁ ମହାପାତ୍ର, ସୁଶାନ୍ତ କୁମାର ମଙ୍ଗରାଜ, ସତ୍ୟଭାମା ସ୍ୱାଇଁ, ଅମିନା ବେଗମ ପ୍ରମୁଖ ବହୁ ମହିଳା ଓ କର୍ମୀମାନେ ଯୋଗଦେଇଥିଲେ।


ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଦୀପଦାନ।

# ଉଚ୍ଚ ଶିକ୍ଷିତ ହୋଇ ସୁନ୍ଦର ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ

### ବେଗୁନିଆ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ ଉତ୍ସବ

**ବେଗୁନିଆ,୨୪।୭(ହର ପ୍ରସନ୍ନ ପଣ୍ଡା)**



ସ୍ୱାଗତ ସମାରୋହ ଉତ୍ସବରେ ଉପସ୍ଥିତ ଅତିଥି।

ଖୋର୍ଦ୍ଧା ଜିଲା ବେଗୁନିଆ ମହାବିଦ୍ୟାଳୟ ପରିସରରେ ଗୁରୁବାର ସ୍ୱାଗତ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ ପ୍ରଥମ ବର୍ଷରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ବିଧୁଭୂଷଣ ରାଉତ, ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ଡା ସୋମନାଥ ବିଷୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ନୀତି, ନିୟମ, ଅଧ୍ୟୟନ, ପରୀକ୍ଷା, ନୀତିଶିକ୍ଷା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଜାତୀୟ ଶିକ୍ଷା ନୀତି, ରୋଭର ରେଞ୍ଜର,ଏନ୍‌ସିସି, ବିଜ୍ଞାନ ସୋସାଇଟି, ଗ୍ରନ୍ଥାଗାର ଓ ଜାତୀୟ ସେବା ଯୋଜନାର ଫାଇଦା ଉଠାଇବାକୁ ନୂତନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟପକ୍ଷରେ ଶୃଙ୍ଖଳିତ ହେବା ସହ ନିଜର ଆଚରଣ, ବ୍ୟବହାର, ସଞ୍ଜମତା ଶାଳୀନତା ରକ୍ଷା କରି ସୁନ୍ଦର ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଚ୍ଚଶିକ୍ଷା ଲାଭ କରି ଚାକିରି କର ନ ଚେତ ଧନ୍ଦାମୂଳକ ଶିକ୍ଷାକୁ ଆପଣେଇ ନିଅ ବୋଲି ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦିଆଯାଇଥିଲା। ଚଳିତ ଶିକ୍ଷାବର୍ଷରୁ ମହାବିଦ୍ୟାଳୟରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ ନିଜର ଅଭିଜ୍ଞତା ସମ୍ପର୍କରେ ମତାମତ ରଖିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ସୁବାସ ମେଲେକା, ରୋଭର ରେଞ୍ଜର ଅଧିକାରୀ ନବ କିଶୋର ବିଷୋୟୀ ଓ ଲୋହିତାକ୍ଷ ମେହେର ଏବଂ ଯୁବ ରେଡକ୍ରସ ଅଧିକାରୀ ଉମେଶ କୁମାର ମହନ୍ତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟ ପ୍ରାୟ ଦୁଇଶହରୁ ଅଧିକ ଛାତ୍ରୀଛାତ୍ର ଏବଂ ମାତାପିତାମାନେ ସମାରୋହରେ ଯୋଗଦେଇଥିଲେ। ଅଧ୍ୟାପିକା ସ୍ମୃତିମୟୀ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗୋଟିଏ ରାତିରେ ଦୁଇଟି ଚୋରି: ପୋଲିସ ଟେର୍ ପାଉନି

ଗୋପ,୨୪।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଦୁଇଦିନ ତଳେ ଗୋପ ଥାନାର ଅଳ୍ପ କିଛି ଦୂରରେ ଦିନ ଦ୍ୱିପ୍ରହରରେ ଲକ୍ଷ୍ମୀଧର ମହାପାତ୍ରଙ୍କ ଦୋକାନରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ନଗଦ ୫ ହଜାର ଟଙ୍କା ସହିତ ଅନ୍ୟ କିଛି ସାମଗ୍ରୀ ଚୋରି କରି ନେଇଯାଇଥିଲେ। ବୁଧବାର ରାତିରେ ଗୋପ ଥାନା ପଛପଟେ ରହୁଥିବା ବେନୁ ବେହେରାଙ୍କୁ ଆକ୍ରମଣ କରି ତାଙ୍କ ଗୁହାଳରୁ ୫ଟି ମେଣ୍ଢା ଏବଂ ଜମରା ଗ୍ରାମର ସୁମନ ବେହେରାଙ୍କ ଗୁହାଳରୁ ୫ଟି ଛେଳି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ହେଲେ ପୋଲିସ ଏପର୍ଯ୍ୟନ୍ତ ଏହି ଚୋରଙ୍କ ଟେର୍ ପାଇପାରିନାହିଁ। ଏଭଳି ବାରମ୍ବାର ଚୋରି ହେବା ନେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି, ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ ନାହାନ୍ତି, ମୁଁ କ'ଣ କରିବି ବୋଲି କହି ଅସହାୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏସ୍‌ପି ତୁରନ୍ତ ଗୋପ ଥାନାକୁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଯୋଗାଇ ଦେବାକୁ ଦାବି କରାଯାଇଛି।

### ବିବାଦ ସମାଧାନ ସତ୍ତ୍ୱେ ପୁରୁଣା ଭିଡିଓ ଭାଇରାଲ

ଯୋଗେଶ୍ୱରପୁର,୨୪।୭(ରଶ୍ମିରଞ୍ଜନ ସାହୁ)

ନୟାହାଟ କଲେଜରେ ଅଧ୍ୟକ୍ଷ ଓ ଜଣେ କର୍ମଚାରୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ମଙ୍ଗଳବାର ଭୁବନେଶ୍ୱରରୁ ଶିକ୍ଷା ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ କଲେଜକୁ ଆସି ୪ ଘଣ୍ଟା ଧରି ସମସ୍ତ କର୍ମଚାରୀଙ୍କୁ ପଚରା ଉଚରା କରିବା ପରେ ଘଟଣାର ଆପୋଷ ସମାଧାନ କରିଥିଲେ। ଏଣିକି ଯିଏ ବିଶୃଙ୍ଖଳା ସୃଷ୍ଟି କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ କେତେଜଣ ଖଳ ପ୍ରକୃତିର ବ୍ୟକ୍ତି ୨୦ ମାସ ତଳର ଏକ ମିଥ୍ୟା ଘଟଣାକୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଜଣାପଡ଼ିଛି। ଏ ନେଇ କଲେଜ ଅଧ୍ୟକ୍ଷ ଭୋଳାନାଥ ପାତ୍ର କହିଛନ୍ତି, ୨୦୨୩ ନଭେମ୍ବରରେ କଲେଜରେ ଯୁବ ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କେତେଜଣ ଛାତ୍ରୀଛାତ୍ର ମଞ୍ଚ ନିକଟରେ ନ ବସି ପଡ଼ିଆରେ ଏଣେତେଣେ ବୁଲୁଥିଲେ। ଜଣେ ଅଧ୍ୟାପକ ସେମାନଙ୍କୁ ଆକଟ କରି ମଞ୍ଚ ନିକଟକୁ ଆଣିଥିଲେ। ଉକ୍ତ ଘଟଣାକୁ ଭିଡିଓ କରି ଭାଇରାଲ କରାଯାଇଛି। ଏହାକୁ ଅଧ୍ୟକ୍ଷ ପାତ୍ର ଦୃଢ଼ ନିନ୍ଦା କରିଛନ୍ତି। ଏହା ପଛରେ କାହାର ହାତ ଅଛି ସେ ନେଇ ଶିକ୍ଷା ବିଭାଗ ତଦନ୍ତ କରିବାକୁ ପାତ୍ର ଦାବି କରିଛନ୍ତି।

### ଷଣ୍ଢକୁ ଧକ୍କା ଦେଲା ଆମ୍ବୁଲାନ୍ସ

ବଳଙ୍ଗା,୨୪।୭(କେଦାରେଶ୍ୱର ନନ୍ଦ)

ଦ୍ରୁତ ଓ ବେପରୁଆ ଚାଳନା ଯୋଗୁ ଏକ ଆମ୍ବୁଲାନ୍ସ (ନଂ. ଓଆର୦୨-ବିଏସ୍-୩୯୪୨) ଗୁରୁବାର ସାତଶଙ୍ଖ-ବଳଙ୍ଗା ରାସ୍ତାର ଚୋରପଡ଼ା ଗାଁମୁଣ୍ଡଠାରେ ଏକ ଷଣ୍ଢକୁ ଧକ୍କା ଦେଇଛି। ଷଣ୍ଢଟି ଗୁରୁତର ଆହତ ହୋଇଥିବା ବେଳେ ଆମ୍ବୁଲାନ୍ସ କ୍ଷତିଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସରେ ଥିବା ରୋଗୀମାନେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।

# ଝିଅ ଜନ୍ମଦେବାରୁ ମହିଳାଙ୍କୁ ହତ୍ୟା ଅଭିଯୋଗ

ପିପିଲି,୨୪।୭(ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲା ପିପିଲିରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଝିଅ ଜନ୍ମ ଦେବାରୁ ସମ୍ପୃକ୍ତ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ତାଙ୍କ ପରିବାରଲୋକେ ଅଭିଯୋଗ ଆଣିଛନ୍ତି। ମୃତ ମହିଳା ହେଲେ ପିପିଲି ଯଶୁଆପୁର ଗ୍ରାମର ସଂଘମିତ୍ରା ନାୟକ(୩୭)। ଏହି ଘଟଣାରେ ମହିଳାଙ୍କ ସ୍ୱାମୀ ଅବିନାଶ ମହାନ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ ଢେଙ୍କାନାଳ ଭୁବନ ଅଞ୍ଚଳର ସଂଘମିତ୍ରା ନାୟକ ଏବଂ ଅବିନାଶ ମହାନ୍ତି କାର୍ଯ୍ୟ କରୁଥିଲେ। ଦୀର୍ଘ ଦିନ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରିବାରର ବାରଣ ସତ୍ତ୍ୱେ ଉଭୟ ୦୭.୦୭.୨୦୨୧ରେ ବିବାହ କରିଥିଲେ। କିଛି ଦିନ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହିଥିବାବେଳେ ପରବର୍ତ୍ତୀ ସମୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ଅବିନାଶ ଭୁବନେଶ୍ୱରରେ କାର୍ଯ୍ୟ କରୁଥିବାବେଳେ ସଂଘମିତ୍ରା ଶାଶୁଘର ଗାଁ ପିପିଲି ଥାନା ଯଶୁଆପୁରରେ ରହୁଥିଲେ। ଶାଶୁ ବୋହୂଙ୍କ ମଧ୍ୟରେ ଅନେକ ଥର କଳି ଝଗଡ଼ା ହେବା ସହ ସଂଘମିତ୍ରାଙ୍କୁ ପରିବାର ଲୋକେ ଖାଇବାକୁ ନ ଦେବା ସହିତ ମାରଧର କରୁଥିଲେ। ପ୍ରେମ ବିବାହ କରିଥିବାରୁ ଯେତେ କଷ୍ଟ ହେଲେ ମଧ୍ୟ ନିଜ ବାପଘର ଲୋକଙ୍କୁ ସେ କିଛି ଜଣାଉ ନ ଥିଲେ। ତେବେ ଏହାରି ଭିତରେ ସେ ଗତ ମାସ ୨୭ ତାରିଖରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହାକୁ ନେଇ ଶାଶୁଘର ଲୋକେ ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଇଥିଲେ। ସେ ସ୍ୱାମୀଙ୍କ ସହ ଭୁବନେଶ୍ୱର ଯିବାକୁ କହିବାରୁ ସ୍ୱାମୀ ମନା କରିଥିଲେ। ଫଳରେ ବୁଧବାର ରାତିରେ ସ୍ୱାମୀ, ସ୍ତ୍ରୀ ଏବଂ ଶାଶୁଙ୍କ ମଧ୍ୟରେ ଜୋରଦାର ଝଗଡ଼ା ହୋଇଥିଲା। ଗୁରୁବାର ସକାଳେ ଅବିନାଶ ସଂଘମିତ୍ରାଙ୍କ ବାପଘର ଲୋକଙ୍କୁ ତାଙ୍କ ଝିଅର ଦେହ ଖରାପ ଥବବାରୁ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାଇଥିଲେ। ତେବେ ସଂଘମିତ୍ରାଙ୍କ ମା' ଭାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଭଉଣୀର ମୃତଦେହ ଦେଖିବାକୁ ପାଇଥିଲେ। ମୃତା ସଂଘମିତ୍ରାଙ୍କ ବେକରେ ଦାଗ ରହିଥିବାବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ମା' ବାରେଣୀ ନାୟକ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ କରିଛି। ଏ ସମ୍ପର୍କରେ ପିପିଲି ଥାନାରେ ଏକ ହତ୍ୟା ମାମଲା (ନଂ. ୪୨୫/୨୦୨୫) ରୁଜୁ ହୋଇଛି। ଅବନାଶଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏଥିରେ କୌଣସି ଭୂମିକା ନ ଥିବା ଅବିନାଶ କହିଛନ୍ତି।

**ପିପିଲି ଥାନାରେ ସ୍ୱାମୀ ଓ ଶାଶୁ ଅଟକ**



ବାଲେଶ୍ୱର ଏଫ୍ ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହ ଅବସରରେ ତାଙ୍କ ସ୍ମୃତିରେ ଗୁରୁବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି ।

### ୨ ଦିନ ହେଲା ନାବାଳିକା କଲେଜ ଛାତ୍ରୀ ନିଖୋଜ

ନିମାପଡ଼ା,୨୪।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା କଲେଜ ଛାତ୍ରୀ ଗତ ଦୁଇଦିନ ହେଲା କେଉଁଆଡ଼େ ନିଖୋଜ ହୋଇ ଯାଇଛନ୍ତି। ଛାତ୍ରୀ ଜଣଙ୍କ ଗତ ୨୨ ତାରିଖ ସକାଳେ ଘରୁ ଚାରିଛକ ଅଞ୍ଚଳର ଏକ କଲେଜକୁ ଯାଇଥିଲେ। ତେବେ ସେ ରାତି ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇପାରି ନ ଥିଲେ। ସମ୍ପୃକ୍ତା ନାବାଳିକା ଛାତ୍ରୀଙ୍କ ନିଖୋଜ ସମ୍ପର୍କରେ ତାଙ୍କ ବାପା ବୁଧବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ.୨୨୧/୨୫) ରୁଜୁ କରି ତଦନ୍ତ ଚଳାଇଛି। ତୁରନ୍ତ ଝିଅଙ୍କୁ ଉଦ୍ଧାର କରିବାକୁ ପରିବାର ବର୍ଗ ପୋଲିସକୁ ଆକୁଳ ନିବେଦନ କରିଛନ୍ତି।

# ଏସ୍‌ସିଏସ୍ କଲେଜରେ ଗ୍ରହ ନକ୍ଷତ୍ର ଦେଖିବେ ଛାତ୍ରୀଛାତ୍ର



ଟେଲିସ୍କୋପ୍ ମାଧ୍ୟମରେ ଗ୍ରହ ନକ୍ଷତ୍ର ଦେଖିବା ପାଇଁ ଛାତ୍ରୀଛାତ୍ରଙ୍କ ସମାଗମ।

ପୁରୀ,୨୪।୭(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଗ୍ରହ ନକ୍ଷତ୍ରଙ୍କୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇପାରିବେ। ଏ ନେଇ ଛାତ୍ରୀଛାତ୍ରଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ମହାବିଦ୍ୟାଳୟର ନିର୍ମାଣାଧୀନ ଇ-ପାଠାଗାର ଛାତ ଉପରେ ଟେଲିସ୍କୋପର ଅନୁଭବ ନେବାର ଅବସର ଛାତ୍ରୀଛାତ୍ର ପାଇପାରିବେ। ଅନ୍ୟ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏହି ସୁଯୋଗ ମିଳିବ। ମହାବିଦ୍ୟାଳୟରେ 'ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ'ରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ଗ୍ରହ ନକ୍ଷତ୍ରଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ଦେବ ମହାବିଦ୍ୟାଳୟର 'ଟେଲିସ୍କୋପ ଅବଜରଭେଟୋରି'। ପଠାଣି ସାମନ୍ତଙ୍କ ୧୮୯ତମ ଜୟନ୍ତୀ ଅବସରରେ ଏହି ଟେଲିସ୍କୋପ ଅବଜରଭେଟୋରିର ଶୁଭାରମ୍ଭ ହୋଇଥିଲା। ଶନିଗ୍ରହର ଉପସ୍ଥିତି ଦେଖିବାକୁ ମିଳିଥିଲା। ସଂପ୍ରତି ଏହା ପରୀକ୍ଷାମୂଳକ ଭାବେ ଚାଲୁ ରହିଛି। ଫିଜିକ୍ସର ଜଣେ ଅଧ୍ୟାପକଙ୍କ ସମେତ ଦୁଇଜଣଙ୍କୁ ଏ ସଂକ୍ରାନ୍ତରେ ତାଲିମ ଦିଆଯାଇଛି। ଟେଲିସ୍କୋପରେ ଗ୍ରହ ନକ୍ଷତ୍ରଙ୍କୁ ଦେଖିବା ବେଳେ ଉଭୟ ସହାୟତା ଯୋଗାଇ ଦେବେ। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପକ୍ଷରୁ ମିଳିଥିବା ଆର୍ଥିକ ସହାୟତାରୁ କିଛି ଅର୍ଥ ବିନିଯୋଗ କରି ଏହି ଅଭିନବ ବ୍ୟବସ୍ଥା କରାଯାଇଛି। ପଠାଣି ସାମନ୍ତ ପ୍ଲାନେଟାରିୟମର ସାମନ୍ତ ଚନ୍ଦ୍ରଶେଖର ଆମେଚ୍ୟୋର ଆଷ୍ଟ୍ରୋନୋମିକାଲ ଆସୋସିଏଶନ ସହଯୋଗରେ ଏହି ଟେଲିସ୍କୋପ ସ୍ଥାପନ କରାଯାଇଛି। ଏନେଇ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିରଂଜନ ଦ୍ୱିବେଦୀ କହିଛନ୍ତି, ସୂର୍ଯ୍ୟପରାଗ କିମ୍ବା ଚନ୍ଦ୍ରଗ୍ରହଣ ସମୟରେ ଗ୍ରହ ନକ୍ଷତ୍ରଙ୍କ ଅବସ୍ଥିତି ଦେଖିବା ପାଇଁ ଅନେକ ଉତ୍ସୁକତା ରଖିଥାନ୍ତି। ତେଣୁ ଛାତ୍ରୀଛାତ୍ରଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତିବିଶେଷ ମଧ୍ୟ ଟେଲିସ୍କୋପରେ ଗ୍ରହ ନକ୍ଷତ୍ରଙ୍କୁ ଦେଖିବାର ସୁଯୋଗ ପାଇବେ। ଏଥିପାଇଁ ସୋଲାର ଫିଲ୍ଟର ମଧ୍ୟ କିଣାଯାଇଛି। ଛାତ ଉପରେ ତମ୍ବୁ ବ୍ୟବସ୍ଥା କରାଯିବ। ସାଧାରଣ ବ୍ୟକ୍ତିବିଶେଷଙ୍କ ପାଇଁ କେଉଁ ନିର୍ଦ୍ଦିଷ୍ଟ ଦିନ ଏହି ସୁବିଧା କଲେଜ ପରିସରରେ ଉପଲବ୍ଧ ହେବ, ସେନେଇ କଲେଜର ୱେବସାଇଟରେ ସୂଚନା ଦିଆଯିବ।

# ନୂତନ କୋଠା ପାଇଁ ଜାଗା ଅଧିଗ୍ରହଣ ନେଇ ଆଲୋଚନା

- ଶେଡ୍ ନିର୍ମାଣ, ପାନୀୟଜଳ ବ୍ୟବସ୍ଥାକୁ ଗୁରୁତ୍ୱ
- ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରୀ କମିଟି ବୈଠକ

କଣାସ,୨୪।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ ବୈଠକରେ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଡାକ୍ତର କ୍ଷମାନିଧି ସେଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଗତ ଦିନରେ ରୋଗୀସେବାରେ ଉନ୍ନତି ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ବିପିଏମ୍ ଧନେଶ୍ୱର ସ୍ୱାଇଁ ପୂର୍ବ ବୈଠକର ଧାରା ବିବରଣୀ ପାଠ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ଅଧିଗ୍ରହଣ ଲାଗି ତହସିଲଦାରଙ୍କୁ ଚିଠି ଲେଖାଯାଇଥିବା ନେଇ ଆଲୋଚନା ହୋଇଥିଲା। ଯଦି ଜାଗା ନ ହୋଇ ପାରୁଛି, ତେବେ ଆଇପିଏଚ୍‌ଏସ୍ କୋଠାର ଡିଜାଇନ ପରିବର୍ତ୍ତନ ପାଇଁ ଜିଲାପାଳଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯିବାକୁ କମିଟି ନିଷ୍ପତ୍ତି ନେଇଥିଲା। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କ ପ୍ରସ୍ତାବକ୍ରମେ ବ୍ଲକ କାର୍ଯ୍ୟାଳୟରେ ସ୍ଥାପିତ ପାନୀୟ ବିଶୁଦ୍ଧୀକରଣ ଯନ୍ତ୍ରକୁ ଡାକ୍ତରଖାନାରେ ଅବସ୍ଥାପିତ କରିବା ପାଇଁ ସ୍ଥିର ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶେଡ୍ ନିର୍ମାଣ ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କୁ ଅନୁରୋଧ କରାଯାଇଥିଲା। ରୋଗୀଙ୍କୁ ଖାଦ୍ୟ ଯୋଗାଉଥିବା ସଂସ୍ଥା ଅମଙ୍ଗ ହେବାରୁ ଆଉ ଗୋଟିଏ ସଂସ୍ଥା ଚିହ୍ନଟ ପାଇଁ ଡାକ୍ତରଖାନାର ଡାଏଟ କମିଟି ବିଡିଓଙ୍କ ଅଧ୍ୟକ୍ଷତାରେ ଗଠନ କରାଗଲା। ଖୁବ୍‌ଶୀଘ୍ର ନୂତନ ଡାଏଟ ସଂସ୍ଥା ଚିହ୍ନଟ ପାଇଁ ବିଜ୍ଞାପନ ପ୍ରକାଶ କରାଯିବ। ଜରୁରିକାଳୀନ ରୋଗୀସେବା ଗୃହରେ ଭିଡ଼କୁ ନିୟନ୍ତ୍ରଣ ପାଇଁ ଇଞ୍ଜେକ୍ସନ ଗୃହ ଅଲଗା ବ୍ୟବସ୍ଥା ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ତୁରନ୍ତ ବୈଦ୍ୟୁତିକ ସମସ୍ୟା ସମାଧାନ ପାଇଁ ଡିଜି ମରାମତି ଓ ସୋଲାର ସେଲ ଅବସ୍ଥାପିତ କରାଯିବା ସହ ରୋଗୀ ଅପେକ୍ଷା ଗୃହରେ ଷ୍ଟିଲ ଚେୟାର, ପଙ୍ଖା, ପାନୀୟଜଳର ବ୍ୟବସ୍ଥା ପାଇଁ ପ୍ରସ୍ତାବ ପାରିତ ହେଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଗଲା। ବୈଠକରେ ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ବେହେରା, ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି, ଡାକ୍ତର ଶ୍ରେଷ୍ଠା ମହାପାତ୍ର, ସୋନାଲି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ସ୍ୱର୍ଣ୍ଣଲତା ରଥ, କୃଷ୍ଣଚନ୍ଦ୍ର ବରାଳଙ୍କ ସହିତ ରୋଗୀ କଲ୍ୟାଣ ସମିତି ମନୋନୀତ ସଭ୍ୟ ସୁଶାନ୍ତ କୁମାର ନରେନ୍ଦ୍ର, ସସ୍ମିତା ଜେନା, ଶ୍ରୀକାନ୍ତ ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।



ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରୀ କମିଟି ବୈଠକରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ଓ ଅନ୍ୟମାନେ ।

# ଚାରିଥାକିଆ ରାସ୍ତା ପାଇଁ ମାପଚୁପ ଆରମ୍ଭ



ଗୋପ ବଜାରରେ ପୂର୍ତ୍ତ ବିଭାଗ ପକ୍ଷରୁ ମାପଚୁପ କରାଯାଉଛି।

ଗୋପ,୨୪।୭(ଭାରତୀ ଭୂଷଣ ଉପାଧ୍ୟାୟ)

ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବାକୁ ଯାଉଥିବା ପର୍ଯ୍ୟଟକମାନେ ବିଭିନ୍ନ ସମୟରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍‌ରେ ଫସୁଛନ୍ତି। ଏହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ତେଣୁ ପିପିଲି ହରିପୁରଠାରୁ କୋଣାର୍କ ସୂର୍ଯ୍ୟମନ୍ଦିର ପର୍ଯ୍ୟନ୍ତ ଚାରିଥାକିଆ (ଫୋର ଲେନ୍) ରାସ୍ତା ନିର୍ମାଣ କରାଯିବାକୁ କାର୍ଯ୍ୟ ଚାଲିଛି। ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ କାମ ଚାଲିଥିବା ବେଳେ କେତେକ ସ୍ଥାନରେ ରାସ୍ତାର ଦୁଇ ପାର୍ଶ୍ୱରେ ଘର ଓ ଦୋକାନ ଉଚ୍ଛେଦ କରାଯାଉଛି। କିନ୍ତୁ କୌଣସି କାରଣକୁ ନେଇ ନିମାପଡ଼ା ବ୍ରିଜ ତଳୁ କୋଣାର୍କ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣର କିଛି କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ବିଶେଷକରି ଗୋପବଜାର ନିକଟବର୍ତ୍ତୀ କେତେକ ସ୍ଥାନରେ ସରକାରୀ ରାସ୍ତା ଜବରଦଖଲ ହୋଇଥିବାବେଳେ ଆଉ କେତେକ ସ୍ଥାନରେ ନୟନଯୋଡ଼ିକୁ ଜବରଦଖଲ କରାଯାଇଛି। ଗୋପ ମହାଜନସାହି ନିକଟରେ ୬୦ବର୍ଷ ତଳର ସରକାରୀ ରାସ୍ତାକୁ ମଧ୍ୟ ଜବରଦଖଲ କରି ଗୃହ ନିର୍ମାଣ ହୋଇଛି। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୂର୍ତ୍ତ ବିଭାଗ ପକ୍ଷରୁ ମାପଚୁପ ଆରମ୍ଭ ହୋଇଛି। ଅପରପକ୍ଷରେ ନିମାପଡ଼ା - କୋଣାର୍କ ରାସ୍ତା, ଗୋପ-ଚାରିଛକ ରାସ୍ତା, ଗୋପ- ବାଲିଘାଇ ରାସ୍ତାର କେତେକ ସ୍ଥାନରେ ଜବରଦଖଲ ହୋଇଥିବା ଜଣାପଡ଼ିଛି। ନିମାପଡ଼ା-କୋଣାର୍କ ରାସ୍ତାର ଗୁଲୁଗୁଲା ଛକ, ଦିଘାଳୋ, ବିଶରପୁର, କୁସୁପୁର, ଗୋପ, ବେଗୁନିଆ, ପାଟେଲିଆ, କୁନ୍ଦୁରା, ଦଶବାଟିଆ, ଶାରଡା, ଜୁଣେଇ ଛକ ସହିତ ଆଉ କେତେକ ଛକରୁ ଦୋକାନ ଉଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଗୋପ ତହସିଲଦାରଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ରାଜସ୍ୱ ନିରୀକ୍ଷକମାନଙ୍କ ପକ୍ଷରୁ ମାପଚୁପ କରାଯାଉଛି। ଏ ନେଇ ଗୋପ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତି କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶରେ ମାପଚୁପ ଚାଲିଛି।

**ଉଚ୍ଛେଦ ହେବ ଦୁଇ ପାର୍ଶ୍ୱର ଦୋକାନ**

# ରାଜ୍ୟସ୍ତରୀୟ ପାଠଚକ୍ର ପାଇଁ ପ୍ରସ୍ତୁତି ବୈଠକ

ଚାରିଛକ,୨୪।୭(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ 'ଓଡ଼ିଶାର ପ୍ରଥମ ଶହୀଦ ଜୟୀ ରାଜଗୁରୁ' ଶୀର୍ଷକ ବାର୍ଷିକ ରାଜ୍ୟସ୍ତରୀୟ ପାଠଚକ୍ର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜୟୀ ରାଜଗୁରୁ ସ୍ମୃତି ସଂସଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର, ନହରକଣ୍ଟା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ସେଠୀ, ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ପ୍ରବୀର କୁମାର ବେହେରା, ଗୋପ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ମହେନ୍ଦ୍ର କୁମାର ପ୍ରଧାନ, ସାରଡ଼ା ମହିଳା ମହାବିଦ୍ୟାଳୟର ଇତିହାସ ଅଧ୍ୟାପିକା ଶୁଚିସ୍ମିତା ସ୍ୱାଇଁ, ଖେଲାରସ୍ଥିତ ଜ୍ଞାନଦେବୀ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପିକା ରୋନାଲିସା ମହାରଣା, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପିକା ମେଜର ପୁଷ୍ପଲତା ଦତ୍ତ, ଅଧ୍ୟାପିକା ସୁଲୋଚନା ସାହୁ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଏହି ରାଜ୍ୟସ୍ତରୀୟ ପାଠଚକ୍ରକୁ ସଫଳତାର ସହ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅଧ୍ୟାପିକା ମେଜର ପୁଷ୍ପଲତା ଦତ୍ତ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷ ଓ ଅନ୍ୟମାନେ ।

# ପ୍ରଭାତୀ ପରିଡ଼ା ନିଖୋଜ ପୋଷ୍ଟରକୁ ନେଇ ଏତଲା

ନିମାପଡ଼ା/ଗୋପ/ବଳଙ୍ଗା, ୨୪।୭ (ବିଚିତ୍ରାନନ୍ଦ ସାହୁ/ ଭାରତୀ ଭୂଷଣ ଉପାଧ୍ୟାୟ/ କେଦାରେଶ୍ୱର ନନ୍ଦ)

ନିମାପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଫଟୋ ଥାଇ ନିଖୋଜ ଥିବା ନେଇ ପୋଷ୍ଟର ଲାଗିଛି। ଏହି ପୋଷ୍ଟର କିଏ ଓ କାହିଁକି ଲଗାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ତେବେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ ଗୁରୁବାର ଭାଜପା ପକ୍ଷରୁ ନିମାପଡ଼ା ଥାନାରେ ଏକ ଏତଲା ଦିଆଯାଇ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରାଯାଇଛି।

ନିମାପଡ଼ା ଭାଜପା ପକ୍ଷରୁ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି ଯେ, ଅଞ୍ଚଳର ବହୁବିଧ ପ୍ରଗତି ଓ ବିକାଶ ଧାରା କାର୍ଯ୍ୟରେ ଅସହିଷ୍ଣୁ ହୋଇ କେତେଜଣ ଅସାମାଜିକ ବ୍ୟକ୍ତି ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାକୁ ପ୍ରାୟୋଜିତ ଭାବେ ହୀନ ପ୍ରୟାସ କରୁଛନ୍ତି। ଏପରିକି କେତେକ ଅସାମାଜିକ ବ୍ୟକ୍ତି ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ନିନ୍ଦିତ କରିବା ପାଇଁ ଚକ୍ରାନ୍ତ କରି ତାଙ୍କ ନିଖୋଜ ପୋଷ୍ଟର ଲଗାଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ନିମାପଡ଼ା ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକ, ଚାରିଛକ ମଣ୍ଡଳ ସଭାପତି ପ୍ରଭାତ ନାୟକ, ଧନୁଆଁ ମଣ୍ଡଳ ସଭାପତି ସନ୍ତୋଷ ପରିଡା, ନିମାପଡ଼ା ଗ୍ରାମୀଣ ମଣ୍ଡଳ ସଭାପତି ସତ୍ୟଭୂଷଣ ସ୍ୱାଇଁ, ଗୋପ ମଣ୍ଡଳ ସଭାପତି ବିଜୟ କୁମାର ନାୟକ, ମଞ୍ଜନାଥ ମଣ୍ଡଳ ସଭାପତି ଈଶ୍ୱର ରାଉତ, ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସିର ସାଂସଦ ପ୍ରତିନିଧି ମିନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯଚିନ୍ଦ୍ର ସ୍ୱାଇଁ, ଗୋପ ବ୍ଲକ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ ପ୍ରମୁଖ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଜନପ୍ରିୟତା ଏବଂ ବିକଶିତ କାର୍ଯ୍ୟର ନନ୍ଦିଘୋଷ ରଥ ଦ୍ରୁତ ଗତିରେ ଗଡ଼ିଚାଲିଛି ଓ ଆଗକୁ ଆହୁରି ଗଡ଼ିଚାଲିବ। ନିନ୍ଦୁକମାନେ ଅସହିଷ୍ଣୁ ହୋଇ ତାଙ୍କ ନିର୍ମଳ ଭାବମୂର୍ତ୍ତି ଓ ଗୌରବ ହାନି କରିବାକୁ ଚଳାଇଥିବା ହୀନ ପ୍ରୟାସର କୌଣସି ଫରକ ପଡ଼ିବନାହିଁ। ନିମାପଡ଼ାବାସୀ ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବେ ବୋଲି ଉପରୋକ୍ତ ଭାଜପା କର୍ମକର୍ତ୍ତା କହିଛନ୍ତି। ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଆଇଆଇସି ବାମଦେବ ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଏନେଇ ଗୋପ ଥାନାରେ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ବିଜୟ ନାୟକ ଓ ରାଜେନ୍ଦ୍ର ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଏହି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀ କହିଛନ୍ତି। ବଳଙ୍ଗା ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ କୁମାର ବରାଳ, ପ୍ରଭାକର ନାୟକ, ଅର୍ଜୁନ ବରାଳ, ସରଜୁ ସାହୁ ଓ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ବଳଙ୍ଗା ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ତଦନ୍ତ ଜାରି ରଖିଛି।



ଭାଜପା କର୍ମକର୍ତ୍ତାମାନେ ନିମାପଡ଼ା ଥାନାରେ ଏତଲା ଦେଉଛନ୍ତି।

**କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପାର ଦାବି**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୭।୨୦୨୫

| | |
|---|---|
| ୩,୮୦,୪୭୨ ଟଙ୍କା | |
| ସୁନା | ୨.୮୦୦ ଗ୍ରାମ୍ |
| ରୁପା | ୩୩.୨୦୦ ଗ୍ରାମ୍ |

# ରତ୍ନଚିତାରେ ଝଟକିଲେ ମହାପ୍ରଭୁ

**ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା**

ପୁରୀ,୨୪।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଗୁରୁବାର ଚିତାଲାଗି ଅମାବାସ୍ୟା ପାଳିତ ହୋଇଛି। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରା ରତ୍ନଚିତା ଲାଗି ହୋଇ ଝଟକିଥିଲେ। ପ୍ରାତଃକାଳରେ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ଓ ମଙ୍ଗଳଆଳତି ପରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପ୍ରଥମ ଭୋଗମଣ୍ଡପ ସରିବା ପରେ ଅନ୍ୟାନ୍ୟ ନୀତି ହୋଇ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦଇତାମାନେ ଚିତାଲାଗି ପାଇଁ ଗର୍ଭଗୃହରେ ପ୍ରବେଶ କରିଥିଲେ। ତେବେ ଏହି ନୀତି ପୂର୍ବରୁ ଭଣ୍ଡାରଘରୁ ୩ଟି ରତ୍ନଚିତା ଓ ପାଟରା ଯୋଗାଇଥିବା ପାଟଡୋର ପ୍ରସ୍ତୁତ ରଖାଯାଇଥିଲା। ସକାଳଧୂପ ପୂଜାବେଳେ ରତ୍ନଚିତା ୩ଟିକୁ ଭଣ୍ଡାରମେକାପ ଆଣି ଦେଉଳକରଣଙ୍କ ମାର୍ଫତରେ ଜିମା ଦେଇଥିଲେ। ଚିତା ସଫା ପରେ ତାହାକୁ ପଞ୍ଚାମୃତ କରାଯାଇଥିଲା। ସକାଳଧୂପ ଓ ଭୋଗମଣ୍ଡପ ପରେ ପୁଷ୍ପାଳକ ତିନିବାଡ଼ରୁ ଖୋବାକଣ୍ଠି ଅଳଙ୍କାର ମଇଲମ କରି ପାଳିଆ ମେକାପଙ୍କୁ ପ୍ରଦାନ କରିଥିଲେ। ଶ୍ରୀଦେବୀ ଓ ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଯାଇଥିଲା। ପାଳିଆ ଖୁଣ୍ଟିଆ ଡାକ ମାରିବାରୁ ବାଡ଼ଗ୍ରାହୀ ଦଇତାମାନେ ଗର୍ଭଗୃହକୁ ପ୍ରବେଶ କରି ପାଟଡୋରରେ ଉକ୍ତ ଚିତାକୁ ବାନ୍ଧି ଶ୍ରୀବିଗ୍ରହଙ୍କୁ ଲାଗି କରାଇଥିଲେ। ଶୁଦ୍ଧସୁଆର ଦେଇଥିବା ଓଷ ଲଗାଇ ଏହି ପାଟଡୋର ଓ ଚିତାକୁ ସଂଯୋଗ କରିଥିଲେ। ଶ୍ରୀବଳଭଦ୍ରଙ୍କ ଶ୍ରୀମୁଖରେ ସବୁଜ ରଙ୍ଗର ପାନ୍ନାଚିତା, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଉଜ୍ଜ୍ୱଳ ବ୍ରହ୍ମଜ୍ୟୋତି ଖଚିତ ହୀରାଚିତା ଏବଂ ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖରେ ମାଣିକ୍ୟ ଖଚିତ ଚିତା ଲଗାଯାଇଥିଲା। ଦଇତାମାନେ ଗର୍ଭଗୃହରୁ ଫେରିବା ପରେ ପାଳିଆମେକାପ ରତ୍ନ ସିଂହାସନ ମାର୍ଜନା କରିଥିଲେ। ମହାପ୍ରଭୁଙ୍କ ମହାସ୍ନାନ ହୋଇ ଭୂଦେବୀ ଓ ଶ୍ରୀଦେବୀ ରତ୍ନ ସିଂହାସନକୁ ବିଜେ କଲା ପରେ ବେଶ ବଢ଼ିଥିଲା। ମହାପ୍ରଭୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ମଧ୍ୟାହ୍ନଧୂପ ପରେ ତିନିଠାକୁରଙ୍କୁ ବନ୍ଦାପନା ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସେହିପରି ପୁରୀ ସହରର ଘରେ ଘରେ ଚିତାଲାଗି ଅମାବାସ୍ୟା ପାଳିତ ହୋଇଛି। ଚିତାଉ ପିଠା କରି ଠାକୁରଙ୍କୁ ଅର୍ପଣ କରାଯାଇଥିଲା।



ଚିତାଲାଗି ଅମାବାସ୍ୟା ଅବସରରେ ଗୁରୁବାର ଅମାବାସ୍ୟା ନାରାୟଣଙ୍କୁ ନୀତି ନିମନ୍ତେ ସାଗର ବିଜେ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ସୁନାଚିତା ଲାଗିହେଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୨୪।୭(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସାକ୍ଷୀଗୋପାଳ ମନ୍ଦିରରେ ଗୁରୁବାର ଚିତାଲାଗି ଅମାବାସ୍ୟା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାକ୍ଷୀଗୋପାଳ ଠାକୁରଙ୍କୁ ସୁନାଚିତା ଲାଗି କରାଯାଇଥିଲା। ଦୈନନ୍ଦିନ ଦେବନୀତି ମଧ୍ୟରେ ଦ୍ୱାର ଉନ୍ମୋଚନ, ମଙ୍ଗଳଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବୀରକେଶରୀ ବଲ୍ଲଭ ଭୋଗ ଆଦି ଅନୁଷ୍ଠିତ ହୋଇଥିଲା। ଦ୍ୱିପ୍ରହର ଧୂପରେ ଯାତଭୋଗ ପରେ ସାକ୍ଷୀଗୋପାଳ ଠାକୁରଙ୍କ ମସ୍ତକରେ ସୁନାଚିତା ଲାଗି କରାଯାଇଥିଲା। ପରେ ଆଳତି, ଉପଚାର ହୋଇଥିଲା। ପୂଜାପଣ୍ଡା ସେବକ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଠାକୁରଙ୍କର ଏହି ବେଶ ଦର୍ଶନ ନିମନ୍ତେ ଭକ୍ତଙ୍କ ସମାଗମ ହୋଇଥିଲା। ଗହମରେ ପ୍ରସ୍ତୁତ ଚିତଉ ପିଠା ଭୋଗ କରାଯାଇଥିଲା। ସେହିପରି ଗ୍ରାମାଞ୍ଚଳରେ ପ୍ରତ୍ୟେକ ଚାଷୀ ପରିବାରରେ ଚିତଉ ପିଠା ଠାକୁରଙ୍କୁ ଭୋଗ କରାଯାଇଥିଲା। ନଦୀ, ପୁଷ୍କରିଣୀ ଓ ଜଳାଶୟରେ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଚିତଉ ପିଠା ଦିଆଯାଇଥିଲା। ଏହାଦ୍ୱାରା କୃଷି କାର୍ଯ୍ୟ ସମୟରେ ଗେଣ୍ଡାମାନଙ୍କ ଦ୍ୱାରା ଗୋଡ଼ ହାତ କଟିଯିବାର ଭୟ ରହି ନ ଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି।

### ଚନ୍ଦ୍ରଶେଖର ଆଜାଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ

ପୁରୀ,୨୪।୭(ଅଜିତ୍ କୁମାର ମହାନ୍ତି)

ଖଣ୍ଡାୟତ ଓ କ୍ଷତ୍ରିୟ ମହାସଂଘ ପକ୍ଷରୁ ପୁରୀରେ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ୧୧୯ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଳ୍ପପତି ଗିରୀଶ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପୁଷ୍କର ମହାପାତ୍ର, ସିପିଆଇ ନେତା ଡ. ପ୍ରଫୁଲ୍ଲ ମହାପାତ୍ର, ଆଇନଜୀବୀ ଶ୍ରୀକାନ୍ତ ପରିଜା, ସମାଜସେବୀ ବୀରେନ୍ଦ୍ର ହୋତା ପ୍ରମୁଖ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଚନ୍ଦ୍ରଶେଖର ଆଜାଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ମହାସଂଘର ଆବାହକ ବିମଳ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

## ଗଛକଟାକୁ ବିରୋଧ କରିବାରୁ ସଂଘବଦ୍ଧ ଆକ୍ରମଣ

ନିମାପଡ଼ା,୨୪।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଛେନୁଅ କେନାଲବନ୍ଧ ରାସ୍ତାରେ ସରକାରୀ ଜାଗାରୁ ଗଛକଟାକୁ ବିରୋଧ କରିବାରୁ ଛେନୁଅ ଗ୍ରାମର ବିଧୁଭୂଷଣ ମୁଖୀଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଆକ୍ରମଣରେ ବିଧୁଭୂଷଣ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ବୁଧବାର ବିଧୁଭୂଷଣ ଘରୁ ଆସୁଥିଲେ। ଏହି ସମୟରେ କେନାଲବନ୍ଧ ରାସ୍ତାରେ ଛେନୁଅ ଗ୍ରାମର ନୃସିଂହ ପାଇଟାଳ, ତାଙ୍କ ଭାଇ ଲିଙ୍ଗରାଜ ପାଇଟାଳ ଓ ଚଇନ ପାଇଟାଳ ପ୍ରମୁଖ ମିଶି ସଂଘବଦ୍ଧ ଭାବେ ବିଧୁଭୂଷଣଙ୍କୁ ବିଭିନ୍ନ ଧମକଚମକ ଦେବା ସହ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ବିଧୁଭୂଷଣ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ.୨୨୨/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୁକ୍ତ ତିନିଭାଇ କେନାଲ ବନ୍ଧ ରାସ୍ତାରେ ଥିବା ସରକାରୀ ଜାଗାରୁ ଜବରଦସ୍ତ ଗଛ କାଟିନେଇ ବିକ୍ରି କରିଦେଉଥିବା ବିଧୁଭୂଷଣ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ସାଧାରଣରେ ଦାବି ହେଉଛି।

# ବସ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଭଉଣୀ ଘରକୁ ଆସି ସାଙ୍ଗ ସହ ଫେରୁଥିଲେ**

ପୁରୀ,୨୪।୭(ଅଜିତ୍ କୁମାର ମହାନ୍ତି)

ପୁରୀ ବାଲିଘାଟ ଦେନା ବ୍ୟାଙ୍କ ନିକଟରେ ଗୁରୁବାର ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ହରିହର ପ୍ରଧାନ ଓ ଘର କୋଣାର୍କ ଥାନା ଅନ୍ତର୍ଗତ କଅଁରପୁରରେ ବୋଲି ଜଣାପଡ଼ିଛି। ଏ ନେଇ ପରିବାର ପକ୍ଷରୁ ଟ୍ରାଫିକ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିଛି।

ସୂଚନା ଅନୁଯାୟୀ, ହରିହର ଜଣେ ସାଙ୍ଗଙ୍କ ସହିତ ପୁରୀସ୍ଥିତ ତାଙ୍କ ଭଉଣୀ ଘରକୁ ଆସିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଦୁହେଁ ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ସାଙ୍ଗଙ୍କ ମୋବାଇଲକୁ କଲ୍ ଆସିଥିଲା। ବାଲିଘାଟ ଦେନା ବ୍ୟାଙ୍କ ନିକଟରେ ସେମାନେ ବାଇକ୍‌କୁ ସାଇଡ୍ କରିଥିଲେ। ତାଙ୍କ ସାଙ୍ଗ ବାଇକ୍‌ରୁ ଓହ୍ଲାଇ ମୋବାଇଲରେ କଥା ହେଉଥିବାବେଳେ ହରିହର ବାଇକ୍‌ରେ ବସିଥିଲେ। ଏହି ସମୟରେ ପୁରୀରୁ କୋଣାର୍କ ଅଭିମୁଖେ ଯାଉଥିବା 'ଚିତ୍ରେଶ୍ୱରୀ' ନାମକ ଘରୋଇ ଯାତ୍ରୀବାହୀ ବସ୍ (ନଂ. ଓଆର୍ ୦୨ବିଏକ୍ସ-୦୪୨୧) ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ହରିହର ତଳେ ପଡ଼ିଯାଇଥିଲେ ଓ ତାଙ୍କ ଉପରେ ବସ୍ ମାଡ଼ିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କଠାରୁ ପୋଲିସ ସ୍ୱତନ୍ତ୍ର ଅନୁମତି ଆଣି ରାତିରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

# ଗଡ଼ବଡ଼ପୁଟରୁ ମିଳିଲା ପ୍ରାଚୀନ ମୁଦ୍ରା, ପ୍ରସ୍ତର କୁରାଢ଼ି

କଣାସ,୨୪।୭(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକର ଗଡ଼ବଡ଼ପୁଟ ଗ୍ରାମରୁ ପ୍ରାଚୀନ ମୁଦ୍ରା ସମେତ ପ୍ରସ୍ତର କୁରାଢ଼ି ମିଳିଛି। ଗବେଷକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଇତିହାସ ଓ ସଂସ୍କୃତି ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଅନାମ ଚରଣ ବେହେରାଙ୍କ ପକ୍ଷରୁ ଏ ନେଇ ଗୁରୁବାର ସୂଚନା ଦିଆଯାଇଛି। ଡ. ବେହେରା ଏବଂ ତାଙ୍କ ସହକର୍ମୀମାନେ ଗତ ରବିବାର ଗଡ଼ବଡ଼ପୁଟ ଗ୍ରାମକୁ ଆସି ଗବେଷଣା ଓ ଅନୁସନ୍ଧାନ କରିଥିଲେ। ଏହି ଗ୍ରାମରୁ ଏକ ପ୍ରାଚୀନ ବିରଳ ମୁଦ୍ରା ମିଳିଥିଲା, ଯାହା କୁଶାଣ ଶାସନ ସମୟର ବୋଲି ସେମାନେ ପ୍ରକାଶ କରିଛନ୍ତି। ସେହିପରି



ପ୍ରାଚୀନ ମୂଦ୍ରା ।



ଏକ ପ୍ରସ୍ତର ମୂର୍ତ୍ତି ।

ସେମାନେ ଏହି ଗ୍ରାମରୁ ପୁରାତନ ପ୍ରସ୍ତର ଯୁଗର ପଥର ନିର୍ମିତ କୁରାଢ଼ି ଏବଂ କେତେକ ଧାରୁଆ ପ୍ରସ୍ତରଖଣ୍ଡ ସଂଗ୍ରହ କରିଛନ୍ତି। ସେ ସମୟରେ ପ୍ରସ୍ତର ନିର୍ମିତ ହାତହତିଆର ଦ୍ୱାରା ଲୋକେ ବିଭିନ୍ନ କାର୍ଯ୍ୟ କରୁଥିଲେ। ଏହି ଗ୍ରାମର ଶୈବପୀଠ ମଲ୍ଲିକେଶ୍ୱର ମନ୍ଦିର ଗଙ୍ଗବଂଶର ରାଜା ଭାନୁଦେବଙ୍କ ସମୟରେ ନିର୍ମାଣ ହୋଇଥିବା ଡ. ବେହେରା ପ୍ରକାଶ କରିଥିଲେ। ଏହି ଗ୍ରାମରୁ ପୁରାତନ ସମୟର ବହୁ ସାମଗ୍ରୀ ମିଳିଥିବାରୁ ଏଠାରେ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଗବେଷଣା କରାଯାଇ ଖନନ କରାଗଲେ ଆହୁରି ପ୍ରାଚୀନ ମୁଦ୍ରା, ଲୋକଙ୍କ ବ୍ୟବହୃତ ଜିନିଷପତ୍ର ମିଳିବାର ସମ୍ଭାବନା ରହିଛି ବୋଲି ଡ. ବେହେରା କହିଛନ୍ତି। ଏହି ଗବେଷଣା ଅବସରରେ ଡେଲାଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ, କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବୃନ୍ଦାବନ ପାହାଡ଼ସିଂ ଏବଂ ସ୍ଥାନୀୟ ବାସିନ୍ଦା ବୀରବର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଭଞ୍ଜ



@ ଜଗଦିଶ



@ ମୃତ୍ୟୁଞ୍ଜୟ



@ ନବଘନ



@ ପିଣ୍ଟୁ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# କୂଳ ଲଂଘୁଛି ସମୁଦ୍ର, କ୍ଷୟ ହେଉଛି ଝାଉଁ ଜଙ୍ଗଲ



**ଶଙ୍କାଗ୍ରସ୍ତ ଅବସ୍ଥାରେ ୭ରୁ ଊର୍ଦ୍ଧ୍ୱ ଗାଁର ବାସିନ୍ଦା**

ଅସ୍ତରଙ୍ଗ,୨୪।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଥିବାବେଳେ ଗୁରୁବାର ଅମାବାସ୍ୟା ଯୋଗୁ ଅସ୍ତରଙ୍ଗ ଅଞ୍ଚଳରେ ସମୁଦ୍ରକୂଳ ଲଂଘୁଛି। ଏଥିସହ ଜୁଆର ମାଡ଼ରେ ଝାଉଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ପ୍ରାୟ ୭୦୦ ମିଟର ଦୂରରେ ଥିବା ସମୁଦ୍ର ଏବେ ୪୦୦ ମିଟର ଆଗକୁ ମାଡ଼ିଆସିଛି। ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଅଧୀନ ଡାଲୁଅକଣି ଗାଁ ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଜୁଆର ମାଡ଼ରେ ବାଲି ଅତଡ଼ା ଖସୁଥିବାରୁ ସ୍ଥାନୀୟ ଗ୍ରାମବାସୀ ଶଙ୍କାଗ୍ରସ୍ତ ଅବସ୍ଥାରେ ରହିଛନ୍ତି। ଲଘୁଚାପ, ଅମାବାସ୍ୟା ଓ ପୂର୍ଣ୍ଣିମା ଆସିଲେ ସମୁଦ୍ରର ଭୟଙ୍କର ରୂପ ଦେଖିବାକୁ ମିଳୁଛି। କେଲୁଣିମୁହାଣ, ତଣ୍ଡାହାର, ଛେନୁ, ଉଦୟକଣି ଗାଁ ସମୁଦ୍ର ନିକଟରେ ଥିବାରୁ ସମୁଦ୍ରର ଉଚ୍ଚ ଜୁଆର ସେମାନଙ୍କ ମନରେ ଛନକା ସୃଷ୍ଟି କରୁଛି। ଜଙ୍ଗଲ ସୃଷ୍ଟି କିମ୍ବା ସୁଦୃଢ଼ ପଥର ବନ୍ଧ ନିର୍ମାଣ ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାବେଳେ ଉଚ୍ଚ ଜୁଆର ଦ୍ୱାରା ତଣ୍ଡାହାର, ଛେନୁ ଅଞ୍ଚଳର ଚାଷଜମି କ୍ଷତିଗ୍ରସ୍ତ ହେଉଛି। ବିଶେଷକରି ପୂର୍ବରୁ ବାତ୍ୟାରେ ଲକ୍ଷାଧିକ ଝାଉଁଗଛ ଭାଙ୍ଗିଯିବାରୁ ଜଙ୍ଗଲ ଧ୍ୱଂସ ପାଇଥିଲା। ଏବେ ଉଚ୍ଚ ଜୁଆର ସିଧା ଉପକୂଳ ଅଞ୍ଚଳରେ ମାଡ଼ ହେବା ସହିତ ସମୁଦ୍ର କୂଳ ଲଂଘୁଥିବାରୁ ଅନେକ ନୂତନ ଝାଉଁ ଜଙ୍ଗଲ କ୍ଷୟ କରୁଛି। ପ୍ରଶାସନ ପକ୍ଷରୁ ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳର ଡାଲୁଅକଣି ଓ ତଣ୍ଡାହାର ଅଞ୍ଚଳରେ ତୁରନ୍ତ ପଥରବନ୍ଧ ନିର୍ମାଣ ସହିତ ଜଙ୍ଗଲ ବିଭାଗ ସବୁଜ ସୁରକ୍ଷା ପ୍ରାଚୀର କରିବାକୁ ଡାଲୁଅକଣି ଅଧିବାସୀ କ୍ଷୀରୋଦ କାଣ୍ଡି ଦାବି କରିଛନ୍ତି।

# ରୋଗୀଙ୍କ ଉପରେ ରାଗି ପ୍ରେସ୍କ୍ରିପ୍ସନ ଚିରିଦେଲେ ଡାକ୍ତର

ଅସ୍ତରଙ୍ଗ,୨୪।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଥିବାବେଳେ ପୁରୀ ଜିଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଗୁରୁବାର ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଉପରେ ଜଣେ ମହିଳା ଡାକ୍ତର ରାଗିଯାଇ ତାଙ୍କ ପ୍ରେସ୍କ୍ରିପ୍ସନ ଚିରିଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ଅଧୀନ ନଗର ଗ୍ରାମର ପଙ୍କଜ ବେହେରା ଓ ତାଙ୍କ ସ୍ତ୍ରୀ ଅସୁସ୍ଥ ଥିବାରୁ ଗୁରୁବାର ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପଙ୍କଜଙ୍କ ପୁତ୍ରର ଚର୍ମରୋଗ ସମ୍ପର୍କିତ ଚିକିତ୍ସା ପୂର୍ବରୁ ଏଠାକାର ଜଣେ ମହିଳା ଡାକ୍ତରଙ୍କ ନିକଟରେ କରାଉଥିଲେ। ମାତ୍ର ଚିକିତ୍ସାରେ କୌଣସି ଉନ୍ନତି ନ ହେବାରୁ ସେ ମହିଳା ଡାକ୍ତରଙ୍କୁ ଜଣାଇବା ସହ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ଜଣେ ଡାକ୍ତରଙ୍କୁ ଶିଶୁପୁତ୍ରକୁ ଦେଖାଇଥିଲେ। ସେ ଅନ୍ୟ ଔଷଧ ଲେଖିଥିଲେ। ଏହାର କିଛି ସମୟ ପରେ ପଙ୍କଜ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ସମ୍ପୃକ୍ତ ମହିଳା ଡାକ୍ତରଙ୍କ ନିକଟକୁ ଯାଇଥିଲେ। ତେବେ ମହିଳା ଡାକ୍ତର ଜଣକ ତାଙ୍କ ଉପରେ ରାଗିବା ସହ 'ତୁମ ପୁଅ ଭଲ ହେଉନି, ତେଣୁ ମୁଁ ତୁମ ସ୍ତ୍ରୀଙ୍କୁ ଚିକିତ୍ସା କରିପାରିବି ନାହିଁ' ବୋଲି କୁଆଡ଼େ କହିଥିଲେ। ଏହାକୁ ନେଇ ପଙ୍କଜ ଓ ସମ୍ପୃକ୍ତ ଡାକ୍ତରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ମହିଳା ଡାକ୍ତର ଉତ୍ତ୍ୟକ୍ତ ହୋଇ ପଙ୍କଜଙ୍କ ସ୍ତ୍ରୀଙ୍କ ନିଦାନ ରକ୍ତ ପରୀକ୍ଷା ସମେତ ପ୍ରେସ୍କ୍ରିପସନ ଚିରିଦେଇଥିଲେ। ରୋଗୀଙ୍କ ପ୍ରତି ମହିଳା ଡାକ୍ତରଙ୍କ ଏଭଳି ବ୍ୟବହାର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତୁରନ୍ତ ସମ୍ପୃକ୍ତ ଡାକ୍ତରଙ୍କୁ ବଦଳି କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୀବ ପ୍ରଧାନ କହିଛନ୍ତି, ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ।



ଗୁରୁବାର ଚିତାଲାଗି ଅମାବାସ୍ୟା ଓ ଲଘୁଚାପ ପ୍ରଭାବରେ ପୁରୀ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୭।୨୦୨୫

| ୩,୮୦,୪୭୨ ଟଙ୍କା | |
|---|---|
| ସୁନା | ୨.୮୦୦ ଗ୍ରାମ୍ |
| ରୁପା | ୩୩.୨୦୦ ଗ୍ରାମ୍ |

# ଖୋଲିଲା ରାଖୀଦୋକାନ, ଜମିବ ବେପାର

*ଭଉଣୀ–ଭାଇ ପବିତ୍ର ବନ୍ଧନର ବାର୍ତ୍ତା ନେଇ ଆସୁଛି ରାଖୀ ପୂର୍ଣ୍ଣିମା। ଆହୁରି ଦୃଢ଼ ହେବ ସମ୍ପର୍କର ଡୋରି। ଭାଇ ହାତରେ ରାଖୀ ବାନ୍ଧି ତା'ର ମଙ୍ଗଳକାମନା କରିଥାଏ ଭଉଣୀ। ଆଉ ଭାଇ ସୁରକ୍ଷାର ହାତ ବଢ଼ାଇଦିଏ ଭଉଣୀ ଆଡ଼କୁ। ଚଳିତବର୍ଷ ଅଗଷ୍ଟ ୯ରେ ପଡୁଛି ଗହ୍ମା ବା ରାଖୀ ପୂର୍ଣ୍ଣିମା। ସମୟ ଯେକିତି ପାଖେଇ ଆସୁଛି, ରାଖୀ ବାନ୍ଧିବାକୁ ଭଉଣୀ ଓ ଭାଇଙ୍କ ମନରେ ଉତ୍କଣ୍ଠା ସେତିକି ବଢ଼ି ଚାଲିଛି। ଏଥିପାଇଁ ୧୫ ଦିନ ପୂର୍ବରୁ ରାଜଧାନୀରେ ଖୋଲିଗଲାଣି ରାଖୀ ଦୋକାନ। ସହରର ବିଭିନ୍ନ ବଜାରରେ ଥିବା ସ୍ଥାୟୀ ଦୋକାନରେ ରାଖୀ ବିକ୍ରି ଆରମ୍ଭ ହୋଇଥିବାବେଳେ ରାସ୍ତାକଡ଼ରେ ଅସ୍ଥାୟୀ ଦୋକାନରେ ରାଖୀ ପସରା ବେଶ୍ ଆକର୍ଷଣ ସାଜିଛି। ଭଳିକି ଭଳି ରଙ୍ଗବେରଙ୍ଗର ରାଖୀ ମିଳୁଥିବାବେଳେ ଦୋକାନରେ ଗ୍ରାହକଙ୍କ ଭିଡ଼ ବଢୁଛି। ଛୋଟ ଝିଅଙ୍କଠାରୁ ଆରମ୍ଭକରି ଯୁବତୀମାନେ ରାଖୀ ଦୋକାନକୁ ଆସୁଛନ୍ତି। ବିଶେଷକରି ଡାକ ଯୋଗେ ଆଗୁଆ ରାଖୀ ପଠାଇବା ଲାଗି ଏବେ କିଣାକିଣି କରୁଥିବା ଗ୍ରାହକମାନେ କହିଛନ୍ତି। ସେହିପରି ପରିବେଶ ଅନୁକୂଳ ତଥା ସ୍ୱତନ୍ତ୍ର ଭାବେ ତିଆରି ହେଉଥିବା ରାଖୀ ପାଇଁ ଆଗୁଆ ଅର୍ଡର ହୋଇଥିବାବେଳେ ଆଗକୁ ରାଖୀ ବେପାର ଜମିବ ବୋଲି ବ୍ୟବସାୟୀମାନେ କହିଛନ୍ତି।*



## ପରିବେଶ ଅନୁକୂଳ ରାଖୀ ପାଇଁ ଆଗୁଆ ଅର୍ଡର



ବିଭିନ୍ନ ଅନୁଷ୍ଠାନ, ପରିବେଶପ୍ରେମୀ ମଧ୍ୟ ପରିବେଶ ଅନୁକୂଳ ରାଖୀର ପ୍ରସ୍ତୁତି ଆରମ୍ଭ କଲେଣି। କିଏ ବେଲ ଓ ତୁଳସୀ କାଠିକୁ ନେଇ ରାଖୀ ପ୍ରସ୍ତୁତ କରୁଛନ୍ତି ତ ଆଉ କିଏ ଧାନ ଓ ବିଭିନ୍ନ ମଞ୍ଜିକୁ ନେଇ ରାଖୀ ତିଆରି କରୁଛନ୍ତି। ଭୁବନେଶ୍ୱର ସତ୍‌ସଙ୍ଗ ବିହାର ପଛପାର୍ଶ୍ୱ ପଥର ବନ୍ଧ ବସ୍ତିର ୨୦ରୁ ୨୫ଜଣ ଯୁବତୀ ଓ ମହିଳା ଏବେ ନିଆରା ପରିବେଶ ଅନୁକୂଳ ରାଖୀ ତିଆରିରେ ଲାଗିଛନ୍ତି। ପ୍ରିୟଦର୍ଶିନୀ ଦାସଙ୍କ ପ୍ରଶିକ୍ଷଣରେ ତୁଳସୀ କାଠି, ବେଲ କାଠି, ରୁଦ୍ରାକ୍ଷ,ବୈଜୟନ୍ତୀ ମଞ୍ଜିରେ ରାଖୀ ପ୍ରସ୍ତୁତ କରୁଛନ୍ତି। ଏଥିସହ ଚକ୍‌ଲେଟ୍‌ରେ ମଧ୍ୟ ରାଖୀ ଉପଲବ୍ଧ ହୋଇଛି, ଯାହାର ମୂଲ୍ୟ ୫୦ ଟଙ୍କାରୁ ୧୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ଏନେଇ ପ୍ରିୟଦର୍ଶିନୀ କହିଛନ୍ତି, ଚଳିତ ବର୍ଷ ପଥରବନ୍ଧ ବସ୍ତିର ଯେଉଁ ମହିଳାମାନେ ରୋଜଗାର ମାଧ୍ୟମ ଖୋଜୁଥିଲେ ଓ ଆଉ କିଛି ନିଜ ପଢ଼ା ଖର୍ଚ୍ଚ ଉଠାଇବାକୁ ଚାହୁଁଥିଲେ, ସେମାନଙ୍କୁ ନେଇ ପରିବେଶ ଅନୁକୂଳ ରାଖୀ ପ୍ରସ୍ତୁତ କରାଯାଉଛି। ସେମାନେ ନିଜେ ରାଖୀ ତିଆରିକରି ବଜାରରେ ମଧ୍ୟ ବିକ୍ରି ପାଇଁ ପଠାଉଛନ୍ତି। ଶୀଘ୍ର ଅର୍ଡର ଆସିଥିବାରୁ ଚଳିତ ବର୍ଷ ରଜ ପରଠାରୁ ହିଁ ରାଖୀ ତିଆରି ଆରମ୍ଭ ହୋଇଥିଲା ବୋଲି ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି।

### ନିଆରା ଆକର୍ଷଣ ସାଜିଛି ଧାନ, ମୁଗ, କଉଡ଼ି ରାଖୀ

ବଜାରରେ ଅଧିକ ଚାହିଦାରେ ଶ୍ରୀଜଗନ୍ନାଥ ଓ ଇଭିଲ ଆଇ ରାଖୀ ରହିଛି। ବିଶେଷକରି ହାତ ତିଆରି ବିଭିନ୍ନ ଦେବଦେବୀଙ୍କ ଫଟୋ ଲାଗିଥିବା ଓ ଧାନ, ମୁଗ କଉଡ଼ିରେ ତିଆରି ରାଖୀ ଭଉଣୀମାନଙ୍କୁ ପସନ୍ଦ ଆସୁଛି। ଏସବୁର ମୂଲ୍ୟ ୩୦ ଟଙ୍କାରୁ ଆରମ୍ଭ ହେଉଛି। ଏହାବାଦ ଥାଳି ରାଖୀର ମଧ୍ୟ ବେଶ୍ ଚାହିଦା ରହୁଛି। ଏଥିରେ ରାଖୀବାନ୍ଧିବା ସମୟରେ ପାରମ୍ପରିକ ଭାବେ ବ୍ୟବହାର ହେଉଥିବା ଚାଉଳ, ସିନ୍ଦୂର, ତିଳକ, ମିଠା ଓ ରାଖୀ ରହୁଛି। ଏହାର ମୂଲ୍ୟ ୧୦୦ଟଙ୍କାରୁ ଆରମ୍ଭ ହୋଇ ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଦୂରରେ ରହୁଥିବା ଭାଇମାନଙ୍କ ପାଖକୁ ଭଉଣୀମାନେ ଏହି ରାଖୀ ପଠାଇବାକୁ ପସନ୍ଦ କରୁଛନ୍ତି ବୋଲି ସତ୍ୟନଗରସ୍ଥିତ ରାଖୀ ବ୍ୟବସାୟୀ ସର୍ବେଶ୍ୱର ପ୍ରଧାନ ଓ ଇନ୍ଦ୍ରଧନୁ ମାର୍କେଟର ଜୋତି ପ୍ରକାଶ ବେହେରା କହିଛନ୍ତି।

*–ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର*

## ଇଡି ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟରୁ ଜାମିନ



କଟକ,୨୪।୭(କାର୍ତ୍ତିକ ସାହୁ): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ରଘୁବଂଶୀଙ୍କ ଜାମିନ ଆବେଦନର ଶୁଣାଣି କରି ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଗତ ମଙ୍ଗଳବାର ମାମଲାର ଶୁଣାଣି ହୋଇଥିବା ବେଳେ ଗୁରୁବାର ଆଦେଶନାମା ପ୍ରକାଶ ପାଇଛି। ୨୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଗିରଫ ହୋଇଥିଲେ ରଘୁବଂଶୀ।
ସୂଚନାନୁସାରେ, ସିବିଆଇ ଦ୍ୱାରା ଗତ ମେ' ୩୦ ତାରିଖରେ ରଘୁବଂଶୀ ଗିରଫ ହୋଇଥିଲେ। ସେ ହାଇକୋର୍ଟରେ ନିୟମିତ ଜାମିନ ପ୍ରଦାନ ପାଇଁ ଆବେଦନ କରିଥିଲେ।

## ଯାତ୍ରା ପେଣ୍ଡାଲକୁ ଫେରିବେ ପୀୟୂଷ

ଭୁବନେଶ୍ୱର, ୨୪।୭ (ସୌମ୍ୟରଞ୍ଜନ ରାଉତ) – ଚଳିତବର୍ଷ ଦଶହରାରେ ଯାତ୍ରା ପେଣ୍ଡାଲକୁ ଫେରିବେ ଅଭିନେତା ପୀୟୂଷ ତ୍ରିପାଠୀ। ପାର୍ବଣ ଋତୁରେ ସିଂହବାହିନୀ ଯାତ୍ରା ପାର୍ଟିରେ ସେ ଦର୍ଶକଙ୍କ ମନୋରଞ୍ଜନ କରିବେ। ବେଶ୍ କିଛି ଦିନର ନିରବତା ପରେ ପୁଣି ପୀୟୂଷ ଯାତ୍ରା ସିଂହବାହିନୀକୁ



ଫେରିବା ନେଇ ମୁହଁ ଖୋଲିଛନ୍ତି। ପୂର୍ବରୁ ପୀୟୂଷ କହିଥିଲେ, ମାଲିକ ସଂଘକୁ ସମ୍ମାନ ଦେବା କଳାକାରଙ୍କ ଦାୟିତ୍ୱ। ଦର୍ଶକଙ୍କ ଭଲ ପାଇବା ରହିଲେ ନିଶ୍ଚିତ ଯାତ୍ରା ଜଗତକୁ ଫେରିବି। ଏଥିସହ ସିଂହବାହିନୀରୁ ନେଇଥିବା ଟଙ୍କା ଓ ଗାଡ଼ି ନ ଫେରାଇବା ପ୍ରସଙ୍ଗରେ ପୀୟୂଷ କହିବା ସହ ୨୦୨୬ରୁ ୨୦୩୦ ପର୍ଯ୍ୟନ୍ତ ସିଂହବାହିନୀରେ ରହିବି ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ଯାତ୍ରା ସିଂହବାହିନୀର ମାଲିକ ସଞ୍ଜୀବ କୁମାର ପାଢୀ କହିଛନ୍ତି, ପୀୟୂଷ ଯାତ୍ରାକୁ ଫେରୁଛନ୍ତି। ଦଶହରା ସମୟରେ ସେ ପେଣ୍ଡାଲ୍ ଚଢୁଛନ୍ତି। କିନ୍ତୁ ଏନେଇ ଆମର କୌଣସି ତାରିଖ ଘୋଷଣା କରାଯାଇ ନାହିଁ। କିଛିଦିନ ଭିତରେ ଆମେ ଏହା ସମ୍ପର୍କରେ ଅବଗତ କରେଇବୁ ବୋଲି ସେ କହିଛନ୍ତି।

# କିସ୍ ଛାତ୍ରୀଛାତ୍ରଙ୍କ ଗହଣରେ ରାଜ୍ୟପାଳ



କିସ୍ ପରିଦର୍ଶନ ସମୟରେ ଛାତ୍ରୀଛାତ୍ରଙ୍କ ଗହଣରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଓ ତାଙ୍କ ଧର୍ମପତ୍ନୀ ଡ. ଜୟଶ୍ରୀ କମ୍ଭମ୍‌ପାଟି।

ଭୁବନେଶ୍ୱର,୨୪।୭(ଅନୁରାଧା ମହାରଣା)

ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଓ ତାଙ୍କ ଧର୍ମପତ୍ନୀ ଡ. ଜୟଶ୍ରୀ କମ୍ଭମ୍‌ପାଟି ଗୁରୁବାର କିଟ୍, କିସ୍ ଓ କିମ୍‌ସ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ କିସ୍‌ର ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ରାଜ୍ୟପାଳ ଓ ତାଙ୍କ ସହଧର୍ମିଣୀ କିଟ୍‌ରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ରୁରାଲ ମ୍ୟାନେଜ୍‌ମେଣ୍ଟ କ୍ୟାମ୍ପସ୍‌ରେ କିଟ୍ କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସେମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ କିଟ୍‌ର ଆକର୍ଷଣୀୟ ସ୍ଥାପତ୍ୟ ପାର୍କ ପରିଦର୍ଶନ କରି ପଥର ସ୍ଥାପତ୍ୟରେ ରହିଥିବା ଆଧାତ୍ମିକ ଓ ଶିକ୍ଷାର ସମନ୍ୱୟକୁ ପ୍ରଶଂସା କରିଥିଲେ। ସେହିପରି ସେ କିଟ୍‌ର ଗୋଲାପ ବଗିଚା, ଲ ସ୍କୁଲ, ବାୟୋଟେକ୍ନୋଲୋଜି, କିସ୍, କିମ୍‌ସ ସୁପରସ୍ପେଶାଲିଟି ହସ୍ପିଟାଲ ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ କ୍ୟାମ୍ପସ୍ ପରିଦର୍ଶନ କରିଥିଲେ। ତେବେ କିସ୍ ପିଲାଙ୍କ ସହ ମଧ୍ୟାହ୍ନଭୋଜନ ପରେ ସେ ପିଲାମାନଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ରାଜ୍ୟପାଳଙ୍କ କିସ୍ ପରିଦର୍ଶନ ସମୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମାଙ୍କୁ ଜାମିନ

କଟକ,୨୪।୭(କାର୍ତ୍ତିକ ସାହୁ)

ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କୁ ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ୨ ଜଣ ଜାମିନଦାରଙ୍କ ବଦଳରେ ସେ ଜାମିନରେ ଯାଇପାରିବେ ବୋଲି ସର୍ତ୍ତ ରହିଛି। ଏଥିସହ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ। ଭିଜିଲାନ୍ସକୁ ତଦନ୍ତରେ ସହଯୋଗ କରିବେ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ଏହି ମାମଲାରେ ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଜାରି ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ ୨୦୨୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧୀମାନ କଳାହାଣ୍ଡି ଜିଲାର ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଚକ୍‌ମାଙ୍କୁ ନିଲମ୍ବନ କରିଛନ୍ତି। ଭିଜିଲାନ୍ସ ଚକ୍‌ମାଙ୍କ ଲିଙ୍କ୍‌ରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନଭିନ କରିଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭଞ୍ଜ



@ ଜଗଦୀଶ



@ ମୃତ୍ୟୁଞ୍ଜୟ



@ ନବଘନ



@ ପିଣ୍ଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଗଷ୍ଟ ୭ରେ ହସ୍ତତନ୍ତ ପୁରସ୍କାର

ଭୁବନେଶ୍ୱର,୨୪।୭
(ଅନୁରାଧା ମହାରଣା)

**ଓଡ଼ିଶାର ୪ ବୁଣାକାରଙ୍କୁ ସମ୍ମାନିତ କରିବେ ରାଷ୍ଟ୍ରପତି**

- ୫ ପାଇବେ 'ସନ୍ଥ କବୀର ପୁରସ୍କାର'
- ୧୯ଙ୍କୁ 'ଜାତୀୟ ହସ୍ତତନ୍ତ ପୁରସ୍କାର'

୧୧ଶ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଅଗଷ୍ଟ ୭ରେ ବୟନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ପାଇଁ ହସ୍ତତନ୍ତ ପୁରସ୍କାର ମିଳିବ। ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ହସ୍ତତନ୍ତ ବୁଣାକାର, ଡିଜାଇନର, ମାର୍କେଟର, ଷ୍ଟାର୍ଟଅପ୍ ଉଦ୍ୟୋଗ ଏବଂ ଉତ୍ପାଦକ କମ୍ପାନୀଗୁଡ଼ିକୁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ଏବଂ 'ଜାତୀୟ ହସ୍ତତନ୍ତ ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାରଗୁଡ଼ିକ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନ୍‌ଏଚ୍‌ଡିପି) ଅଧୀନରେ ହସ୍ତତନ୍ତ ମାର୍କେଟିଂ ସହାୟତା (ଏଚ୍‌ଏମ୍‌ଏ) ଉପାଦାନର ଏକ ଅଂଶ। ଚଳିତବର୍ଷ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ଟି ସନ୍ଥ କବୀର ପୁରସ୍କାର ଏବଂ ୧୯ଟି ଜାତୀୟ ହସ୍ତତନ୍ତ ପୁରସ୍କାରକୁ ମିଶାଇ ମୋଟ ୨୪ଜଣ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିବେ। ତେବେ ଓଡ଼ିଶାରୁ ୪ଜଣ ବୁଣାକାରଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିବେ। ଓଡ଼ିଶାର ସୋନପୁରସ୍ଥିତ ସାଗରପଲ୍ଲୀର ଅରବିନ୍ଦ ମେହେର ସନ୍ଥ କବୀର ଟାଏ ଆଣ୍ଡ୍ ଡାଏ ସିଲ୍କ ଶାଢ଼ି ପାଇଁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ୨ ଜାତୀୟ ହସ୍ତତନ୍ତ ପୁରସ୍କାର' ପାଇଁ ଓଡ଼ିଶାରୁ ୩ ଜଣ ମନୋନୀତ ହୋଇଛନ୍ତି। ଚିତ୍ରକାବ୍ୟ ବନ୍ଧୋଦ୍ୟ ଟାଏ ଆଣ୍ଡ୍ ଡାଏ ସିଲ୍‌କ ଶାଢ଼ି ପାଇଁ ସୁବର୍ଣ୍ଣପୁର ଜିଲା ନିମାର ଗୀତାଞ୍ଜଳି ମେହେର, ପାରମ୍ପରିକ ସରବନ୍ଧ ଡବଲ୍ ଇକତ ସୁଟ୍ ପାଇଁ ବରଗଡ଼ ଜିଲା ଭେଡେନର ଗୋଲକ ମେହେର ଏବଂ ଡିଜାଇନ୍ ଡେଭେଲପ୍‌ମେଣ୍ଟ ପାଇଁ ଭୁବନେଶ୍ୱର ଜୟଦେବ ବିହାରର ଗୁଞ୍ଜନ ଜୈନ ଏହି ପୁରସ୍କାର ପାଇବେ। ସୂଚନାଥାଉ କି, 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ହସ୍ତତନ୍ତ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଉତ୍କୃଷ୍ଟ ହସ୍ତତନ୍ତ ବୁଣାକାରଙ୍କୁ ସ୍ୱୀକୃତି ପୂର୍ବକ ପ୍ରଦାନ କରାଯାଇଥାଏ। ବିଜେତାଙ୍କୁ ପୁରସ୍କାର ରାଶି ନଗଦ ୩.୫ ଲକ୍ଷ ଟଙ୍କା ସହ ସ୍ୱର୍ଣ୍ଣମୁଦ୍ରା, ତାମ୍ରପତ୍ର, ଶାଲ ଏବଂ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯିବ। ସେହିପରି 'ଜାତୀୟ ହସ୍ତତନ୍ତ ପୁରସ୍କାର' ଅସାଧାରଣ କାରିଗରି, ନିଷ୍ଠା ଏବଂ ନବସୃଜନ ସହିତ ବୁଣାକାରମାନଙ୍କୁ ପ୍ରଦାନ କରାଯାଏ। ପୁରସ୍କାର ବିଜେତାଙ୍କୁ ପୁରସ୍କାର ରାଶି ୨ ଲକ୍ଷ ଟଙ୍କା ସହ ତାମ୍ରପତ୍ର, ଶାଲ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ। ବୁଣାକାର ବର୍ଗ ଅଧୀନରେ ପୁରସ୍କାର ପାଇଁ ଜୋନାଲ, ମୁଖ୍ୟାଳୟ ଏବଂ କେନ୍ଦ୍ରୀୟ ଆଦି ତ୍ରିସ୍ତରୀୟ କମିଟି ଦ୍ୱାରା ବିଜେତା ଚୟନ କରାଯାଇଛି। ପୁରସ୍କାର ପ୍ରଦାନ ଉତ୍ସବରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଓ ଅନ୍ୟ ଅତିଥିଙ୍କ ସହିତ ଶିଳ୍ପ ନେତା, ଡିଜାଇନର, ରପ୍ତାନିକାରୀ, ବରିଷ୍ଠ ସରକାରୀ ଅଧିକାରୀ, ଛାତ୍ର ଏବଂ ସାରା ଦେଶରୁ ୫୦୦ରୁ ଅଧିକ ବୁଣାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ୬ ଟେକ୍ସଟାଇଲ ପାର୍କ

## ଆଜି ଉଦ୍‌ଘାଟନ ହେବ 'ଓଡ଼ିଶା ଟେକ୍ସ–୨୦୨୫'



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସଚିବ।

ଭୁବନେଶ୍ୱର,୨୪।୭(ରବିନାରାୟଣ ଜେନା)

ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୬ଟି ଟେକ୍ସଟାଇଲ ପାର୍କ ଘୋଷଣା କରିବେ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଶିଳ୍ପ ବିଭାଗ ପକ୍ଷରୁ ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଟେକ୍ସଟାଇଲ(କପଡା), ପୋଷାକ, ଆନୁଷଙ୍ଗିକ ଶିଳ୍ପ, ନୀତି ନିର୍ମାତା ଓ ନିବେଶକ ଏକତ୍ରିତ ହେବେ। ମୁଖ୍ୟମନ୍ତ୍ରୀ ଓଡ଼ିଶାର ଶିଳ୍ପ ଭବିଷ୍ୟତ ଭିଜନକୁ ସର୍ବସମ୍ମୁଖରେ ଉପସ୍ଥାପନ କରିବେ । ଏଥିସହିତ ତାଙ୍କ ଉପସ୍ଥିତିରେ ବିଭିନ୍ନ ଶିଳ୍ପସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରାଯିବ ।
ମନ୍ତ୍ରୀ କହିଥିଲେ, ଓଡ଼ିଶାରେ ଘୋଷଣା ହେବାକୁ ଥିବା ୬ଟି ଟେକ୍ସଟାଇଲ ପାର୍କ ମଧ୍ୟରେ ବଲାଙ୍ଗୀର, ଜଗତ୍‌ସିଂହପୁର, କେନ୍ଦୁଝର, ସମ୍ବଲପୁର, ଯାଜପୁର, କଟକ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୬୦୦ରୁ ଅଧିକ ନିବେଶକ ପଞ୍ଜୀକରଣ କରିଛନ୍ତି। ଏହି ବୁଝାମଣା ରାଜ୍ୟରେ ଟେକ୍ସଟାଇଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ।
ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଓଡ଼ିଶା ଟେକ୍ସ ୨୦୨୫ କେବଳ ଏକ ଇଭେଣ୍ଟ ନୁହେଁ, ଏହା ଓଡ଼ିଶାର ବସ୍ତ୍ରଶିଳ୍ପ ଅନୁକୂଳ ଭିତ୍ତିଭୂମି ପ୍ରଦର୍ଶିତ କରିବା ଏବଂ ବିନିଯୋଗ ଓ ରୋଜଗାର ସୃଷ୍ଟି ପାଇଁ ଏକ ମିଶନ। ଏହି କାର୍ଯ୍ୟକ୍ରମ ବିଶ୍ୱ ଓ ଜାତୀୟ ପ୍ରତିନିଧିମାନଙ୍କୁ ଏକତ୍ର କରି ରାଜ୍ୟରେ ବସ୍ତ୍ର ଉତ୍ପାଦନ ଶିଳ୍ପର ଭବିଷ୍ୟତ ନିର୍ଦ୍ଧାରଣ କରିବ। ଓଡ଼ିଶା ଟେକ୍ସ ୨୦୨୫ ବସ୍ତ୍ର ଶିଳ୍ପ କ୍ଷେତ୍ରରେ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରିବ। ଶୁକ୍ରବାର ସକାଳ ୧୦ଟାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓଡ଼ିଶାର ବସ୍ତ୍ରଶିଳ୍ପର ଅଭିବୃଦ୍ଧି, ରପ୍ତାନି ବୃଦ୍ଧି ସହ ରୋଜଗାର ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୭।୨୦୨୫

| ୩,୮୦,୪୭୨ ଟଙ୍କା | |
|---|---|
| ସୁନା | ୨.୮୦୦ ଗ୍ରାମ୍ |
| ରୁପା | ୩୩.୨୦୦ ଗ୍ରାମ୍ |

# ଜଙ୍କିଆରେ ବାର୍ଡ ଫ୍ଲୁ ଘୋଷଣା

■ଭୋପାଳରୁ ଆସିଲା ନମୁନା ରିପୋର୍ଟ

■ପ୍ରଥମ ଦିନରେ ମରାହେଲା ୪,୫୦୭ କୁକୁଡ଼ା

ଖୋର୍ଦ୍ଧା/ନିରାକାରପୁର ,୨୪।୭
(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ )



ମୁଣ୍ଡାଆମ୍ବ ଅଞ୍ଚଳରେ କୁକୁଡା ମରା ଅଭିଯାନରେ ସାମିଲ କର୍ମଚାରୀ।

ପୁରୀ ଜିଲା ପିପିଲି ପରେ ପ୍ରାଣୀ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲା ଜଙ୍କିଆ ମୁଣ୍ଡାଆମ୍ବ ଅଞ୍ଚଳକୁ ବାର୍ଡ ଫ୍ଲୁ ଘୋଷଣା କରାଯାଇଛି। ଭୋପାଳରୁ ନମୁନା ପଜିଟିଭ୍ ଆସିବା ପରେ ଏହି ଅଞ୍ଚଳକୁ ବାର୍ଡ ଫ୍ଲୁ ଘୋଷଣା କରାଯାଇଥିବା ଜିଲା ପ୍ରାଣୀଧନ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ରବି ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗରୁବାର ଅପରାହ୍ନରେ ଅତିରିକ୍ତ ପ୍ରାଣୀ ନିର୍ଦ୍ଦେଶକ ମିହିର ନାୟକ, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସକ ରବି ନାରାୟଣ ପଟ୍ଟନାୟକ, ଡେପୁଟି ଡାଇରେକ୍ଟର ମାନସ କୁମାର ଚାନ୍ଦ, କଟକ ତିଗିରିଆ ପ୍ରାଣୀ ଚିକିତ୍ସକ ସତ୍ୟବ୍ରତ ଦାସ, ବାଲିପାଟଣା ପ୍ରାଣୀ ଚିକିତ୍ସକ ପ୍ରୀତମ ପ୍ରୀତିମାନ ପଣ୍ଡା ଓ କନ୍ଧମାଳ, ଟାଙ୍ଗୀ, ସିକୋ, ବେଗୁନିଆ, ଆଠଗଡ଼ ଆଦି ପ୍ରାଣୀ ଚିକିତ୍ସକଙ୍କ ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଜଙ୍କିଆରେ ମୁଣ୍ଡାଆମ୍ବ ଅଞ୍ଚଳରେ ଥିବା ଏକ କୁକୁଡ଼ା ଫାର୍ମରେ ପହଞ୍ଚି ୪,୫୦୭ କୁକୁଡ଼ା ମାରିଥିବାବେଳେ ସେଠାରେ ମହଜୁଦ ଥିବା ୧୬ଶହ କେଜି କୁକୁଡ଼ା ଦାନାକୁ ନଷ୍ଟ କରିଥିଲେ। ମଲା କୁକୁଡ଼ା ଓ ଦାନାକୁ ଜେସିବିରେ ଏକ ଗାତ ଖୋଳି ପୋତି ଦିଆଯାଇଥିବା ଜଣାପଡିଛି। ବାର୍ଡ ଫ୍ଲୁ ଘୋଷଣା ପରେ ଏହାର ୧ କି.ମି. ପରିଧି ମଧ୍ୟରେ ଥିବା ୩ ଟି କୁକୁଡା ଫାର୍ମ ହାଉସରେ ହାଇଆଲର୍ଟ ଜାରି କରାଯାଇଥିବା ବେଳେ ସର୍ଭେଲାନ୍ସରେ ରଖାଯାଇଛି। ୨ଟି ରାପିଡ୍ ରେସପନ୍ସ ଟିମ(ଆରଆରଟି) ଉକ୍ତ ଅଞ୍ଚଳ ଗୁଡ଼ିକରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ସ୍ଥିତି ଅନୁଧ୍ୟାନ କରୁଛନ୍ତି ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି।

ପ୍ରକାଶ ଯେ, ଡେଲାଙ୍ଗରେ ବାର୍ଡ ଫ୍ଲୁ ପରେ ଖୋର୍ଦ୍ଧା ଜିଲାର ଜଟଣୀ ସମେତ ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ବାଲିଅନ୍ତା, ବାଲିପାଟଣା ପ୍ରଭୃତି ଅଞ୍ଚଳରେ କୁକୁଡ଼ା ମଡ଼କ ଲାଗି ରହିଥିଲା। ବିଭାଗୀୟସ୍ତରରେ ୫ହଜାର କୁକୁଡା ମରିଥିବା କୁହାଯାଉଥିବାବେଳେ ବେସରକାରୀସ୍ତରରେ ଏହାର ସଂଖ୍ୟା ୫୦ହଜାର ରହିଥିବା ଜଣାପଡ଼ିଥିଲା। ତେବେ ନିକଟରେ ଜଙ୍କିଆ ମୁଣ୍ଡାଆମ୍ବ ଅଞ୍ଚଳର ଏକ କୁକୁଡା ଫାର୍ମରେ ଏକାକାଳୀନ ୭ଶହ କୁକୁଡ଼ା ମରିଥିବା ଜଣାପଡ଼ିବାପରେ ଜଙ୍କିଆ ପ୍ରାଣୀଧନ ବିଭାଗ ଚିକିତ୍ସକ ପହଞ୍ଚି ସ୍ଥିତି ଅନୁଧ୍ୟାନ ନମୁନା ସଂଗ୍ରହ କରି ପଠାଇଥିଲେ। ଏହାକୁ ପ୍ରଥମେ କଟକ ଫୁଲନଖରାସ୍ଥିତ ଲାବୋରେଟୋରି ପଠା ଯାଇଥିଲା। ଏହା ପରେ ମଧ୍ୟ ବାରମ୍ବାର କୁକୁଡ଼ା ମଡ଼କ ଚାଲିଥିଲା। ଏନେଇ କୁକୁଡା ଚାଷୀ, ଫାର୍ମ ମାଲିକ ଭୟଭିତ ଅବସ୍ଥାରେ ରହିଥିଲେ। ଏସମ୍ପର୍କରେ ଖବର ପାଇବା ପରେ ଖୋର୍ଦ୍ଧା ଡେପୁଟି ଡାଇରେକ୍ଟର ମାନସ କୁମାର ଚାନ୍ଦଙ୍କ ସମେତ ଅନ୍ୟ ପ୍ରାଣୀ ଚିକିତ୍ସକ ଆସି ଜଙ୍କିଆରୁ କୁକୁଡ଼ା ଖାଦ୍ୟନଳୀର ସ୍ୱାବ ଏବଂ ମଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୋପାଳ ପଠାଇଥିଲେ। ଭୋପାଳରୁ ରିପୋର୍ଟ ଆସିବା ପରେ ବାର୍ଡ ଫ୍ଲୁ ରୋଗ ଚିହ୍ନଟ ହୋଇଥିବା ସ୍ପଷ୍ଟ ହେବା ପରେ ଡାକ୍ତର ପଟ୍ଟନାୟକ ବାର୍ଡ ଫ୍ଲୁ ଘୋଷଣା କରିଛନ୍ତି। ପ୍ରାଣୀ ଚିକିତ୍ସକ ତଥା କୁକୁଡ଼ା ମରା ଅଭିଯାନ ଦଳ ଜଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟରେ ରହିଛନ୍ତି। ଶୁକ୍ରବାର ରୋଗ ବ୍ୟାପିଥିବା ଅନ୍ୟ କୁକୁଡ଼ା ଫାର୍ମ ଯାଇ କୁକୁଡ଼ା ମରା କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ଜିଲାର ସମସ୍ତ ୧୦ଟି ବ୍ଲକକୁ ଅନ୍ତରୀଣ ସର୍ଭେଲାନ୍ସରେ ରଖାଯାଇଛି। ସମସ୍ତ ପ୍ରାଣୀଧନ ଚିକିତ୍ସାଳୟ ସମେତ ଭ୍ରାମ୍ୟମାଣ ଟିମ୍ ଏବଂ ପ୍ରତି ବ୍ଲକରେ ଆର୍‌ଆର୍‌ଟି ଟିମ୍ ଆକ୍ଟିଭ ରହିଛନ୍ତି। ଜିରୋ ଟଲେରାନ୍ସ( ଶୂନ ମୃତ୍ୟୁ) ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ପଟ୍ଟନାୟକଙ୍କ କହିଛନ୍ତି।

## ଇଡି ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟରୁ ଜାମିନ



କଟକ,୨୪।୭(କାର୍ତ୍ତିକ ସାହୁ): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ରଘୁବଂଶୀଙ୍କ ଜାମିନ ଆବେଦନର ଶୁଣାଣି କରି ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଗତ ମଙ୍ଗଳବାର ମାମଲାର ଶୁଣାଣି ହୋଇଥିବା ବେଳେ ଗୁରୁବାର ଆଦେଶନାମା ପ୍ରକାଶ ପାଇଛି। ୨୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଗିରଫ ହୋଇଥିଲେ ରଘୁବଂଶୀ।

ସୂଚନାନୁସାରେ, ସିବିଆଇ ଦ୍ୱାରା ଗତ ମେ' ୩୦ ତାରିଖରେ ରଘୁବଂଶୀ ଗିରଫ ହୋଇଥିଲେ। ସେ ହାଇକୋର୍ଟରେ ନିୟମିତ ଜାମିନ ପ୍ରଦାନ ପାଇଁ ଆବେଦନ କରିଥିଲେ।

## ଯାତ୍ରା ପେଣ୍ଡାଲକୁ ଫେରିବେ ପୀୟୂଷ

ଭୁବନେଶ୍ୱର, ୨୪।୭ (ସୌମ୍ୟରଞ୍ଜନ ରାଉତ) – ଚଳିତବର୍ଷ ଦଶହରାରେ ଯାତ୍ରା ପେଣ୍ଡାଲକୁ ଫେରିବେ ଅଭିନେତା ପୀୟୂଷ ତ୍ରିପାଠୀ। ପାର୍ବଣ ଋତୁରେ ସିଂହବାହିନୀ ଯାତ୍ରା ପାର୍ଟିରେ ସେ ଦର୍ଶକଙ୍କ ମନୋରଞ୍ଜନ କରିବେ। ବେଶ୍ କିଛି ଦିନର ନିରବତା ପରେ ପୁଣି ପୀୟୂଷ ଯାତ୍ରା ସିଂହବାହିନୀକୁ ଫେରିବା ନେଇ ମୁହଁ ଖୋଲିଛନ୍ତି। ପୂର୍ବରୁ ପୀୟୂଷ କହିଥିଲେ, ମାଲିକ ସଂଘକୁ ସମ୍ମାନ ଦେବା କଳାକାରଙ୍କ ଦାୟିତ୍ୱ। ଦର୍ଶକଙ୍କ ଭଲ ପାଇବା ରହିଲେ ନିଶ୍ଚିତ ଯାତ୍ରା ଜଗତକୁ ଫେରିବି। ଏଥିସହ ସିଂହବାହିନୀରୁ ନେଇଥିବା ଟଙ୍କା ଓ ଗାଡ଼ି ନ ଫେରାଇବା ପ୍ରସଙ୍ଗରେ ପୀୟୂଷ କହିବା ସହ ୨୦୨୬ରୁ ୨୦୩୦ ପର୍ଯ୍ୟନ୍ତ ସିଂହବାହିନୀରେ ରହିବି ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ଯାତ୍ରା ସିଂହବାହିନୀର ମାଲିକ ସଞ୍ଜୀବ କୁମାର ପାଢୀ କହିଛନ୍ତି, ପୀୟୂଷ ଯାତ୍ରାକୁ ଫେରୁଛନ୍ତି। ଦଶହରା ସମୟରେ ସେ ପେଣ୍ଡାଲ୍ ଚଢୁଛନ୍ତି। କିନ୍ତୁ ଏନେଇ ଆମର କୌଣସି ତାରିଖ ଘୋଷଣା କରାଯାଇ ନାହିଁ। କିଛିଦିନ ଭିତରେ ଆମେ ଏହା ସମ୍ପର୍କରେ ଅବଗତ କରେଇବୁ ବୋଲି ସେ କହିଛନ୍ତି।






ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟନ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

# ଫେଷ୍ଟିଭାଲ ମାଧ୍ୟମରେ ସୃଷ୍ଟିହେବ ସାମାଜିକ ସଚେତନତା

କଟକ,୨୪।୭(କାର୍ତ୍ତିକ ସାହୁ)

**ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟିତ**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଦି ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଟିମ୍‌ର ମିଳିତ ଆନୁକୂଲ୍ୟରେ ୩ଦିନିଆ ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଗୁରୁବାରଠାରୁ ଆରମ୍ଭ ହୋଇଛି। ମହିଳା ସଶକ୍ତୀକରଣ, ଆଇନ ଓ ନ୍ୟାୟ ଶୀର୍ଷକ ଫେଷ୍ଟିଭାଲର ଥିମ୍ ଭାବେ ଉପସ୍ଥାପନା କରାଯାଇଛି। ମୁଖ୍ୟଅତିଥି ଭାବେ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଫେଷ୍ଟିଭାଲକୁ ଉଦ୍‌ଘାଟନ କରି କହିଲେ, ରାଜ୍ୟ ସରକାର ମହିଳା ବିରୋଧୀ ହିଂସାକୁ ପ୍ରତିହତ କରିବା ପାଇଁ ଫାଷ୍ଟଟ୍ରାକ କୋର୍ଟମାନ ସ୍ଥାପନ କରୁଛନ୍ତି। ଫେଷ୍ଟିଭାଲ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଲେ, ଐତିହ୍ୟସମ୍ପନ୍ନ କଟକ ସହରରେ ଏଭଳି ସିନେମା ଫେଷ୍ଟିଭାଲ ସ୍ୱାଗତଯୋଗ୍ୟ ପଦକ୍ଷେପ। ମହିଳାମାନେ ପ୍ରତିଦିନ ସାମ୍ନା କରୁଥିବା ସଂଘର୍ଷ ଓ ସେଗୁଡ଼ିକର ସମାଧାନ ମଧ୍ୟ ସିନେମା ଜରିଆରେ ଛାତ୍ରୀଛାତ୍ରମାନେ ଅବଗତ ହୋଇପାରିବେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ କହିଲେ, ଫେଷ୍ଟିଭାଲ କେବଳ ସିନେମା ଦେଖାଇବା ପାଇଁ ନୁହେଁ, ବରଂ ମହିଳା ସଶକ୍ତୀକରଣ ଉପରେ ପର୍ଯ୍ୟବସିତ ସିନେମାଗୁଡ଼ିକ ସମ୍ପର୍କରେ ଜ୍ଞାନ ଆହରଣ ନିମନ୍ତେ ଉଦ୍ଦିଷ୍ଟ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ସେଣ୍ଟର ଫର ଫିଲ୍ମ ଷ୍ଟଡିଜ୍ ନୂତନ ଭାବେ ସ୍ଥାପନ ହୋଇଛି। ଏହା ମାଧ୍ୟମରେ ସିନେମା, ଆଇନ ଓ ସାହିତ୍ୟର ସମନ୍ୱୟ ହୋଇପାରିଛି ବୋଲି କୁଳପତି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ରଙ୍ଗିନ ପଲ୍ଲବ ତ୍ରିପାଠୀ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ଫେଷ୍ଟିଭାଲର ସଫଳତା କାମନା କରିଛନ୍ତି। ବାଇସ୍କୋପ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଆଲୋକ ଭରଦ୍ୱାଜ, ଫେଷ୍ଟିଭାଲ ନିର୍ଦ୍ଦେଶିକା ଜ୍ୟୋତି ଆରୋରା, ମୁଖ୍ୟ ଉପଦେଷ୍ଟା ପ୍ରସେନଜିତ୍ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଜୁରି ମେମ୍ବର ଭାବେ ବିଜୟ ଜେନା, ଗଦାଧର ପୁଟ୍ଟୀ, ଲଳିତ ରାଓ ସିନେମାଗୁଡ଼ିକର ମୂଲ୍ୟାୟନ କରୁଛନ୍ତି।

ପ୍ରଥମଦିନରେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ୫ଟି ପ୍ରେକ୍ଷାଳୟରେ ୩୦ଟି ସିନେମା ପ୍ରଦର୍ଶିତ ହୋଇଥିଲା। ଓଡ଼ିଆ, ହିନ୍ଦୀ, ପଞ୍ଜାବୀ, ମାଲାୟଲମ, ସ୍ପେନିସ ଓ ଇଂଲିଶ ସମେତ ପ୍ରାୟ ୧୪ ଭାଷାର ଫିଲ୍ମଗୁଡ଼ିକ ଅଂଶଗ୍ରହଣ କରିଛି। ଆଗାମୀ ୨ ଦିନରେ ୨୨ଟି ଭାଷାରେ ପ୍ରାୟ ୧୦୨ଟି ସିନେମା ପ୍ରଦର୍ଶନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାଯାଇଛି।

## ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମାଙ୍କୁ ଜାମିନ

କଟକ,୨୪।୭(କାର୍ତ୍ତିକ ସାହୁ): ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କୁ ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ୨ ଜଣ ଜାମିନଦାରଙ୍କ ବଦଳରେ ସେ ଜାମିନରେ ଯାଇପାରିବେ ବୋଲି ସର୍ତ୍ତ ରହିଛି। ଏଥିସହ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ। ଭିଜିଲାନ୍ସକୁ ତଦନ୍ତରେ ସହଯୋଗ କରିବେ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ଏହି ମାମଲାରେ ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଜାରି ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।ସୂଚନାନୁସାରେ ୨୦୨୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧୀମାନ କଳାହାଣ୍ଡି ଜିଲାର ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ବ୍ୟବସାୟୀଙ୍କଠାରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଚକ୍‌ମାଙ୍କୁ ନିଲମ୍ବନ କରିଛନ୍ତି। ଭିଜିଲାନ୍ସ ଚକ୍‌ମାଙ୍କ ଲିଙ୍କ୍‌ରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନଭିନ କରିଥିଲା। ତ୍ରିପୁରାସ୍ଥିତ ଚକମାଙ୍କ ବାସଭବନରେ ଭିଜିଲାନ୍ସର ୩ଜଣିଆ ଟିମ୍ ପହଞ୍ଚି ତଦନ୍ତ କରିଥିଲା। ଏଥିସହ ହିମାଚଳ ପ୍ରଦେଶରେ ଥିବା ଶ୍ୱଶୁର ଘରେ ମଧ୍ୟ ଭିଜିଲାନ୍ସ ତଲାସି କରିଥିଲା। ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲ ସଂଗ୍ରହ ଓ ଯାଞ୍ଚ ମଧ୍ୟ କରିଥିଲା ଭିଜିଲାନ୍ସ ଟିମ୍। ଭିଜିଲାନ୍ସ କୋର୍ଟରେ ପୂର୍ବରୁ ତାଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ଏହା ପରେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭଞ୍ଜ



@ ଜଗଦୀଶ



@ ମୃତ୍ୟୁଞ୍ଜୟ



@ ନବଘନ



@ ପିଣ୍ଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଗଷ୍ଟ ୭ରେ ହସ୍ତତନ୍ତ ପୁରସ୍କାର

ଭୁବନେଶ୍ୱର,୨୪।୭
(ଅନୁରାଧା ମହାରଣା)

**ଓଡ଼ିଶାର ୪ ବୁଣାକାରଙ୍କୁ ସମ୍ମାନିତ କରିବେ ରାଷ୍ଟ୍ରପତି**

■୫ ପାଇବେ 'ସନ୍ଥ କବୀର ପୁରସ୍କାର'

■୧୯ଙ୍କୁ 'ଜାତୀୟ ହସ୍ତତନ୍ତ ପୁରସ୍କାର'

୧୧ଶ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଅଗଷ୍ଟ ୭ରେ ବୟନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ପାଇଁ ହସ୍ତତନ୍ତ ପୁରସ୍କାର ମିଳିବ। ହସ୍ତତନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ହସ୍ତତନ୍ତ ବୁଣାକାର, ଡିଜାଇନର, ମାର୍କେଟର, ଷ୍ଟାର୍ଟଅପ୍ ଉଦ୍ୟୋଗ ଏବଂ ଉତ୍ପାଦକ କମ୍ପାନୀଗୁଡ଼ିକୁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ଏବଂ 'ଜାତୀୟ ହସ୍ତତନ୍ତ ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାରଗୁଡ଼ିକ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନ୍‌ଏଚ୍‌ଡିପି) ଅଧୀନରେ ହସ୍ତତନ୍ତ ମାର୍କେଟିଂ ସହାୟତା (ଏଚ୍‌ଏମ୍‌ଏ) ଉପାଦାନର ଏକ ଅଂଶ। ଚଳିତବର୍ଷ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ଟି ସନ୍ଥ କବୀର ପୁରସ୍କାର ଏବଂ ୧୯ଟି ଜାତୀୟ ହସ୍ତତନ୍ତ ପୁରସ୍କାରକୁ ମିଶାଇ ମୋଟ ୨୪ଜଣ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିବେ। ତେବେ ଓଡ଼ିଶାରୁ ୪ଜଣ ବୁଣାକାରଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିବେ। ଓଡ଼ିଶାର ସୋନପୁରସ୍ଥିତ ସାଗରପଲ୍ଲୀର ଅରବିନ୍ଦ ମେହେର ସନ୍ଥ କବୀର ଟାଏ ଆଣ୍ଡ୍ ଡାଏ ସିଲ୍କ ଶାଢ଼ି ପାଇଁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ୨ ଜାତୀୟ ହସ୍ତତନ୍ତ ପୁରସ୍କାର' ପାଇଁ ଓଡ଼ିଶାରୁ ୩ ଜଣ ମନୋନୀତ ହୋଇଛନ୍ତି। ଚିତ୍ରକାବ୍ୟ ବନ୍ଧୋଦ୍ୟ ଟାଏ ଆଣ୍ଡ୍ ଡାଏ ସିଲ୍‌କ ଶାଢ଼ି ପାଇଁ ସୁବର୍ଣ୍ଣପୁର ଜିଲା ନିମାର ଗୀତାଞ୍ଜଳି ମେହେର, ପାରମ୍ପରିକ ସରବନ୍ଧ ଡବଲ୍ ଇକତ ସୁଟ୍ ପାଇଁ ବରଗଡ଼ ଜିଲା ଭେଡେନର ଗୋଲକ ମେହେର ଏବଂ ଡିଜାଇନ୍ ଡେଭେଲପ୍‌ମେଣ୍ଟ ପାଇଁ ଭୁବନେଶ୍ୱର ଜୟଦେବ ବିହାରର ଗୁଞ୍ଜନ ଜୈନ ଏହି ପୁରସ୍କାର ପାଇବେ। ସୂଚନାଥାଉ କି, 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ହସ୍ତତନ୍ତ କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଉତ୍କୃଷ୍ଟ ହସ୍ତତନ୍ତ ବୁଣାକାରଙ୍କୁ ସ୍ୱୀକୃତି ପୂର୍ବକ ପ୍ରଦାନ କରାଯାଇଥାଏ। ବିଜେତାଙ୍କୁ ପୁରସ୍କାର ରାଶି ନଗଦ ୩.୫ ଲକ୍ଷ ଟଙ୍କା ସହ ସ୍ୱର୍ଣ୍ଣମୁଦ୍ରା, ତାମ୍ରପତ୍ର, ଶାଲ ଏବଂ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯିବ। ସେହିପରି 'ଜାତୀୟ ହସ୍ତତନ୍ତ ପୁରସ୍କାର' ଅସାଧାରଣ କାରିଗରି, ନିଷ୍ଠା ଏବଂ ନବସୃଜନ ସହିତ ବୁଣାକାରମାନଙ୍କୁ ପ୍ରଦାନ କରାଯାଏ। ପୁରସ୍କାର ବିଜେତାଙ୍କୁ ପୁରସ୍କାର ରାଶି ୨ ଲକ୍ଷ ଟଙ୍କା ସହ ତାମ୍ରପତ୍ର, ଶାଲ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ। ବୁଣାକାର ବର୍ଗ ଅଧୀନରେ ପୁରସ୍କାର ପାଇଁ ଜୋନାଲ, ମୁଖ୍ୟାଳୟ ଏବଂ କେନ୍ଦ୍ରୀୟ ଆଦି ତ୍ରିସ୍ତରୀୟ କମିଟି ଦ୍ୱାରା ବିଜେତା ଚୟନ କରାଯାଇଛି। ପୁରସ୍କାର ପ୍ରଦାନ ଉତ୍ସବରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଓ ଅନ୍ୟ ଅତିଥିଙ୍କ ସହିତ ଶିଳ୍ପ ନେତା, ଡିଜାଇନର, ରପ୍ତାନିକାରୀ, ବରିଷ୍ଠ ସରକାରୀ ଅଧିକାରୀ, ଛାତ୍ର ଏବଂ ସାରା ଦେଶରୁ ୫୦୦ରୁ ଅଧିକ ବୁଣାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ୬ ଟେକ୍ସଟାଇଲ ପାର୍କ

## ଆଜି ଉଦ୍‌ଘାଟନ ହେବ 'ଓଡ଼ିଶା ଟେକ୍ସ-୨୦୨୫'



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସଚିବ।

ଭୁବନେଶ୍ୱର,୨୪।୭(ରବିନାରାୟଣ ଜେନା)

ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୬ଟି ଟେକ୍ସଟାଇଲ ପାର୍କ ଘୋଷଣା କରିବେ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଶିଳ୍ପ ବିଭାଗ ପକ୍ଷରୁ ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଟେକ୍ସଟାଇଲ(କପଡା), ପୋଷାକ, ଆନୁଷଙ୍ଗିକ ଶିଳ୍ପ, ନୀତି ନିର୍ମାତା ଓ ନିବେଶକ ଏକତ୍ରିତ ହେବେ। ମୁଖ୍ୟମନ୍ତ୍ରୀ ଓଡ଼ିଶାର ଶିଳ୍ପ ଭବିଷ୍ୟତ ଭିଜନକୁ ସର୍ବସମ୍ମୁଖରେ ଉପସ୍ଥାପନ କରିବେ । ଏଥିସହିତ ତାଙ୍କ ଉପସ୍ଥିତିରେ ବିଭିନ୍ନ ଶିଳ୍ପସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରାଯିବ ।

ମନ୍ତ୍ରୀ କହିଥିଲେ, ଓଡ଼ିଶାରେ ଘୋଷଣା ହେବାକୁ ଥିବା ୬ଟି ଟେକ୍ସଟାଇଲ ପାର୍କ ମଧ୍ୟରେ ବଲାଙ୍ଗୀର, ଜଗତ୍‌ସିଂହପୁର, କେନ୍ଦୁଝର, ସମ୍ବଲପୁର, ଯାଜପୁର, କଟକ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୬୦୦ରୁ ଅଧିକ ନିବେଶକ ପଞ୍ଜୀକରଣ କରିଛନ୍ତି। ଏହି ବୁଝାମଣା ରାଜ୍ୟରେ ଟେକ୍ସଟାଇଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ।

ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଓଡ଼ିଶା ଟେକ୍ସ ୨୦୨୫ କେବଳ ଏକ ଇଭେଣ୍ଟ ନୁହେଁ, ଏହା ଓଡ଼ିଶାର ବସ୍ତ୍ରଶିଳ୍ପ ଅନୁକୂଳ ଭିତ୍ତିଭୂମି ପ୍ରଦର୍ଶିତ କରିବା ଏବଂ ବିନିଯୋଗ ଓ ରୋଜଗାର ସୃଷ୍ଟି ପାଇଁ ଏକ ମିଶନ। ଏହି କାର୍ଯ୍ୟକ୍ରମ ବିଶ୍ୱ ଓ ଜାତୀୟ ପ୍ରତିନିଧିମାନଙ୍କୁ ଏକତ୍ର କରି ରାଜ୍ୟରେ ବସ୍ତ୍ର ଉତ୍ପାଦନ ଶିଳ୍ପର ଭବିଷ୍ୟତ ନିର୍ଦ୍ଧାରଣ କରିବ। ଓଡ଼ିଶା ଟେକ୍ସ ୨୦୨୫ ବସ୍ତ୍ର ଶିଳ୍ପ କ୍ଷେତ୍ରରେ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରିବ। ଶୁକ୍ରବାର ସକାଳ ୧୦ଟାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓଡ଼ିଶାର ବସ୍ତ୍ରଶିଳ୍ପର ଅଭିବୃଦ୍ଧି, ରପ୍ତାନି ବୃଦ୍ଧି ସହ ରୋଜଗାର ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

**ବୃଦ୍ଧଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ**

ଚୌଦ୍ୱାର,(ଆଶୁତୋଷ ଦାସ): ବିଲରେ ପାଣି ମଡାଇବାକୁ ନେଇ ଜନୈକ ବରିଷ୍ଠ ନାଗରିକ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଁଷାଲଣ୍ଡା ପଞ୍ଚାୟତର ମହିଁଷାଲଣ୍ଡା ଗ୍ରାମର ମୁରଲୀଧର ପୃଷ୍ଟି ନିଜ ବିଲକୁ ପାଣି ମଡାଇବା ପାଇଁ ବନ୍ଧକୁ ଯାଇ ବିଲକୁ ପାଣି କାଟୁଥିବା ବେଳେ ସେହି ଗ୍ରାମର କେଶବ ଚରଣ ସ୍ୱାଇଁ ମୁରଲୀଧରଙ୍କୁ ଶୋଧାବକା କରିବା ସହିତ ବିଧା ଗୋଇଠା ମାରି ତାଙ୍କୁ ଘଟଣାସ୍ଥଳରୁ ବିଦା କରିଦେଇଥିଲେ। ଏନେଇ ମୁରଲୀଧର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ସର୍ଜରି ବିଭାଗରେ ଖୋଲିବ ନିରାମୟ କେନ୍ଦ୍ର

**ଏସ୍‌ସିବି ମେଡିକାଲ**

କଟକ,୨୪।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ବୃଦ୍ଧି ପାଇବ ନିରାମୟ କେନ୍ଦ୍ର ସଂଖ୍ୟା। ଶୁକ୍ରବାର ସର୍ଜରି ବିଭାଗରେ ସ୍ୱତନ୍ତ୍ର ନିରାମୟ କେନ୍ଦ୍ର ଖୋଲାଯିବ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ଏସ୍‌ସିବିରେ ନିରାୟମ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ୫ଟି କେନ୍ଦ୍ର ରୋଗୀ ସେବାରେ ଲାଗିଥିବାବେଳେ କିଛି ମାସ ପୂର୍ବରୁ ଚକ୍ଷୁ ବର୍ହିବିଭାଗ ନିକଟରେ ଆଉ ଏକ କେନ୍ଦ୍ର ଖୋଲଥିଲା ଏବଂ ମେଡିକାଲରେ ନିରାମୟ କେନ୍ଦ୍ର ସଂଖ୍ୟା ୬ରେ ପହଞ୍ଚିଥିଲା। ଏସ୍‌ସିବିରେ ନିରାମୟ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇଥିବାରୁ ରୋଗୀ ସମ୍ପର୍କୀୟଙ୍କ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଦୂର ହେବ ବୋଲି କୁହାଯାଉଛି।

### ସରପଞ୍ଚଙ୍କ ଆତ୍ମାହୁତି ଧମକ

କଟକ ସଦର,୨୪।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଡପୁର ସରପଞ୍ଚ ବ୍ଲକ ପରିସରରେ ଶୁକ୍ରବାର ଆତ୍ମାହୁତି ଦେବେ ବୋଲି ଧମକ ଦେଇଛନ୍ତି। ଦାମୋଦରପୁର ମୌଜାର ଏକ ପୋଖରୀ ଖୋଲା ବିଲ ପୈଠ କରାଯାଇ ନ ଥିବାରୁ ଏପରି ପଦକ୍ଷେପ ନେବା ପାଇଁ ସେ ବାଧ ହେଉଛନ୍ତି ବୋଲି ଜଣାଇଛନ୍ତି। ଏ ନେଇ କଟକ ସଦର ବିଡିଓଙ୍କୁ ଜଣାଇ ସାରିଛନ୍ତି। ବିଡିଓପ୍ରତୀକସାହୁଙ୍କପ୍ରତିକ୍ରିୟାମିଳିପାରିନାହିଁ।

### ଏସ୍‌ସିବି ଛାତ୍ର ସଂସଦର ଶପଥପାଠ କାର୍ଯ୍ୟକ୍ରମ

କଟକ,୨୪।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦ ଚଳିତଶିକ୍ଷା ବର୍ଷ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ସମାରୋହ କାର୍ଯ୍ୟକ୍ରମ ମେଡିକାଲର ନୂତନ ଅଡିଟୋରିୟମଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ସନତ ସତ୍ୟଜିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜଷ୍ଟିସ ବିମଳ ପ୍ରସାଦ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ ଓ ସଂସଦ ପରାମର୍ଶଦାତା ଡା. ଜ୍ରନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଛାତ୍ର ସଂସଦ ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

### ଇଡି ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟରୁ ଜାମିନ

କଟକ,୨୪।୭(କାର୍ତ୍ତିକ ସାହୁ)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ରଘୁବଂଶୀଙ୍କ ଜାମିନ ଆବେଦନର ଶୁଣାଣି କରି ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଗତ ମଙ୍ଗଳବାର ମାମଲାର ଶୁଣାଣି ହୋଇଥିବା ବେଳେ ଗୁରୁବାର ଆଦେଶନାମା ପ୍ରକାଶ ପାଇଛି। ୨୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଗିରଫ ହୋଇଥିଲେ ରଘୁବଂଶୀ। ସୂଚନାନୁସାରେ, ସିବିଆଇ ଦ୍ୱାରା ଗତ ମେ' ୩୦ ତାରିଖରେ ରଘୁବଂଶୀ ଗିରଫ ହୋଇଥିଲେ। ସେ ହାଇକୋର୍ଟରେ ନିୟମିତ ଜାମିନ ପ୍ରଦାନ ପାଇଁ ଆବେଦନ କରିଥିଲେ।

# ଫେଷ୍ଟିଭାଲ ମାଧ୍ୟମରେ ସୃଷ୍ଟି ହେବ ସାମାଜିକ ସଚେତନତା

## ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟିତ



ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୪।୭(କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଦି ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଟିମ୍‌ର ମିଳିତ ଆନୁକୂଲ୍ୟରେ ୩ଦିନିଆ ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲ ଗୁରୁବାରଠାରୁ ଆରମ୍ଭ ହୋଇଛି। ମହିଳା ସଶକ୍ତୀକରଣ, ଆଇନ ଓ ନ୍ୟାୟ ଶୀର୍ଷକ ଫେଷ୍ଟିଭାଲର ଥିମ୍ ଭାବେ ଉପସ୍ଥାପନା କରାଯାଇଛି। ମୁଖ୍ୟଅତିଥି ଭାବେ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଫେଷ୍ଟିଭାଲକୁ ଉଦ୍‌ଘାଟନ କରି କହିଲେ, ରାଜ୍ୟ ସରକାର ମହିଳା ବିରୋଧୀ ହିଂସାକୁ ପ୍ରତିହତ କରିବା ପାଇଁ ଫାଷ୍ଟଟ୍ରାକ କୋର୍ଟମାନ ସ୍ଥାପନ କରୁଛନ୍ତି। ଫେଷ୍ଟିଭାଲ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଲେ, ଐତିହ୍ୟସମ୍ପନ୍ନ କଟକ ସହରରେ ଏଭଳି ସିନେମା ଫେଷ୍ଟିଭାଲ ସ୍ୱାଗତଯୋଗ୍ୟ ପଦକ୍ଷେପ। ମହିଳାମାନେ ପ୍ରତିଦିନ ସାମ୍ନା କରୁଥିବା ସଂଘର୍ଷ ଓ ସେଗୁଡ଼ିକର ସମାଧାନ ମଧ୍ୟ ସିନେମା ଜରିଆରେ ଛାତ୍ରୀଛାତ୍ରମାନେ ଅବଗତ ହୋଇପାରିବେ। ବିଶ୍ୱବିଦ୍ୟାଳୟ କୁଳପତିପ୍ରଫେସର ବେଦ କୁମାରୀ କହିଲେ, ଫେଷ୍ଟିଭାଲ କେବଳ ସିନେମା ଦେଖାଇବା ପାଇଁ ନୁହେଁ, ବରଂ ମହିଳା ସଶକ୍ତୀକରଣ ଉପରେ ପର୍ଯ୍ୟବସିତ ସିନେମାଗୁଡ଼ିକ ସମ୍ପର୍କରେ ଜ୍ଞାନ ଆହରଣ ନିମନ୍ତେ ଉଦ୍ଦିଷ୍ଟ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ସେଣ୍ଟର ଫର ଫିଲ୍ମ ଷ୍ଟଡିଜ୍ ନୂତନ ଭାବେ ସ୍ଥାପନ ହୋଇଛି। ଏହା ମାଧ୍ୟମରେ ସିନେମା, ଆଇନ ଓ ସାହିତ୍ୟର ସମନ୍ୱୟ ହୋଇପାରିଛି ବୋଲି କୁଳପତି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ରଙ୍ଗିନ ପଲ୍ଲବ ତ୍ରିପାଠୀ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ଫେଷ୍ଟିଭାଲର ସଫଳତା କାମନା କରିଛନ୍ତି। ବାଇସ୍କୋପ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଆଲୋକ ଭରଦ୍ୱାଜ, ଫେଷ୍ଟିଭାଲ ନିର୍ଦ୍ଦେଶିକା ଜ୍ୟୋତି ଆରୋରା, ମୁଖ୍ୟ ଉପଦେଷ୍ଟା ପ୍ରସେନଜିତ୍ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଜୁରି ମେମ୍ବର ଭାବେ ବିଜୟ ଜେନା, ଗଦାଧର ପୁଣ୍ଟୀ, ଲଳିତ ରାଓ ସିନେମାଗୁଡ଼ିକର ମୂଲ୍ୟାୟନ କରୁଛନ୍ତି।

ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ୫ଟି ପ୍ରେକ୍ଷାଳୟରେ ୩୦ଟି ସିନେମା ପ୍ରଦର୍ଶିତ ହୋଇଥିଲା। ଓଡ଼ିଆ, ହିନ୍ଦୀ, ପଞ୍ଜାବୀ, ମାଲାୟଲମ, ସ୍ପେନିସ ଓ ଇଂଲିଶ ସମେତ ପ୍ରାୟ ୧୪ ଭାଷାର ଫିଲ୍ମଗୁଡ଼ିକ ଅଂଶଗ୍ରହଣ କରିଛି। ଆଗାମୀ ୨ ଦିନରେ ୨୨ଟି ଭାଷାରେ ପ୍ରାୟ ୧୦୨ଟି ସିନେମା ପ୍ରଦର୍ଶନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାଯାଇଛି।

# ଭାଗ୍ୟ ଉପରେ ଭରସା ନ କରି କର୍ମକୁ ପ୍ରାଧାନ୍ୟ ଦିଅ


ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

**ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହ**

କଟକ,୨୪।୭(କାର୍ତ୍ତିକ ସାହୁ)

ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ 'ପ୍ରତିଭା ସମ୍ମାନ ସମାରୋହ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବନ୍ଦିତା ଦାଶଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଶୁଭା ଶର୍ମା କହିଲେ, କଠିନ ପରିଶ୍ରମ, ସମୟର ସଦୁପଯୋଗ ଓ ଅନୁଶାସନ ଜଣେ ବିଦ୍ୟାର୍ଥୀର ଜୀବନକୁ ସରସ, ସୁନ୍ଦର ଓ ସଫଳ କରେ। ଛାତ୍ରୀମାନଙ୍କୁ ପ୍ରେରଣା ଦେବାକୁ ଯାଇ ସେ ନିଜ ବ୍ୟକ୍ତିଗତ ଜୀବନର ଶୈକ୍ଷିକ ଅନୁଭୂତି ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ଲୋକ ସେବା ଆୟୋଗର ସଦସ୍ୟା ଡ. ସରିତା ସୂପକାର କହିଲେ, ପ୍ରତ୍ୟେକ ମଣିଷ ଭିତରେ କିଛି ନା କିଛି ପ୍ରତିଭା ଲୁଚି ରହିଥାଏ। ଛାତ୍ରୀମାନେ ନିଜ ଭିତରର ପ୍ରତିଭାକୁ ଚିହ୍ନି ସେ ଦିଗରେ ସଫଳ ହେବା ପାଇଁ ବାରମ୍ବାର ଉଦ୍ୟମ କରିବା ଆବଶ୍ୟକ। ନିରନ୍ତର ପ୍ରୟାସ, ଅଧ୍ୟବସାୟ ଓ ଶୃଙ୍ଖଳିତ ଜୀବନଶୈଳୀ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷା ଡାକ୍ତର ଦାଶ ଭାଗ୍ୟ ଉପରେ ଭରସା ନ କରି ନିଜର କର୍ମକୁ ଅଧିକ ପ୍ରାଧାନ୍ୟ ଦେଲେ ହିଁ ଛାତ୍ରୀମାନେ ସଫଳତାର ପାହାଚ ଚଢ଼ିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦୨୫ ବର୍ଷ ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଧୀନରେ ଯୁକ୍ତ ୩ ଓ ଯୁକ୍ତ ୨ ପରୀକ୍ଷାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ ୩ ବିଶ୍ୱବିଦ୍ୟାଳୟ ଟପ୍ପର ସମ୍ରିନ୍ ଅଖତରଙ୍କ ସମେତ ୮୦% ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୭ ଛାତ୍ରୀ, ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୩୨ ଛାତ୍ରୀ ଏବଂ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୫ (ଯୁକ୍ତ୨)ରେ ମହାବିଦ୍ୟାଳୟର କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ଟପ୍ପର ହୋଇଥିବା ୫ଜଣ ଛାତ୍ରୀଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏକାଡେମିକ୍ ବର୍ସାର୍ ଡ. ଜୁଲି ମିଶ୍ର ଅତିଥି ପରିଚୟ ଓ ପରୀକ୍ଷା ନିୟନ୍ତ୍ରକ ଉପଦେଷ୍ଟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## 'ପ୍ରଭାବଶାଳୀ ଶ୍ରମିକ ନେତା ଥିଲେ ବିଶ୍ୱନାଥ ସାନ୍ୟାଲ'

କଟକ,୨୪।୭(କାର୍ତ୍ତିକ ସାହୁ)

ନିଖିଳ ଭାରତ ବୀମା କର୍ମଚାରୀ ସଂଘ (ଏଆଇଆଇଇଏ)ର ଉପସଭାପତି ବିଶ୍ୱନାଥ ସାନ୍ୟାଲଙ୍କର ଛତିଶଗଡ଼ ରାୟପୁରଠାରେ ମଙ୍ଗଳବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ସାନ୍ୟାଲଙ୍କ ବିୟୋଗରେ କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ମାଛୁଆବଜାରସ୍ଥିତ ଏଲ୍‌ଆଇସି ଡିଭିଜନାଲ ଅଫିସ ପ୍ରାଙ୍ଗଣରେ ଏକ ସ୍ମୃତିସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡ. ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ସାଧାରଣ ସମ୍ପାଦକ ଅଭୟ କୁମାର ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ, ସ୍ୱର୍ଗତ ସାନ୍ୟାଲ ଅଣସଙ୍ଗଠିତ ଶ୍ରମିକମାନଙ୍କ ସ୍ୱାର୍ଥପାଇଁ ଅନବରତ ସଂଗ୍ରାମ କରିଥିଲେ। ସେ ଜଣେ ପ୍ରଭାବଶାଳୀ ଶ୍ରମିକ ନେତା ଥିଲେ। ତାଙ୍କ ମରଶରୀରକୁ ମେଡିକାଲ କଲେଜକୁ ଦାନ କରି ମୃତ୍ୟୁ ପରେ ବି ସମାଜସେବା କରିଛନ୍ତି ବୋଲି ବକ୍ତାମାନେ କହିଥିଲେ। ଗଜେନ୍ଦ୍ରନାଥ ମହାନ୍ତି, ବିବେକାନନ୍ଦ ସାହୁ, ରବି ନାରାୟଣ ମଲ୍ଲିକ, ସତ୍ୟବ୍ରତ ଦତ୍ତଗୁପ୍ତ, ମାନଗୋବିନ୍ଦ ବାରିକ, ରବୀନ୍ଦ୍ର ନାଥ ଧଳ, କୃଷ୍ଣଚନ୍ଦ୍ର ବେହେରା, ଦେବାଶିଷ ନାୟକ, ନିର୍ମଳ ଚନ୍ଦ୍ର ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଙ୍ଗଠନିକ ସମ୍ପାଦକ ବିକ୍ରମଜିତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଖୁଣ୍ଟୁଣୀ,୨୪।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରବି ନାରାୟଣ ଦାସ ଉତ୍ସବରେ ଅଧ୍ୟକ୍ଷତାରେ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ସୁରେନ୍ଦ୍ର ପେଣ୍ଠୋଇ ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଅନିରୁଦ୍ଧ ପତ୍ରୀ, ଗୋବର୍ଦ୍ଧନ ବେଉରା, ଚିତ୍ତରଞ୍ଜନ ଦାସ, ପବିତ୍ର ଦାସ, ଗ୍ରନ୍ଥାଗାରିକ ବଜ୍ରଭୂଷଣ ପାତ୍ର, ବିକାଶ ସାହୁ, ଚକ୍ରଧର ସାହୁ ଓ କୁମୁଦ ସ୍ୱାଇଁ ପ୍ରମୁଖ ନବାଗତ ଛାତ୍ରୀଛାତ୍ରମାନେ କିଭଳି ନିଜକୁ ଜଣେ ଜଣେ ଉତ୍ତମ ଓ ଶୃଙ୍ଖଳିତ ବିଦ୍ୟାର୍ଥୀ ଭାବେ ଗଢି ତୋଳିବେ ସେ ନେଇ ମାର୍ଗଦର୍ଶନ ପ୍ରଦାନ କରିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ସମସ୍ତ ନୂତନ ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ଖୁଆଇ ସ୍ୱାଗତ କରାଯାଇଥିଲା।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଭଞ୍ଜ


@ ଜଗଦିଶ


@ ମୃତ୍ୟୁଞ୍ଜୟ


@ ନବଘନ


@ ପିଣ୍ଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜେନ୍ଦ୍ରନଗରରେ ପଦ୍ମିନୀ ରଥଙ୍କ ସ୍ମୃତିଚାରଣ


ପଦ୍ମିନୀ ରଥଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭାରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

କଟକ,୨୪।୭(କାର୍ତ୍ତିକ ସାହୁ)

ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ସମାରୋହ ରାଜେନ୍ଦ୍ରନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ମଙ୍ଗଳା ମହଲା ସଭା ସଭାପତିକୃଷ୍ଣଚନ୍ଦ୍ରମହାପାତ୍ରଙ୍କଅଧ୍ୟକ୍ଷତାରେ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ପଦ୍ମିନୀ ରଥଙ୍କ ସ୍ମୃତିଚାରଣ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସର୍ବ ମଙ୍ଗଳା ମହଲା ସଭାର ଉପସଭାପତି ରାଜେନ୍ଦ୍ର କୁମାର ଷଡ଼ଙ୍ଗୀ, ସମ୍ପାଦକ ସରୋଜ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ରଙ୍କ ସମେତ ଉଲ୍ଲାସ କୁମାର ପାଇକରାୟ, ଗଜେନ୍ଦ୍ରନାଥ ନାୟକ, ସଦାନନ୍ଦ ପରିଜା, ପ୍ରଫୁଲ୍ଲ କୁମାର ମୁଦୁଲି, ପ୍ରଦୀପ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଥ ପରିବାର ପକ୍ଷରୁ ଇଂ ଦୁର୍ଗା ପ୍ରସାଦ ରଥ ଓ ଶିବ ପ୍ରସାଦ ରଥ ମହଲା ସଭାର କର୍ମକର୍ତ୍ତା, ସାହି ମୁରବୀ, ବରିଷ୍ଠ ନାଗରିକ ଓ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ କୁମାର ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ

ଚୌଦ୍ୱାର,୨୪।୭(ଆଶୁତୋଷ ଦାସ)

ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ୫୫ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ୭ବର୍ଷ ହେବ ଜାରି ରହିଛି। ମନ୍ଥର ଗତିରେ ରାସ୍ତା କାମ ଚାଲୁଥିବା ବେଳେ କେବେ ଏହା ସରିବ ଏବଂ ସାଧାରଣ ଲୋକେ ଉକ୍ତ ରାସ୍ତାରେ ନିର୍ଭୟରେ ଯାତାୟାତ କରିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା କାମ ଅହେତୁକ ବିଳମ୍ବ, ଡ୍ରେନ ନିର୍ମାଣ, ରାସ୍ତା କଡ ଆଲୋକିକରଣ ଆଦି କାର୍ଯ୍ୟରେ ବିଳମ୍ବ ହେଉଥିବା ଓ ଠିକାସଂସ୍ଥା ପକ୍ଷରୁ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ଗୁରୁବାର ଚୌଦ୍ୱାର ଜାଗରଣ ମଞ୍ଚର ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ କରିଥିଲେ। ତେବେ ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଚୌଦ୍ୱାରବାସୀଙ୍କୁ ପୁଣିଥରେ ପ୍ରତିଶ୍ରୁତି ଦେଇଛନ୍ତି ଜାତୀୟ ରାଜପଥ କାର୍ଯ୍ୟାଳୟ ରିଜିଓନାଲ ଅଫିସର ବୀରେନ୍ଦ୍ର ସିଂ। ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଘେରାଉରେ ଜାଗରଣ ମଞ୍ଚର ଶ୍ରୀକାନ୍ତ ପାଢ଼ୀ, ପ୍ରତାପ ଜେନା, ବୁଲବୁଲ ସାହୁ, ଭୀମସେନ ବିଶ୍ୱାଳ, ବିରାଟ ବଜାର ସଭାପତି ପ୍ରଶାନ୍ତ ବରାଳ, ହରିହର ବେଉରା, ସୁବାସ ସିଂ, ସଞ୍ଜୟ ସିଂ, ମାନସ ଷଡଙ୍ଗୀ, ସନ୍ତୋଷ ଖଟୁଆ, ଅବଦୁଲ ରସିଦ୍, ବର୍ଷାରାଣି ପଲେଇ, ଦୀପିକା ମୁଦୁଲି, ମିଲି ବେହେରା, ଅଞ୍ଜନା ସୁବୁଦ୍ଧି, ସୁଜାତା ମହାନ୍ତି, ଦୀପିକା ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



ଚୌଦ୍ୱାର ଜାଗରଣ ମଞ୍ଚର ସଦସ୍ୟମାନେ ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଅଗଷ୍ଟ ଶେଷ ସୁଦ୍ଧା ଶେଷ ହେବ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ**

## ମା'ପୁଅଙ୍କୁ ବନ୍ଧୁକ ଦେଖାଇ ୩ ଲକ୍ଷ ଲୁଟ

ଆସିକା,(ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଦେବଭୂମି-ରିଷିପୁର ରାସ୍ତାରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ବାଇକ୍‌ରେ ଯାଉଥିବା ମା'ପୁଅଙ୍କଠାରୁ ଟଙ୍କା ଲୁଟ ହୋଇଛି। ୪ ଦୁର୍ବୃତ୍ତ ବନ୍ଧୁକ ଓ ଛୁରି ଦେଖାଇ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି।ଖବରପାଇ ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ଥାନା ଅଧିକାରୀ କୁଳମଣି ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରାତି ସୁଦ୍ଧା ଲୁଟେରାଙ୍କ କୌଣସି ସୁରାକ୍ ମିଳିପାରିନାହିଁ।

# ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଗିରଫ, ୧୪୮ % ଆୟ ବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୋଟିପତି ନିର୍ବାହୀ ଯନ୍ତ୍ରୀ(ଇଇ) ଜଗନ୍ନାଥ ପଟ୍ଟନାୟକଙ୍କୁ ଗୁରୁବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ଠାବ ହୋଇଥିବା ବିପୁଳ ସମ୍ପତ୍ତି ଜଗନ୍ନାଥଙ୍କ ପ୍ରକୃତ ଆୟ ଠାରୁ ୧୪୮ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୬/୨୦୨୫) ରୁଜୁ କରାଯାଇ ଜଗନ୍ନାଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ସମ୍ପତ୍ତି ଠୁଳ କରିବାରେ ପତ୍ନୀ ସହଯୋଗ କରିଥିବାରୁ ସେ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ହୋଇଛନ୍ତି। ଅଭିଯୁକ୍ତ ଜଗନ୍ନାଥଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଜଗନ୍ନାଥ ବେଆଇନ ଭାବେ ନିଜ ଘରେ ହରିଣ ଶିଙ୍ଗ ରଖିଥିବାରୁ ବନ ବିଭାଗ ପକ୍ଷରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ରିପୋର୍ଟ



ଜଗନ୍ନାଥ ପଟ୍ଟନାୟକ

ଆଧାରରେ ଖୋର୍ଦ୍ଧା ବନ୍ୟଜୀବ ବନଖଣ୍ଡ ଅନ୍ତର୍ଗତ ବାଲିପାଟଣା ବନାଞ୍ଚଳ ପକ୍ଷରୁ

**ହରିଣ ଶିଙ୍ଗ ରଖିବା ଅଭିଯୋଗରେ ବାଲିପାଟଣା ବନାଞ୍ଚଳ ପକ୍ଷରୁ ମାମଲା**

ଜଗନ୍ନାଥଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଜଗନ୍ନାଥଙ୍କ ଭୁବନେଶ୍ୱର ଓ ରାୟଗଡ଼ାର ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଭୁବନେଶ୍ୱର ବଡ଼ଗଡ଼ରେ ଏକ ୩ ମହଲା କୋଠା ସହ ୩ଟି ବହୁମୂଲ୍ୟ ଫ୍ଲାଟ୍ ଥିବା ଜଣାପଡ଼ିଥିଲା।ଜଗନ୍ନାଥଙ୍କ ବାସଭବନରୁ ହଳେ ହରିଣ ଶିଙ୍ଗ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିଲା। ସେହିପରି ବାଲିଅନ୍ତା ରଣପୁର ମୌଜାରେ ଗୋଟିଏ ଫାର୍ମ ହାଉସ୍ ଠାବ ହୋଇଥିବାବେଳେ ଘରୁ ୪୬୦ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଥିଲା। ବ୍ୟାଙ୍କ, ଜୀବନବୀମା ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୮୦.୩୫ ଲକ୍ଷ ଓ ଘରୁ ୭ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ନଗଦ ଟଙ୍କା ଏବଂ ଗୋଟିଏ କାର୍ ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଥିଲା।

# ବାଘଛାଲ ଜବତ, ୨ ଚାଲାଣକାରୀ ଗିରଫ

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)

**ଭୁବନେଶ୍ୱରରେ ଏସ୍‌ଟିଏଫ୍ ଚଢ଼ାଉ**



କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗୁରୁବାର ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ରୋଡରେ ଚଢ଼ାଉ କରି ଦୁଇଜଣ ବନ୍ୟଜନ୍ତୁ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ଼ ଜିଲା ବାଣିଗୋଛା ଥାନା ଅଞ୍ଚଳର ରାଜେଶ ନାୟକ ଓରଫ ରାଜା (୨୬) ଓ ଗଙ୍ଗାଧର ନାଏକ ଓରଫ ଅର୍ଜୁନ (୨୫)। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୧୬/୨୦୨୫) ରୁଜୁ ସହ ଅଧିକ ତଦନ୍ତ କରାଯାଉଛି। ଅଭିଯୁକ୍ତଦ୍ୱୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ପରୀକ୍ଷା ପାଇଁ ଜବତ ବାଘଛାଲକୁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍(ଡବ୍ଲ୍ୟୁଆଇଆଇ)କୁ ପଠାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତଦ୍ୱୟ ନିଜେ ବାଘ ଶିକାର କରିଥିଲେ ନା କାହାଠାରୁ ଆଣିଥିଲେ ସେନେଇ ଜାଣିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଦ୍ୱୟ କିଛିଦିନ ହେଲା ବାଘଛାଲ ରଖିଥିବାବେଳେ ଏହାକୁ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ସେମାନେ ବାଇକ୍‌ରେ ବାଘଛାଲ ନେଇ ଭୁବନେଶ୍ୱରକୁ ଆସୁଥିବାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ମାଡ଼ି ବସିଥିଲେ।

# ନକଲି ପାସ୍‌ରେ ଲୋକସେବା ଭବନକୁ ପ୍ରବେଶ

## ଅଭିଯୁକ୍ତ ଗିରଫ, ଚାକିରି ଠକେଇ ପାଇଁ ବିଛାଇଥିଲେ ଜାଲ

ଭୁବନେଶ୍ୱର,୨୪।୭(ସତ୍ୟଜିତ୍ ରାଉତ)

ନକଲି ପାସ୍ ଜରିଆରେ ଲୋକସେବା ଭବନକୁ ପ୍ରବେଶ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବାଣପୁର ଥାନା ବାଲୁଗାଁ ଅଞ୍ଚଳର ସନ୍ଦୀପ କୁମାର ପ୍ରଧାନ (୩୦)। ତାଙ୍କ ପାଖରୁ ଏକ ନକଲି ଆଇ କାର୍ଡ ଜବତ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସନ୍ଦୀପ ଅପରାହ୍ନ ପ୍ରାୟ ୩.୪୨ବେଳେ ୬ ନଂ. ଗେଟ୍‌ରେ ସୁରକ୍ଷାକର୍ମୀଙ୍କୁ ନକଲି ପରିଚୟ ପତ୍ର ଦେଖାଇ ଲୋକସେବା ଭବନ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେଠାରେ ଡ୍ୟୁଟିରେ ଥିବା ଏସ୍‌ଆଇ ମନୋରଞ୍ଜନ ମହାନ୍ତି ଉକ୍ତ ଆଇକାର୍ଡ ଦେଖି ସନ୍ଦେହ କରିଥିଲେ। ସେ ସନ୍ଦୀପଙ୍କ ଆଇକାର୍ଡ ଯାଞ୍ଚ ସହ ଅଟକାଇ ଅଧିକ ପଚରାଉଚରା କରିଥିଲେ। ଏହାଦେଖି ସନ୍ଦୀପ ପରିଚୟ ପତ୍ର ଛାଡ଼ିଦେଇ ଏଜି ଛକ ଅଭିମୁଖେ ଦୌଡ଼ି ପଳାଇ ଯାଇଥିଲେ। ମନୋରଞ୍ଜନ ତାଙ୍କୁ ପିଛା କରି ଏଜି ଛକ ନିକଟରେ କାବୁ କରିଥିଲେ।



ସନ୍ଦୀପ କୁମାର ପ୍ରଧାନ

ଏନେଇ ଏତଲାକ୍ରମେ କ୍ୟାପିଟାଲ ଥାନା ମାମଲା (ନଂ.୩୬୦/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ତେବେ ସନ୍ଦୀପ ଚାକିରି ଠକେଇ ପାଇଁ ଜାଲ ବିଛାଇଥିଲେ ବୋଲି ଜଣାପଡ଼ିଛି। ସନ୍ଦୀପ ଏକ ଡିଟିପି ସେଣ୍ଟରରେ ଜାଲ୍ ପରିଚୟପତ୍ର ତିଆରି କରିଥିଲେ। ଅଧିକ ଟଙ୍କା ଦାବି କରି ଜଣେ ଯୁବକଙ୍କୁ ସରକାରୀ ଚାକିରି ଯୋଗାଇବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ସନ୍ଦୀପ ଉକ୍ତ ଜାଲ୍ ପରିଚୟପତ୍ର ବଳରେ ଗତ ଜୁନ୍ ମାସରେ ଲୋକସେବା ଭବନରେ ପ୍ରବେଶ କରିଥିବା ସ୍ୱୀକାର କରିଛନ୍ତି। ତେବେ ସନ୍ଦୀପ ଅନ୍ୟ କୌଣସି ଯୁବକଙ୍କଠାରୁ ଚାକିରି ଯୋଗାଇବା ପାଇଁ ଟଙ୍କା ଆଣିଛନ୍ତି କି ନାହିଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

**ଯୁବକଙ୍କ ଗଳା କାଟିବା ମାମଲା**

# ଜେଲ ଗଲେ ସମ୍ପର୍କୀୟା ଶାଳୀ

କେନ୍ଦ୍ରାପଡ଼ା, ୨୪।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ସଦର ଥାନା ହଜାରୀ ଛକଠାରେ ରକ୍ତ ଜୁଡୁବୁଡୁ ଯୁବକଙ୍କୁ ମଙ୍ଗଳବାର ରାତିରେ ଉଦ୍ଧାର ମାମଲାରେ ଜିଲା ପୋଲିସ ଗୁରୁବାର ଅଭିଯୁକ୍ତା ସମ୍ପର୍କୀୟା ଶାଳୀଙ୍କୁ ଗିରଫ କରିଛି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଢ଼ାବତି ଗ୍ରାମର ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।ତାଙ୍କ ନାମରେ ନଂ.୩୪୩/୨୫ରେ ମାମଲା ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯ ଲଗାଯାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଲକ୍ଷ୍ମୀପ୍ରିୟା ହେଉଛନ୍ତି ଗୁରୁତର ଥିବା ଯୁବକ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ବାଘୁଆଠେଙ୍ଗ ଗ୍ରାମର ସତ୍ୟଜିତ ଷଡଙ୍ଗୀଙ୍କ ସମ୍ପର୍କୀୟ ଶାଳୀ। ସତ୍ୟଜିତଙ୍କ ସ୍ତ୍ରୀ ମରିଯିବା ପରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା। ତେବେ ଲକ୍ଷ୍ମୀପ୍ରିୟାଙ୍କ ଅନ୍ୟ ସହିତ ପ୍ରେମ ସମ୍ପର୍କ ରହିଥିବା ଜାଣିବା ପରେ ସତ୍ୟଜିତଙ୍କ ସହ ବିବାଦ ରହିଥିଲା। ସତ୍ୟଜିତ କେନ୍ଦ୍ରାପଡ଼ା ବୁଲିବାକୁ ମଙ୍ଗଳବାର ଆସିଥିବା ବେଳେ ଏକ ଧାରୁଆ ଅସ୍ତ୍ରରେ ଗଳା କାଟି ଲକ୍ଷ୍ମୀପ୍ରିୟା ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ରାତି ପ୍ରାୟ ୯ଟାରେ ମାର୍ଶାଘାଇ ଥାନା ପୋଲିସ ପାଟ୍ରୋଲିଂ ସମୟରେ ଏଏସ୍‌ଆଇ ଲୋଭାବତୀ ସାହୁ ଗୁରୁତର ଅବସ୍ଥାରେ ହଜାରୀ ଛକ ସେତୁଠାରୁ ଅନତି ଦୂରରେ ସତ୍ୟଜିତଙ୍କୁ ଉଦ୍ଧାର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ସେ ଏବେ ସେଠାରେ ଚିକିତ୍ସିତ ହେଉଛନ୍ତି।

# ନାବାଳିକାଙ୍କୁ ଗର୍ଭବତୀ ପରେ ହତ୍ୟା ଧମକ: ୨ ଭାଇ ଅଟକ

କୁଜଙ୍ଗ,୨୪।୭(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗର୍ଭବତୀ କରିବା ସହ ହତ୍ୟା ଧମକ ଦିଆଯାଇଛି। ଏହି ଅଭିଯୋଗରେ ଉକ୍ତ ଅଞ୍ଚଳର ୨ ଭାଇଙ୍କୁ ପୋଲିସ ଗୁରୁବାର ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏନେଇ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୭୨/୨୫) ରୁଜୁ କରିଛି। ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ସହ ଚିକିତ୍ସା ଚାଲିଛି। ଅଭିଯୋଗ ଅନୁଯାୟୀ, ଉକ୍ତ ନାବାଳିକାଙ୍କ ସହ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୨ ପୁଅ ପ୍ରାୟ ଏକ ବର୍ଷ ପୂର୍ବରୁ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ପୀଡ଼ିତା ୬ ମାସର ଗର୍ଭବତୀ ହୋଇଛନ୍ତି।ଏବିଷୟରେ ଜଣାପଡ଼ିବା ପରେ ଅଭିଯୁକ୍ତ ୨ ଭାଇ ଓ ସ୍ଥାନୀୟ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତି ପୀଡ଼ିତାଙ୍କ ବାପାଙ୍କୁ ଘଟଣା ପ୍ରଘଟ ନ କରିବା ପାଇଁ ଟଙ୍କା ଯାଚିଥିଲେ। ମାତ୍ର ସେ ରାଜି ନ ହେବାରୁ ଉଭୟ ବାପା ଓ ଝିଅଙ୍କୁ ହତ୍ୟା ଧମକ ଦିଆଯାଇଛି ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। କୁଜଙ୍ଗ ଥାନା ସବ୍‌ଇନ୍ସପେକ୍ଟର ରଶ୍ମିରଞ୍ଜନ ସାହୁ ତଦନ୍ତକାରୀ ଅଧିକାରୀ ଥିବାବେଳେ ଘଟଣାର ଗୁରୁତ୍ୱକୁ ନେଇ ତିର୍ତ୍ତୋଲ ଏସ୍‌ଡିପିଓ ତଦନ୍ତ କରୁଥିବା ଜଣାପଡ଼ିଛି।

# ଉଦୟପୁର ବେଳାଭୂମିରେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ଜବତ

ଭୋଗରାଇ, ୨୪।୭(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର ବେଳାଭୂମିରେ ଗୁରୁବାର ମଧ୍ୟାହ୍ନରେ ଜଣେ ପର୍ଯ୍ୟଟକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ତାଳସାରୀ ମେରାଇନ ପୋଲିସ ମୃତଦେହ ଜବତ କରି ପରିଚୟ ଖୋଜୁଛି।

ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ମିନିଟ୍‌ରେ ଉଦୟପୁର ବେଳାଭୂମିରେ ମଦ୍ୟପାନ କରି କେତେକ ବଙ୍ଗୀୟ ପର୍ଯ୍ୟଟକ ଗାଧୋଉଥିଲେ। ୩ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ଜଣେ ପର୍ଯ୍ୟଟକଙ୍କୁ ଚେତାଶୂନ୍ୟ ଅବସ୍ଥାରେ କାନ୍ଧରେ ପକାଇ ଅନ୍ୟ ପର୍ଯ୍ୟଟକମାନେ କୂଳକୁ ଆଣିଥିଲେ। ଚେତାଶୂନ୍ୟ ପର୍ଯ୍ୟଟକଜଣକ ସମୁଦ୍ରରେ ବୁଡ଼ି ପାଣି ପିଇଯାଇଥିବା କହି ଅନ୍ୟ ୩

**ମୃତଦେହ ଛାଡ଼ି ସମ୍ପର୍କୀୟ ଫେରାର**

ପର୍ଯ୍ୟଟକ ବ୍ୟାଟେରୀ ଚାଳିତ ରିକ୍ସା ଡାକିବା ଆଳରେ ଯାଇ ମୃତଦେହ ଛାଡ଼ି ପଳାଇ ଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ଓ ବେଳାଭୂମିର ଅନ୍ୟ ପର୍ଯ୍ୟଟକ ଚେତାଶୂନ୍ୟ ଯୁବକଙ୍କୁ ଦେଖି ୧୧୨ନମ୍ବରକୁ କଲ କରି ସୂଚନା ଦେବା ପରେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଚମ୍ପାବତୀ ସୋରେନ ଓ ସମସ୍ତ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ପୋଲିସ ଦୀର୍ଘସମୟ ଧରି ତଦନ୍ତ ଜାରି ରଖିଥିଲେ ମଧ୍ୟ ମୃତ ଯୁବକଙ୍କ କୌଣସି ପରିଚୟ କିମ୍ବା ସମ୍ପର୍କୀୟଙ୍କ ଠିକଣା ପାଇପାରିନାହିଁ। ଫଳରେ ଅପରାହ୍ନରେ ପୋଲିସ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## Business

# ବଜାରରେ ମହିନ୍ଦ୍ରାର ଏକ୍ସୟୁଭି ୩ଏକ୍ସଓ

**ଆର୍‌ଇଭିଏକ୍ସ ସିରିଜର ଅନାବରଣ**

ଭୁବନେଶ୍ୱର,୨୪।୭

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ (ମହିନ୍ଦ୍ରା) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ ଆର୍‌ଇଭିଏକ୍ସ ସିରିଜର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଉତ୍କଳ ଅଟୋମୋବାଇଲ୍ସ ମଞ୍ଚେଶ୍ୱର ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ମହିନ୍ଦ୍ରାର ଆର୍‌ଏସ୍‌ଏମ୍ (ଓଡିଶା ଏବଂ ଛତିଶଗଡ଼) ସୁମିତ ଅରୋରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଅନାବରଣ କରାଇବା ସହିତ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ




ଅନାବରଣ ଉତ୍ସବରେ ମହିନ୍ଦ୍ରାର ଆର୍‌ଏସ୍‌ଏମ୍ ସୁମିତ ଅରୋରା ଏବଂ ଉତ୍କଳ ଅଟୋମୋବାଇଲ୍ସର ନିର୍ଦ୍ଦେଶିକା ସୁଦୀପ୍ତା ପାରିଖ ଉପସ୍ଥିତ ଅଛନ୍ତି।

ଅଟୋମୋବାଇଲ୍ସର ନିର୍ଦ୍ଦେଶିକା ସୁଦୀପ୍ତା ପାରିଖ, ଜିଏମ ସଞ୍ଜୟ ବିଶ୍ୱାଳଙ୍କ ସମେତ ମହିନ୍ଦ୍ରାର ଏଏସ୍‌ଏମ୍ ତନ୍ମୟ ଦେ ଏବଂ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଆର୍‌ଇଭିଏକ୍ସ ସିରିଜ୍‌ର ୩ଟି ବା ସମସ୍ତ ଭାରିଆଣ୍ଟ ଗାଲାକ୍ସି ଗ୍ରେ, ଟାଙ୍ଗୋ ରେଡ୍, ନେବୁଲା ବ୍ଲୁ, ଏଭରେଷ୍ଟ ହ୍ୱାଇଟ୍ ଓ ଷ୍ଟିଲ୍‌ଥ୍ ବ୍ଲାକ୍ ଭଳି ୫ପ୍ରକାର କଲରରେ ଉପଲବ୍ଧ ହେଉଛି। ସେହିପରି ଏହି ସିରିଜରେ ୩ଟି ଭାରିଆଣ୍ଟ/ଭର୍ସନ ଅନ୍ତର୍ଭୁକ୍ତ ରହିଛି। ଆର୍‌ଇଭିଏକ୍ସ ଏମ୍‌ର ଏକ୍ସ ଶୋ'ରୁମ୍ ଦାମ୍ ୮.୯୪ ଲକ୍ଷ ଟଙ୍କା,ଆର୍‌ଇଭିଏକ୍ସ ଏମ୍ (ଓ) ର ଏକ୍ସ ଶୋ'ରୁମ୍ ମୂଲ୍ୟ ୯.୪୪ ଲକ୍ଷ ଟଙ୍କା ଏବଂ ଆର୍‌ଇଭିଏକ୍ସ ଏ'ର ଏକ୍ସ ଶୋ'ରୁମ୍ ମୂଲ୍ୟ ୧୧.୭୯ ଲକ୍ଷ ଟଙ୍କା ରହିଛି। ଉକ୍ତ ସିରିଜରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ଅତ୍ୟାଧୁନିକ ଫିଚର ସାମିଲ ରହିଛି। ଏପରିକି ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୮.୯୪ ଲକ୍ଷ ଟଙ୍କା ରହିଛି। ଅପରପକ୍ଷରେ ଆର୍‌ଇଭିଏକ୍ସ ସିରିଜ୍ 'ଏକ୍ସୟୁଭି ୩ଏକ୍ସଓ' ପୋର୍ଟଫୋଲିଓକୁ ଆହୁରି ଦୃଢ଼ କରିବ। ବିଶେଷକରି ଏହାର ପ୍ରିମିୟମ ସୁବିଧାସୁଯୋଗ ଓ ଆକର୍ଷଣୀୟ ଡିଜାଇନ (ଷ୍ଟାଇଲ୍) ସହ ଏହା ବଜାରରେ ପ୍ରଦର୍ଶିତ ହେଉଛି। ଏପରିକି ଆକର୍ଷଣୀୟ ମୂଲ୍ୟରେ ଏକ୍ସୟୁଭି ୩ଏକ୍ସଓ ଆର୍‌ଇଭିଏକ୍ସ ସିରିଜ୍‌କୁ ଉନ୍ମୋଚନ କରାଯାଇଛି। ନିକଟରେ ଏହାର ବିକ୍ରି ୧ ବର୍ଷରୁ କମ୍ ସମୟ ମଧ୍ୟରେ ୧ଲକ୍ଷରୁ ଅଧିକ ହୋଇଛି, ଯାହା ଏହାକୁ ମହିନ୍ଦ୍ରାର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଏସ୍‌ୟୁଭିରେ ପରିଣତ କରିଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୪।୭

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୪୨(୫୪୨.୪୭) ପଏଣ୍ଟ ହ୍ରାସ ଘଟି ୮୨,୧୮୪ (୮୨,୧୮୪.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୫୮ (୧୫୭.୮୦) ପଏଣ୍ଟ କମି ୨୫,୦୬୨ (୨୫,୦୬୨.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜିପିଏଟିରେ ହାଇଟେକ୍ ଫାର୍ମାସି କଲେଜର ସଫଳତା



ଭୁବନେଶ୍ୱର,୨୪।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ହାଇଟେକ୍ ଫାର୍ମାସି କଲେଜ ଭୁବନେଶ୍ୱରକୁ ନିକଟରେ ଆଉ ଏକ ସଫଳତା ମିଳିଛି। ବିଶେଷକରି ଗ୍ରାଜୁଏଟ୍ ଫାର୍ମାସି ଆପ୍ଟିଚ୍ୟୁଡ୍ ଟେଷ୍ଟ (ଜିପିଏଟି) ଫଳାଫଳରେ ହାଇଟେକ୍ ଫାର୍ମାସି କଲେଜର ବିଦ୍ୟାର୍ଥୀ ସାଇ ସରସ୍ୱତୀ ଖୁଣ୍ଟିଆ, ଋତୁପର୍ଣ୍ଣା ରାଉତ, ଅନନ୍ୟା କୁମାରୀ ସେଠୀ ପ୍ରମୁଖ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଏହି ସର୍ବଭାରତୀୟସ୍ତରୀୟ ଜିପିଏଟି ଫଳାଫଳରେ ହାଇଟେକ୍ ଫାର୍ମାସି କଲେଜର ବିଦ୍ୟାର୍ଥୀ ଦମୟନ୍ତୀ ପାଓ୍ୱର, ଅର୍ପିତା ବାରିକ, ଜନ୍ମେଜୟ କାଷ୍ଟା, ରାଜଶ୍ରୀ କାଷ୍ଟା, ବିକାଶ ଟୁଡୁ, ଋତୁପର୍ଣ୍ଣା ରାଉତ, ଅର୍ଘ୍ୟରୂପା ରାଉତ, ଭୂମିକା ସାହୁ, ଶାଶ୍ୱତୀ ମହାନ୍ତି, ସ୍ମୃତିରେଖା ଲେଙ୍କା, ସ୍ୱସ୍ତି ସାର ଏବଂ ସ୍ମାରକ ରଥଙ୍କ ସମେତ ୧୩ଜଣ ବିଦ୍ୟାର୍ଥୀ କ୍ରମାନ୍ୱୟରେ ୯୦% ନମ୍ବର ରଖି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ସେହିପରି ଜିପିଏଟିରେ ସଫଳତା ହାସଲ କରିଥିବା ସମସ୍ତ ବିଦ୍ୟାର୍ଥୀ ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପିକାଙ୍କର ଶ୍ରେୟ ବୋଲି କହିଥିବାବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ସମସ୍ତ କୃତୀ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଅଧ୍ୟାପକଅଧ୍ୟାପିକା ଓ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ଉପନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର କର, ଉପାଧ୍ୟକ୍ଷା ବବିତା ସାହୁ , ଅଧ୍ୟାପକ ଦେବାଶିଷ କରନ୍, ନମିତ ନାୟକ, ସୌମ୍ୟରଞ୍ଜନ ଘଡ଼େଇ, ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ, ତମନ୍ନା ତୃପ୍ତା ସାହୁ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତ ଜନସାଧାରଣଙ୍କ ପାଇଁ ସେମାନଙ୍କର ସ୍ୱାସ୍ଥ୍ୟସେବା ନିରନ୍ତର ଜାରି ରହୁ ବୋଲି ଆହ୍ୱାନ ଦେଇଥିଲେ।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଡିଜିଟାଲ ଦକ୍ଷତା କେନ୍ଦ୍ର

ଭୁବନେଶ୍ୱର,୨୪।୭ (ଅଭୟ ଦାଶ)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନୂତନ ଡିଜିଟାଲ ଦକ୍ଷତା କେନ୍ଦ୍ର ନିକଟରେ କେନ୍ଦୁଝରର ବଡ଼ବିଲଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଏହା କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ 'ଦକ୍ଷ' ଜରିଆରେ ଶୁଭାରମ୍ଭ କରାଯାଇଛି। ଏହା ଜରିଆରେ କମ୍ପାନୀ ସ୍ଥାନୀୟ ଯୁବକମାନଙ୍କର ଡିଜିଟାଲ୍ ଜ୍ଞାନ ବୃଦ୍ଧି କରିବା ସହ ବୃତ୍ତିଗତ ତାଲିମ ମାଧ୍ୟମରେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ନାସ୍‌କମ୍ ଫାଉଣ୍ଡେଶନ ସହଭାଗିତାରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। ସେହିଭଳି ଏହି କେନ୍ଦ୍ରରେ ସ୍ଥାନୀୟ ଯୁବକମାନଙ୍କୁ ଡାଟା ଏଣ୍ଟ୍ରି ଅପରେଟର ଏବଂ ଘରୋଇ ଆଇଟି ହେଲପଡେସ୍କ ଆଟେଣ୍ଡାଣ୍ଟ ଭଳି ବ୍ୟବସାୟ ପ୍ରକ୍ରିୟା ପରିଚାଳନା (ବିପିଏମ୍) ଭୂମିକାରେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ଦକ୍ଷତା ଉପରେ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ବଡ଼ବିଲର ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁଙ୍କ ସମେତ ଠାକୁରାଣୀ ଲୌହଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହା, ସୁରକ୍ଷା ବିଭାଗ ମୁଖ୍ୟ ଉଦୟ ବର୍ମା, ଠାକୁରାଣୀ ଖଣି କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ନାସ୍‌କମ୍ ଫାଉଣ୍ଡେଶନ ପ୍ରକଳ୍ପ ପ୍ରବନ୍ଧକ ତିଳକ ଦ୍ୱିବେଦୀ ଏବଂ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ କହିଛନ୍ତି, ପ୍ରକଳ୍ପ 'ଦକ୍ଷ' ମାଧ୍ୟମରେ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଅନ୍ତର୍ଭୁକ୍ତକାରୀ ଏବଂ ଦୀର୍ଘସ୍ଥାୟୀ ଦକ୍ଷତା ବିକାଶ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ। ବଡ଼ବିଲରେ ଡିଜିଟାଲ ଦକ୍ଷତା କେନ୍ଦ୍ର ସ୍ଥାନୀୟ ଗୋଷ୍ଠୀଙ୍କ ଉତ୍ଥାନ ଏବଂ ଡିଜିଟାଲ ଦକ୍ଷତା କ୍ଷେତ୍ରରେ ଥିବା ଅଭାବକୁ ଦୂରକରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଉଶୁ ବିଜେତାଙ୍କୁ ସମ୍ମାନିତକଲେ ରାଜ୍ୟପାଳ

ଭୁବନେଶ୍ୱର,୨୪।୭

ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ପ୍ରତିଷ୍ଠାନ ତଥା ଜିନ୍ଦଲ ଫାଉଣ୍ଡେଶନର ୨ ଜଣ ତାରକା କ୍ରୀଡ଼ାବିତ ପ୍ରେମ ମୁଣ୍ଡା ଏବଂ ରାଜକୁମାର ମୁଣ୍ଡାଙ୍କୁ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମ୍ମାନିତ କରିଛନ୍ତି। ଭୁବନେଶ୍ୱରର ରାଜଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଜିନ୍ଦଲ ଫାଉଣ୍ଡେଶନ ଉଶୁ ତାଲିମ କାର୍ଯ୍ୟକ୍ରମର ୨ ଯୁବ ଖେଳାଳି ପ୍ରେମ ମୁଣ୍ଡା ଏବଂ ରାଜକୁମାର ମୁଣ୍ଡାଙ୍କୁ ସମ୍ମାନିତ କରିଛନ୍ତି। ଏହି ଯୁବ ଖେଳାଳିମାନେ ସମ୍ପ୍ରତି ରୁଷଆର ମସ୍କୋଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଉଶୁ ଚାମ୍ପିୟନଶିପରେ ଭାରତକୁ ପ୍ରତିନିଧିତ୍ୱକରି ପୁରୁଷ ୪୮କିଲୋଗ୍ରାମ ଏବଂ ୫୨ କିଲୋଗ୍ରାମରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଭୟ ରାଜକୁମାର ଏବଂ ପ୍ରେମ ବଡବିଲର ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲରେ ରହୁଛନ୍ତି। ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ସେମାନଙ୍କୁ ପ୍ରତିଦିନ କ୍ରୀଡା ପ୍ରଶିକ୍ଷଣ, ଖାଦ୍ୟ, ପୋଷାକ, ଶିକ୍ଷା,



ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି। ଯାହା ଜଣେ କ୍ରୀଡାବିତଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମରେ ପ୍ରତିଯୋଗିତା ପାଇଁ ଆବଶ୍ୟକ ରହିଥାଏ।

ରାଜ୍ୟପାଳଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଏହା ଆମ ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ବଡ଼ବିଲର ଏହି ଯୁବକମାନେ କେବଳ କ୍ରୀଡାରେ ଉତ୍କର୍ଷ ପ୍ରଦର୍ଶନ କରିନାହାନ୍ତି ବରଂ ପ୍ରମାଣ କରିଛନ୍ତି ଯେ ଠିକ୍ ସମର୍ଥନ ମିଳିଲେ ସଫଳତା ସୁନିଶ୍ଚିତ ଏବଂ ତୃଣମୂଳସ୍ତରର ପ୍ରତିଭା ମଧ୍ୟ ବିଶ୍ୱସ୍ତରରେ ଚମକି ଉଠିପାରିବ। ସେମାନଙ୍କର ସଫଳତା ଆମର ବିଶ୍ୱାସକୁ ପ୍ରତିଫଳିତ କରିଛି। ଭାରତର ଗ୍ରାମାଞ୍ଚଳରେ ଅସୀମ ସମ୍ଭାବନା ରହିଛି, ସଶକ୍ତ ହେବାକୁ ଅପେକ୍ଷା କରିଛି।

# ଭାରତୀୟ ପର୍ଯ୍ୟଟକଙ୍କୁ ବିଶ୍ୱସ୍ତରୀୟ ସେବା

ଭୁବନେଶ୍ୱର,୨୪।୭

ଭାରତର ଅଗ୍ରଣୀ ଅନ୍‌ଲାଇନ ଟ୍ରାଭେଲ କମ୍ପାନୀ ମେକ୍ ମାଇଁ ଟ୍ରିପ୍‌ର ବହୁ ପ୍ରତୀକ୍ଷିତ ସେବା 'ଟୁର୍‌ସ ଆଣ୍ଡ ଆଟ୍ରାକ୍ସନ ବୁକିଂ ପ୍ଲାଟ୍‌ଫର୍ମ'ର ଶୁଭାରମ୍ଭ କରାଯାଇଛି। ଏପରିକି ଏହି ପ୍ଲାଟ୍‌ଫର୍ମ ଜରିଆରେ ଭାରତୀୟ ପର୍ଯ୍ୟଟକମାନେ ବିଶ୍ୱସ୍ତରୀୟ ସେବା ଓ ସୁବିଧା ସାଙ୍ଗକୁ ୧୩୦ ଦେଶର ୧୧୦୦ ସହରରେ ୨୦୦,୦୦୦ରୁ ଅଧିକ ବୁକିଂଯୋଗ୍ୟ କାର୍ଯ୍ୟକଳାପ ସୁବିଧା ପାଇପାରିବେ। ସେହିଭଳି ଏହି ପ୍ଲାଟ୍‌ଫର୍ମରେ ଭାରତୀୟ ଯାତ୍ରୀମାନେ ସହର ପଦଯାତ୍ରା ଏବଂ ସାଂସ୍କୃତିକ ପର୍ଯ୍ୟଟନଠାରୁ ଆରମ୍ଭ କରି ଥିମ୍ ପାର୍କ ଏବଂ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟନ୍ତ ସମସ୍ତ ବିଶ୍ୱସ୍ତରୀୟ ଅଭିଜ୍ଞତା ଆବିଷ୍କାର ଏବଂ ବୁକ୍ କରିପାରିବେ। ଭାରତରୁ ବାହାରକୁ ଯାଉଥିବା ପର୍ଯ୍ୟଟକମାନେ ଯାତ୍ରା ବୁକିଂ କରିବା ସମୟରେ ପ୍ରାୟତଃ ବିକ୍ଷିପ୍ତ ସୂଚନା, ବିଦେଶୀ ମୁଦ୍ରା ମୂଲ୍ୟ ଏବଂ ଅସଂଯୁକ୍ତ ଯୋଜନା ସହ ସଂଘର୍ଷ କରନ୍ତି। ସେହିଭଳି ମେକ ମାଇଁ ଟ୍ରିପ୍ ସବୁକିଛିକୁ ଗୋଟିଏ ସୁଗମ ଇଣ୍ଟରଫେସ୍‌ରେ ଏକାଠିକରି ଏହି ସମସ୍ୟା ଦୂର କରିବା ଏବଂ ବିଶ୍ୱ ଅଭିଜ୍ଞତା ଯୋଜନାରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ମେକ୍ ମାଇଁ ଟ୍ରିପ୍‌ର ସହ-ପ୍ରତିଷ୍ଠାତା ଏବଂ ଗ୍ରୁପ ସିଇଓ ରାଜେଶ ମାଗୋ କହିଛନ୍ତି, ଆମର ପ୍ରୟାସ ହେଉଛି ବିମାନ, ହୋଟେଲ ଏବଂ ସ୍ଥଳ ପରିବହନ ବୁକିଂ ପରି ଆବିଷ୍କାର ଏବଂ ବୁକିଂ ଅଭିଜ୍ଞତାକୁ ସରଳ, ସୁବିଧାଜନକ ଏବଂ ବ୍ୟକ୍ତିଗତ କରିବା।

# ଅନାସ୍ଥାକୁ ସମର୍ଥନ ନ କଲେ ବିଜେଡି ମୁଖା ଖୋଲିଯିବ: ତାରା

ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)

ରାଜ୍ୟରେ ବଢ଼ୁଥିବା ନାରୀ ନିର୍ଯ୍ୟାତନା ଓ ବଳାତ୍କାର ଘଟଣାକୁ ନେଇ ଆସନ୍ତା ବିଧାନସଭା ଅଧିବେଶନରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ବିଷୟକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଦୀର୍ଘବର୍ଷରୁ ବିଜେଡି ଓ ଭାଜପା ମଧ୍ୟରେ ସୁସମ୍ପର୍କ ରହିଆସିଥିବା କଥା ବିଭିନ୍ନ ସମୟରେ ରାଜନୈତିକ ଘଟଣାକ୍ରମକୁ ନେଇ ଆଲୋଚନା ହୋଇଥାଏ। ବିଜେଡି ଏବେ ରାଜ୍ୟରେ ପ୍ରମୁଖ ବିରୋଧୀ ଦଳକୁ ଆସିବା ପରେ ଭାଜପା ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନ ଓ ପ୍ରତିବାଦ ଜାରି ରଖିଛି। ହେଲେ ୱାକ୍‌ଫ ବିଲ୍ ବିଷୟକୁ ନେଇ ଭାଜପାର କେନ୍ଦ୍ରୀୟ ନେତାଙ୍କ ସହ ଏବେ ମଧ୍ୟ ବିଜେଡିର ସମ୍ପର୍କ ଭଲ ବୋଲି ଚର୍ଚ୍ଚା ହେଉଛି। ବାସ୍ତବରେ ଏକଥା କିପରି ପ୍ରମାଣ କରାଯାଇପାରିବ, ତାହାକୁ ଚିନ୍ତାକରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଅନାସ୍ଥା ତୀର ଛାଡ଼ିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଏହାଦ୍ୱାରା ବିଜେଡି ଏବେ ଅକଳରେ ପଡ଼ିଯାଇଛି।

## ବିରୋଧୀ ନିଜେ କ୍ଷତାକ୍ତ ହେବେ: ସୁରେଶ

ଯଦି କଂଗ୍ରେସ ଆହ୍ୱାନ କରିଥିବା ବିଷୟରୁ ବିଜେଡି ଦୂରେଇରୁହେ ତେବେ ଉପରଠାଉରିଆ ଭାବେ ରାଜ୍ୟ ଭାଜପା ବିରୋଧରେ ବିଜେଡି ଆନ୍ଦୋଳନ କରୁଛି ବୋଲି ଏକ ବାର୍ତ୍ତା ଯିବ। ଏହାଦ୍ୱାରା ରାଜନୈତିକ ମହଲରେ କଂଗ୍ରେସକୁ ବିରୋଧୀ ଦଳ ଭାବେ ଲୋକମାନଙ୍କ ଗ୍ରହଣୀୟତା ବଢ଼ିବା ସଙ୍ଗେ ସଙ୍ଗେ ବିଜେଡିର ମୁଖା ଖୋଲିଯିବ ବୋଲି ଚର୍ଚ୍ଚା ହେଉଥିବା ବେଳେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସମାନ କଥା ଦୋହରାଇଛନ୍ତି। ସେ କହିଛନ୍ତି, ନାରୀ ନିର୍ଯ୍ୟାତନା ଘଟଣାରେ ଭାଜପାର ଅନେକ ବିଧାୟକ ଅସନ୍ତୁଷ୍ଟ ଅଛନ୍ତି, ସେମାନେ ମଧ୍ୟ କଂଗ୍ରେସକୁ ସମର୍ଥନ କରିବେ। ବିଜେଡି ଅନାସ୍ଥା ପ୍ରସ୍ତାବ ଆଣିଲେ କଂଗ୍ରେସ ସହମତି ଜଣାଇବ। ବିଜେଡି ଅନାସ୍ଥା ନ ଆଣିଲେ କଂଗ୍ରେସ ଆଣିବ, ସେମାନେ ସମର୍ଥନ କରନ୍ତୁ। ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି କଂଗ୍ରେସ ପାଖରେ ସଂଖ୍ୟା ରହିଛି। କଂଗ୍ରେସର ୧୪ ଏବଂ ସିପିଆଇଏମ୍‌ର ଜଣେ ଅଛନ୍ତି। ଅନାସ୍ଥା ଆଣିବାକୁ ୧୪ ଜଣ ସଦସ୍ୟ ଥିବା ଦରକାର। ବିଜେଡି ଅନାସ୍ଥା ଆଣିଲେ ଆମେ ସମର୍ଥନ ଦେବୁ, ଭାଜପାର କେତେଜଣ ସମର୍ଥନ କରୁଛନ୍ତି ଜଣାପଡ଼ିବ। ବିଜେଡି ଯଦି ଅନାସ୍ଥା ନ ଆଣିବ କି କଂଗ୍ରେସକୁ ସମର୍ଥନ ନ ଦେଲା ତେବେ ପ୍ରମାଣିତ ହୋଇଯିବ ସେମାନେ ଭାଜପା ସହ ଅଛନ୍ତି। ଏବେ ବି ଭାଜପା ସହ ବିଜେଡି ରହିଛି ବୋଲି ଲୋକଙ୍କ ଭିତରେ ଆଲୋଚନା ଚାଲିଛି। ତେଣୁ ସେମାନେ ଭାଜପା ସହ ଅଛନ୍ତି ନା ନାହିଁ ପ୍ରମାଣ କରନ୍ତୁ ବୋଲି ତାରା କହିଛନ୍ତି।

ଅନ୍ୟପଟେ ପିସିସି ସଭାପତିଙ୍କ ଅନାସ୍ଥା ପ୍ରସ୍ତାବକୁ ନେଇ ବର୍ଷିଛି ଭାଜପା। ଏହି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିରୋଧୀ ଅନାସ୍ଥା ଆଣିଲେ ସରକାର ଆହତ ହେବେନାହିଁ। ଏହାଦ୍ୱାରା ବିରୋଧୀ ନିଜେ କ୍ଷତାକ୍ତ ହେବେ। ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ସେମାନଙ୍କ ପାଇଁ ବୁମେରାଂ ହେବ। ବିରୋଧୀଙ୍କ ଅଧିକାର ଅଛି ସେମାନେ ଅନାସ୍ଥା ଆଣିପାରିବେ। କିନ୍ତୁ ଟିକେ ହୋମ୍‌ୱାର୍କ କରି ଆସନ୍ତୁ। ବିଜେଡି ଓ କଂଗ୍ରେସ ୪୦ ବର୍ଷର ହିସାବ ନେଇକି ଆସନ୍ତୁ। ଭାଜପା ସରକାର ଗୋଟିଏ ବର୍ଷର ହିସାବ ଦେବେ ବୋଲି ସୁରେଶ କହିଛନ୍ତି।

ସୂଚନାଯୋଗ୍ୟ, ଗତ ବୁଧବାର ରାଜ୍ୟରେ ଭାଜପା ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ପିସିସି ସଭାପତି ଭକ୍ତଚରଣ ଦାସ ଆହ୍ୱାନ ଦେଇଥିଲେ। ନାରୀ ନ୍ୟାୟ ପାଇଁ ଯଦି ବିଜେଡି ଆନ୍ତରିକତାର ସହ ଲଢୁଛି, ତେବେ ବିଧାନସଭାରେ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣନ୍ତୁ ଓ ଏହାକୁ କଂଗ୍ରେସ ସମର୍ଥନ ଦେବ ବୋଲି ଭକ୍ତ କହିଥିଲେ। ନଚେତ୍ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ, ବିଜେଡି ସମର୍ଥନ ଦେଉ ବୋଲି ଭକ୍ତ କହିବା ପରେ ଏହାକୁ ନେଇ ରାଜନୈତିକ ମହଲଠାରୁ ସାଧାରଣ ସ୍ତର ଯାଏ ଚର୍ଚ୍ଚା ଜୋର ହେଉଛି। ଭକ୍ତଙ୍କ ଏଭଳି ପ୍ରତିକ୍ରିୟା ପରେ ବିଜେଡିର ଅନେକ ନେତା ବର୍ତ୍ତମାନ ଭିତରେ ଭିତରେ ବହୁ ଖୁସି ହୋଇଯାଇଛନ୍ତି। ବିଜେଡି ଶୀର୍ଷ ନେତାଙ୍କ ଯେଉଁ ଲୁଚି ଲୁଚି କେନ୍ଦ୍ର ଭାଜପା ନେତାଙ୍କ ସହ ମଧୁର ସମ୍ପର୍କ ରହିଛି ତାହାକୁ ପଦାରେ ପକାଇବାକୁ ଭକ୍ତ ଭଲ ରାଜନୈତିକ ଗୋଟି ଚାଳନା କରିଦେଲେ ବୋଲି ବିଜେଡି ନେତାମାନେ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି।

# ଭୋଟ ହେଲା, ଗଣତି ନୋହିଲା

## ଗୁଡାରି ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା

ଗୁଡାରି,୨୪।୭ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲ୍ଲା ଗୁଡାରି ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଗୁରୁବାର ଅନାସ୍ଥା ଭୋଟ ଗ୍ରହଣ ହୋଇଥିଲା। ଗୁଡାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ କଡ଼ା ସୁରକ୍ଷା ବଳୟରେ ମତଦାନ ହୋଇଥିଲା। ବ୍ଲକ୍‌ର ୯ଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ମୋଟ ୧୮ ଜଣ ସମିତିସଭ୍ୟ ମଧ୍ୟରୁ ୧୬ ଜଣ ଭୋଟଦାନରେ ଭାଗ ନେଇଥିଲେ। ତେବେ ଅନାସ୍ଥା ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟ ଗଣତି ହୋଇନାହିଁ କି ଫଳାଫଳ ଘୋଷଣା କରାଯାଇନାହିଁ। ଫଳରେ କେତେ ଭୋଟ ଅନାସ୍ଥା ସପକ୍ଷରେ ଓ ବିପକ୍ଷରେ ଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ହାଇକୋର୍ଟଙ୍କ ପରବର୍ତ୍ତୀ ରାୟ ନ ଆସିବା ପର୍ଯ୍ୟନ୍ତ ଫଳାଫଳ ଘୋଷଣା କରାଯାଇପାରିବନାହିଁ ବୋଲି ସ୍ଥାନୀୟ ତହସିଲଦାର ତଥା ରିଟର୍ନିଂ ଅଫିସର ଏ. ସ୍ନେହଲତା ସୂଚନା ଦେଇଛନ୍ତି। କଡ଼ା ସୁରକ୍ଷା ବଳୟରେ ବାଲଟ ବକ୍ସ ଗୁଣପୁର ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ, କଂଗ୍ରେସ ସମର୍ଥିତ ଗୁଡାରି ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ମନମୁଖି କାର୍ଯ୍ୟକଳାପକୁ ବିରୋଧକରି ଗତ ଜୁନ୍ ୧୮ରେ ବ୍ଲକ୍‌ର ୧୪ ଜଣ ସରପଞ୍ଚ ଓ ସମିତି ସଭ୍ୟ ତାଙ୍କ ବିରୋଧରେ ଅନାସ୍ଥା ଆଗତ କରିବା ପାଇଁ ଗୁଣପୁର ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଉପଜିଲାପାଳ ସମସ୍ତ ଦସ୍ତଖତ ଯାଞ୍ଚକରି ନିର୍ବାଚନ ତାରିଖ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଅନାସ୍ଥା ଭୋଟ ପାଇଁ ନୋଟିସ୍ ମିଳି ନ ଥିବା ଦର୍ଶାଇ ନିର୍ବାଚନକୁ ସ୍ଥଗିତ ରଖିବାକୁ ଅଧ୍ୟକ୍ଷା ଶବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣିକରି ୨୪ରେ ଭୋଟ ଗ୍ରହଣ ହେବ, କିନ୍ତୁ କୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ଯାଏଁ ଫଳାଫଳ ଘୋଷଣା ହେବନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନାସ୍ଥାରେ ନିଶ୍ଚିତ ଭାବେ ଅଧ୍ୟକ୍ଷାଙ୍କ ପଦବୀ ଯିବ ବୋଲି ଦୃଢ଼ତାର ସହ ଭୋଟ ଦେଇଥିବା ସରପଞ୍ଚ ଓ ସମିତି ସଭ୍ୟମାନେ କହିଛନ୍ତି। ଭୋଟ ଗ୍ରହଣ ପରେ ଅଧ୍ୟକ୍ଷାଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇ ରହିଛି।

# ସରକାର ଶୁଣିଲେନି, ଆମେ ଶୁଣିବୁ: ଭକ୍ତ



କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟ ନାରୀନେତ୍ରୀମାନେ।

ଭୁବନେଶ୍ୱର,୨୪।୭ (ରବିନାରାୟଣ ଜେନା)

ରାଜ୍ୟରେ ନାରୀ ପ୍ରତି ବଳାତ୍କାର, ଗଣବଳାତ୍କାର ଦିନକୁଦିନ ବଢ଼ିବା ସହିତ ହତ୍ୟା ମଧ୍ୟ ବୃଦ୍ଧି ପାଉଛି। ସରକାର ଅପରାଧୀଙ୍କୁ ଧରିପାରୁ ନ ଥିବାବେଳେ ପିଡ଼ିତାଙ୍କୁ ନ୍ୟାୟ ଦେଇ ପାରୁନାହାନ୍ତି। ହେଲେ କଂଗ୍ରେସ ଏବେ ସେମାନଙ୍କ ସାହା ଭରସା ହେବ। ଜନସାଧାରଣଙ୍କ ସହଯୋଗରେ ନାରୀଙ୍କୁ ନ୍ୟାୟ ଦେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର କଂଗ୍ରେସଭବନରେ ନାରୀଙ୍କୁ ନ୍ୟାୟ ପାଇଁ ମହିଳା ଅଭିଯୋଗ ପ୍ରତିକାର

- ପ୍ରତି ଜିଲ୍ଲାରେ ନିଯୁକ୍ତ ହେବେ ଓକିଲ
- ନାରୀଙ୍କୁ ନ୍ୟାୟ ପାଇଁ ଜାରିହେବ ଟୋଲ୍ ଫ୍ରି ନମ୍ବର

ପ୍ରକୋଷ୍ଠ ଉଦ୍ଘାଟନ ଅବସରରେ ଭକ୍ତ କହିଛନ୍ତି, ପିଡ଼ିତାମାନଙ୍କ କଥା କେହି ଶୁଣୁ ନାହାନ୍ତି, କଂଗ୍ରେସ ତାଙ୍କ କଥା ଶୁଣିବ। ସେଥିପାଇଁ ମହିଳା ଅଭିଯୋଗ ପ୍ରତିକାର ପ୍ରକୋଷ୍ଠ ଗଠନ କରାଯିବା ସହ 'ଆପ୍' ଆରମ୍ଭ ହୋଇଛି। ଏହା ସହିତ ୧୦ ଜଣ ଓକିଲ ନିଯୁକ୍ତ କରାଯାଇଛି। ପ୍ରତି ଜିଲ୍ଲାରେ ମଧ୍ୟ ଜଣେ ଓକିଲ ରହିବେ। ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି, ନ୍ୟାୟ ପାଇଁ ମହିଳାମାନେ ଯେଉଁମାନେ ନ୍ୟାୟ ପାଉନାହାନ୍ତି, ସେମାନେ 'ଆପ୍' ମାଧ୍ୟମରେ ନ୍ୟାୟ ପାଇବେ। ଏବେ ପୋର୍ଟାଲ ଭାବେ ଅଛି। ପନ୍ଦର ଦିନ ପରେ 'ଆପ୍' ହୋଇପାରିବ। ଟୋଲ ଫ୍ରି ନମ୍ବର ମଧ୍ୟ ଜାରି ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ଅସ୍ମିତା ନାରା ଦେଇଥିବା ଭାଜପା ପ୍ରତିଶ୍ରୁତି ଭୁଲିଗଲା: ବିଜେଡି

ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)

ନିକଟରେ ପ୍ରକାଶିତ ଏନ୍‌ସିଇଆର୍‌ଟି ପାଠ୍ୟକ୍ରମରେ ପାଇକ ବିଦ୍ରୋହ ସ୍ଥାନ ନ ପାଇବାକୁ ନେଇ ବିଭିନ୍ନ ବର୍ଗରୁ ସମାଲୋଚନା କରାଯାଉଥିବା ବେଳେ ଭାଜପାକୁ ଘେରିଛି ବିଜେଡି। ଭୁବନେଶ୍ୱର ଶଙ୍ଖଭବନଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ୧୮୧୭ରେ ହୋଇଥିବା ପାଇକ ବିଦ୍ରୋହ ବ୍ରିଟିଶ ସରକାରଙ୍କ ନୀତି ବିରୋଧରେ ପ୍ରଥମ ଦୃଢ଼ ସଂଗ୍ରାମ। ଏହି ପାଇକ ବିଦ୍ରୋହ କେବଳ ଓଡ଼ିଶାର ଗରିମାମୟ ଐତିହ୍ୟ ନୁହେଁ, ଏହା ଭାରତ ଇତିହାସର ଏକ ଗୌରବମୟ ଦିଗ। ଏହା ପୂର୍ବରୁ ଏନ୍‌ସିଇଆର୍‌ଟି ପୁସ୍ତକରେ ପାଇକ ବିଦ୍ରୋହ ସ୍ଥାନ ପାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ହଟାଇ ଦେଇଛି। ପାଇକବିଦ୍ରୋହକୁ ଭାରତର ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମର ମାନ୍ୟତା ଦେବାକୁ ଓଡ଼ିଶା ଦାବି କରି ଆସୁଥିବା ବେଳେ କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରିଥିଲେ ମଧ୍ୟ ଏହି ବିଦ୍ରୋହ ଏନ୍‌ସିଇଆର୍‌ଟି ପୁସ୍ତକରେ ସ୍ଥାନ ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ସମୟରେ ଓଡ଼ିଆ ଅସ୍ମିତାର ନାରା ଦେଇଥିବା ଭାଜପା ପାଇକ ବିଦ୍ରୋହକୁ ଏନ୍‌ସିଇଆର୍‌ଟିରେ ସ୍ଥାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ନିକଟରେ ପ୍ରକାଶିତ ହୋଇଥିବା ପାଠ୍ୟକ୍ରମରେ ସ୍ଥାନ ପାଇନାହିଁ। ଏହାକୁ ନେଇ ବିଭିନ୍ନ ବର୍ଗରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରୁ, ଏନ୍‌ସିଇଆର୍‌ଟି ତରଫରୁ ପ୍ରକାଶିତ ପୁସ୍ତକର ଦ୍ୱିତୀୟ ଭଲ୍ୟୁମରେ ଏହା ସ୍ଥାନ ପାଇବ ବୋଲି ସ୍ପଷ୍ଟୀକରଣ ଦିଆଯାଇଛି। ହେଲେ ଏହି ସ୍ପଷ୍ଟୀକରଣ ଗ୍ରହଣୀୟ ନୁହେଁ ବୋଲି ଲେନିନ୍ କହିଛନ୍ତି।

# ତୁରନ୍ତ ୧୧ହଜାର ନାରୀ ଅଭିଯୋଗ ସମାଧାନ କରାଯାଉ

ଭୁବନେଶ୍ୱର,୨୪।୭ (ରବିନାରାୟଣ ଜେନା)

## ରାଜ୍ୟପାଳଙ୍କୁ କଂଗ୍ରେସ ସମେତ ୮ଦଳର ସ୍ମାରକପତ୍ର



ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ୮ଦଳର ନେତୃବୃନ୍ଦ।

ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ଅପରାଧ ଓ ସରକାରଙ୍କ ବ୍ୟବସ୍ଥାଗତ ବିଫଳତାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମିଳିତ ବିରୋଧୀଦଳର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ରାଜ୍ୟପାଳଙ୍କୁ ଭେଟି ନାରୀଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ଏହି ଅବସରରେ ଭକ୍ତ କହିଛନ୍ତି, ମହିଳା ବିଚାରପତିଙ୍କ ନେତୃତ୍ୱରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରାଯାଉ, ଯାହା ମହିଳାଙ୍କ ବିରୋଧରେ ଅପରାଧର କାରଣ ସମ୍ପର୍କରେ ତଦନ୍ତ କରି ୬୦ ଦିନରେ ରିପୋର୍ଟ ପ୍ରଦାନ କରିବ। ସେହିପରି ପୋଲିସ ବ୍ୟବସ୍ଥାରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ନିଯୁକ୍ତ କରିବା ସହିତ ପଡ଼ି ରହିଥିବା ମହିଳା ସମ୍ପର୍କୀୟ ୧୧,୦୦୦ରୁ ଅଧିକ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ମିଳିତ ବିରୋଧୀଦଳ ପକ୍ଷରୁ ଦାବି କରାଯାଇଛି। ଏହାସହିତ ମହିଳା ପୋଲିସ ଷ୍ଟେଶନ ଓ ଟୋଲ-ଫ୍ରି ହେଲ୍‌ପଲାଇନ ଆରମ୍ଭ କରିବା, ମାଦକ ଦ୍ରବ୍ୟ ସେବନଜନିତ ଅପରାଧ ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଓ ସ୍କୁଲ-କଲେଜରେ ଯୌନ ନିର୍ଯ୍ୟାତନା ରୋକିବା ପାଇଁ ନିୟମିତ ସଚେତନ ଏବଂ ତଦାରଖ ବ୍ୟବସ୍ଥା କରିବା ଭଳି ଦାବି ରହିଛି। ଏହି ପ୍ରତିନିଧି ଦଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ସିପିଆଇ ରାଜ୍ୟ ସହସମ୍ପାଦକ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍)-ଲିବରେଶନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ଜାମିନରେ ବାହାରିଲେ ଓଡ଼ିଶା ଡ୍ରାଇଭର ମହାସଂଘ କୋଷାଧ୍ୟକ୍ଷ

## ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ ହେବ: ପ୍ରଶାନ୍ତ

ଦେବଗଡ଼,୨୪।୭ (ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ଡ୍ରାଇଭର ମହାସଂଘର କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା ଗୁରୁବାର ଜେଲ୍‌ରୁ ମୁକୁଳିଛନ୍ତି। ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ଭଇଁସାପାଲି ନିକଟରେ ମିନିଟ୍ରକ ଚାଳକଙ୍କୁ ଆକ୍ରମଣ ଅଭିଯୋଗରେ ଆଦିତ୍ୟଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୧୩ ତାରିଖରୁ ସେ ଜେଲରେ ଥିବାବେଳେ ଜାମିନରେ ଗୁରୁବାର ବାହାରକୁ ଆସିଛନ୍ତି। ପରେ ଡ୍ରାଇଭର ମହାସଂଘର ୩୦ ଜିଲାରେ ଥିବା ବହୁସଂଖ୍ୟକ ସଦସ୍ୟ ଦେବଗଡ଼ରେ ପହଞ୍ଚି ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି। ଏଥିସହ ଏକ ବିରାଟ ଶୋଭାଯାତ୍ରାରେ ଦେବଗଡ଼ ନୂତନ ବସଷ୍ଟାଣ୍ଡରୁ ବାହାରି ଆଦିତ୍ୟଙ୍କ ଘର ପର୍ଯ୍ୟନ୍ତ ତାଙ୍କୁ ଛାଡିବାକୁ ଯାଇଥିଲେ। ଏଥିରେ ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି ଯୋଗଦେଇ କହିଛନ୍ତି, ସରକାର ଦାବି ନ ଶୁଣିଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ। ଡ୍ରାଇଭର ମହାସଂଘକୁ ରାଜନୀତି ଭିତରେ ପୂରାଇବାକୁ ଚେଷ୍ଟା କରାଯାଇଥିଲା। ଆମେ କିନ୍ତୁ କୌଣସି ରାଜନୈତିକ ଦଳକୁ ସମର୍ଥନ କରିନାହୁଁ। ସରକାର ଆମ ଦାବି ପୂରଣ ନ କଲେ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ପ୍ରଶାନ୍ତ ଚେତାବନୀ ଦେଇଛନ୍ତି।

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR**
At/PO-Salapada, Dist.-Keonjhar, PIN-758020,
Telephone : 06731-220322, e-mail id : dfo.keonjharwl@odisha.gov.in
**OFFICE ORDER NO.201/DATED 23.07.2025**
**TENDER CANCELLATION NOTICE**
**No.MM-139** : The Tender Notice No.192 dtd. 05.07.2025 published in daily Odia Newspapers DHARITRI & SAMBAD vide Advertisement No. MM-115 is hereby cancelled due to unavoidable circumstances.
Sd./- (Abhay Kumar Dalai-OFS-I (SAG))
Divisional Forest Officer,
Keonjhar Wildlife Division,
Anandapur
OIPR-08147/11/0013/2526

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**
No. g-70: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ୩୦।୦୩।୦୪।୨୦୨୫ରିଖ ଦିନ ସାଇ ଶ୍ରଦ୍ଧାଞ୍ଜଳୀ ନାମକ ଏକ ୪ ବର୍ଷର ଶିଶୁ କନ୍ୟାଟିକୁ କରୁଣାକର ଦେବତା ନାମକ ଏକ ବ୍ୟକ୍ତି ତା'ର ପିତା ବୋଲି ପରିଚୟ ଦେଇ ଶିଶୁ ମଙ୍ଗଳ କମିଟି, କଟକ ନିକଟରେ ଆଣି ଛାଡ଼ିଥିଲେ। ଶିଶୁଟି ବର୍ତ୍ତମାନ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୧୩୮/୨୦୨୫, ଅନୁଯାୟୀ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ



ସଂସ୍ଥାନରେ ରହୁଅଛି। ତେଣୁ ଉକ୍ତ କନ୍ୟାଟିର ଯଦି ମାଆ କିମ୍ବା ଅନ୍ୟ କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦକ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ. ୯୭୭୭୬୪୪୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ - ୨୦୧୫ (ସଂଶୋଧିତ - ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0029/2526

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-473 Government of Odisha e-Procurement Notice
**Bid Identification No. Online Tender/04/SERWD-II/2025-26**
**Memo No.5467/RWD-IIGB, Date : 19.07.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.49.58 lakhs to Rs.49.80 lakhs |
| 3 | Period of Completion | : | 6 (six) Months as per Annexure |
| 4 | Date & Time of availability of Bid documents in the Portal | : | 28.07.2025 at 10.00 A.M. to 07.08.2025 up to 5.00 P.M. |
| 5 | Last Date/Time for receipt of Bids in the Portal | : | 07.08.2025 up to 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app
Sd./- Executive Engineer
R.W. Division-II, Ganjam
Berhampur
OIPR-25073/11/0021/2526

**OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC) BALANGIR**
No.CAD-1266
**Phone:9438200035, District website:https://balangir.odisha.gov.in**
**Tender No.4440, 4441, 4442, 4443, 4444, 4445, 4446, 4447, 4448, 4449, 4450, 4451, 4452, 4453, 4454, 4455, 4456 Dt.19.07.2025**
District Manager, Odisha State Civil Supplies Corporation Ltd., Balangir (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) Level-II Transport Contractor for transporation of foodgrains from RRCs to Retail Centers (FPS) in the district of the State of Odisha. |
| 2 | Availability of bid document in the portal | From Dt.23.07.2025 |
| 3 | Last Date/ Time for Receipt of bids in the portal | Dt.12.08.2025 upto 05.00 P.M. |
| 4 | Date/Time of Opening of Technical Bid | Dt.13.08.2025 at 11.00 A.M. |
| 6 | Name and address of the Officer Inviting Tender | District Manager, OSCSC Ltd., Balangir |

Tender document and other details can be seen from e-procurement portal www.oscsc.in, www.foododisha.in & www.tendersodisha.gov.in alongwith district website. Amendment/ Corrigendum/Cancellations/ retenders etc. if any shall be published only in above website.
**Sd./- District Manager, OSCSC Ltd., Balangir**
OIPR-07031/11/0010/2526

See Career Appointment on every Wednesday & Saturday

**GOVERNMENT OF ODISHA** No.C-739
**OFFICE OF THE SUPERINTENDING ENGINEER, P.H.DIVISION, BHANJANAGAR AT CHATRAPUR**
E-mail: eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs.in Lakh) | Period of Completion | Availability of Bid document for online bidding | | Name & Address of office inviting bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement of 150mm to 450 mm dia DI pipes inconnection with the work construction of intake well laying of RWRM and ancillary works for improvement of water supply to Kodala NAC and Construction of WTP and laying of RWRM and CWRM with ancillary works for Sorada NAC under AMRUT 2.0 SWAP-III | Bid Identification No. 11/03/ SPH (C)/ 2025-26 dt.22.07.2025 | 371.03 | 3 (Three) Calendar Months | 11.00 Hrs. of 25.07.2025 | 17.30 Hrs. of 08.08.2025 | Superintending Engineer, P.H. Division, Bhanjanagar at Chatrapur |
| 2 | Procurement of 150mm to 450mm dia DI pipes inconnection with the work- Laying of CWRM in connection with improvement of water supply to Kodala NAC under AMRUT 2.0 SWAP-III | Bid Identification No. 12/03/ SPH (C)/ 2025-26 dt.22.07.2025 | 664.11 | 3 (Three) Calendar Months | 11.00 Hrs. of 25.07.2025 | 17.30 Hrs. of 08.08.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on dt.11.08.2025 at 01.00 PM.
Further details can be seen from the e-procurement portal https://www.tenderorissa.gov.in.
Sd./- Additional Chief Engineer (PH)
P.H.Division, Bhanjanagar at Chatrapur
OIPR-13013/11/0018/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No: RWDSE_MKG_II_ONLINE_04/2025-26**
No.O-468:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work: Building Work. 2. No. of Works: 04 No. 3. Estimated Cost: Rs.64.37 Lakhs to Rs.78.65 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated cost upto Rs.20.00 Lakhs 'D'. Estimated Cost upto Rs.40.00 Lakhs 'C'. Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months. 7. **Critical Dates:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_04 of 2025-26 | 31.07.2025 at 11.00 AM | 14.08.2025 upto 05.30 PM | 13.08.2025 upto 3.00 P.M. | 16.08.2025 at 11.00 A.M. | To be intimated Separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.
OIPR-25079/11/0027/2526 Sd./- Superintending Engineer, Rural Works Division-II, Malkangiri

**ODISHA UNIVERSITY OF AGRICULTURE AND TECHNOLOGY BHUBANESWAR : 751003**
**Letter No. ACD-I/ADM/0001/2025/13628/UAT** **Dt.23rd July, 2025**
**DIPLOMA IN AGRO-POLYTECHNIC ADMISSION NOTICE 2025-26**
**No.KK-145** : This is for information of all candidates that, the counseling for admission into Diploma in Agro- Polytechnic Courses for the Academic Session 2025-26 will be conducted in Dr. M.S. Swaminathan Conference Hall, 2nd floor, OUAT Administrative Building, Bhubaneswar-3 as per the Programme given below. The Intimation-cum-Rank Card shall be available only to the eligible candidates for different categories from OUAT website https://ouat.ac.in and https://ouat-lokaseba-odisha.in.

| Date | Category | Seats | Rank | Reporting Time |
|---|---|---|---|---|
| 29.07.2025 | General (Unreserved) | 140 | 01-200 | 09:30 a.m. - 10:00 a.m. |
| | | | 201-360 | 02:00 p.m. - 02:30 p.m. |
| 30.07.2025 | Scheduled Caste | 17 | All Candidates | 09:30 a.m - 10:00 a.m. |
| | Scheduled Tribe | 23 | All Candidates | |
| | Physically Handicapped | 10 | All Candidates | |
| | Green Card Holder | 10 | All Candidates | |
| | +2 Science Vocational course students of Agriculture and Allied Science | 20 | All Candidates | |

Note :
1. This information is not ensuring any seat but to attend the counselling for admission. **Admission depends on availability of seat and the candidates' eligibility, after verification of original documents, as per the rules laid down in Diploma in Agro-Polytechnic Prospectus 2025-26**.
2. Admission Board reserves the right to deny admission to any candidate who has submitted wrong information in Application Form to enhance weightage and rank (clause No. 6.3 to 6.6 of Diploma in Agro-Polytechnic Prospectus 2025-26).
3. Candidate seeking admission into Diploma in Agro-Polytechnic Course under OUAT based on their merit should bring **Demand Draft of Rs. 9000/-(Rupees Nine Thousand only) of any Nationalized Bank drawn in favor of "COMPTROLLER, OUAT, Bhubaneswar" payable at Bhubaneswar**.
4. The candidates are required to produce copy of downloaded Intimation letter-cum-Rank card, Application Form, all the certificates and mark sheet in original and two sets of self attested photo copies along with the requisite admission fees in shape of Demand Draft as mentioned above
OIPR-01036/11/0073/2526 Sd./- Registrar

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପାରେ ମିଶିଲେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ୧୦ ସରପଞ୍ଚ



ଭାଜପା ନେତାଙ୍କ ସହ ଦଳରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

**ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)**

ବିଜେଡି ଉପରୁ ଆସ୍ଥା ହରାଇ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଅନେକ ବିଜେଡି ନେତୃବୃନ୍ଦ ଓ କର୍ମୀ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ଦଳକୁ ସ୍ୱାଗତ କରିଛନ୍ତି। ଲଖନପୁର ବ୍ଲକ୍‌ର ୧୦ ଜଣ ସରପଞ୍ଚ ଭାଜପାରେ ସାମିଲହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶକୁ ଆଗେଇନେବା ପାଇଁ ସହାୟକ ହେବା ସହ ଦଳୀୟ ସଙ୍ଗଠନ ଅଧିକ ସୁଦୃଢ଼ ହୋଇଛି। ଆଗାମୀ ଦିନରେ ଅନେକ ସଂଖ୍ୟାରେ ବିଜେଡି କର୍ମୀ ଆସି ଭାଜପାରେ ସାମିଲହେବେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ୍‌ର କଣ୍ଢେଇକେଲା ଗ୍ରାମପଞ୍ଚାୟତର ସରପଞ୍ଚ ଅଶୋକ କୁମାର ସେଠ୍, ରେମତା ସରପଞ୍ଚ ପ୍ରଫୁଲ୍ଲ କୁମାର ସିଂ, ଚାରପାଲି ସରପଞ୍ଚ ଅରୁଣ ସୁନା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ ସୁନା, କାଦମଡିହି ସରପଞ୍ଚ ତାରୁଲତା ବାରିକ, ବାଘମୁଣ୍ଡା ସରପଞ୍ଚ ସୁନିମା ପ୍ରଧାନ, ଜାମଗାଁ ସରପଞ୍ଚ ଗୋପୀନାଥ ସାଇ, ରେମେଣ୍ଡା ସରପଞ୍ଚ ସୁଶାନ୍ତ ନାଏକ, ସାରନ୍ଦା ମାଲ ସରପଞ୍ଚ ଝରଣା ସେଠ୍, ବଞ୍ଜାରୀ ସରପଞ୍ଚ ସୀମା ସାହୁ, ପିପିଲିମାଲ ସରପଞ୍ଚ ରଙ୍ଗଧର ଡିଲା ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ଶାରଦା ପ୍ରସାଦ ଶତପଥୀ, ଝାରସୁଗୁଡ଼ା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଓଟିଡିସି ଗୃହ ନିକଟକୁ ମାଡ଼ିଆସିଲା ଲୁଣାଜୁଆର

## ବିପଦସଙ୍କୁଳ ଅବସ୍ଥାରେ ଶିଆଳି ବେଳାଭୂମି

**ଏରସମା, ୨୪।୭ (ଦୀପ୍ତି ଖଣ୍ଡୁଆଳ)**

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମିରେ ସମୁଦ୍ର ଅଶାନ୍ତ ହୋଇଉଠିଛି। ଅମାବାସ୍ୟା ତିଥିର ପ୍ରଭାବରେ ସମୁଦ୍ର ଜଳପତନ ଆଶାତୀତ ବୃଦ୍ଧି ଘଟି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଉତ୍ତାଳ ଲୁଣା ଜୁଆର ଉପକୂଳର ସୁଉଚ୍ଚ ବନ୍ଧ ଓ ଜଙ୍ଗଲ ଅତିକ୍ରମ କରି ଓଟିଡିସି ଗୃହ ନିକଟକୁ ମାଡ଼ିଯାଇଛି। ବୁଧବାର ସ୍ଥଳଭାଗ ଅଞ୍ଚଳର ପ୍ରାୟ ୫୦ ମିଟର ପର୍ଯ୍ୟନ୍ତ ସମୁଦ୍ର ଜୁଆର ମାଡ଼ିଯାଇଥିବାବେଳେ ଗୁରୁବାର ୨୦ ମିଟର ଆଗକୁ ମାଡ଼ିଯାଇଛି। ରାମତରା ଗ୍ରାମ ନିକଟରେ ସମୁଦ୍ର ଜୁଆର ଜଙ୍ଗଲ ଡେଇଁ ଗାଁ ନିକଟତର ହୋଇଛି।



ଜୁଆର ପାଣି ଓଟିଡିସି ଗୃହ ନିକଟକୁ ମାଡ଼ି ଆସିଛି।

କଳାବେଦୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଲୁଣା ଜୁଆର ମାଡିଯିବାରୁ ଲୋକେ ଭୟଭୀତ ହୋଇଯାଇଛନ୍ତି। ଅମାବାସ୍ୟା ତିଥି ପ୍ରଭାବରେ ସମୁଦ୍ର ଜୁଆର ଉଗ୍ରରୂପ ଧାରଣ କରିଥିବାବେଳେ ଲଘୁଚାପ ହେଲେ ଏହା ସ୍ଥାନୀୟ ଶିଆଳି, ଶଙ୍ଖା, ରାମତରା, ନୋଳିଆସାହି ଆଦି ଗ୍ରାମରେ ପ୍ରବେଶ କରିବାର ଆଶଙ୍କା ସୃଷ୍ଟି ହୋଇଛି।

# ଏକାଠି ହେଲେ ମନ୍ତ୍ରୀ, ଅଧିକାରୀ, ଛାତ୍ରୀଛାତ୍ର

## ଏକାଦଶାହରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୋଗରାଇ, ୨୪।୭(ପ୍ରଦୀପ ଦାସ)**

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହରେ ଗୁରୁବାର ଭୋଗରାଇ ବ୍ଲକ ପଳାସିଆସ୍ଥିତ ଗାଁମାଟିରେ ଏକାଠି ହୋଇଥିଲେ ମନ୍ତ୍ରୀ, ବିଧାୟକ, ଅଧିକାରୀ ଓ ଛାତ୍ରୀଛାତ୍ର। ହେରମ୍ବ ଚନ୍ଦ୍ର ଏକାଡେମୀ ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସୌମ୍ୟାଶ୍ରୀଙ୍କ ତୈଳ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୌମ୍ୟାଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା, ମନ୍ତ୍ରପାଠ, ଭୋଗରାଇ ମହାବିଦ୍ୟାଳୟରେ ଏବିଭିପି ଦ୍ୱାରା ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଓ ବନ୍ୟପ୍ରାଣୀ ବନାଞ୍ଚଳ ବିଭାଗ ପକ୍ଷରୁ ୧ହଜାର ଚାରା ବଣ୍ଟନ କରାଯାଇଥିଲା। ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘରେ ମାତାପିତା ଓ ଆତ୍ମୀୟସ୍ୱଜନଙ୍କୁ ନେତା ଓ ମନ୍ତ୍ରୀମାନେ ଗଭୀର ସମବେଦନା ଜଣାଇଥିଲେ। ଏହି ଅବସରରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ସାହୁ, ବସ୍ତା ବିଧାୟକା ସୁବାସିନୀ ଜେନା, ବିଜେଡି ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସଦର ବ୍ଲକ ଅଧ୍ୟକ୍ଷ ସୁନୀତା ବେହେରା, ସଦର ବିଧାୟକ ମାନସ ଦତ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶଦାସ ନାୟକ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଆଡିଶନାଲ ଏସ୍‌ପି ଦେବଜ୍ୟୋତି ଦାସ, ଡିଏଫ୍‌ଓ ଅଭୟ କୁମାର ଦଳାଇ, ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସାମାଜିକ କର୍ମୀ ବିଦ୍ୟୁବେନ୍ଦୁ ପାତ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସକାଳ ୮ରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରି ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାରଠାରୁ ଆରମ୍ଭହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ(https://janasunani.odisha.gov.in/)ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଛି। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଦିବାସୀ ମହାସଂଘ ସଦସ୍ୟ

## ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ସରକାରଙ୍କ ପ୍ରାଥମିକତା: ମୋହନ

**ଭୁବନେଶ୍ୱର,୨୪।୭(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଦିବାସୀ ମହାସଂଘ, ଓଡ଼ିଶାର କର୍ମକର୍ତ୍ତା ଓ ସଦସ୍ୟମାନେ ଗୁରୁବାର ଲୋକସେବା ଭବନରେ ଭେଟି ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମୂହିକ ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ଆମ ସରକାରର ପ୍ରାଥମିକତା



ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଆଦିବାସୀ ମହାସଂଘର କର୍ମକର୍ତ୍ତା।

ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଲ୍ଲେଖ କରିଥିବା ସମାଜର ୪ଟି ବର୍ଗଙ୍କ ଭିତରେ ପ୍ରଥମରେ ଥିବା ଗରିବଙ୍କ ଭିତରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆମ ସରକାର ମଧ୍ୟ ଆଦିବାସୀମାନଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଜୀବନ ଜୀବିକା ସହ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଆଦିବାସୀ ଅଞ୍ଚଳଗୁଡିକର ସାମଗ୍ରିକ ବିକାଶ ପାଇଁ ଖୁବ୍‌ଶୀଘ୍ର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଉଛି। ଆଦିବାସୀ ସମାଜରୁ କୁସଂସ୍କାର ଦୂରକରିବା ପାଇଁ ମହାସଂଘକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଆଲୋଚନା ମାଧ୍ୟମରେ ସବୁ ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି।

ବୈଠକରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମହାସଂଘର ସଭାପତି କର୍ମା ଲାକ୍ରା, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏବଂ ପ୍ରାୟ ୧୧ ଜିଲାରୁ ସଦସ୍ୟମାନେ ଯୋଗଦେଇଛନ୍ତି।


# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296





**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392





Newly open SPA positively health benefits (expert therapist). Contact- 7327030529. D-76929

Positively health benefits SPA expert female therapist homely atmosphere. 9114559830. D-76295

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.- 1057, date- 22.07.25, I, Janani Bagarti, D/o. Rohita Bagarti, R/o. Village/ P.O.- Kharabhuni, P.S.- Harabhanga, Dist.- Boudh, PIN- 762020, declare that I have changed my name from Janani Kumbhar to Janani Bagarti. Henceforth, I shall be known as Janani Bagarti for all purposes.
Janani Bararti
Mob-9777486118
D-1416

I, Seikh Wasim Arrif, S/o. Seikh Allauddin of Village/ P.O./P.S.- Thakurmunda, Dist.- Mayurbhanj, Odisha, PIN- 757038, declare by this affidavit No.- 2438, dated- 22.07.2025, executed before the Executive Magistrate, Panchpir, Karanjia that now onwards I shall be known as Sk wasim Arif, S/o- SK Allauddin for all future purposes. D-1410

By virtue an affidavit sworn before Executive Magistrate, Dhenkanal, dated- 21.07.2025, I Srikanta Kumar Sahoo, At/P.O.- Sankarpur, P.S.- Sadar, Dist.- Dhenkanal, Odisha, PIN- 759013, declare that I have changed my name from Srikant Kumar Sahoo to Srikanta Kumar Sahoo. Henceforth I shall be known as Srikanta Kumar Sahoo for all purposes.
Srikanta Kumar Sahoo
D-1411

By virtue of an affidavit sworn before the Executive Magistrate, Nuapada, No.- 02, date- 23.07.2025, I, Sonalika Patel, W/o. Sandip Kumar Naik, R/o. Rajpur, P.O./P.S./ Dist.- Nuapada, Odisha, PIN- 766105, declare that I have changed my son's name from Naik Shreeyans to Shreeyans Naik. Henceforth he shall be known as Shreeyans Naik for all purposes.
Sonalika Patel
D-1414

By virtue of an affidavit sworn before the Executive Magistrate, Boudh, No.1045, date 19.07.25, I, Anuchhaya Mahakud, D/o. Bhagabana Mahakud, R/o. Village/P.O.- Kankala, P.S. Baunsuni, Dist. Boudh, Odisha, Pin- 762015 declare that I have changed my name from Anusaya Mahakud to Anuchhaya Mahakud. Henceforth I shall be known as Anuchhaya Mahakud for all purposes.
Anuchhaya Mahakud
D-1420

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dated- 24.07.2025, I Urmila Behera, Address: At.- Sardhapali, P.O.- Remed, P.S.- Ainthapali, Dist.- Sambalpur, PIN- 768006, Odisha, declare that I have changed the name of my daughter from Himadrineya Behera to Himandritanaya Behera. Henceforth, she shall be known as Himandritanaya Behera for all purposes.
Urmila Behera
D-1419

By virtue of an affidavit sworn before Executive Magistrate, Chandabali, Dated- 23.07.2025, I Monalisha Maity, Address At.- Jyotsnamayee, P.O.- Dosinga, P.S.- Dhamara, Dist.- Bhadrak, PIN- 756171 declare that I have changed my name from Monalisha Mandal to Monalisha Maity. Henceforth, I shall be known as Monalisha Maity for all purposes.
Monalisha Maity
D-1417

By virtue of an affidavit sworn before MR. T. Hansdah, OAS, Executive Magistrate, Nayagarh, dated- 24.07.2025, I Minati Pradhan, W/o- Ramachandra Pradhan, Resident of Village - Balisahi, P.O.-Kalyanpur, P.S.-Sarankul, Dist.- Nayagarh, PIN-752070 declare that I have changed my name from Minati Nayak to Minati Pradhan. Henceforth, I shall be known as Minati Pradhan for all purposes.
Minati Pradhan
D-1418

**ମନେ ପଡ଼ନ୍ତି**

**ଦଶାହ ଶ୍ରଦ୍ଧାଞ୍ଜଳି**



**ଠସୁଶୀଳ କୁମାର ମହାନ୍ତି**
ଭୁବନେଶ୍ୱର
ତିରୋଧାନ: ୧୬ ଜୁଲାଇ ୨୦୨୫
କୃଷ୍ଣପକ୍ଷ ଷଷ୍ଠୀ କର୍କଟ ସଂକ୍ରାନ୍ତି
ଦଶାହ ତିଥିରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ସମସ୍ତ ପରିବାର ବନ୍ଧୁବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୪୧୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଠପଦ୍ମଲୋଚନ ସେଠୀ**
ଚମ୍ପାବଣୀ ପାଟଣା, ଅନଳିଆ, ଭୋଗରାଇ
ଆବିର୍ଭାବ: ୦୧.୦୬.୧୯୩୧
ତିରୋଧାନ: ୧୫.୦୭.୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
:ଶୋକସନ୍ତପ୍ତ:
ହତଭାଗ୍ୟ ବଡ଼ ପୁତ୍ର- ପ୍ରଫୁଲ୍ଲ, ପ୍ରଦୀପ, ପରେଶ, ପ୍ରଶାନ୍ତ, ବୋହୂ- ରୀନାରାଣୀ, ଶ୍ୟାମଳୀ, ମେନକା, ଝିଅ- ଗୌରୀ, ମଙ୍ଗଳୀ, ଗୁରୁବାରୀ, ସବିତା, ମିନତୀ, ମାଳତୀ, ଜ୍ୱାଇଁ- କାଳିଚରଣ, ରବୀନ୍ଦ୍ର, ବଳାଇ, ରବୀନ୍ଦ୍ର, ସତୀଶ, ସୁଶାନ୍ତ ଓ ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୪୧୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏଫ୍‌ଏମ୍ ଇଷ୍ଟ କ୍ୟାମ୍ପସ୍‌ରେ କ୍ରାଇମବ୍ରାଞ୍ଚ ଟିମ୍

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

**ବାଲେଶ୍ୱର,୨୪।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗୁରୁବାର ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। କ୍ରାଇମବ୍ରାଞ୍ଚର ୪ଜଣିଆ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ କରିଛି। ମୁଖ୍ୟ କ୍ୟାମ୍ପସ୍‌ରେ ୨ଜଣ ଅଧିକାରୀ ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟ ଦୁଇଜଣ ଅଧିକାରୀ ଇଷ୍ଟ କ୍ୟାମ୍ପସ୍‌ରେ ପହଞ୍ଚିଥିଲେ। ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ବିଭାଗର ଛାତ୍ରୀଛାତ୍ରଙ୍କୁ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ସମ୍ପର୍କରେ ପଚରାଉଚରା କରି ସବିଶେଷ ତଥ୍ୟ ହାସଲ କରିଥିଲେ। ଏଥିସହ କ୍ୟାମ୍ପସ ଓ ମହାବିଦ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ବୁଧବାର ଏହି ଟିମ୍ ୨ଜଣ ଛାତ୍ରୀଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା।

# ନିଃସନ୍ତାନ ଦମ୍ପତିଙ୍କ ପାଇଁ ଭରସା

## ବିଶ୍ୱ ଏମ୍ବ୍ରିଓଲୋଜିଷ୍ଟ ଦିବସ



ସାଧାରଣତଃ ସବୁ ଦମ୍ପତି ବାହାଘର ପରେ ପରେ ଏକ ସନ୍ତାନ ଚାହିଥାନ୍ତି। ପ୍ରାୟ ୮୦ରୁ ୮୫ ପ୍ରତିଶତ ମହିଳା ବିବାହର ଏକ ବର୍ଷ ମଧ୍ୟରେ ଗର୍ଭଧାରଣ କରିଥାନ୍ତି। କିନ୍ତୁ ୧୦-୧୫ ପ୍ରତିଶତ ମହିଳା ଅନେକ ଚିକିତ୍ସା ପରେ ମଧ୍ୟ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିପାରନ୍ତି ନାହିଁ। ସେମାନଙ୍କ ପାଇଁ ପ୍ରଜନନର ଅନ୍ୟ ପ୍ରକ୍ରିୟା(ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନିକ୍) ଜରୁରୀ ହୋଇଥାଏ।

ଯେଉଁ ମହିଳାମାନେ ବେଶି ବୟସ କିମ୍ବା ଅନ୍ୟ କୌଣସି ଅସୁବିଧା ଯୋଗୁ ଗର୍ଭଧାରଣ କରିପାରି ନ ଥାନ୍ତି, ସେମାନଙ୍କଠାରେ 'ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ୍' ବା ଆଇଭିଏଫ୍ ଦ୍ୱାରା ଗର୍ଭଧାରଣ ହୋଇଥାଏ। ଏହା ଭେଷଜ ବିଜ୍ଞାନର ଏକ ଅନୁପମ ଦାନ।

ସମସ୍ତଙ୍କର ପ୍ରାକୃତିକ ଉପାୟରେ ଡିମ୍ବବାହୀ ନଳୀରେ ଫର୍ଟିଲାଇଜେଶନ୍ ହୋଇ ଜରାୟୁରେ ପ୍ରସ୍ଫୁଟିତ ଡିମ୍ବାଣୁ ରହିଥାଏ। ଏହାକୁ ଇନ୍‌ଭିଭୋ ଫର୍ଟିଲାଇଜେଶନ୍ କୁହାଯାଏ। କିନ୍ତୁ ଆଇଭିଏଫ୍ ଦ୍ୱାରା ଜରାୟୁ ବାହାରେ ଡିମ୍ବାଣୁ ଓ ଶୁକ୍ରାଣୁକୁ ମିଳିତ ଦ୍ୱାରା ଫର୍ଟିଲାଇଜେଶନ୍ କରାଯାଇ ଜରାୟୁ ଭିତରେ ରୋପଣ କରାଯାଏ। ଏହାର ଅନ୍ୟ ନାମ ହେଉଛି ଟେଷ୍ଟ ଟ୍ୟୁବ୍ ବେବି। ପ୍ରଜନନ ଚିକିତ୍ସା କ୍ଷେତ୍ରରେ ଏହିପରି ଏକ ନୂତନ କୌଶଳରେ ଗର୍ଭଧାରଣ କରିବା ଏକ ବଡ ସଫଳତା। ଏହା ଏମ୍ବ୍ରିଓଲୋଜିଷ୍ଟ ଓ ଗାଇନୋକୋଲୋଜିଷ୍ଟ ତଥା ଅନ୍ୟ ବିଶେଷଜ୍ଞଙ୍କ ମିଳିତ ପ୍ରଚେଷ୍ଟାରେ ସମ୍ଭବ ହୋଇପାରିଛି। ତେଣୁ ନିଃସନ୍ତାନ ଦମ୍ପତିଙ୍କୁ ଏକ ନୂତନ ଦିଶା ଦେଖାଇବା ତଥା ସେମାନଙ୍କୁ ସଚେତନ କରାଇବା ପାଇଁ ପ୍ରତିବର୍ଷ ଜୁଲାଇ ୨୫ରେ ବିଶ୍ୱ ଏମ୍ବ୍ରିଓଲୋଜିଷ୍ଟ ଦିବସ ପାଳନ କରାଯାଉଅଛି। ଏହା ମଧ୍ୟ ବିଶ୍ୱର ପ୍ରଥମ ଆଇଭିଏଫ୍ ସନ୍ତାନ 'ଲୁଇସ୍ ବ୍ରାଉନ୍'ଙ୍କ କଥା ସ୍ମରଣ କରାଇଦିଏ। ଏହି ଆଇଭିଏଫ୍ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ଏମ୍ବ୍ରିଓଲୋଜିଷ୍ଟମାନେ ଡିମ୍ବାଣୁ ଏବଂ ଶୁକ୍ରାଣୁକୁ ବିଶ୍ଳେଷଣ ମାଧ୍ୟମରେ ଚୟନ(ପିକ୍‌ଅପ୍) କରନ୍ତି। ଏହା ପରେ ପରୀକ୍ଷା କରି ମିଳିତ ସଂଯୋଗ ମାଧ୍ୟମରେ ଫର୍ଟିଲାଇଜେଶନ୍ ପରେ ଭ୍ରୂଣ ରୋପଣ କରାନ୍ତି।

ତେଣୁ ଆଇଭିଏଫ୍ ପ୍ରଣାଳୀରେ ସଂଶ୍ଳିଷ୍ଟ ଥିବା ଏମ୍ବ୍ରିଓଲୋଜିଷ୍ଟ, ଅନ୍ୟ ଡାକ୍ତର ତଥା କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ସହ ନିଃସନ୍ତାନ ଦମ୍ପତିମାନେ ଆଶା ନ ହରାଇ ଆଇଭିଏଫ୍ ପ୍ରଣାଳୀ ଦ୍ୱାରା ଗର୍ଭଧାରଣ କରି ସନ୍ତାନ ସୁଖ ପ୍ରାପ୍ତି ହେବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ।

**-ଡା. ସରୋଜିନୀ ଷଡ଼ଙ୍ଗୀ,**
ମୋ: ୯୪୩୭୦୫୫୦୦୭

## ଛେତ୍ରୀଙ୍କ ଚିନ୍ତା

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବାରୁ ଭାରତୀୟ ଫୁଟ୍‌ବଲ ବର୍ତ୍ତମାନ ଖୁବ୍ ଚିନ୍ତାଜନକ ପରିସ୍ଥିତିରେ ଥିବା ଭାରତୀୟ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ତଥା ଷ୍ଟ୍ରାଇକର ସୁନୀଲ ଛେତ୍ରୀ କହିଛନ୍ତି। ଆଇଏସ୍‌ଏଲ୍‌ରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ ଖେଳୁଥିବା ଛେତ୍ରୀ ନିଜର ଏବଂ ଭାରତରେ ଫୁଟ୍‌ବଲର ଭବିଷ୍ୟତକୁ ନେଇ ଆଶଙ୍କାରେ ଥିବା ପ୍ରକାଶ କରିଛନ୍ତି।

'ବିଭିନ୍ନ କ୍ଲବର ଖେଳାଳିଙ୍କ ସହ କଥା ହେବା ପରେ ମୁଁ ବୁଝିପାରିଛି ଯେ, ମୋ ସମସ୍ୟାଠାରୁ ସେମାନଙ୍କ ସମସ୍ୟା ଅଧିକ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଭାରତୀୟ ଫୁଟ୍‌ବଲରେ ଦେଖାଯାଇଥିବା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ମୋତେ କେବଳ ମୋ କ୍ଲବର ନୁହେଁ, ବରଂ ଅନ୍ୟ କ୍ଲବର ଅନେକ ଖେଳାଳି, ଷ୍ଟାଫ୍ ସଦସ୍ୟ, ଫିଜିଓ, ମସାଜ୍‌ଙ୍କର ମେସେଜ୍ ଆସିଛି। ଭାରତୀୟ ଫୁଟ୍‌ବଲ ଇକୋ ସିଷ୍ଟମର ଅଂଶବିଶେଷ ଥିବା ପ୍ରତ୍ୟେକ ବ୍ୟକ୍ତି ଚିନ୍ତିତ, ଭୟଭୀତ ଓ ଦୁଃଖିତ ଅଛନ୍ତି। କିନ୍ତୁ ମୋତେ ଜଣାଅଛି ଯେ, ଆଇଏସ୍‌ଏଲ୍ ପରିଚାଳନାରେ ସମ୍ପୃକ୍ତ ଥିବା ବ୍ୟକ୍ତି ଫୁଟ୍‌ବଲ ସିଜନ ଆୟୋଜନ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ମୋର ଆଶା, ଖୁବ୍‌ଶୀଘ୍ର ଆମକୁ ଭଲ ଖବର ମିଳିବ' ବୋଲି ଛେତ୍ରୀ ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଇଭେଣ୍ଟ ଆୟୋଜକ ଓ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ମଧ୍ୟରେ ହୋଇଥିବା ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ)ର ନବୀକରଣକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁ ଆଇଏସ୍‌ଏଲ୍-୨୦୨୫/୨୬ ସିଜନକୁ ସ୍ଥଗିତ ରଖାଯାଇଛି। ସାଧାରଣତଃ ଏହି ଲିଗ୍ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଆୟୋଜନ କରାଯାଏ। ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭେଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଓ ଏଆଇଏଫ୍‌ଏଫ୍ ମଧ୍ୟରେ ହୋଇଥିବା ଏମ୍‌ଆର୍‌ଏ ଡିସେମ୍ବର ୮ରେ ଶେଷହେବାକୁ ଯାଉଛି। ଏଆଇଏଫ୍‌ଏଫ୍ ଲାଗି ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ନେଇ ଏଫ୍‌ଏସ୍‌ଡିଏଲ୍ କୌଣସି ବୁଝାମଣା ନ କରିବା ପାଇଁ ସୁପ୍ରିମକୋର୍ଟ କହିଥିଲେ। ଏଆଇଏଫ୍‌ଏଫ୍‌ର କମର୍ସିଆଲ ପାର୍ଟନର ଏଫ୍‌ଏସ୍‌ଡିଏଲ୍ ଆଇଏସ୍‌ଏଲ୍ ପରିଚାଳନା କରିଆସୁଛି।

# ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

**ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ପାଇଁ କଳିଙ୍ଗ ଷ୍ଟାଡିୟମରେ ପ୍ରସ୍ତୁତି ଆଗେଇ ଚାଲିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଥିବାବେଳେ ଜାତୀୟ/ଅନ୍ତର୍ଜାତୀୟ ଆଥ୍‌ଲେଟ୍‌ଙ୍କ ସମାଗମରେ କଳିଙ୍ଗ ହେବ ଚଳଚଞ୍ଚଳ...**

ପ୍ରସ୍ତୁତି: ତପନ ସ୍ୱାଇଁ



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଭାରତରେ ଏହି ଆଥ୍‌ଲେଟିକ୍ସ ଇଭେଣ୍ଟ ଆୟୋଜନ ହେବ। ଏଥିପାଇଁ ପ୍ରସ୍ତୁତି ଆଗେଇ ଚାଲିଛି। କଳିଙ୍ଗରେ ପୁଣି ହେବ ଅନ୍ତର୍ଜାତୀୟ ଆଥଲେଟ୍‌ଙ୍କ ସମାଗମ। ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର ରେସ୍, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ ଥ୍ରୋ ଏବଂ ୪x୪୦୦ ମିଟର ରିଲେ ଇଭେଣ୍ଟ ଅନୁଷ୍ଠିତ ହେବ। ସେହିପରି ମହିଳା ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର ରେସ୍, ୧୦୦ ମିଟର ହର୍ଡଲ୍ସ, ଲଙ୍ଗଜମ୍ପ, ଜାଭେଲିନ୍ ଥ୍ରୋ ଏବଂ ୪x୪୦୦ ମିଟର ରିଲେ ରେସ୍ ଆୟୋଜନ ହେବ। ଏହା ବ୍ୟତୀତ ମିକ୍ସଡ ଇଭେଣ୍ଟରେ ୪x୪୦୦ ମିଟର ରିଲେ ରେସ୍ ଅନୁଷ୍ଠିତ ହେବ।

ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତିଯୋଗୀଙ୍କ ଲାଗି ଏଣ୍ଟ୍ରି (କ୍ୱାଲିଫାଇଂ) ଷ୍ଟାଣ୍ଡାର୍ଡ ଧାର୍ଯ୍ୟ କରାଯାଇଛି। ପୁରୁଷ ବିଭାଗରେ ୧୦୦ ମିଟର ପାଇଁ ୧୦.୬୦, ୨୦୦ ମିଟର ଲାଗି ୨୧.୩୦, ୪୦୦ ମିଟର ପାଇଁ ୪୬.୨୦, ୮୦୦ ମିଟର ଲାଗି ୧:୪୮.୫୦ ଓ ୫୦୦୦ ମିଟର ଲାଗି ୧୪:୧୦.୦୦ ସେକେଣ୍ଡ ସମୟ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ରଖାଯାଇଛି। ସେହିପରି ଲଙ୍ଗଜମ୍ପ ଲାଗି ୭.୮୦, ଟ୍ରିପଲ ଜମ୍ପ ପାଇଁ ୧୬.୩୦ ଓ ଜାଭେଲିନ୍ ଥ୍ରୋ ଲାଗି ୭୫.୦୦ ମିଟର ଧାର୍ଯ୍ୟ କରାଯାଇଛି। ମହିଳା ବିଭାଗରେ ୧୦୦ ମିଟର ପାଇଁ ୧୧.୮୦, ୨୦୦ ମିଟର ଲାଗି ୨୩.୫୦, ୪୦୦ ମିଟର ପାଇଁ ୫୩.୦୦, ୮୦୦ ମିଟର ଲାଗି ୨:୦୫.୦୦ ଓ ୧୫୦୦ ମିଟର ପାଇଁ ୪:୧୮.୦୦ ସେକେଣ୍ଡ ରଖାଯାଇଛି। ସେହିଭଳି ଲଙ୍ଗଜମ୍ପରେ ୬.୦୦ ଓ ଜାଭେଲିନ୍ ଥ୍ରୋ ଲାଗି ୫୨.୫୦ ମିଟର ରଖାଯାଇଥିବାବେଳେ ୧୦୦ ମିଟର ହର୍ଡଲ୍ସ ପାଇଁ ୧୩.୫୫ ସେକେଣ୍ଡ ସମୟ ଧାର୍ଯ୍ୟ କରାଯାଇଛି। ଏଥିରେ ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଲଦ୍ୱୀପ ଆଦି ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୧୯ଟି ଇଭେଣ୍ଟର ଆୟୋଜନ କରାଯିବ।

ପ୍ରକାଶ ଯୋଗ୍ୟ, ଏହା ପୂର୍ବରୁ ଅନ୍ତର୍ଜାତୀୟ ଆଥଲେଟିକ୍ସ ଇଭେଣ୍ଟ ଭାବେ କଳିଙ୍ଗରେ ୨୦୧୭ ଜୁଲାଇ ୫ରୁ ୯ ପର୍ଯ୍ୟନ୍ତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହା ବ୍ୟତୀତ ଏଠାରେ ଜାତୀୟ ସ୍ତରରେ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍, ଏକାଧିକ ଇଣ୍ଡିଆନ ଗ୍ରାଁ ପ୍ରି ଏବଂ ନ୍ୟାଶନାଲ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି।

### ଏଣ୍ଟ୍ରି (କ୍ୱାଲିଫାଇଂ) ଷ୍ଟାଣ୍ଡାର୍ଡ

| | |
|---|---|
| **ପୁରୁଷ ବିଭାଗ** | |
| ୧୦୦ ମିଟର ରେସ୍: | ୧୦.୬୦ ସେକେଣ୍ଡ |
| ୨୦୦ ମିଟର ରେସ୍: | ୨୧.୩୦ ସେକେଣ୍ଡ |
| ୪୦୦ ମିଟର ରେସ୍: | ୪୬.୨୦ ସେକେଣ୍ଡ |
| ୮୦୦ ମିଟର ରେସ୍: | ୧:୪୮.୫୦ ସେକେଣ୍ଡ |
| ୫୦୦୦ ମିଟର ରେସ୍: | ୧୪:୧୦.୦୦ ସେକେଣ୍ଡ |
| ଲଙ୍ଗଜମ୍ପ: | ୭.୮୦ ମିଟର |
| ଟ୍ରିପଲ ଜମ୍ପ: | ୧୬.୩୦ ମିଟର |
| ଜାଭେଲିନ୍ ଥ୍ରୋ: | ୭୫.୦୦ ମିଟର |
| **ମହିଳା ବିଭାଗ** | |
| ୧୦୦ ମିଟର ରେସ୍: | ୧୧.୮୦ ସେକେଣ୍ଡ |
| ୨୦୦ ମିଟର ରେସ୍: | ୨୩.୫୦ ସେକେଣ୍ଡ |
| ୪୦୦ ମିଟର ରେସ୍: | ୫୩.୦୦ ସେକେଣ୍ଡ |
| ୮୦୦ ମିଟର ରେସ୍: | ୨:୦୫.୦୦ ସେକେଣ୍ଡ |
| ୧୫୦୦ ମିଟର ରେସ୍: | ୪:୧୮.୦୦ ସେକେଣ୍ଡ |
| ୧୦୦ ମିଟର ହର୍ଡଲ୍ସ: | ୧୩.୫୫ ସେକେଣ୍ଡ |
| ଲଙ୍ଗଜମ୍ପ: | ୬.୦୦ ମିଟର |
| ଜାଭେଲିନ୍ ଥ୍ରୋ: | ୫୨.୫୦ ମିଟର |

### ଅଭିନନ୍ଦନ

ଭାରତ ମହିଳା ଫୁଟ୍‌ବଲର
ପୂର୍ବାଧିନାୟିକା ସେ କର୍ଣ୍ଣଧାର
ଓଡ଼ିଶାର କ୍ରୀଡ଼ା ଅସ୍ମିତା,
ଅଗ୍ରଣୀ ସିଏ ଭାରି ଫରୱାର୍ଡ
ମହିଳା ଜାତିର ଶ୍ରେଷ୍ଠ ଆୱାର୍ଡ
ହୋଇଛି ଜଗତଜିତା।

ସ୍ୱପ୍ନ ତାହାର ସାକାର ହୋଇଛି
କଠିନ ଶ୍ରମର ମୂଲ୍ୟ ମିଳିଛି
ଆମ କୋଚ୍ ଶ୍ରଦ୍ଧାଞ୍ଜଳିଙ୍କୁ,
ଏଏଫ୍‌ସି 'ଏ' ମହିଳା ଲାଇସେନ୍ସ
ପାଇକି ରଚିଲେ ନୂଆ ଇତିହାସ
ଅଭିନନ୍ଦନ ତୁମକୁ
ଅଭିନନ୍ଦନ ତୁମକୁ।

-ବାଉରିବନ୍ଧୁ ବେହେରା

### ଲକ୍ଷ୍ୟ

ଇଣ୍ଡୋନେସିଆର ଏଗାର ବର୍ଷୀୟ
ରାୟିନ୍ ଆର୍କାନ୍ ଡିଖା
ରାତାରାତି ଇଣ୍ଟରନେଟ ସେନ୍ସେଶନ
ପାଲଟିଲେ, ଗ୍ରହ ଚକା
ପାକୁ ଜାଲୁରିରେ ଦେଖା
ରେସିଂ ବୋଟରେ ଲୟବଦ୍ଧ ନୃତ୍ୟ
ଗ୍ଲୋବାଲ ଷ୍ଟାର କଲା ପକ୍କା।

ଜାଡେଜାଙ୍କ ବେଷ୍ଟ ପର୍ଫମାନ୍ସ ସତ୍ତ୍ୱେ
ଟିମ୍ ଇଣ୍ଡିଆ ଗଲା ହାରି
ଶୋଏବ ବଶିର ବଲ ବ୍ୟାଟରେ
ବାଜି ଗଲା ଘୁରି ଘୁରି
ସିରାଜ ହେଉଛି ଝୁରି
ଗ୍ରହ ମନ୍ଦ ପାଇଁ ଇଂଲଣ୍ଡ ଜିତିଲା
ଥାର୍ଡ ଟେଷ୍ଟ, ସୋ ସରି।



ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟର ଗେମ୍ସରେ
ଶ୍ରୀ ଅଶୋକ ଦଣ୍ଡ ସେନା
ଆଠ ଶ' ମିଟର ରେସରେ ଟୋକା
ଜିତିଛି ପଦକ ସୁନା
ବ୍ୟକ୍ତି ହାରେ ଲକ୍ଷ୍ୟ ବିନା
ହାର୍ଡ ଲେବର ସହ ଗ୍ରହ ସାଥ୍ ଦେଲେ
ସେ ଉଡ଼େ, ଉଡ଼ାଏ ବାନା।

-ସୁବାସ ଚନ୍ଦ୍ର ପ୍ରଧାନ

# ଭିଜନ୍-୨୦୩୦



ନିର୍ମଳ କୁମାର ମିଶ୍ର

ଓଡ଼ିଶା କ୍ରିକେଟ ଦଳର ବାରମ୍ବାର ଖରାପ ପ୍ରଦର୍ଶନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ବେଶ୍ ଚିନ୍ତିତ। ଭିଜନ୍-୨୦୨୪ରୁ ସେପରି ସଫଳତା ନ ମିଳିବା ଚିନ୍ତାର କାରଣ ହୋଇଛି। ପୁନର୍ବାର ତୃଣମୂଳ ସ୍ତରରୁ ନୂଆ ଯୋଜନା ମାଧ୍ୟମରେ ସଫଳତା ପାଇବା ପାଇଁ ଆଶା ରଖିଛି ଓସିଏ। ଏଥିପାଇଁ ବ୍ୟାପକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଗତ କିଛି ବର୍ଷ ଧରି ଜାତୀୟ ସ୍ତରରେ ୩ଟି ବଡ ଫର୍ମାଟରେ ଦଳ ଆଶାନୁରୂପ ସଫଳତା ପାଇପାରି ନାହିଁ। ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଏବଂ ବିଜୟ ହଜାରେ ଟ୍ରଫିରେ ସଫଳତା ନ ମିଳିବାର କାରଣ ଖୋଜୁଛି ଓସିଏ। ଅନେକ ପରିବର୍ତ୍ତନ ମଧ୍ୟରେ ଗତି କରିଛି ଆମ ରାଜ୍ୟ କ୍ରିକେଟ ଆସୋସିଏଶନ। ଅନେକ ଖ୍ୟାତନାମା କୋଚମାନଙ୍କୁ ନିଯୁକ୍ତି ଦେଇଛି। ମାତ୍ର ଯଥା ପୂର୍ବଂ ତଥା ପରଂ। ରାଜ୍ୟ ବାହାରର କୋଚ୍‌ଙ୍କ ମଧ୍ୟରେ ମାଇକେଲ ବେଭାନ, ୱାସିମ ଜାଫର, ଦୀନେଶ ମୋଙ୍ଗିଆ, ବଲବିନ୍ଦର ସାନ୍ଧୁ ଓ ବର୍ତ୍ତମାନର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଅନ୍ୟତମ। ସେହିଭଳି ଆମ ଓଡ଼ିଶା କ୍ରିକେଟର ସୁନାମଧନ୍ୟ ଖେଳାଳିଙ୍କ ମଧ୍ୟରେ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳଙ୍କ ପରି ନାମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅବକାଶ ଖଟୁଆ, ଦୀପକ ମଙ୍ଗରାଜ, ବସନ୍ତ ମହାନ୍ତି, ନଟରାଜ ବେହେରା, ଶୋଭେନ ଦେବ, ରଶ୍ମି ରଞ୍ଜନ ଦାସ ମଧ୍ୟ ରହିଛନ୍ତି। ବିଦେଶୀ କୋଚ୍ ମାଇକେଲ ବେଭାନଙ୍କ ସମୟରେ ଓଡ଼ିଶା କ୍ରିକେଟର ଆମୂଳଚୂଳ ପରିବର୍ତ୍ତନ ହୋଇଥିଲା। ଏହି ସମୟରେ ଖେଳାଳି ଚୟନ, ଭିତ୍ତିଭୂମିର ପରିବର୍ତ୍ତନ, ନୂଆ ଫର୍ମାଟ, ଟର୍ଫ ଉଇକେଟ ସହ ଖେଳାଳିଙ୍କ ଫିଟ୍‌ନେସ ଓ ମ୍ୟାଚ ଖେଳିବାର ଦକ୍ଷତା, ଚାପରେ ଖେଳିବାକୁ କିପରି ହୋଇଥାଏ ସେ ବିଷୟରେ ବ୍ୟାପକ ପରୀକ୍ଷା ନିରୀକ୍ଷା ହୋଇଥିଲା। ବେଭାନଙ୍କ ପରି ୱାସିମ ଜାଫରଙ୍କ ସମୟରେ ମଧ୍ୟ କିଛି ମାତ୍ରାରେ ସଫଳତା ମିଳିଥିଲା। ୨୦୧୯-୨୦ ରଣଜୀ ସିଜନରେ ଷ୍ଟାର ବ୍ୟାଟର ରଶ୍ମି ରଞ୍ଜନ ପରିଡା ମୁଖ୍ୟ କୋଚ୍ ଥିବା ସମୟରେ ଓଡ଼ିଶା ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ତା'ପର ଠାରୁ ଆଉ ବଡ ସଫଳତା ମିଳିନାହିଁ।

ଯଦି ନାମୀଦାମୀ କୋଚ୍‌ମାନଙ୍କ



**ଭିଜନ୍-୨୦୨୪ରୁ ଆଶାନୁରୂପ ସଫଳତା ପାଇ ନ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ ଏବେ ଭିଜନ୍-୨୦୩୦ ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛି। ଏହାର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ଏକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଶ୍ରୀଲଙ୍କା ଯାଇ ବାହାର ପରିବେଶରେ ମ୍ୟାଚ ଖେଳିବାର ଅଭିଜ୍ଞତା ଲାଭ କରିଛି। ଅନେକ ନୂଆ ପଦକ୍ଷେପ ନିଆଯାଉଥିବାରୁ ସଫଳତା ପାଇବା ଆଶାରେ ରହିଛି ଓସିଏ...**

ନେତୃତ୍ୱରେ ଓଡ଼ିଶା କ୍ରିକେଟ ଭଲ ପ୍ରଦର୍ଶନ କରିପାରୁନାହିଁ ତେବେ ଆମର ପୂର୍ବତନ ଖେଳାଳିମାନଙ୍କୁ କାହିଁକି ମୁଖ୍ୟ କୋଚ ଦାୟିତ୍ୱ ଦିଆଯାଉନାହିଁ। ରଣଜୀ ଟ୍ରଫିରେ ଅସ୍ଥିର ପ୍ରଦର୍ଶନ ବାରମ୍ବାର ଆମକୁ ବିଚଳିତ କରୁଛି। ଯାହାର ପ୍ରଭାବ ଜୁନିୟର କ୍ରିକେଟ ଉପରେ ପଡୁଥିବାର ଦେଖିବାକୁ ମିଳୁଛି। ଆମ ପାଖରେ ଅନେକ ପ୍ରତିଭା ରହିଛନ୍ତି। ଦୀର୍ଘ ଦିନ ଧରି ସେମାନଙ୍କୁ ଦଳରେ ସାମିଲ ହେବାର ସୁଯୋଗ ମିଳୁଛି। ମାତ୍ର ସେମାନଙ୍କ ପ୍ରଦର୍ଶନରେ ସ୍ଥିରତା ନ ରହିବା ଚିନ୍ତାର କାରଣ ହୋଇଛି। ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୂପର, ବିପ୍ଲବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ଅନୁରାଗ ଷଡଙ୍ଗୀ, ସୂର୍ଯ୍ୟକାନ୍ତ ପ୍ରଧାନ, ସନ୍ଦୀପ ପଟ୍ଟନାୟକ, ରାଜେଶ ମହାନ୍ତି, ଦେବେବ୍ରତ ପ୍ରଧାନ, ହର୍ଷିତ ରାଠୋର, ସୁମିତ ଶର୍ମା, ସୁନୀଲ ରାଉଳ, ସ୍ୱସ୍ତିକ ସାମଲ, ଅନିଲ ପରିଡା, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁଙ୍କ ପରି ଅନେକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ଏକ ଗ୍ରୁପ୍ ଆମ ନିକଟରେ ରହିଛନ୍ତି। ଏହା ବ୍ୟତୀତ ଅନେକ ଯୁବ ଖେଳାଳି ଗତ କଳାହାଣ୍ଡି କପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସୁଯୋଗ ଅପେକ୍ଷାରେ ରହିଛନ୍ତି। ଓଡ଼ିଶା ନିକଟରେ ଏବେ ବି ଜଣେ ଭଲ ଅଫ୍ ସ୍ପିନର ଆବଶ୍ୟକତା ରହିଛି। ତରଣୀ ସ'ଙ୍କ ସ୍ପିନ ଉପରେ ଓଡ଼ିଶା ଅନେକ ସମୟରେ ନିର୍ଭର କରୁଛି। ବାହାରେ ଖେଳିବାକୁ ଥିବା ସ୍ପିନିଂ ଟ୍ରାକ୍‌ଗୁଡ଼ିକରେ ଆମ ସ୍ପିନରମାନେ ଗତ ସିଜନରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ତେଣୁ ତା' ଉପରେ କାର୍ଯ୍ୟ କରିବା ସହିତ ଭଲ ସ୍ପିନର ସୃଷ୍ଟି କରିବା ଏବଂ ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ଲକ୍ଷ୍ୟ ରଖାଯାଇଛି। ଅଭିଜ୍ଞ ଚୟନ କମିଟି ଚେୟାରମ୍ୟାନ ଅମିୟ ରାୟ, ସୁବିତ ବିଶ୍ୱାଳ, ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଏକ ସନ୍ତୁଳିତ ଦଳ ମନୋନୟନ ଉପରେ ଗୁରୁତ୍ୱ ଦେବେ ବୋଲି ଆଶା ଅଛି। ପୂର୍ବତନ ଅଭିଜ୍ଞ ପେସ୍ ବୋଲର ସୌରଜିତ ମହାପାତ୍ରଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଭିଜନ୍-୨୦୩୦ ଅନ୍ତର୍ଗତ ସିନିୟର ଖେଳାଳିମାନଙ୍କୁ ନେଇ ଏକ ଦଳ ଶ୍ରୀଲଙ୍କା ଗସ୍ତରେ ଯାଇ ଭଲ ଅଭିଜ୍ଞତା ହାସଲ କରିଛି। ସିନିୟର ଖେଳାଳିଙ୍କ ସହିତ ସାମିଲଥିବା ୨୩ ଓ ୧୯ ବର୍ଷରୁ କମ୍ ବର୍ଗର ଖେଳାଳିମାନେ ବାହାର ପରିବେଶରେ ଶ୍ରୀଲଙ୍କାର ଇମର୍ଜିଂ ଏକାଦଶ ସହ ଅନେକଗୁଡ଼ିଏ ଅଭ୍ୟାସ ମ୍ୟାଚ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି।

ଭିଜନ୍-୨୦୩୦ ମାଧ୍ୟମରେ ଅନେକଗୁଡ଼ିଏ ବଳିଷ୍ଠ ପଦକ୍ଷେପ ନେଇଛି ଓସିଏ। ସମ୍ପାଦକ ସଞ୍ଜୟ ବେହେରା ଏବଂ ବର୍ତ୍ତମାନର ସଭାପତି ପଙ୍କଜ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ଅନ୍ୟ ସହଯୋଗୀ ସଦସ୍ୟଙ୍କ ସହଯୋଗରେ ତୃଣମୂଳସ୍ତରରୁ ଓଡ଼ିଶା କ୍ରିକେଟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପୂର୍ବରୁ ୨୦୧୧-୧୨ ଓ ୨୦୧୨-୧୩ରେ ଖେଳାଯାଇଥିବା ଫ୍ରାଞ୍ଚାଇଜଭିତ୍ତିକ ଟି୨୦ ଓଡ଼ିଶା ପ୍ରିମିୟର ଲିଗ ସେତେବେଳେ ବେଶ୍ ଲୋକପ୍ରିୟ ହୋଇଥିଲା। ଏହା ଅନେକ ଯୁବ ଖେଳାଳି ସୃଷ୍ଟି କରିବାରେ ସହାୟକ ହୋଇଥିଲା। ମାତ୍ର କେତେଗୁଡ଼ିଏ ବିବାଦୀୟ ଘଟଣା ଯୋଗୁ ଏହାକୁ ବନ୍ଦ କରି ଦିଆଯିବା ଦ୍ୱାରା ପ୍ରତିଭାସମ୍ପନ୍ନ ଖେଳାଳିମାନେ ନିରୁତ୍ସାହିତ ହୋଇଥିଲେ। ମାତ୍ର ପୁନର୍ବାର ଓସିଏ ଏହାକୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ଭାବରେ ଆରମ୍ଭ କରିବାକୁ ଯାଉଛି। ଏହା ଆସନ୍ତା ସେପ୍ଟେମ୍ବର ମାସରେ ଖେଳାଯିବ। ଏଥିପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ଯୁବ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଏହାର ସଫଳତା ପାଇଁ ବଡ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିରେ ୬ଟି ଦଳ ଓଡ଼ିଶାର ସବୁ ପ୍ରାନ୍ତରୁ ଯୋଗଦେବେ। ନିଲାମ ପ୍ରକ୍ରିୟା ମାଧ୍ୟମରେ ଖେଳାଳି ଚୟନ ଫ୍ରାଞ୍ଚାଇଜମାନେ କରିବେ।

ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ୧୪ବର୍ଷରୁ କମ୍ ପୁରୁଷ ଓ ମହିଳା ଖେଳାଳିଙ୍କ ପାଇଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାମରେ ଏକ ଆବାସିକ କ୍ରିକେଟ ଏକାଡେମୀ ଖୋଲାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତୃଣମୂଳ ସ୍ତରରୁ କ୍ରିକେଟକୁ ଆଗକୁ ନେବାରେ ଏପରି ଏକାଡେମୀ ସହାୟକ ହେବ। ଅନ୍ୟପକ୍ଷରେ ଆଶୀର୍ବାଦ ବେହେରା ଓସିଏ ସମ୍ପାଦକ ଥିବା ବେଳେ ନିର୍ମିତ ହୋଇଥିବା ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର କାର୍ଯ୍ୟ କରୁଛି। ଏହାକୁ ଟ୍ରେନିଂ ଫିଟ୍‌ନେସ ପ୍ରାକ୍ଟିସ ପାଇଁ ବ୍ୟବହାର କରାଯିବ। ମାନସିକ ସ୍ତରରେ ଚାପମୁକ୍ତ ଭାବରେ ଖେଳ ପାଇଁ ଏହି ଟ୍ରେନିଂ କାର୍ଯ୍ୟ କରିବ। ଆମନ୍ତ୍ରଣୀୟ କ୍ରିକେଟ ମାଧ୍ୟମରେ ଅନ୍ୟ ରାଜ୍ୟ ଦଳଗୁଡ଼ିକ ସହିତ ଅଧିକରୁ ଅଧିକ ଅଭ୍ୟାସ ମ୍ୟାଚ ଖେଳିବା ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯିବା ସ୍ୱାଗତଯୋଗ୍ୟ। ଏଥିରେ ଆମ ରାଜ୍ୟର ବିଭିନ୍ନ ବର୍ଗର ଖେଳାଳିମାନେ ଅନ୍ୟ ରାଜ୍ୟ ଏପରି କି ଦେଶ ବାହାରକୁ ଯାଇ ମ୍ୟାଚ ଖେଳିବା ସହିତ ଅଭିଜ୍ଞତା ହାସଲ କରିବେ। ସେଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟଗୁଡ଼ିକରେ ମଧ୍ୟ ଭାଗ ନେଇପାରିବେ। ଏଥିପାଇଁ ବଜେଟର ବ୍ୟବସ୍ଥା କରିଛି ଓସିଏ।

ଏଥିସହିତ ଅମ୍ପାୟର ଓ ସ୍କୋରରମାନଙ୍କୁ ଟ୍ରେନିଂ ମାଧ୍ୟମରେ ଅଧିକ ପ୍ରଶିକ୍ଷଣ ଦେବା ସହିତ ଟେକ୍ନୋଲୋଜି ବ୍ୟବହାରକୁ ବ୍ୟାପକ କରିବାର ବ୍ୟବସ୍ଥା ହୋଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡ଼ିକରେ ତୃତୀୟ ଓ ଚତୁର୍ଥ ଅମ୍ପାୟର ବ୍ୟବହାର ସହିତ ସର୍ବୋଚ୍ଚ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ମ୍ୟାଚଗୁଡ଼ିକରେ କ୍ୟାମେରା ବ୍ୟବସ୍ଥା କରିବାର ନିଷ୍ପତ୍ତି ନେବାକୁ ସବୁ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଭିଜନ୍ ମାଧ୍ୟମରେ ସମସ୍ତ ଜିଲାଗୁଡ଼ିକରେ କ୍ରିକେଟ ଏକାଡେମୀ ଗଠନ କରିବା ସହିତ ଟର୍ଫ ଉଇକେଟ ପାଇଁ ବ୍ୟବସ୍ଥା ମଧ୍ୟ ରହିଛି। ଏଥିପାଇଁ ଆବଶ୍ୟକ ଅର୍ଥ ଅଟକଳ କରିବା ସହିତ ନିୟମିତ ବ୍ୟବଧାନରେ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବା ପାଇଁ ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଓସିଏ ପ୍ରସ୍ତୁତ ରହିବ। ଆଗାମୀ ଦିନରେ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ମ୍ୟାଚର ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଓସିଏ। ଦେଖିବାର କଥା ଭିଜନ୍-୨୦୩୦ ମାଧ୍ୟମରେ ଓଡ଼ିଶା କ୍ରିକେଟ କିପରି ସଫଳତା ହାସଲ କରୁଛି।



ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୫/୨୦୨୫ Bhubaneswar, Friday, July 25/ 2025

# ଭାରତ ୩୫୮ : ଇଂଲଣ୍ଡ ୨୨୫/୨

## ଚତୁର୍ଥ ଟେଷ୍ଟ, ଦ୍ୱିତୀୟ ଦିନ

## ଷ୍ଟୋକ୍ସଙ୍କୁ ୫ ଉଇକେଟ

ମାଞ୍ଚେଷ୍ଟର,୨୪।୭

ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସଙ୍କ ୫ ଉଇକେଟ୍ ସଫଳତା ଯୋଗୁ ଚତୁର୍ଥ ଟେଷ୍ଟର ପ୍ରଥମ ଇନିଂସରେ ଭାରତୀୟ ଦଳ ୩୫୮ ରନରେ ଅଲଆଉଟ୍ ହୋଇଯାଇଛି। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୨୨୫ ରନ କରିଛି। ଜ୍ୟାକ କ୍ରଲି ୮୪ ଓ ବେନ ଡକେଟ ୯୪ ରନରେ ଆଉଟ୍ ହୋଇଥିବା ବେଳେ ଭାରତ ପାଇଁ ପଦାର୍ପଣକାରୀ ଅଂଶୁଲ କାମ୍ବୋଜ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ


ଶଟ୍ ଖେଳୁଛନ୍ତି ରିଷଭ ପନ୍ତ।


ଉଇକେଟ ନେବା ପରେ ଉଲ୍ଲସିତ ବେନ୍ ଷ୍ଟୋକ୍ସ।

ଉଇକେଟ ନେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଓଲି ପୋପ୍ ୨୦ ଓ ଜୋ ରୁଟ୍ ୧୧ ରନରେ ଅପରାଜିତ ଅଛନ୍ତି। ମ୍ୟାଚ୍‌ରେ ଇଂଲଣ୍ଡ ୧୩୩ ରନ ପଛରେ ଥିବା ବେଳେ ଦଳ ହାତରେ ୮ ଉଇକେଟ ରହିଛି।

ଗୁରୁବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୬୪/୪ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଅପରାଜିତ ବ୍ୟାଟର ରବୀନ୍ଦ୍ର ଜାଡେଜା ୨୦ ରନ କରି ଆଉଟ୍ ହୋଇଥିଲେ। ଶାର୍ଦ୍ଦୂଳ ଠାକୁର ଓ ୱାଶିଂଟନ ସୁନ୍ଦର ଷଷ୍ଠ ଉଇକେଟରେ ୪୮ ରନ ଯୋଡ଼ିଥିଲେ। ଠାକୁର (୪୧) ପାଭିଲିଅନ ଫେରିଥିଲେ। ପାଦ ଫାକଚର ଯୋଗୁ ପ୍ରଥମ ଦିନ ରିଟାୟର୍ଡ ହର୍ଟ ହୋଇଥିବା ପନ୍ତ ଆଜି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୫୪ ରନ କରି ନବମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଅନ୍ତିମ ବ୍ୟାଟର ଭାବେ ଯଶପ୍ରୀତ ବୁମରା (୪) ଆଉଟ୍ ହୋଇଥିଲେ। ଦଳ ପକ୍ଷରୁ ୱାଶିଂଟନ ସୁନ୍ଦର ୨୭ ରନ କରିଥିବା ବେଳେ ମହମ୍ମଦ ସିରାଜ ୫ ରନ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପାଇଁ ଅଧିନାୟକ ଷ୍ଟୋକ୍ସ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପଞ୍ଚମ ୫ ଉଇକେଟ ସଫଳତା। ଅନ୍ୟମାନଙ୍କ ମଧ୍ୟରେ ଜୋଫ୍ରା ଆର୍ଚ୍ଚର ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮/ଅଲଆଉଟ୍ (ସାଇ ସୁଦର୍ଶନ-୬୧, ଯଶସ୍ୱୀ ଜୟସ୍ୱାଲ-୫୮, ରିଷଭ ପନ୍ତ-୫୪, ଲୋକେଶ ରାହୁଲ-୪୬, ବେନ୍ ଷ୍ଟୋକ୍ସ-୫/୭୨, ଜୋଫ୍ରା ଆର୍ଚ୍ଚର-୩/୭୩)। ଇଂଲଣ୍ଡ ପ୍ରଥମ ଇନିଂସ: ୪୬ ଓଭରରେ ୨୨୫/୨ (ବେନ ଡକେଟ-୯୪, ଜ୍ୟାକ କ୍ରଲି-୮୪, ରବୀନ୍ଦ୍ର ଜାଡେଜା-୧/୩୭, ଅଂଶୁଲ କାମ୍ବୋଜ-୧/୪୮)।

### ପନ୍ତଙ୍କ ରେକର୍ଡ

ପାଦରେ ଫ୍ୟାକ୍‌ଚର ସତ୍ତ୍ୱେ ଭାରତୀୟ ଉଇକେଟକିପର ରିଷଭ ପନ୍ତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟର ପ୍ରଥମ ଇନିଂସରେ ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ରେକର୍ଡ କରିଛନ୍ତି। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଏହା ତାଙ୍କର ପଞ୍ଚମ ଟେଷ୍ଟ ଅର୍ଦ୍ଧଶତକ ଥିଲା, ଯାହାକି ଏକ ଟେଷ୍ଟରେ ଭାରତୀୟ ଉଇକେଟ କିପରଙ୍କ ମଧ୍ୟରେ ସର୍ବାଧିକ। ଏଥିପୂର୍ବରୁ ଫାରୁଖ ଇଞ୍ଜିନିୟର ୧୯୭୨/୭୩ରେ ଇଂଲଣ୍ଡ ବିପକ୍ଷରେ ୪ ଓ ମହେନ୍ଦ୍ର ସିଂ ଧୋନୀ ୨୦୦୮-୦୯ରେ ଅଷ୍ଟ୍ରେଲିଆ ଓ ୨୦୧୪ରେ ଇଂଲଣ୍ଡ ବିପକ୍ଷରେ ୪ ଲେଖାଏ ଅର୍ଦ୍ଧଶତକ କରିଥିଲେ।

# ଡବ୍ଲ୍ୟୁଡବ୍ଲ୍ୟୁଇ ଲିଜେଣ୍ଡ ହକ୍ ହୋଗାନଙ୍କ ପରଲୋକ




ୱାଶିଂଟନ,୨୪।୭

ଡବ୍ଲ୍ୟୁଡବ୍ଲ୍ୟୁଇ ଲିଜେଣ୍ଡ ରେସଲର ହକ୍ ହୋଗାନ ଭାବେ ପରିଚିତ ଟେରି ବୋଲିଆଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ୬ ଫୁଟ୍ ୭ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ରେସଲର ଫ୍ଲୋରିଡାର କ୍ଲିଅରୱାଟରସ୍ଥିତ ନିଜ ଘରେ ଶେଷ ନିଶ୍ୱାସଃ ତ୍ୟାଗ କରିଛନ୍ତି। ଏ ନେଇ ଡବ୍ଲ୍ୟୁଡବ୍ଲ୍ୟୁଇ ଓ ଫ୍ଲୋରିଡା ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ହୃଦଘାତ୍ କାରଣରୁ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ୧୯୭୭ରେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରିଥିବା ହୋଗାନ ୧୯୮୦ ଦଶକରେ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ (ଏବେ ଡବ୍ଲ୍ୟୁଡବ୍ଲ୍ୟୁଇ)ର ସବୁଠୁ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ। ସେ ୬ ଥରର ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଚାମ୍ପିୟନ ଏବଂ ତାଙ୍କୁ ୨୦୦୫ରେ ଡବ୍ଲ୍ୟୁଡବ୍ଲ୍ୟୁଇ ହଲ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା।

# ସ୍ୱର୍ଣ୍ଣ ପାଇଁ ଲଢ଼ିବ ପୁରୁଷ ଆର୍ଚେରୀ ଟିମ୍

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ


ଭାରତୀୟ ମହିଳା ଓ ପୁରୁଷ ଆର୍ଚେରୀ ଦଳ।

ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ)

ଜର୍ମାନୀର ରାଇନ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ପ୍ରତିଯୋଗୀମାନେ ଏକାଧିକ ଇଭେଣ୍ଟରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଭାରତୀୟ ପୁରୁଷ କମ୍ପାଉଣ୍ଡ ଆର୍ଚେରୀ ଦଳ ଫାଇନାଲରେ ପ୍ରବେଶ କରିଥିବାରୁ ସ୍ୱର୍ଣ୍ଣ ପଦକ ଜିତିବା ସମ୍ଭାବନା ରହିଛି। ଭାରତୀୟ ମହିଳା ଦଳ ଶୁକ୍ରବାର ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବ। ବିଚ୍ ଭଲିବଲ୍‌ରେ ମଧ୍ୟ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଆଗକୁ ବଢ଼ିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ମହିଳା ଦଳ କଲମ୍ବିଆକୁ ଏବଂ ତୃତୀୟ ରାଉଣ୍ଡରେ ପୁରୁଷ ଦଳ ମାଲଡୋଭାକୁ ଭେଟିବ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସମରଦୀପ ସିଂ ପୁରୁଷ ଶଟ୍‌ପୁଟ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୯.୧୦ ମିଟର ଥ୍ରୋ କରି ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ୫୦୦୦ ମିଟରରେ ସୀମା ଫାଇନାଲରେ ପହଞ୍ଚି ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ଟେନିସରୁ ଭାରତକୁ ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ମିଳିବା ନିଶ୍ଚିତ ହୋଇଛି। ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା ବୈଷ୍ଣବୀ ଅଦକର ସ୍ଲୋଭାକିଆର ଏସ୍‌ଜେର ମେରୀଙ୍କୁ ଭେଟିବେ।

# ସିନ୍ଧୁଙ୍କୁ ହରାଇଲେ ଉନ୍ନତି

ଚାଙ୍ଗ୍‌ଝୋ, ୨୪।୭ (ପି.ଟି.)

ଚାଇନା ଓପନ ସୁପର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା ଦୁଇଥର ଅଲିମ୍ପିକ ପଦକ ବିଜେତା ତଥା ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟଲୱାର୍ଟ ପି.ଭି. ସିନ୍ଧୁଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୭୩ ମିନିଟ୍‌ରେ ଶେଷ ହୋଇଥିବା ଏହି ମ୍ୟାଚରେ ୧୭ ବର୍ଷୀୟା ଭାରତୀୟ ଖେଳାଳି ହୁଡା ୨୧-୧୬, ୧୯-୨୧, ୨୧-୧୩ରେ ସିନ୍ଧୁଙ୍କୁ ହରାଇ ଏକ ସୁପର ୧୦୦୦ ଇଭେଣ୍ଟରେ ପ୍ରଥମ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରୋହତକର ଏହି ସ୍ୱଳ୍ପ ବୟସ୍କା ୨୦୨୨ ଓଡ଼ିଶା ମାଷ୍ଟର୍ସରେ ଏବଂ ୨୦୨୩ ଆବୁଧାବି ମାଷ୍ଟର୍ସରେ ତାଙ୍କ ସୁପର ୧୦୦ ଟାଇଟଲ ଜିତିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ତୃତୀୟ ସିଡ୍ ତଥା ଦୁଇଥର ବିଶ୍ୱ ଚାମ୍ପିୟନ ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ। ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ୍ୟ କ୍ୱାର୍ଟଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମାନେ ୮ମ ସିଡ୍ ତଥା ଇଣ୍ଡୋନେସିଆନ ଯୋଡ଼ି ଲିଓ ରୋଲତ କାର୍ନାଣ୍ଡୋ ଓ ବାଗାସ ମୌଲାନାଙ୍କୁ ୨୧-୧୯, ୨୧-୧୯ରେ ପରାଜିତ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଏଚ୍.ଏସ୍. ପ୍ରଣୟଙ୍କ ଅଭିଯାନ ଶେଷ ହୋଇଛି। ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ୬ଷ୍ଠ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍‌ଚେନ୍‌ଙ୍କଠାରୁ ୨୧-୧୮, ୧୫-୨୧, ୮-୨୧ରେ ପରାଜିତ ହୋଇଛନ୍ତି।

# ସମ୍ବଲପୁର, କନ୍ଧମାଳ ବିଜୟୀ

## ସାହାଣୀ କପ୍ ଫୁଟ୍‌ବଲ


ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ)

ସାହାଣୀ କପ୍ ସିନିୟର ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ବୌଦ୍ଧ ଜୋନ୍‌ରେ ଅନ୍ତିମ ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଓ କନ୍ଧମାଳ ଦଳ ବିଜୟୀ ହୋଇଛି। ସମ୍ବଲପୁର ୩-୦ ଗୋଲରେ ବୌଦ୍ଧକୁ ପରାସ୍ତ କରିଛି। ଦଳ ପକ୍ଷରୁ ଛବିଳ କିଷାନ, ବିଜୁ ଓରାମ ଓ ସନ୍ତୋଷ ମୁଣ୍ଡା ଗୋଲ ଦେଇଥିଲେ। ସେହିପରି କନ୍ଧମାଳ ୨-୧ ଗୋଲରେ ବଲାଙ୍ଗୀରକୁ ପରାସ୍ତ କରିଛି। କନ୍ଧମାଳ ପକ୍ଷରୁ ସେକ୍ ଫରିଦ ଓ ଦେବାଶିଷ ରାମ ମାରାଣ୍ଡି ଏବଂ ବଲାଙ୍ଗୀର ପକ୍ଷରୁ ସମ୍ବିତ ନାଏକ ଗୋଲ ସ୍କୋର କରିଥିଲେ। ଏଥିସହ ବୌଦ୍ଧ ଜୋନ୍‌ରୁ ସମ୍ବଲପୁର ଓ ବରଗଡ଼ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏହି ଦୁଇ ଦଳ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ରାଜ୍ୟର ଅନ୍ୟ ୩ ଜୋନ୍ କେନ୍ଦୁଝର, କେନ୍ଦ୍ରାପଡ଼ା ଓ ବ୍ରହ୍ମପୁରରୁ କଟକ, କୋରାପୁଟ ଓ ସୁନ୍ଦରଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି।

# ଅମନଙ୍କ ଗୋଲରେ ଓଡ଼ିଶା ବିଜୟୀ



ଭୁବନେଶ୍ୱର, ୨୪।୭ (ତପନ ସ୍ୱାଇଁ): ଅମୃତସରରେ ଚାଲିଥିବା ଜାତୀୟ ଜୁନିୟର ବାଳକ ଫୁଟବଲ ବି.ସି. ରୟ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗୁରୁ ନାନକ ଦେବ ୟୁନିଭର୍ସିଟି (ଜିଏନ୍‌ଡିୟୁ) ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅମନ ଲାକ୍ରା ୫୭ତମ ମିନିଟରେ ଦେଇଥିବା ଏକମାତ୍ର ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୩ ମ୍ୟାଚରୁ ଓଡ଼ିଶାର ଏହା ଥିଲା ପ୍ରଥମ ବିଜୟ। ପୂର୍ବରୁ ଜିଏନ୍‌ଡିୟୁରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା କର୍ଣାଟକଠାରୁ ୧-୩ ଓ ସାହିବଜାଦା ଫତେ ସିଂ ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମଣିପୁରଠାରୁ ୧-୨ ଗୋଲରେ ହାରି ଯାଇଥିଲା।

# ହମ୍ପି-ଦେଶମୁଖ ଅଲ୍‌ଇଣ୍ଡିଆ ଫାଇନାଲ

## ଫିଡେ ମହିଳା ବିଶ୍ୱକପ୍

ଜର୍ଜିଆ (ବାଟୁମି),୨୪।୭

ଭାରତର କୋନେରୁ ହମ୍ପି ସେମିଫାଇନାଲରେ ଚାଇନାର ଲି' ଟିଙ୍ଗଜିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ଫିଡେ ମହିଳା ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ପ୍ରତିଯୋଗିତାର ଟାଇଟଲ ମୁକାବିଲା ଦୁଇ ଭାରତୀୟ ଖେଳାଳି ହମ୍ପି ଓ ଦିବ୍ୟା ଦେଶମୁଖଙ୍କ ମଧ୍ୟରେ ହେବ। ଚେସ୍ ଇତିହାସରେ ଏହା ପ୍ରଥମ। ଗୁରୁବାର ଏହି ବିଜୟ ଦ୍ୱାରା ଆସନ୍ତାବର୍ଷ ହେବାକୁଥିବା ମର୍ଯ୍ୟାଦାପୂର୍ଣ୍ଣ କ୍ୟାଣ୍ଡିଡେଟ୍ ଟୁର୍ନାମେଣ୍ଟରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦେଶମୁଖ ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଚାଇନାର ଟାନ ଝୋଙ୍ଗ୍‌ୟିଙ୍କୁ ପରାସ୍ତ କରିଥିଲେ। ବିଶ୍ୱକପ୍ ଫାଇନାଲ ଜୁଲାଇ ୨୬ ଓ ୨୭ରେ ଖେଳାଯିବ। ଯଦି ଟାଇବ୍ରେକରର ଆବଶ୍ୟକତା ପଡ଼େ ତେବେ ତାହା ଜୁଲାଇ ୨୮ରେ ହେବ।


ଦିବ୍ୟା ଦେଶମୁଖ


କୋନେରୁ ହମ୍ପି

# ଜେଆର୍‌ଡି ଟାଟା ହକି ଟୁର୍ନାମେଣ୍ଟ ଆରମ୍ଭ

ଭୁବନେଶ୍ୱର, ୨୪।୭ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜେଆର୍‌ଡି ଟାଟା ହକି ଟୁର୍ନାମେଣ୍ଟ ୨୦୨୫ ଗୁରୁବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟର ପକ୍ଷରୁ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଓ ହକି ଇଣ୍ଡିଆ ସହଯୋଗରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଟାଟା ଷ୍ଟିଲର ପୂର୍ବତନ ଅଧ୍ୟକ୍ଷ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୨୧ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଏଥିରେ ଦେଶର ବିଭିନ୍ନ ହାଇପର୍‌ଫର୍ମାନ୍ସ ସେଣ୍ଟର ଓ ଏକାଡେମୀରୁ ୧୨ଟି ପୁରୁଷ ଓ ୪ ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହକି ଆସୋସିଏଶନର ସାଧାରଣ ସମ୍ପାଦକ ସନାତନ ସାହୁ ଯୋଗଦାନ କରିଥିଲେ। ଏହାଛଡ଼ା ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ପ୍ରଶିକ୍ଷକ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ଭାଗ ନେଇଥିବା ମହିଳା ଦଳଗୁଡ଼ିକ ମଧ୍ୟରେ ଓଏନ୍‌ଟିଏଚ୍-ଏଚ୍‌ପିସି, ଷ୍ଟେଟ୍ ସେକ୍ରେଟାରିଏଟ୍, ସ୍ପୋର୍ଟ୍ସ ହଷ୍ଟେଲ, ପାନପୋଷ ଓ ସିଆର୍‌ପିଏଫ୍ ଜଳନ୍ଧର ଅନ୍ୟତମ। ପୁରୁଷ ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ସିଆର୍‌ପିଏଫ୍ ଜଳନ୍ଧର, ସ୍ପୋର୍ଟ୍ସ ହଷ୍ଟେଲ ପାନ୍‌ପୋଷ, ଓଡ଼ିଶା ଜୁନିୟର ଓ ଆଇଓବି ଚେନ୍ନାଇ ଟିମ୍ ରହିଥିବା ବେଳେ ପୁଲ୍ 'ବି'ରେ ଭାରତୀୟ ନୌସେନା, ଓଏନ୍‌ଟିଏଚ୍-ଏଚ୍‌ପିସି, ଇଣ୍ଡିଆନ ବ୍ୟାଙ୍କ ଏବଂ ଭୁବନେଶ୍ୱର ଏକ୍ସଆଇ ରହିଛି। ଏହି ଟୁର୍ନାମେଣ୍ଟ ଲିଗ୍-କମ୍-ନକ୍-ଆଉଟ ଭିତ୍ତିରେ ଖେଳାଯାଉଛି। ଲିଗ୍ ମ୍ୟାଚ ୨୬ ପର୍ଯ୍ୟନ୍ତ ଖେଳାଯିବାକୁଥିବା ବେଳେ ସେମିଫାଇନାଲ ୨୮ ଓ ଫାଇନାଲ ୨୯ ତାରିଖରେ ଅନୁଷ୍ଠିତ ହେବ।


ଜେଆର୍‌ଡି ଟାଟା ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ଏକ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ